୪୬

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଡିସେମ୍ବର ୪/୨୦୧୯ (୨୦ ପୃଷ୍ଠା) | Bhubaneswar, Wednesday, December 4/2019 | ★★★★★★

୪୬ଶ ଭାଗ ୧୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-



## ମେସିଙ୍କୁ ରେକର୍ଡ ବାଲୋନ ଡି’ ଅର

ଆର୍ଜେଣ୍ଟିନାର ତାରକା ଫୁଟବଲ ଖେଳାଳି ଲିଓନେଲ ମେସି ସୋମବାର ରେକର୍ଡ ୬ଷ୍ଠ ଥର ପାଇଁ ବାଲୋନ ଡି’ଅର ପୁରସ୍କାର ପାଇଛନ୍ତି।

୧୮ | ୦୨

## ନର୍ଗୀସ୍‌ଙ୍କ ଚାଞ୍ଚଲ୍ୟକର ବୟାନ୍

ବଲିଉଡ୍ ଫିଲ୍ମ ‘ରକ୍‌ଷ୍ଟାର୍’ରୁ ଡେବ୍ୟୁ କରିଥିବା ଆମେରିକାନ୍ ମଡେଲ ତଥା ଅଭିନେତ୍ରୀ ନର୍ଗୀସ୍ ଫଖ୍‌ରି ନିଜର ନଗ୍ନ ଫଟୋ ଶୁଟ୍ କରାଇ ନ ଥିବା କହିଛନ୍ତି।



# ଚେନ୍ନାଇ ଇଞ୍ଜିନିୟର ପାଇଲେ ବିକ୍ରମ ସନ୍ଧାନ

- ଚନ୍ଦ୍ରପୃଷ୍ଠରେ ମିଳିଲା ବିକ୍ରମ ଭଗ୍ନାବଶେଷ
- ଟୁଇଟରରେ ଫଟୋ ଶେୟାର କଲା ନାସା
- ସେପ୍ଟେମ୍ବର ୬ ରାତିରେ ନିଖୋଜ ହୋଇଥିଲା ଲ୍ୟାଣ୍ଡର

**ଚନ୍ଦ୍ରପୃଷ୍ଠରେ ବିକ୍ରମ ଲ୍ୟାଣ୍ଡର ହାର୍ଡ ଲ୍ୟାଣ୍ଡିଂ କରିବାର ୨୦ ଦିନ ପରେ ଅର୍ଥାତ୍ ସେପ୍ଟେମ୍ବର ୨୬ରେ ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସା ଉକ୍ତ ସ୍ଥାନର ଏକ ମୋଜାଇକ୍ ଛବି ଜାରି କରିଥିଲା। ଏହାସହ ବିକ୍ରମକୁ ଖୋଜି ବାହାର କରିବାରେ ସାହାଯ୍ୟ ପାଇଁ ଲୋକଙ୍କୁ ଅନୁରୋଧ କରିଥିଲା। ଏହାର ମାତ୍ର ସପ୍ତାହେ ପରେ (ଅକ୍ଟୋବର ୩ରେ) ଚେନ୍ନାଇର ୩୩ ବର୍ଷୀୟ ମେକାନିକାଲ୍ ଇଞ୍ଜିନିୟର ଶନମୁଗା ସୁବ୍ରମଣ୍ୟମ୍ ନାସାର ହ୍ୟାଣ୍ଡଲ, ଏହାର ଲୁନାର୍ ରିକନାଇସାନ୍ସ ଅର୍ବିଟର (ଏଲ୍‌ଆର୍‌ଓ) ଏବଂ ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଇସ୍ରୋକୁ ଏକ ଟୁଇଟ୍‌ରେ ଟ୍ୟାଗ୍ କରିଥିଲେ। ଏଥିରେ ସେ ନିରୀହ ଭାବେ ପ୍ରଶ୍ନ କରିଥିଲେ, ‘ଏହା ବିକ୍ରମ ଲ୍ୟାଣ୍ଡର କି?’ ଶେଷରେ ତାହା ହିଁ ଶନମୁଗାଙ୍କୁ ବାଟ କଢ଼ାଇ ନେଇଯାଇଥିଲା ନିଷ୍କର୍ଷ ଯାଏ।**



ଶନମୁଗା ସୁବ୍ରମଣ୍ୟମ

ୱାଶିଂଟନ/ନୂଆଦିଲ୍ଲୀ,୩।୧୨

୨୦୧୯ ସେପ୍ଟେମ୍ବର ୬ ରାତି ୨ଟା ୧୫ ମିନିଟ। ଏହା ହେଉଛି ସେହି ସମୟ, ଯେତେବେଳେ ଜହ୍ନ ରାଇଜରେ ନିଖୋଜ ହୋଇଯାଇଥିଲା ଭାରତର ଦ୍ୱିତୀୟ ଚନ୍ଦ୍ର ମିଶନ ଚନ୍ଦ୍ରୟାନ-୨ର ଲ୍ୟାଣ୍ଡର ‘ବିକ୍ରମ’। ଇସ୍ରୋ ପକ୍ଷରୁ ଜୁଲାଇ ୨୨ରେ ଲଞ୍ଚ୍ ହୋଇଥିବା ଉକ୍ତ ମିଶନର ଲ୍ୟାଣ୍ଡର ରାତି ୧ଟା ୫୩ରେ ଚନ୍ଦ୍ରର ଦକ୍ଷିଣ ମେରୁକୁ ସ୍ପର୍ଶ କରିବାକୁ ଥିବାବେଳେ ଶେଷ ମୁହୂର୍ତ୍ତରେ ଏହାସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଚନ୍ଦ୍ରପୃଷ୍ଠରେ ବିକ୍ରମ ଅବତରଣ କରିବା ପରେ ତା’ଠାରୁ ରୋଭର ‘ପ୍ରଜ୍ଞାନ’ ଅଲଗା ହୋଇ ଜଳର ସନ୍ଧାନ କରିବା ସହ ଅନ୍ୟାନ୍ୟ ବିଷୟ ଉପରେ ଅନୁଧ୍ୟାନ କରିବ ଏବଂ ଭବିଷ୍ୟତରେ ଚନ୍ଦ୍ରକୁ ମଣିଷର ଯାତ୍ରାରେ ଏହା ସହାୟକ ହେବ ବୋଲି ଆଶା କରାଯାଉଥିଲା। ଏଥିପାଇଁ ସବୁ ପ୍ରସ୍ତୁତି ଶେଷ କରିଥିଲା ଇସ୍ରୋ। ହେଲେ ହାର୍ଡଲ୍ୟାଣ୍ଡିଂର ଶେଷ ୧୫ ମିନିଟ ଅତିକ୍ରମ କରିବା ପରେ ମଧ୍ୟ କଣ୍ଟ୍ରୋଲ ରୁମ୍‌କୁ କୌଣସି ସୂଚନା ମିଳି ନ ଥିଲା। ଶେଷରେ ପୂର୍ବରୁ ହସ୍ତଗତ ହୋଇଥିବା ସଙ୍କେତକୁ ବିଶ୍ଳେଷଣ କରାଯିବ ବୋଲି ଘୋଷଣା କରିଥିଲେ ଇସ୍ରୋ ଅଧ୍ୟକ୍ଷ କେ.ଶିବନ୍। ଏହା ପରେ ଆରମ୍ଭ ହୋଇଥିଲା ‘ବିକ୍ରମ’ ଖୋଜା। ଏହାକୁ ☞ପୃଷ୍ଠା-୪




# ଅପରାଧର ଶିକାର

ନିକଟରେ ହାଇଦ୍ରାବାଦରେ ମହିଳା ଡାକ୍ତରଙ୍କୁ ଗଣବଳାତ୍କାର ଓ ହତ୍ୟା ଘଟଣା ସମଗ୍ର ଭାରତରେ ଚାଞ୍ଚଲ୍ୟ ଖେଳାଇଛି। ପ୍ରାୟ ସବୁ ଗଣମାଧ୍ୟମରେ ଏ ସମ୍ପର୍କରେ ଆଲୋଚନା ହୋଇସାରିଲାଣି। ତେବେ କେହି ଜଣେ ମଧ୍ୟ କୌଣସି ପ୍ରତିକାର ସମ୍ପର୍କରେ ସ୍ପଷ୍ଟ ମତ ଦେବାର ଆମେ ଦେଖୁନାହୁଁ। ସମସ୍ତେ କଠୋର ଆଇନ ପ୍ରଣୟନ ଓ ଦୋଷୀଙ୍କୁ ଦଣ୍ଡ ଦେବା ବିଷୟ ଉଲ୍ଲେଖ କରୁଛନ୍ତି। କେବଳ ହାଇଦ୍ରାବାଦ ନୁହେଁ, ୨୦୧୨ରେ ‘ନିର୍ଭୟା’, ୨୦୧୮ରେ ଜମ୍ମୁ କଶ୍ମୀରର କଠୁଆ ଏବଂ ଏବେ ଓଡ଼ିଶାର ତୀର୍ଥସ୍ଥାନ ପୁରୀ ଓ ବିହାରର ବକ୍ସର ପର୍ଯ୍ୟନ୍ତ ଏହିଭଳି ଜଘନ୍ୟ ଘଟଣା ସମଗ୍ର ଭାରତବର୍ଷରେ ଘଟିଚାଲିଛି। ଏଭଳି ବଳାତ୍କାର ଘଟଣାରେ ଅପରାଧୀଙ୍କୁ ସର୍ବସମ୍ମୁଖରେ ଫାଶୀ ଦିଆଯାଉ ବୋଲି ପାର୍ଲାମେଣ୍ଟରେ ରାଜ୍ୟ ସଭା ସଦସ୍ୟା ଜୟା ବଚ୍ଚନ ପ୍ରସ୍ତାବ ଦେଇଛନ୍ତି। ବାସ୍ତବ କାରଣକୁ ନ ବୁଝି ତତ୍‌କ୍ଷଣାତ୍ ମତ ଦେଇଦେଲେ ଯେ ବଳାତ୍କାର ଭଳି ଘଟଣା ରାତାରାତି କମିଯିବ ଭାବିବା ଭୁଲ। ଯେଉଁ ଦେଶରେ ପୋଲିସ ବ୍ୟବସ୍ଥା ନିରୀହଙ୍କୁ ଦଣ୍ଡ ଦେଉଛି ଓ ଦୋଷୀଙ୍କୁ ମୁକ୍ତ ବିଚରଣ କରିବା ଲାଗି ଛାଡ଼ିଦେଉଛି, ସେଠାରେ ଲୋକେ ଆଇନକୁ ହାତକୁ ନେଲେ ପରିବର୍ତ୍ତନ ଆସିପାରିବ ବୋଲି ଭାବି ହେଉନାହିଁ। ଏପରି କି ‘ନିର୍ଭୟା’ ପୂର୍ବରୁ ଏ ଦେଶରେ ବଳାତ୍କାରୀଙ୍କ ପାଇଁ କଠୋର ନିୟମ ରହିଥିଲା। ହେଲେ ତାହା କାର୍ଯ୍ୟକାରୀ ହୋଇ ନ ପାରିବାରୁ ଅମାନୁଷିକ ଘଟଣା ହ୍ରାସ ପାଇପାରୁ ନାହିଁ। ଯୌନ ବିକୃତଜନିତ ଘଟଣା ଲାଗି କିଭଳି ଦଣ୍ଡ ବ୍ୟବସ୍ଥା ରହିଛି ତାହା ସମସ୍ତେ ଜାଣିନାହାନ୍ତି। କାରଣ ଛାପା ଓ ଇଲେକ୍‌ଟ୍ରୋନିକ୍ ଗଣମାଧ୍ୟମରେ କେବଳ ଏହା ବିସ୍ତୃତ ଭାବେ ବର୍ଣ୍ଣନା ହେଉଛି। କାଗଜକଲମ ଓ ଟେଲିଭିଜନ କାର୍ଯ୍ୟକ୍ରମ ଆଲୋଚନାରେ ବସୁଥିବା ବ୍ୟକ୍ତିଙ୍କ କଥାକୁ ସମାଜର ସବୁ ଶ୍ରେଣୀର ଲୋକେ ଦେଖୁ ନ ଥାଆନ୍ତି। ବଳାତ୍କାର ପରି ଘଟଣା ମାଦକଦ୍ରବ୍ୟ ସେବନକାରୀ ଓ ମାସ ମାସ ଧରି ପରିବାରଠାରୁ ଦୂରରେ ରହୁଥିବା କେବଳ ଡ୍ରାଇଭରମାନେ କରୁଥିବା କହି ଖସିଯିବା ଉଚିତ ନୁହେଁ। ଏଠାରେ ମନେପଡ଼େ କିଛିବର୍ଷ ପୂର୍ବରୁ ରାଜସ୍ଥାନର ଗ୍ରାମାଞ୍ଚଳରେ ମହିଳାଙ୍କ ପ୍ରତି ହେଉଥିବା ଅତ୍ୟାଚାରର ଏକ ଭିଡିଓ ଭାଇରାଲ କଥା । ଜଣେ ନାବାଳିକା ବିଲରେ କାମ କରୁଥିବା ବେଳେ କେହି ଜଣେ ବ୍ୟକ୍ତି ଭିଡିଓ ଉଠାଇଥିଲେ, ଯେଉଁଥିରେ ସ୍ପଷ୍ଟ ଦର୍ଶାଯାଇଥିଲା ୪ଜଣ ବ୍ୟକ୍ତି ସେହି ନାବାଳିକାଙ୍କୁ ତାଙ୍କ ମା’ଙ୍କ ନିକଟରୁ ଜୋରଜବରଦସ୍ତି ଅପହରଣ କରି ନେଉଛନ୍ତି। ସେଥିରୁ ବୁଝିବାକୁ ହେବ ଯେ, ଗ୍ରାମାଞ୍ଚଳ ଏବଂ ଭାରତୀୟ ସହରଗୁଡ଼ିକରେ ଥିବା ବସ୍ତି ଅଞ୍ଚଳରେ ମହିଳା ଓ ଝିଅମାନେ ଅତ୍ୟନ୍ତ ଅସୁରକ୍ଷିତ। ଏହା କେବଳ ହିନ୍ଦୁ, ମୁସଲମାନ ବିଭେଦରେ ବାଣ୍ଟିଦେଲେ ହେବନାହିଁ। ସାଧାରଣରେ ଦେଖାଯାଇଛି ଯେ, ହିନ୍ଦୁ ପୁରୁଷ ଅତ୍ୟାଚାର କରିଥାଏ ହିନ୍ଦୁ ମହିଳାଙ୍କ ଉପରେ। ଅର୍ଥାତ୍ ଅପରାଧୀର ଧର୍ମ ସହିତ କୌଣସି ସମ୍ପର୍କ ନ ଥାଏ।

**ତଥାଗତ ସତପଥୀ**

ଏଭଳି ସ୍ଥଳେ କିଭଳି ଭାବେ ସଚେତନତା ସୃଷ୍ଟି କରାଗଲେ ଏହାର ମାତ୍ରା କମିଯାଇପାରିବ ବୋଲି ଏଠାରେ ପ୍ରଶ୍ନ ଉଠିପାରେ। ଏହି ପରିପ୍ରେକ୍ଷୀରେ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାକୁ ଦୃଷ୍ଟାନ୍ତ ଭାବେ ଦେଖାଯାଉ। ସରକାର ନିଜ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ସହରଠାରୁ ଗାଁ ଯାଏ ଗାଡ଼ିରେ ପୋଷ୍ଟର ମାରି ପ୍ରଚାର କରିଚାଲୁଛନ୍ତି। ଫଳରେ ସାଧାରଣ ଲୋକ ସରକାରୀ ସୁବିଧା ବିଷୟରେ ଜାଣିବା ପାଇଁ ଗାଡ଼ି ନିକଟରେ ରୁଣ୍ଡ ହେଉଛନ୍ତି। ଏପରି କି ଯେଉଁମାନେ ଯୋଜନା ବା କାର୍ଯ୍ୟକ୍ରମ ବିଷୟରେ ଅବୁଝା ରହୁଛନ୍ତି, ସେମାନେ ଅଧିକ ଜାଣିବା ଲାଗି ଅନ୍ୟର ସହାୟତା ନେଉଛନ୍ତି। ସେହି ଦୃଷ୍ଟିରୁ ଦେଖିଲେ ଯଦି ବଳାତ୍କାର ଓ ହତ୍ୟା ପରି ବୀଭତ୍ସ କାଣ୍ଡ ଘଟାଇଥିବା ବ୍ୟକ୍ତିଙ୍କୁ କଠୋର ଦଣ୍ଡ ଦିଆଯିବା ନେଇ ଗାଡ଼ି ଓ ରାସ୍ତାଘାଟରେ ଉଲ୍ଲେଖ କରାଯାଇପାରନ୍ତା, ତାହାହେଲେ ସମ୍ଭବତଃ ଜନଜାଗରଣ ସୃଷ୍ଟି ହୋଇପାରନ୍ତା। କେବଳ ସେତିକି ନୁହେଁ, ସେହି ଦାବିକୁ ସତ୍ୟ ବୋଲି ପ୍ରମାଣ କରିବା ପାଇଁ ଯାଇ ସରକାର ଅତିଶୀଘ୍ର ‘ନିର୍ଭୟା’ ମାମଲାରେ ଦୋଷୀ ସାବ୍ୟସ୍ତ ବ୍ୟକ୍ତିମାନଙ୍କ ସହ ଦେଶରେ ଅନ୍ୟସବୁ ସାବ୍ୟସ୍ତ ଦୋଷୀଙ୍କୁ ସାଧାରଣରେ ଯଦି ଫାଶୀ ଦେବାର ବନ୍ଦୋବସ୍ତ କରନ୍ତେ, ଏହିଭଳି ଅପରାଧ ହ୍ରାସ ପାଇପାରନ୍ତା। ଅନ୍ୟପଟେ ସଂସଦରେ ଜୟା ବଚ୍ଚନ ଦେଇଥିବା ଭାଷଣକୁ ସମର୍ଥନ କରିପାରୁନାହୁଁ। ଜୟା କହିଛନ୍ତି, ଧରାପଡ଼ିଥିବା ଅପରାଧୀଙ୍କୁ ତତ୍‌କ୍ଷଣାତ୍ ଫାଶୀ ଦିଆଯାଉ। ଏଭଳି ନ୍ୟାୟକୁ ସୁଯୋଗ ଦେଲେ ଅଧିକ ଅନ୍ୟାୟ ଘଟିବାର ସବୁ ଆଶଙ୍କା ରହିଛି। ଭାରତୀୟ ପୋଲିସ ପାଖରେ ଯେକୌଣସି ନାଗରିକର କାର୍ଯ୍ୟ ପଡ଼ିଛି, ସମସ୍ତେ ଜାଣିଥିବେ ଯେ ନ୍ୟାୟ ପାଇବା ଅତ୍ୟନ୍ତ କଷ୍ଟକର। ଅଧିକାଂଶ ଘଟଣାରେ ଭାରତୀୟ ପୋଲିସର ଆଭିମୁଖ୍ୟ ଅନୁଯାୟୀ ଅଭିଯୋଗକାରୀ ହେଉଛି ପ୍ରଥମ ଦୋଷୀ। ସେଇଥିପାଇଁ ପୋଲିସ କେବେହେଲେ ଉଚିତ ସମୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେନାହିଁ। ହାଇଦ୍ରାବାଦ ପ୍ରାଣୀ ଡାକ୍ତରାଣୀଙ୍କ ଘଟଣା ତା’ର ଜ୍ୱଳନ୍ତ ଉଦାହରଣ। ତାଙ୍କ ପରିବାରବର୍ଗ ଯେତେବେଳେ ଥାନାରେ ପହଞ୍ଚି ଅଭିଯୋଗ କଲେ ସେତେବେଳେ ହୁଏତ ଝିଅଟି ଜୀବିତ ଥିଲେ। କିନ୍ତୁ ତତ୍‌କ୍ଷଣାତ୍ ଖୋଜିବା ପରିବର୍ତ୍ତେ ପୋଲିସ ଏହି ଘଟଣା ସେହି ଥାନା ଅଞ୍ଚଳରେ ଆସୁନାହିଁ କହି ନିଷ୍କ୍ରିୟ ରହିଲା। ଅନ୍ୟ ଦେଶଗୁଡ଼ିକରେ ଏଭଳି ନିର୍ମମ ମାନସିକତା ପୋଲିସଠାରେ ଦେଖାଦିଏ ନାହିଁ। ଯେକୌଣସି ଥାନାର ଅଧିକାରୀ ପାଖରେ ଅଭିଯୋଗ ପହଞ୍ଚିଲେ ସେମାନେ ଅଞ୍ଚଳ ଦେଖିବା ପରିବର୍ତ୍ତେ ଅପରାଧର ଗମ୍ଭୀରତା ଦେଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତି। ଭାରତରେ ସେଭଳି ପ୍ରତିକ୍ରିୟା ପୋଲିସଠାରୁ ମିଳେନାହିଁ।

ଅନ୍ୟ ଏକ ଦିଗକୁ ଦେଖାଯାଇପାରେ। ମୋଦି ସରକାର ବିଭିନ୍ନ ଆଳରେ ‘ଡିଜିଟାଲ ଇଣ୍ଡିଆ’ର ଭିତ୍ତିଭୂମି ପକାଇବାକୁ ବ୍ୟସ୍ତ। ଦୁଃଖର ବିଷୟ ହେଉଛି, ଏହି ଡିଜିଟାଲ ଯୁଗ ସୃଷ୍ଟି କରିବାର ପ୍ରତ୍ୟେକଟି ପଦକ୍ଷେପ କେବଳ ବ୍ୟବସାୟ, ଅର୍ଥ ଓ ଟିକସ କ୍ଷେତ୍ରରେ ସୀମିତ ରହିଯାଉଛି। ସାମାଜିକ ଅସ୍ଥିରତା ସୃଷ୍ଟି ହେଲେ କୌଣସି ବ୍ୟବସାୟ ସଫଳ ହେବନାହିଁ। ଧର୍ମ, ଜାତିଆଣ ଘୃଣା ଓ ହିଂସା ବୃଦ୍ଧି ପାଉଥିବାରୁ ଭାରତରେ ଅର୍ଥନୈତିକ ମାନ୍ଦାବସ୍ଥା ସୃଷ୍ଟି ହୋଇଛି। ଡିଜିଟାଲ ଇଣ୍ଡିଆକୁ କେବଳ ଅର୍ଥନୀତିରେ ସୀମିତ ନ ରଖି ସାମାଜିକ ସ୍ଥିରତା ସୃଷ୍ଟି କରିବା ଲାଗି ବ୍ୟବହାର କରାଯିବା ଦରକାର। ଅନେକ ହଜାର କୋଟି ଟଙ୍କା ଖର୍ଚ୍ଚ କରି ଆଧାର କାର୍ଡ ତିଆରି କରୁଥିବା ମୋଦି ସରକାର କହୁଥିଲେ ଯେ, ଏହାଦ୍ୱାରା ଅପରାଧୀ ଧରାପଡ଼ିଯିବେ। ବାସ୍ତବତା ତାହାକୁ ଅସତ୍ୟ ବୋଲି ପ୍ରମାଣିତ କରିସାରିଲାଣି। ଆଜିର ଯୁଗରେ ଅପରାଧୀକୁ ଘଟଣା ପରେ ଧରିବାଠାରୁ ଅଧିକ ଗୁରୁତ୍ୱ ବହନ କରୁଛି ଅପରାଧ ଅଟକାଇବା। ସେଥିପାଇଁ ମହିଳାଙ୍କ ପ୍ରତି ହେଉଥିବା ଅତ୍ୟାଚାର ଓ ହିଂସା ଦିଗରେ ଡିଜିଟାଲ ଇଣ୍ଡିଆର ଅବଦାନ ରହିବା ଦରକାର। ଯଦି ‘ଉବର’ ଏବଂ ‘ଓଲା’ ଭଳି ଟ୍ୟାକ୍ସି କମ୍ପାନୀ ନିଜ ଡ୍ରାଇଭର ସହ ଗାଡ଼ିକୁ ୫ରୁ ୭ ମିନିଟ ମଧ୍ୟରେ ଯେକୌଣସି ସ୍ଥାନରେ ପହଞ୍ଚାଇ ପାରୁଛନ୍ତି, ତେବେ ସରକାରୀ କଳ ଦ୍ୱାରା ମହିଳାଙ୍କ ସୁରକ୍ଷା ପାଇଁ ସେହିଭଳି ବ୍ୟବସ୍ଥା ଅତି ସହଜରେ କାର୍ଯ୍ୟକାରୀ କରାଯାଇପାରନ୍ତା। କେନ୍ଦ୍ର ସରକାର ଯଦି ଇଚ୍ଛା ପ୍ରକାଶ କରନ୍ତେ, ତେବେ ଉବର ଏବଂ ଓଲା ଭଳି କମ୍ପାନୀ ସହ ଗୁଗଲ୍ ଏବଂ ଅନ୍ୟ ଇଣ୍ଟରନେଟ୍ ଜଡିତ ବୈଷୟିକ କମ୍ପାନୀକୁ ମିଶାଇ ଏକ ‘ଆପ୍’ ପ୍ରସ୍ତୁତ କରିପାରନ୍ତେ, ଯଦ୍ଦ୍ୱାରା ପ୍ରତ୍ୟେକ ମହିଳା ଉପକୃତ ହୋଇପାରନ୍ତେ। ଅର୍ଥାତ୍ କୌଣସି ମହିଳା ନିଜ ପ୍ରତି ବିପଦ ଆଶଙ୍କା କଲେ ସେହି ‘ଆପ୍’କୁ ବ୍ୟବହାର କରି ଅସୁରକ୍ଷିତ ସ୍ଥାନରୁ ନିଜକୁ ନିରାପଦ କରାଇବାର ସୁଯୋଗ ପାଇପାରନ୍ତେ। ଏଥିସହିତ ସେହି ମହିଳାଙ୍କ ସହାୟତା ପାଇଁ ପଠାଯାଇଥିବା ଗାଡ଼ି ବା ପିସିଆର୍‌ର କମ୍ପ୍ୟୁଟର ମାଧ୍ୟମରେ ଟ୍ରାକିଂ ବା ସ୍ଥାନ ନିରୂପଣ ମଧ୍ୟ ହୋଇପାରିବ। ଏହିଭଳି ବ୍ୟବସ୍ଥା ଅନ୍ୟ ଦେଶରେ ଉପଲବ୍ଧ ଅଛି। ସେଥିପାଇଁ ରାଜନୈତିକ ଇଚ୍ଛାଶକ୍ତି ପ୍ରୟୋଜନ। କେନ୍ଦ୍ର ସରକାରଙ୍କ ଦ୍ୱାରା ଆଧାର କାର୍ଡ କରାଇବା ପାଇଁ ଯେତିକି ଜନସଚେତନତା ସୃଷ୍ଟି କରାଯାଇଛି, ସେତିକି ଜନଜାଗରଣ ଯଦି ସୃଷ୍ଟି କରାଯାଇପାରନ୍ତା, ହୁଏତ ବଳାତ୍କାର, ଅସଦାଚରଣ, ବୀଭତ୍ସ ହତ୍ୟା ଭଳି ଘଟୁଥିବା ଅପରାଧ ଅନେକାଂଶରେ ରୋକାଯାଇପାରନ୍ତା। ସେଭଳି ପଦକ୍ଷେପ ଗ୍ରହଣ କଲେ ଭାରତୀୟ ସମାଜରେ ସକାରାତ୍ମକ ପରିବର୍ତ୍ତନ ଘଟିପାରେ। କିନ୍ତୁ ଆଧାର କାର୍ଡ ମାଧ୍ୟମରେ ଗଚ୍ଛିତ ହେଉଥିବା ତଥ୍ୟ (ଡାଟା) ଭଳି ମୂଲ୍ୟବାନ ସମ୍ବଳ ଆଜିର ରାଜନୈତିକ ନେତା କିମ୍ବା ବ୍ୟବସାୟୀଙ୍କୁ ମିଳିପାରିବ ନାହିଁ। ଯେଉଁ ପର୍ଯ୍ୟନ୍ତ ଜନତା ଜାଗିନାହାନ୍ତି, ସେପର୍ଯ୍ୟନ୍ତ ଏହିଭଳି ଅତ୍ୟାଚାରର ଶିକାର ହେବା ପାଇଁ ଆମେ ସମସ୍ତେ ବାଧ୍ୟ।

# ବଳାତ୍କାର ପରେ ଗୁଳି ଜାଳିଦେଲେ ଯୁବତୀଙ୍କ ମୃତଦେହ

## ତେଲଙ୍ଗାନା ପରେ ବିହାର

ବକ୍ସର, ୩।୧୨

ହାଇଦ୍ରାବାଦରେ ଜଣେ ମହିଳା ଡାକ୍ତରଙ୍କୁ ଗଣବଳାତ୍କାର ପରେ ପୋଡ଼ିମାରିଦେବା ଘଟଣାକୁ ନେଇ ଦେଶବ୍ୟାପୀ ନିଆଁ ଜଳୁଥିବାବେଳେ ବିହାରର ବକ୍ସର ଜିଲା ଅନ୍ତର୍ଗତ କୁକୁଡା ଗ୍ରାମରେ ଜଣେ ଯୁବତୀଙ୍କୁ ବଳାତ୍କାର ପରେ ଗୁଳିକରି ହତ୍ୟା କରାଯାଇଛି। ଏପରି କି ପ୍ରମାଣ ନଷ୍ଟ କରିବାକୁ ଯାଇ ମୃତଦେହକୁ ଜାଳିଦେବା ଭଳି ବର୍ବର ଘଟଣା ସାମ୍ନାକୁ ଆସିଛି। ଇଟାଡି ଥାନା ଅଧୀନ ଏକ ଖୋଲା ପଡ଼ିଆରୁ ଯୁବତୀଙ୍କ ଅର୍ଦ୍ଧଦଗ୍ଧ ମୃତଦେହକୁ ମଙ୍ଗଳବାର ସକାଳେ ପୋଲିସ ଉଦ୍ଧାର କରିଛି। ସୋମବାର ରାତିରେ ପାଟନାରୁ ୧୦୦ କି.ମି. ଦୂର ବକ୍ସରର ଉପାନ୍ତ ଅଞ୍ଚଳରେ ଏଭଳି କାଣ୍ଡ ଘଟିଥିବା ବକ୍ସର ଡିଏସ୍‌ପି ସତୀଶ କୁମାର ପ୍ରକାଶ କରିଛନ୍ତି। ବଳାତ୍କାର ପରେ ଯୁବତୀଙ୍କ ମୁଣ୍ଡକୁ ଗୋଟିଏ ଗୁଳି ମାଡ଼ କରାଯାଇଥିବାବେଳେ ପୋଲିସ ସେଠାରୁ ଏକ ଖୋକା ଜବତ କରିଛି। ଯୁବତୀଙ୍କ ଅଣ୍ଟା ଉପରକୁ ସମ୍ପୂର୍ଣ୍ଣ ଜଳିଯାଇଥିବାରୁ ତାଙ୍କୁ ଚିହ୍ନଟ କରିବା କଷ୍ଟକର ହୋଇପଡ଼ିଛି। ଅନ୍ୟପକ୍ଷରେ ଶବ ବ୍ୟବଚ୍ଛେଦ ପରେ ଯୁବତୀଙ୍କ ବୟସ କେତେ ତାହା ଜଣାପଡ଼ିବ ବୋଲି ପୋଲିସ କହିଛି। ଘଟଣାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଥିବାବେଳେ କାହାରିକୁ ଗିରଫ କରାଯାଇନାହିଁ। ପୋଲିସ ତଦନ୍ତ ଜାରି ରହିଛି।




ହାଇଦ୍ରାବାଦର ୨୬ ବର୍ଷୀୟା ମହିଳା ଡାକ୍ତରଙ୍କୁ ଗଣବଳାତ୍କାର ଓ ହତ୍ୟା ଘଟଣାର ପ୍ରତିବାଦ ଓ ଅପରାଧୀଙ୍କ ବିରୋଧରେ କଠୋର ଦଣ୍ଡବିଧାନ ଦାବିରେ ନୂଆଦିଲ୍ଲୀରେ ମଙ୍ଗଳବାର ସାମାଜିକ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

### ପୋଲିସ କ୍ୱାର୍ଟର୍ସରେ ଗଣବଳାତ୍କାର ଘଟଣା

# ‘୨୦ ଦିନରେ ଚାର୍ଜଶିଟ୍’

## ୨ ଅଭିଯୁକ୍ତ ଜେଲ ଗଲେ, ୨ ଫେରାର

ପୁରୀ ଅଫିସ, ୩।୧୨

ପୁରୀ ପୋଲିସ କ୍ୱାର୍ଟର୍ସରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର ଘଟଣାରେ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବହିଷ୍କୃତ କନଷ୍ଟେବଳ ଜିତେନ୍ଦ୍ର କୁମାର ସେଠୀ (ସି-୪୫୦) ଏବଂ ପୁରୀ ସଦର ଥାନା ଅଧୀନ ଆରିଡ଼ା ଗ୍ରାମର ରାଜା ଓରଫ ରାଜେଶ କୁମାର ସେଠୀ। ପୀଡ଼ିତାଙ୍କ ବୟାନ ଭିତ୍ତିରେ ସୋମବାର ରାତିରେ ଏହି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରାଯାଇଥିଲା। ମଙ୍ଗଳବାର ଦୁହିଁଙ୍କୁ କୋର୍ଟଚାଲାଣ କରାଯାଇ ଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ଦୁଇଜଣ ଫେରାର ଅଛନ୍ତି। ଉଭୟଙ୍କୁ ଗିରଫ କରିବା ଲାଗି ପୋଲିସ ଉଦ୍ୟମ ଜାରି ରଖିଛି। ଏଥିପାଇଁ ୪ଟି ଟିମ୍ ଗଠନ ହୋଇଥିବାବେଳେ ୨୦ଦିନ ମଧ୍ୟରେ ଚାର୍ଜଶିଟ୍ ପ୍ରସ୍ତୁତ କରାଯାଇ ଫାଷ୍ଟଟ୍ରାକ୍ କୋର୍ଟଙ୍କୁ ବିଚାର ନିମନ୍ତେ ନିବେଦନ କରାଯିବ ବୋଲି ମଙ୍ଗଳବାର ଏସ୍‌ପି ଅଫିସ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ରାଞ୍ଚଳ ଡିଆଇଜି ଆଶିଷ ସିଂ ସୂଚନା ଦେଇଛନ୍ତି। ଡିଆଇଜି କହିଛନ୍ତି, ଚାର୍ଜଶିଟ୍ ପରେ ଫାଷ୍ଟଟ୍ରାକ କୋର୍ଟ ମାଧ୍ୟମରେ ଯେପରି ମାମଲାର ତୁରନ୍ତ ଫଇସଲା ହୋଇପାରିବ ସେଥିଲାଗି କୋର୍ଟଙ୍କୁ ନିବେଦନ କରାଯିବ। ଏଥିଲାଗି ଅଭିଜ୍ଞ ପୋଲିସ ଅଫିସରମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି।

# ସରକାରୀ ନିଯୁକ୍ତି ଲାଗି ଗୋଟିଏ ପରୀକ୍ଷା

## ପ୍ରସ୍ତାବିତ ସିଇଟି ଗୋଟିଏ ସଂସ୍ଥା ପରିଚାଳନା କରିବ

ନୂଆଦିଲ୍ଲୀ,୩।୧୨(ପି.ଟି.)

ସରକାରୀ ସଂସ୍ଥାରେ ଗ୍ରୁପ୍ ବି ଏବଂ ସି ପଦବୀରେ ସମସ୍ତ ନିଯୁକ୍ତି ପାଇଁ ଗୋଟିଏ ପରୀକ୍ଷା ହେବ। ଗୋଟିଏ ସଂସ୍ଥା ଏହି ସାଧାରଣ ଯୋଗ୍ୟତା ପରୀକ୍ଷା (ସିଇଟି) ପରିଚାଳନା କରିବ ବୋଲି କେନ୍ଦ୍ର ସରକାର ପ୍ରସ୍ତାବ ଆଣିଛନ୍ତି। ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍), ଭାରତୀୟ ବିଦେଶ ସେବା (ଆଇଏଫ୍‌ଏସ୍), ଭାରତୀୟ ପୋଲିସ ସେବା (ଆଇପିଏସ୍), ଭାରତୀୟ ଜଙ୍ଗଲ ସେବା (ଆଇଏଫ୍‌ଓଏସ୍) ଲାଗି ଅଫିସର ଚୟନ ନିମନ୍ତେ ପ୍ରତିବର୍ଷ କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ପରୀକ୍ଷା ପରିଚାଳନା କରିଥାଏ। ଏହା ବ୍ୟତୀତ ଗ୍ରୁପ୍ ଏ ଏବଂ ଗ୍ରୁପ୍ ବି (ଗେଜେଟେଡ୍) ସେବା ପାଇଁ ମଧ୍ୟ ଏହି ସଂସ୍ଥା ଅଫିସର ଚୟନ କରିଥାଏ। ସେହିପରି କେନ୍ଦ୍ରୀୟ ସରକାରୀ ବିଭାଗରେ ମୁଖ୍ୟତଃ ଗ୍ରୁପ୍ ବି ପଦବୀରେ କର୍ମଚାରୀ ମନୋନୟନ ଲାଗି ଷ୍ଟାଫ୍ ସିଲେକ୍ସନ କମିଶନ (ଏସ୍‌ଏସ୍‌ସି) ପରୀକ୍ଷା ପରିଚାଳନା କରିଥାଏ। ତେଣୁ ସରକାରୀ ଏବଂ ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ଅଣଗେଜେଟେଡ୍ ଗ୍ରୁପ୍ ବି, କେତେକ ☞ପୃଷ୍ଠା-୪

# ଚିନ୍ତା ବଢ଼ାଉଛି ଔଷଧ ପାର୍ଶ୍ୱ ପ୍ରତିକ୍ରିୟା

କଟକ ଅଫିସ,୩।୧୨

ଖେତେକ ଔଷଧ ଜୀବନ ନେଉଛି। ଆଉ କେତେକ ଔଷଧ ଖାଇବା ପରେ ରୋଗୀ ଗୁରୁତର ହୋଇପଡୁଛନ୍ତି। ବିଶେଷକରି କାହାର ହୃଦ୍‌ଘାତ ହେଉଛି ତ କାହାର ଶରୀର ଫୁଲିଯାଉଛି। ସେହିପରି କାହା ଶରୀରରେ ସୋଡିୟମ, ପୋଟାସିୟମ ଭାଗ କମ୍ ହୋଇ ଗୁରୁତର ସ୍ୱାସ୍ଥ୍ୟହାନି ହେଉଛି। ସମଗ୍ର ଦେଶରେ ଏହି ସମସ୍ୟା ଏବେ ଉଭୟ ସରକାର ଓ ରୋଗୀଙ୍କ ଚିନ୍ତା ବଢାଇଛି। ଫାର୍ମାକୋ ଭିଜିଲାନ୍ସ ପ୍ରୋଗ୍ରାମ୍ ଅଫ୍ ଇଣ୍ଡିଆ ପକ୍ଷରୁ ହେଉଥିବା ଏଡିଆର୍ (ଆଡଭର୍ସ ଡ୍ରଗ୍ ରିଆକ୍‌ସନ) ମନିଟରିଂରୁ ଏହି ତଥ୍ୟ ଜଣାପଡ଼ିଛି। ଦେଶର ବିଭିନ୍ନ ମେଡିକାଲ କଲେଜରେ ପାଖାପାଖି ୩୫୦ ମନିଟରିଂ କେନ୍ଦ୍ର କାମ କରୁଛି। ଏସ୍‌ସିବି ମେଡିକାଲ କଲେଜର ଫାର୍ମାକୋଲୋଜି ବିଭାଗରେ ଥିବା ଏହି କେନ୍ଦ୍ରରୁ ମିଳିଥିବା ତଥ୍ୟକୁ ଦେଖିଲେ ଔଷଧ ବି କେତେ ଭୟଙ୍କର ତାହା ସ୍ପଷ୍ଟ ହେଉଛି।



- ୨୦୧୫ରେ ନେଇଥିଲା ୧୨୨ ଜୀବନ
- ୧୪ ମେଡିସିନର ଲେବଲ୍ ପରିବର୍ତ୍ତନ ପାଇଁ ସୁପାରିସ

୨୦୧୫ରେ ବାତ ରୋଗ ପାଇଁ ଉଦ୍ଦିଷ୍ଟ କାର୍ବାମାଜେପାଇନ ନାମକ ଏକ ଔଷଧ ଦେଶର ବିଭିନ୍ନ ଅଞ୍ଚଳରେ ୧୨୨ଜଣ ରୋଗୀଙ୍କ ଜୀବନ ନେଇଥିଲା। ଉକ୍ତ ଘଟଣା ପରେ ୨୦୧୬ରେ ୧୪ ପ୍ରକାର ଔଷଧର ଲେବଲ୍ ପରିବର୍ତ୍ତନ କରିବା ପାଇଁ ଇଣ୍ଡିଆନ ଫାର୍ମାକୋପିଆ କମିଶନ ସୁପାରିସ କରିଥିଲେ। ଅର୍ଥାତ୍ ଏହିସବୁ ମେଡିସିନର ଲେବଲ୍ ଉପରେ ସ୍ପଷ୍ଟ ଉଲ୍ଲେଖ ରହିବ ଯେ, ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଲେ ଏହାକୁ ପୁନର୍ବାର ରୋଗୀଙ୍କୁ ଦିଆଯିବ ନାହିଁ। ଓଡ଼ିଶାରେ ୨୦୧୧ରୁ ଫାର୍ମାକୋ ଭିଜିଲାନ୍ସ ପ୍ରୋଗ୍ରାମ କାମ କରୁଛି। ଏସ୍‌ସିବି, ବ୍ରହ୍ମପୁର, ବୁର୍ଲା ମେଡିକାଲ କଲେଜ ସହିତ ଭୁବନେଶ୍ୱରର ଏମ୍ସ ଏବଂ ଅନ୍ୟ ଦୁଇଟି ଘରୋଇ ମେଡିକାଲ କଲେଜରେ ଏହା କାର୍ଯ୍ୟ କରୁଛି। ୨୦୧୧ରେ ରାଜ୍ୟରୁ ୧୬୭ଟି ପାର୍ଶ୍ୱ ପ୍ରତିକ୍ରିୟା ସମ୍ପର୍କିତ ରିପୋର୍ଟ ମିଳିଥିବାବେଳେ ୨୦୧୨ରେ ୩୭୩, ୨୦୧୩ରେ ୫୮୦, ୨୦୧୪ରେ ୧୦୦୬, ୨୦୧୫ରେ ୧୧୫୯, ୨୦୧୬ରେ ୧୪୧୭ ଓ ୨୦୧୭ରେ ୫୮୬ ରିପୋର୍ଟ ସେଣ୍ଟ୍ରାଲ ଡାଟାବେସକୁ ପଠାଯାଇଛି। କେବଳ ଏସ୍‌ସିବି ମେଡିକାଲକୁ ଦେଖିଲେ ପ୍ରତିବର୍ଷ ୫୦୦ରୁ ଅଧିକ ରିପୋର୍ଟ ଡାଟାବେସକୁ ପଠାଯାଉଥିବା ସୂଚନା ମିଳିଛି।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଔଷଧ ପାର୍ଶ୍ୱ ପ୍ରତିକ୍ରିୟା ସମ୍ପର୍କିତ ଘଟଣାର ତଦାରଖ କରିବା ପାଇଁ ଏଭଳି ଏକ ବ୍ୟବସ୍ଥା କାମ କରୁଛି ବୋଲି ରୋଗୀ ତ ଦୂରର କଥା, ମେଡିକାଲ କର୍ମଚାରୀ ମଧ୍ୟ ଜାଣିନାହାନ୍ତି। ଏମିତି କି ରାଜ୍ୟରେ ଅନେକ ଘରୋଇ ମେଡିକାଲ କଲେଜ ଥିଲେ ମଧ୍ୟ ସମସ୍ତ ମେଡିକାଲ କଲେଜ ଏହି ବ୍ୟବସ୍ଥାକୁ ଆପଣାଇ ନାହାନ୍ତି, ଯଦ୍ଦ୍ୱାରା ☞ପୃଷ୍ଠା-୪

## ଆଜିର ମନ୍ତବ୍ୟ

“ସରକାରଙ୍କ ମୁଣ୍ଡରେ କେବଳ ଗାନ୍ଧୀ ପରିବାର ନୁହେଁ, ବରଂ ୧୩୦ କୋଟି ଭାରତୀୟଙ୍କ ସୁରକ୍ଷା ଚିନ୍ତା ରହିଛି।

**-ଅମିତ୍ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ**

## କିଛି ତଥ୍ୟ

ଚଳିତ ବର୍ଷ ସେପ୍ଟେମ୍ବର ଶେଷ ସୁଦ୍ଧା ନ୍ୟାଶନାଲ କମ୍ପାନୀ ଲ ଟ୍ରିବ୍ୟୁନାଲରେ ୧୦,୮୬୦ ଇନସଲଭେନ୍ସି ମାମଲା ପଡି ରହିଛି।

**- କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ**

Taste the difference! Vencobb FRESH CHICKEN

03.12.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 76 | 127 | 137 |
| DKL | 75 | 126 | 136 |
| BDK | 75 | 126 | 136 |
| BLS | 75 | 126 | 136 |
| ANG | 77 | 128 | 138 |
| BHM | 74 | 124 | 134 |

*Conditions Apply

Issued in the Interest of Consumers



ଇଣ୍ଡିଆନ୍ ଆଇଡଲ ୧୧ର ବିଚାରପତି ପ୍ୟାନେଲରେ ମୋତେ ନିଆଯାଇଥିବାରୁ ମୁଁ ବହୁତ ଖୁସି। ମୋ ଦାୟିତ୍ୱ ଦୁଇଗୁଣ ବଢ଼ିଯାଇଛି।
-ହିମେଶ୍ ରେଶମିୟା
ସଙ୍ଗୀତକାର



# ଜାଗ୍ରତ ପ୍ରହରୀ ନୌସେନା

ପ୍ରତିରକ୍ଷା କ୍ଷେତ୍ରରେ ଭାରତୀୟ ନୌସେନାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହାର ସଫଳତା ଓ ଉଲ୍ଲେଖନୀୟ କାର୍ଯ୍ୟକୁ ମନେ ପକାଇବା ଲାଗି ପ୍ରତିବର୍ଷ ୪ ଡିସେମ୍ବରରେ ନୌସେନା ଦିବସ ପାଳନ କରାଯାଉଛି। ଦେଶର ଉପକୂଳକୁ ବାହ୍ୟଶତ୍ରୁଙ୍କ ଆକ୍ରମଣରୁ ରକ୍ଷା କରିବାରେ ନୌସେନା ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛି। ଅତୀତରୁ ଏବେ ଯାଏ ନୌସେନା ଦେଶ ପାଇଁ ଜାଗ୍ରତ ପ୍ରହରୀ ଭାବେ ରହିଆସିଛି। ଭାରତୀୟ ନୌସେନାର ଆଧୁନିକୀକରଣ ମଧ୍ୟ ହୋଇଛି। ଏବେ ଏଥିରେ ୬୭,୦୦୦ କର୍ମଚାରୀ ରହିଥିବାବେଳେ ୧୫୦ ଜାହାଜ ଓ ଯୁଦ୍ଧ ଜାହାଜ ରହିଛି। ସ୍ୱାଧୀନତା ପୂର୍ବରୁ ୧୯୪୪ରେ ପ୍ରଥମେ ରୟାଲ ଇଣ୍ଡିଆନ ନାଭି ଅକ୍ଟୋବରରେ ଆରମ୍ଭ ହୋଇଥିବାରୁ ଏହି ମାସରେ ନୌସେନା ଦିବସ ପାଳନ କରାଯାଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୧୯୪୫ରେ ନୌସେନା ଦିବସ ୧ ଡିସେମ୍ବରରେ ପାଳନ କରାଯାଇଥିଲା। କିନ୍ତୁ ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧରେ ଭାରତୀୟ ନୌସେନା କରାଚୀ ବନ୍ଦର ଉପରେ ଆକ୍ରମଣ କରି ଯେଉଁ ବୀରତ୍ୱ ପ୍ରଦର୍ଶନ କରିଥିଲା ତାହାକୁ ମନେପକାଇବା ପାଇଁ ୪ ଡିସେମ୍ବରରେ ଏହି ଦିବସ ପାଳନ କରାଯାଉଛି। ୪ ଡିସେମ୍ବର ୧୯୭୧ର ଘଟଣା। ଏହି ଦିନ ଭାରତୀୟ ନୌସେନା ତା'ର ଅଦମ୍ୟ ସାହସ ପ୍ରଦର୍ଶନ କରି ଅପରେଶନ ଟ୍ରାଇଡେଣ୍ଟରେ ପାକିସ୍ତାନର ପିଏନ୍ଏସ ଖୈବର ସମେତ ୪ଟି ଯୁଦ୍ଧଜାହାଜକୁ ବୁଡ଼ାଇ ଦେଇଥିଲା। ଏଥିରେ ପାକିସ୍ତାନର ଶହଶହ ନୌସେନା କର୍ମଚାରୀଙ୍କର ମୃତ୍ୟୁ ଘଟିଥିଲା। ଏହି ଦିବସରେ ଭାରତ- ପାକିସ୍ତାନ ଯୁଦ୍ଧରେ ମୃତ୍ୟୁହୋଇଥିବା ବ୍ୟକ୍ତିଙ୍କୁ ମଧ୍ୟ ସ୍ମରଣ କରାଯାଇଥାଏ। ୨୦୧୯ରେ ଏହି ଦିବସର ସ୍ଲୋଗାନ୍ 'ସାଇଲେଣ୍ଟ୍, ଷ୍ଟ୍ରଙ୍ଗ୍ ଆଣ୍ଡ୍ ସ୍ୱିଫ୍ଟ୍ ' ବା 'ଶାନ୍ତ ,ମଜଭୁତ ଓ ଦ୍ରୁତଗାମୀ' ରଖାଯାଇଛି।

ନୌସେନା ଦିବସ ଅବସରରେ ଦେଶର ବହୁ ସ୍ଥାନରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ନୌସେନା ପକ୍ଷରୁ ସମୁଦ୍ରରେ ସୁଇମିଂ ପ୍ରତିଯୋଗିତା କରାଯାଏ। ଯୁଦ୍ଧ ଜାହାଜଗୁଡ଼ିକୁ ଦେଖିବା ଲାଗି ସ୍କୁଲ୍‌ପିଲା ଓ ଅନ୍ୟମାନଙ୍କ ପାଇଁ ଖୋଲା ରଖାଯାଏ। ଇଣ୍ଟରସ୍କୁଲ୍ କୁଇଜ୍ ପ୍ରତିଯୋଗିତା ଏବଂ ଏକ ହାଫ୍ ମାରାଥନ୍ ନୌସେନା ଦ୍ୱାରା ଆୟୋଜନ କରାଯାଏ।




# 'କେବେ ବି ନଗ୍ନ ଫଟୋ ଶୁଟ୍ କରିନି'

**ମୁମ୍ବାଇ:** ବଲିଉଡ୍‌ର ଲୋକପ୍ରିୟ ଫିଲ୍ମ ନିର୍ମାତା ଇମ୍ତିୟାଜ୍ ଅଲୀଙ୍କ ସୁପରହିଟ ଫିଲ୍ମ 'ରକ୍‌ଷ୍ଟାର୍'ରୁ ଡେବ୍ୟୁ କରିଥିବା ଆମେରିକାନ୍ ମେଡେଲ ତଥା ଅଭିନେତ୍ରୀ ନର୍ଗୀସ୍ ଫଖ୍‌ରି ଏବେ ଚର୍ଚ୍ଚାରେ। ଏକ ସାକ୍ଷାତ୍‌କାରରେ କିଛି ଚାଞ୍ଚଲ୍ୟକର ବୟାନ୍ ଦେଇଥିବାରୁ ନର୍ଗୀସ୍‌ଙ୍କୁ ନେଇ ଚର୍ଚ୍ଚା ଜୋର୍ ଧରିଛି। 'ରକ୍‌ଷ୍ଟାର୍' ପରେ 'ମାଦ୍ରାସ୍ କୈଫେ', 'ମେଁ ତେରା ହିରୋ' ଏବଂ 'ହାଉସ୍‌ଫୁଲ୍-୩' ଭଳି ସୁପରହିଟ୍ ଫିଲ୍ମରେ ତାଙ୍କୁ ଦେଖିବାକୁ ମିଳିଥିଲା। ଏହାଛଡ଼ା ସେ ହଲିଉଡ୍ ଫିଲ୍ମ 'ସ୍ପାଏ'ରେ ମଧ୍ୟ ନଜରକୁ ଆସିଥିଲେ। ତେବେ ଦୀର୍ଘଦିନ ହେଲା ସେ ଇଣ୍ଡଷ୍ଟ୍ରୀରୁ ଗାଏବ ହୋଇଯାଇଥିବା ବେଳେ ଏବେ ତାଙ୍କ ସାକ୍ଷାତ୍‌କାରକୁ ନେଇ ସେ ପୁଣି ଚର୍ଚ୍ଚାରେ। ନିକଟରେ ପୂର୍ବ ପର୍ଣ୍ଣଷ୍ଟାର୍ ବ୍ରିଟିନୀ ଦେଲା ମୋରାଙ୍କ ସହ ଆୟୋଜିତ ଏକ ସାକ୍ଷାତ୍‌କାରରେ ନର୍ଗୀସ୍ କିଛି ଚାଞ୍ଚଲ୍ୟକର ଉତ୍ତର ଦେଇଛନ୍ତି। ସେ କହିଛନ୍ତି, ଫିଲ୍ମ ପାଇବାକୁ ସେ କୌଣସି ନିର୍ଦ୍ଦେଶକଙ୍କ ସହ ରାତ୍ରିଯାପନ କରିନାହାନ୍ତି। ଏହି କାରଣରୁ ତାଙ୍କ ହାତରୁ ଅନେକ ଭଲ ଫିଲ୍ମ ଚାଲିଯାଇଛି। ଏହାସହ ସେ କେବେ ନିଜର ନଗ୍ନ ଫଟୋ ଶୁଟ୍ ମଧ୍ୟ କରାଇ ନ ଥିବା କହିଛନ୍ତି। ବ୍ରିଟିନୀ ନର୍ଗୀସ୍‌ଙ୍କୁ ପଚାରିଥିଲେ, "ଆପଣ କିଭଳି ନିଜ ସୀମା ଧାର୍ଯ୍ୟ କରିଛନ୍ତି ? ଯେପରି ମୁଁ ନିଶ୍ଚିତ ଥିଲି ଯେ, ମୋ ଜୀବନରେ ମୁଁ କ'ଣ କରିବି, ତଥାପି ମୁଁ ପର୍ଣ୍ଣ ଇଣ୍ଡଷ୍ଟ୍ରିକୁ ଆସିଗଲି। ତେବେ ଆପଣଙ୍କ ଜୀବନରେ ନୈତିକତା ଦୃଷ୍ଟିକୋଣରୁ କିପରି ସୀମା ଧାର୍ଯ୍ୟ କରିଛନ୍ତି ? " ଏହାର ଉତ୍ତରରେ ନର୍ଗୀସ୍ କହିଥିଲେ, "ମୋ ମା' ଯେଉଁଭଳି ମୋର ଲାଳନପାଳନ କରି ବଢ଼ାଇଛନ୍ତି, ସେଥିରୁ ମୁଁ ମୋ ସୀମା ଧାର୍ଯ୍ୟ କରିପାରିଛି। ମା' ମୋତେ ପୁରୁଷ, ରିଲେଶନଶିପ୍ ଏବଂ ସେକ୍ସ ପ୍ରତି ଡରାଇଦେଇଥିଲେ। ଆଉ ସେହି ସଂସ୍କାରରୁ ମୋତେ କେବେ ନଗ୍ନ ନ ହେବାକୁ ଏବଂ କାମ ହାସଲ ପାଇଁ ଯୌନ ସମ୍ପର୍କ ନ ରଖିବାକୁ ନୈତିକ ଶିକ୍ଷା ମିଳିଛି।" ନର୍ଗୀସ୍ ଆହୁରି ମଧ୍ୟ କହିଛନ୍ତି, ମୁଁ ବହୁତ ଲାଜକୁଳି। ସାଙ୍ଗମାନଙ୍କୁ ଭୁଲ୍ ରାସ୍ତାରେ ଯିବା ମୁଁ ଦେଖିଛି। ଲୋକପ୍ରିୟ ହେବା ଭୋକ ମୋ ପାଖରେ ନାହିଁ। ଏଥିପାଇଁ ମୁଁ କେବେ ନଗ୍ନ ଫଟୋ ଶୁଟ୍ କରିନାହିଁ ବା ଫିଲ୍ମ ପାଇବାକୁ ନିର୍ଦ୍ଦେଶକଙ୍କ ସର୍ତ୍ତ ଅନୁଯାୟୀ ସେମାନଙ୍କ ସହ ରାତ୍ରିଯାପନ କରିନାହିଁ। ଏହି କାରଣରୁ ତାଙ୍କୁ କାମ ମିଳିଲାନାହିଁ। ତେବେ ଏଭଳି ପରିସ୍ଥିତି ଅନେକଥର ତାଙ୍କ ସହ ହୋଇଥିବା ନର୍ଗୀସ୍ କହିଛନ୍ତି।




# କୁନି ଝିଅକୁ ଭେଟିଲେ ଆବୁ ଧାବି କ୍ରାଉନ୍ ପ୍ରିନ୍ସ

**ଆବୁ ଧାବି:** ଆବୁ ଧାବିର କ୍ରାଉନ୍ ପ୍ରିନ୍ସ ତଥା ୟୁଏଇ ସେନାର ଡେପୁଟି ସୁପ୍ରିମ କମାଣ୍ଡର ଶେଖ୍ ମହମ୍ମଦ ବିନ୍ ଜାୟେଦ୍ ସୋମବାର ଜଣେ ୟୁଏଇ ଝିଅଙ୍କ ଘରକୁ ଯାଇ ସାକ୍ଷାତ୍ କରିଛନ୍ତି। ସେହି ଝିଅଙ୍କ ସହ କ୍ରାଉନ୍ ପ୍ରିନ୍ସଙ୍କ ସାକ୍ଷାତ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଗୋଟିଏ ଦେଶର ରାଜା ଜଣେ ସାଧାରଣ ଝିଅଙ୍କ ଘରକୁ ଯାଇ କାହିଁକି ଦେଖାକରିଛନ୍ତି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନା ମୁତାବକ ଆବୁ ଧାବିରେ ସୌଦି ଆରବର କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ ବିନ୍ ଅବଦୁଲ ଅଜିଜଙ୍କ ସ୍ୱାଗତ ପାଇଁ କିଛି ସ୍କୁଲପିଲାଙ୍କୁ ଚୟନ କରାଯାଇଥିଲା। ସେଥିମଧ୍ୟରେ ଆୟଶା ନାମକ ଜଣେ ଝିଅ ରହିଥିଲେ। ସ୍ୱାଗତ ସମାରୋହରେ ଆବୁ ଧାବିର କ୍ରାଉନ ପ୍ରିନ୍ସ ଶେଖ୍ ମହମ୍ମଦ କାରପେଟ୍‌ରେ ଆସୁଥିବା ବେଳେ ଆୟଶା ତାଙ୍କ ସହ ହାତ ମିଳାଇବା ପାଇଁ ଆଗକୁ ମାଡ଼ିଆସିଥିଲେ। ହେଲେ ଭଡ଼ ଯୋଗୁ ସେ ହାତ ମିଳାଇପାରି ନ ଥିବାରୁ ମନଦୁଃଖ କରିଥିଲେ। ଏନେଇ ପ୍ରିନ୍ସ ଶେଖ୍ ମହମ୍ମଦ ଜାଣିବା ପରେ ଆୟଶାଙ୍କ ଘରକୁ ଯାଇ ତାଙ୍କୁ ସାକ୍ଷାତ୍ କରିଥିଲେ। ସେହି ସମୟର ଏକ ଫଟୋକୁ ଶେଖ୍ ମହମ୍ମଦ ଟୁଇଟରରେ ଶେୟାର କରିଛନ୍ତି। ଏଥିସହ କ୍ୟାପଶନ୍‌ରେ ଲେଖିଛନ୍ତି, କୁନି ଝିଅ ଆୟଶା ଓ ତାଙ୍କ ପରିବାରକୁ ଭେଟି ବହୁତ ଖୁସି ଅନୁଭବ କଲି। ତେବେ କ୍ରାଉନ୍ ପ୍ରିନ୍ସଙ୍କ ଏହି ଉଦାରତାକୁ ସାଧାରଣରେ ପ୍ରଶଂସା କରାଯାଇଥିବାବେଳେ ଏହା ଏକ ଉଦାହରଣ ସୃଷ୍ଟି କରିଛି ବୋଲି ଚର୍ଚ୍ଚା ହେଉଛି। ଅନ୍ୟପଟେ ଏହା ଶେୟାର୍ ହେବାର କିଛି ସମୟ ମଧ୍ୟରେ ଫଟୋକୁ ଲକ୍ଷାଧିକ ଲାଇକ୍ ମିଳିବା ସହ ୫ହଜାର ଥର ରିଟୁଇଟ କରାଯାଇଥିବା ଜଣାପଡ଼ିଛି।



# ଅବୁଝା ବିଲେଇର ମନ ମାନଚିତ୍ର

**ଓଣ୍ଟାରିଓ:** ଗୃହପାଳିତ ପ୍ରାଣୀ ବିଲେଇଙ୍କୁ କିଏ ବା ନ ଜାଣେ। କେଉଁ ଆବହମାନ କାଳରୁ ଏହି ପୋଷା ଜୀବ ମଣିଷ ସହିତ ରହିଆସିଛି। ହେଲେ ବିଲେଇର ମନ କିପରି ଅଛି, ସେ ଖୁସି ଅଛି ନା ଦୁଃଖୀ ଏକଥା ଜାଣିବା ବହୁତ କଷ୍ଟକର। ହାତଗଣିତ ମଣିଷ ହିଁ ବିଲେଇର ମନୋଭାବକୁ ପଢ଼ିପାରିଥାନ୍ତି। କାନାଡ଼ାର ୟୁନିଭରସିଟି ଅଫ୍ ଗୁଏଲ୍ଫର ଡିପାର୍ଟମେଣ୍ଟ ଅଫ୍ ଆନିମଲ ବାୟୋ ସାଇନ୍ସର ବିଶେଷଜ୍ଞମାନେ କରିଥିବା ଏକ ସର୍ଭେରୁ ଏପରି ତଥ୍ୟ ପଦାକୁ ଆସିଛି। ବିଲେଇଙ୍କ ମୁହଁକୁ ଏହି ମାଂସାଶୀ ପ୍ରାଣୀକୁ କେତେ ବୁଝିପାରେ ମଣିଷ ? ଏହାର ଉତ୍ତର ଖୋଜିବାକୁ ୟୁନିଭର୍ସିଟିର ବିଶେଷଜ୍ଞ ଟିମ୍ ପକ୍ଷରୁ କାନାଡ଼ାରେ ସର୍ଭେ କରାଯାଇଥିଲା, ଯେଉଁଥିରେ ସାମିଲ ହୋଇଥିଲେ ୮୫ ଦେଶର ୬୦୦୦ ଜଣ। ସର୍ଭେରେ ବିଭିନ୍ନ ପ୍ରଜାତିର ବିଲେଇଙ୍କ ଭିଡିଓ ପ୍ରଦର୍ଶିତ ହୋଇଥିଲା। ସର୍ଭେରେ ସାମିଲ ହୋଇଥିବା ୬୦% ଲୋକ ବିଲେଇଙ୍କ ହାବଭାବ ଦେଖି ସେମାନଙ୍କ ମନୋଭାବ ଜାଣିବାକୁ ଉଦ୍ୟମ କରିଥିଲେ। ହେଲେ ସେମାନଙ୍କ ମଧ୍ୟରୁ ମାତ୍ର ୧୩% ହିଁ ୭୫% ସ୍କୋର କରିପାରିଥିଲେ। ଏଥିରୁ ଜଣାପଡ଼ିଛି, ବିଲେଇଙ୍କ ଚେହେରା ପଛରେ ଅନେକ ଭାବନା ଲୁଚି ରହିଥାଏ ହେଲେ ହାତଗଣତି ଲୋକ ହିଁ ତାକୁ ପଢ଼ିପାରିଥାନ୍ତି। ଗବେଷଣା ଟିମ୍‌ର ପ୍ରମୁଖ ସଦସ୍ୟ ପ୍ରଫେସର ଜର୍ଜିଆ ମେସନଙ୍କ କହିବା କଥା, ତାଙ୍କ ପାଳିତ ବିଲେଇକୁ ଦେଖି ସେ ସହଜରେ କହିଦେଇପାରିବେ ତାଙ୍କ ବିଲେଇ ଖୁସି ଅଛି କି ଦୁଃଖୀ। ହେଲେ ଅଧିକାଂଶ ଲୋକଙ୍କ ପକ୍ଷେ ଏହା ବୁଝିବା କଷ୍ଟକର। ଏହାକୁ ଜାଣିବା ପାଇଁ ସେ କେତେଜଣ ବିଶେଷଜ୍ଞଙ୍କୁ ନେଇ ସର୍ଭେ କରିଥିଲେ। ଏଥି ଲାଗି ଅଲଗା ଅଲଗା ପ୍ରଜାତିର ଶବ୍ଦଶୂନ୍ୟ (ସାଇଲେଣ୍ଟ) ଭିଡିଓ ପ୍ରଦର୍ଶିତ କରାଯାଇଥିଲା। ହେଲେ ଏଥିରେ ସେମାନଙ୍କ ମୁଖମଣ୍ଡଳ ବ୍ୟତୀତ ଅନ୍ୟ ସବୁ ଅଂଶକୁ ଲୁଚାଇ ଦିଆଯାଇଥିଲା। ବିଲେଇଟି କେଉଁ ପରିସ୍ଥିତିରେ ଅଛି ତାକୁ ପ୍ରଦର୍ଶନ କରାଯାଇ ନ ଥିଲା।



# ୨ବର୍ଷରେ ପ୍ଲାଷ୍ଟିକ୍ ଫ୍ରି ଥାଇଲାଣ୍ଡ

**ବ୍ୟାଙ୍କକ୍:** ଥାଇଲାଣ୍ଡ ସରକାର ୨୦୨୨ ସୁଦ୍ଧା ଦେଶକୁ ପ୍ଲାଷ୍ଟିକ ମୁକ୍ତ କରିବାକୁ ସଂକଳ୍ପ କରିଛନ୍ତି। ଥାଇଲାଣ୍ଡବାସୀ ପାଣିରେ ପ୍ଲାଷ୍ଟିକ କଣିକା ପିଉଛନ୍ତି। ଲୁଣ ଭଳି ଅତ୍ୟାବଶ୍ୟକୀୟ ସାମଗ୍ରୀ ମଧ୍ୟ ଏଥିରୁ ବାଦ୍ ପଡୁନି। ପ୍ରତିବର୍ଷ ହାରାହାରି ଏକ ଲକ୍ଷରୁ ଉର୍ଦ୍ଧ୍ୱ ଜଳଚର ଜୀବଙ୍କ ମୃତ୍ୟୁର କାରଣ ପ୍ଲାଷ୍ଟିକ ପ୍ରଦୂଷଣ ବୋଲି ଜଣାପଡ଼ିଛି। ନିକଟରେ ଏକ ବିଶାଳକାୟ ହ୍ୱେଲର ମୃତ୍ୟୁ ପଛର କାରଣ ସାଜିଥିଲା ପ୍ଲାଷ୍ଟିକ। ଏହି ବିଶାଳକାୟ ଜଳଚର ଜୀବ ଖାଦ୍ୟଲୋଭରେ ୮୦ରୁ ଉର୍ଦ୍ଧ୍ୱ ପ୍ଲାଷ୍ଟିକ ବ୍ୟାଗ ଗିଳି ଦେଇଥିଲା। ଦିନକୁ ଦିନ ପ୍ଲାଷ୍ଟିକ ପଞ୍ଝାରେ ଜୀବଜଗତ ଅଣନିଃଶ୍ୱାସୀ ହୋଇ ପଡୁଥିବାବେଳେ ଥାଇଲାଣ୍ଡ ସରକାର ପ୍ଲାଷ୍ଟିକ୍ ଫ୍ରି ଅଭିଯାନ ଆରମ୍ଭ କରିବାକୁ ଯୋଜନା କରୁଛନ୍ତି।

ସରକାରୀ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ପ୍ଲାଷ୍ଟିକ୍ ଥଳି, ଥର୍ମୋକୁଲ ଭଳି ସାମଗ୍ରୀ ଉପରେ ୩ବର୍ଷ ମଧ୍ୟରେ ପର୍ଯ୍ୟାୟକ୍ରମେ ପ୍ରତିବନ୍ଧକ ଲଗାଯିବ। ଅନେକ ଦେଶ ପରିବେଶ ସୁରକ୍ଷା ପାଇଁ ପ୍ଲାଷ୍ଟିକ୍ ସାମଗ୍ରୀ ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଇସାରିଲେଣି। ଏ କ୍ଷେତ୍ରରେ ଥାଇଲାଣ୍ଡ ମଧ୍ୟ କାମ କରିବାକୁ ଯାଉଛି। ପ୍ରାଥମିକ ପର୍ଯ୍ୟାୟରେ ଦେଶର ୪୩ଟି ବୃହତ୍ ଫାର୍ମ ଏ ଦିଗରେ ପ୍ରସ୍ତୁତି ଆରମ୍ଭ କରିସାରିଲେଣି। ୨୦୨୧ ସୁଦ୍ଧା ସିଙ୍ଗଲ ୟୁଜଡ ପ୍ଲାଷ୍ଟିକ ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଯିବ। ଏଥିସହ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଦିଗରେ ସରକାର କାର୍ଯ୍ୟ କରିବେ।

ଏ ନେଇ ପରିବେଶ ମନ୍ତ୍ରୀ ବରୱତ ଶିଲ୍ପା ଅର୍ଚ୍ଚା କହିଛନ୍ତି, ସବୁଠାରୁ ବଡ଼ ପରିବର୍ତ୍ତନ ଆଣିବା ଦାୟିତ୍ୱ ଜନତାଙ୍କର। ସିଙ୍ଗଲ ୟୁଜଡ ପ୍ଲାଷ୍ଟିକ ଉପରେ ପ୍ରତିବନ୍ଧକ ଲାଗିବ ସୁନିଶ୍ଚିତ। ଏହା ପୂର୍ବରୁ ଲୋକମାନେ କାଗଜ ଏବଂ କପଡ଼ା ବ୍ୟାଗ ପ୍ରସ୍ତୁତ କରି ରଖିବା ଆବଶ୍ୟକ ବୋଲି ସେ ଆହ୍ୱାନ ଦେଇଛନ୍ତି।



# ବାଘ ବେଶରେ କୁକୁର

**ବେଙ୍ଗାଲୁରୁ:** ଧାନ ଫସଲକୁ ପଶୁଙ୍କ କବଳରୁ ରକ୍ଷାକରିବା ଲାଗି ବିଲ ମଝିରେ ପାଳଭୂତ କରାଯାଏ। ଜୀବଜନ୍ତୁ ଭୟରେ ଏହାକୁ ଦେଖି ବିଲକୁ ଆସୁ ନ ଥିଲେ। ଅନୁରୂପ ଭାବେ କର୍ନାଟକରେ ଚାଷୀ କଫି ବଗିଚାକୁ ମାଙ୍କଡ଼ଙ୍କଠାରୁ ସୁରକ୍ଷିତ ରଖିବା ପାଇଁ ଏକ ନିଆରା ଉପାୟ ଅବଲମ୍ବନ କରିଛନ୍ତି। ସେ ବାଘ ଭଳି କୁକୁରଙ୍କ ଦେହରେ କଳା ରଙ୍ଗ ବୋଳିଛନ୍ତି। ମାଙ୍କଡ଼ ପୋଷା କୁକୁରକୁ ବାଘ ବୋଲି ମନେକରି ଭୟରେ ପଳାଇ ଯାଉଥିବା ଚାଷୀ କହିଛନ୍ତି। ଶିବାମୋଗା ଜିଲାର ନାଲୁରୁ ଗାଁର ଚାଷୀ ଶ୍ରୀକାନ୍ତ ଗୌଡ଼ାଙ୍କ ଏଭଳି ପଦକ୍ଷେପ ଯୋଗୁ କଫି ବଗିଚାକୁ ମାଙ୍କଡ଼ ଆସୁନାହାନ୍ତି। ପୂର୍ବରୁ ସେ ମଣିଷ ଆକୃତିର କଣ୍ଢେଇ ଏଥି ପାଇଁ ବ୍ୟବହାର କରୁଥିଲେ। ତେବେ ଏହାକୁ ମାଙ୍କଡ଼ ଭୟ କରୁ ନ ଥିଲେ।



# କାର୍ତ୍ତିକ୍‌ଙ୍କ ପ୍ରେରଣା 'ବାଜିଗର'

**ମୁମ୍ବାଇ:** ବଲିଉଡ୍ ଆକ୍ଟର କାର୍ତ୍ତିକ ଆର୍ୟ୍ୟନ ଯୁବପିଢ଼ିଙ୍କ ପ୍ରଥମ ପସନ୍ଦ ପାଲଟିଛନ୍ତି। ସେହିଭଳି ବି-ଟାଉନ୍‌କୁ ନୂଆ ନୂଆ ଅଭିନେତା ହେବାକୁ ଆସି ଷ୍ଟ୍ରଗଲ୍ କରୁଥିବା ଅନେକ କଳାକାରଙ୍କ ପାଇଁ ମଧ୍ୟ ସେ ପ୍ରେରଣା ସାଜିଛନ୍ତି। ଏବେ କାର୍ତ୍ତିକଙ୍କ ହାତରେ ଅନେକ ବଡ଼ ବଡ଼ ଫିଲ୍ମ ରହିଥିବାବେଳେ ସେ ବଲିଉଡ୍‌ର ଦାମୀ କଳାକାର (ହାଇପେଡ୍ ଆକ୍ଟର)ଙ୍କ ମଧ୍ୟରୁ ଜଣେ। ବର୍ତ୍ତମାନ ସେ ନିଜ ଅପ୍‌କମିଂ ଫିଲ୍ମ 'ପତି, ପତ୍ନୀ ଔର୍ ୱ୍'ର ପ୍ରମୋଶନରେ ବ୍ୟସ୍ତ ଅଛନ୍ତି। ତେବେ ବଲିଉଡ୍‌ରେ ଖୁବ୍ କମ୍ ସମୟ ଭିତରେ ସଫଳତା ପାଇଥିବା କାର୍ତ୍ତିକଙ୍କ ପ୍ରେରଣା କିଏ ? ଆସନ୍ତୁ ଜାଣିବା... ନିକଟରେ ବଲିଉଡ୍‌ରେ କାର୍ତ୍ତିକ କାହାକୁ ନିଜ ପ୍ରେରଣା ବୋଲି ଭାବନ୍ତି, ସେନେଇ ଖୁଲାସା କରିଛନ୍ତି। ସେ କହିଛନ୍ତି ବଲିଉଡ୍ ବାଦ୍‌ଶାହ ଶାହରୁଖ ଖାନ୍‌ଙ୍କ ଏଭରଗ୍ରୀନ୍ ଫିଲ୍ମ 'ବାଜିଗର' ତାଙ୍କୁ ଅଭିନେତା ହେବା ଲାଗି ପ୍ରେରଣା ଯୋଗାଇଥିଲା। ଫିଲ୍ମରୁ ପ୍ରେରିତ ହୋଇ ମୁମ୍ବାଇରେ ପାଠପଢ଼ା ସମୟରୁ ହିଁ ସେ ଅନେକ ଅଡିଶନ୍ ଦେଇଥିଲେ। ତେବେ ଶେଷରେ ତାଙ୍କୁ ଫୋନ୍ ଆସିଲା, ସୁଯୋଗ ମିଳିଲା ଆଉ ତାଙ୍କ ଜୀବନ ବଦଳିଗଲା। ଆଗକୁ ଆହୁରି ଲମ୍ବା ଯାତ୍ରା ବାକି ଅଛି ବୋଲି କାର୍ତ୍ତିକ କହିଛନ୍ତି। ଅନ୍ୟପକ୍ଷରେ, କାର୍ତ୍ତିକ ଆର୍ୟ୍ୟନଙ୍କ ଫିଲ 'ପତି, ପତ୍ନୀ ଔର୍ ୱ୍' ଡିସେମ୍ବର ୬ରେ ରିଲିଜ୍ ହେବ। ମୁଦ୍ଦାସ୍‌ର ଅଜିଜ୍‌ଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ କାର୍ତ୍ତିକଙ୍କ ସହ ଭୂମି ପାଡନେକର୍ ଏବଂ ଅନନ୍ୟା ପାଣ୍ଡେ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ଫିଲ୍ମଟି ବକ୍ସ-ଅଫିସ୍‌ରେ ଅର୍ଜୁନ କପୁରଙ୍କ ଫିଲ୍ମ 'ପାନିପତ୍' ସହ ଟକ୍କର ଦେବ। ଏହାଛଡ଼ା ଆଗକୁ 'ଭୁଲ୍ ଭୁଲୈୟା', 'ଦୋସ୍ତାନା-୨' ଏବଂ 'ଆଜ୍‌କଲ୍'ରେ ମଧ୍ୟ କାର୍ତ୍ତିକ ନଜରକୁ ଆସିବେ। 'ଆଜ୍‌କଲ୍'ରେ କାର୍ତ୍ତିକ-ସାରା ଅଲୀ ଖାନ୍‌ଙ୍କ ଯୋଡ଼ି ଦେଖିବାକୁ ମିଳିବ।




# ଟୋଲ୍ ଫ୍ରି ନମ୍ବରକୁ ୨୪ ହଜାର କଲ୍

**ଟୋକିଓ:** ଗ୍ରାହକଙ୍କ ଅଭିଯୋଗ ଶୁଣିବା ଓ ଏହାର ସମାଧାନ ଦିଗରେ ସୂଚନା ପ୍ରଦାନ ପାଇଁ କମ୍ପାନୀଗୁଡ଼ିକ ଟୋଲ୍ ଫ୍ରି ନମ୍ବରର ସୁବିଧା ଯୋଗାଇ ଦେଇଥାଆନ୍ତି। ଏହି ନମ୍ବରକୁ ଫୋନ୍ କଲେ ଗ୍ରାହକଙ୍କୁ କୌଣସି ଶୁଳ୍କ ଦେବାକୁ ପଡ଼ି ନ ଥାଏ। ହେଲେ ଏହି ଟୋଲ୍ ଫ୍ରି ନମ୍ବରକୁ କଲ୍ କରି ଜାପାନର ଜଣେ ୭୧ ବର୍ଷୀୟ ବୃଦ୍ଧ ଏକିଟୋସୀ ଓକାମୋଟୋଙ୍କୁ ଜେଲ୍ ଯିବାକୁ ପଡ଼ିଛି। ଏକିଟୋସୀ ଅଭିଯୋଗ କରିବା ପାଇଁ ଟୋଲ୍ ଫ୍ରି ନମ୍ବରକୁ ୨୪ ହଜାର ଥର କରିଥିଲେ। ତେବେ ଉକ୍ତ କମ୍ପାନୀ ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକିଟୋସୀଙ୍କୁ ଗିରଫ କରିଛି। ଏକିଟୋସୀ ସୋତାମାରେ ରୁହନ୍ତି। ସେ ଲଗାତାର ଭାବେ ରେଡିଓ ବ୍ରଡକାଷ୍ଟ ସର୍ଭିସ ବ୍ୟବହାର କରିପାରୁ ନ ଥିବାରୁ ଅଭିଯୋଗ କରିବା ସକାଶେ ଗତ ଅକ୍ଟୋବର ମାସର ଗୋଟିଏ ସପ୍ତାହରେ ଉକ୍ତ କମ୍ପାନୀର ଟୋଲ୍ ଫ୍ରି ନମ୍ବରକୁ ୪୧୧ଥର ଫୋନ୍ କରିଥିଲେ। ଟେଲିକମ୍ କମ୍ପାନୀ 'କେଡିଡିଆଇ' ପକ୍ଷରୁ କୁହାଯାଇଛି, ଏକିଟୋସୀ ଗତ ଦୁଇ ବର୍ଷ ଭିତରେ ଟୋଲ୍ ଫ୍ରି ନମ୍ବରକୁ ୨୪,୦୦୦ ଥର କଲ୍ କରିଛନ୍ତି। ପ୍ରତିଦିନ ପାଖାପାଖି ୩୩ଥର ସେ ଫୋନ୍ କରୁଥିବା କମ୍ପାନୀ ରେକର୍ଡରୁ ଜଣାପଡ଼ିଛି। ଜାପାନ ମିଡିଆ ରିପୋର୍ଟ ଅନୁସାରେ, ଏକିଟୋସୀଙ୍କୁ କମ୍ପାନୀ ଟୋଲ ଫ୍ରି ନମ୍ବରକୁ କଲ୍ କରିବା ପରେ ଖରାପ ସର୍ଭିସ ପାଇଁ ତାଙ୍କ ନିକଟକୁ ଆସି ଭୁଲ୍ ମାଗିବାକୁ କହୁଥିଲେ। ପ୍ରଥମେ ପ୍ରଥମେ କମ୍ପାନୀ ତାଙ୍କ ଫୋନ୍‌କୁ ଅଣଦେଖା କରିଥିଲେ, କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କ ବିରୋଧରେ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକିଟୋସୀଙ୍କୁ ଗିରଫ କରି ଘଟଣାର ତଦନ୍ତ ଚଳାଇଛି।






# ଆଇ. ରାମବ୍ରହ୍ମମ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ନୂଆ କୁଳପତି

ଭୁବନେଶ୍ୱର,୩।୧୨ (ବ୍ୟୁରୋ)

କୋରାପୁଟ ସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ପ୍ରଫେସର ଆଇ. ରାମବ୍ରହ୍ମମଙ୍କୁ କୁଳାଧିପତି ତଥା ରାଷ୍ଟ୍ରପତି ରାମନାଥ କୋବିନ୍ଦ ନିଯୁକ୍ତି ଦେଇଛନ୍ତି। ଏ ନେଇ ମଙ୍ଗଳବାର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏହି ନିଯୁକ୍ତି ସମ୍ପର୍କରେ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରଙ୍କୁ ମନ୍ତ୍ରଣାଳୟ ପକ୍ଷରୁ ଜଣାଇ ଦିଆଯାଇଛି। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଆଇନ-୨୦୦୯ ଅନୁଯାୟୀ ରାମବ୍ରହ୍ମମ କୁଳପତି ପଦବୀରେ ସର୍ବାଧିକ ୫ ବର୍ଷ କିମ୍ବା ତାଙ୍କୁ ୭୦ ବର୍ଷ ହେବା ଯାଏ କାର୍ଯ୍ୟ କରିବେ। ସେ ଯୋଗଦେବା ଦିନଠାରୁ ତାଙ୍କର କାର୍ଯ୍ୟକାଳ ଆରମ୍ଭ ହେବ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ପ୍ରଫେସର ଆଇ. ରାମବ୍ରହ୍ମମ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଅଛନ୍ତି। ଗତ ଫେବୃୟାରୀ ୨୮ରେ କୁଳପତି ଥିବା ସଚ୍ଚିଦାନନ୍ଦ ମହାନ୍ତି ଦାୟିତ୍ୱରୁ ଅବ୍ୟାହତି ନେବା ପରେ ପ୍ରଫେସର ଶରତ କୁମାର ପାଲିତା କୁଳପତି ଦାୟିତ୍ୱରେ ଥିଲେ।









## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


କ୍ରିଷ୍ଣା କୁମାରୀ
ପରିବାରବର୍ଗ


ସାଗ୍ନିକ୍ ସୌରଭ
ପରିବାରବର୍ଗ


ସାଇସ୍ମିତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ପ୍ରଥମ ପୃଷ୍ଠାରୁ...

### ଚେନ୍ନାଇ ଇଞ୍ଜିନିୟର ...

ଠାବ କରିବା ପାଇଁ ନାସା ମଧ୍ୟ ସହାୟତାର ହାତ ବଢ଼ାଇଥିଲା। ହେଲେ ଆମେରିକାର ମହାକାଶ ଗବେଷଣା ସଂସ୍ଥାକୁ ବି ମିଳି ନ ଥିଲା ବିଶେଷ ସଫଳତା। ବିଶ୍ୱର ଅନେକ ମହାକାଶ ବିଜ୍ଞାନୀ ଏଥିରେ ଫେଲ୍ ମାରିବା ପରେ ମେକାନିକାଲ ଇଞ୍ଜିନିୟର ତଥା କମ୍ପ୍ୟୁଟର ପ୍ରୋଗ୍ରାମର୍ ଶାନମୁଗା ସୁବ୍ରମଣ୍ୟମ୍ ବିକ୍ରମର ଭଗ୍ନାବଶେଷକୁ ଠାବ କରିଛନ୍ତି। ନାସା ପକ୍ଷରୁ ଜାରି ଫଟୋକୁ ଉପଯୋଗ କରି ସେ ଚନ୍ଦ୍ରର ଦକ୍ଷିଣ ମେରୁରେ ଏହାର ସନ୍ଧାନ ପାଇଛନ୍ତି। ଚେନ୍ନାଇସ୍ଥିତ ଲେନୋକ୍ସ ଇଣ୍ଡିଆ ଟେକ୍ନୋଲୋଜି ସେଣ୍ଟରରେ ଜଣେ ବୈଷୟିକ ସ୍ଥପତି ଭାବେ କାର୍ଯ୍ୟରତ ଶନମୁଗାଙ୍କ ଘର ତାମିଲନାଡୁର ମଦୁରାଇରେ। ସେ ପୂର୍ବରୁ କଗ୍ନିଜେଣ୍ଟ ପାଇଁ ଜଣେ ପ୍ରୋଗ୍ରାମ ଆନାଲିଷ୍ଟ ଭାବେ କାର୍ଯ୍ୟ କରିଥିଲେ। ନାସାର ଏଲ୍ଆର୍ଓ ସେପ୍ଟେମ୍ବର ୧୭, ଅକ୍ଟୋବର ୧୪, ୧୫ ଓ ନଭେମ୍ବର ୧୧ରେ ଉଠାଇଥିବା ଫଟୋଗୁଡ଼ିକୁ ଶନମୁଗା ଅନୁଧ୍ୟାନ କରି ବିକ୍ରମର ଭଗ୍ନାବଶେଷକୁ ଠାବ କରିଥିଲେ। ଏହି ଆବିଷ୍କାର ପରେ ନିଜ ସଫଳତା ନେଇ ସେ ନାସାକୁ ଇ-ମେଲ୍‌ରେ ଅବଗତ କରାଇଥିଲେ। ଶନମୁଗାଙ୍କ କୃତିତ୍ୱକୁ ସୁନିଶ୍ଚିତ କରିବା ପାଇଁ ନାସା କିଛି ସମୟ ନେଇଥିଲା। ଶେଷରେ ଏହା ହିଁ ବିକ୍ରମର ଭଗ୍ନାବଶେଷ ବୋଲି ନାସା ଡେପୁଟି ପ୍ରୋଜେକ୍ଟ ସାଇଣ୍ଟିଷ୍ଟ (ଏଲ୍ଆର୍ଓ ମିଶନ) ଜନ୍ କେଲର୍ ମଙ୍ଗଳବାର ତାଙ୍କ ନିକଟକୁ ପତ୍ର ଲେଖି ଧନ୍ୟବାଦ ଦେବା ସହ ଅଭିନନ୍ଦନ ଜଣାଇଛନ୍ତି। ନାସା ପକ୍ଷରୁ ବିକ୍ରମର ଅବସ୍ଥିତି ସମ୍ପର୍କିତ ଫଟୋକୁ ମଧ୍ୟ ଟୁଇଟ୍ କରାଯାଇଛି। ଏହି ବିରଳ ସଫଳତା ପରେ ଶନମୁଗା କହିଛନ୍ତି, ବିକ୍ରମର କ୍ରାଶ୍ ସାଇଟ୍‌ରୁ ଭଗ୍ନାବଶେଷର ଦୂରତା ହେଉଛି ୭୫୦ ମିଟର। ନାସାର ମୋଜାଇକ୍ ଫଟୋରେ ଏକ କ୍ଷୀଣ ଆଲୋକ ରହିଥିଲା, ଯାହାକି ଲ୍ୟାଣ୍ଡିଂ ପୂର୍ବ ଫଟୋରେ ନ ଥିଲା। ତାହା ହିଁ ବିକ୍ରମ ବୋଲି ମୋ ମନରେ ଧାରଣା ସୃଷ୍ଟି ହେଲା। ଏହା ପ୍ରମାଣିତ କରିବା ପାଇଁ ଦିନକୁ ୭ରୁ ୮ ଘଣ୍ଟା ଧରି ଫଟୋଗୁଡ଼ିକୁ ଅନୁଧ୍ୟାନ କରୁଥିଲି। କଠିନ ପରିଶ୍ରମ ପରେ ସଫଳତା ମିଳିଥିବାରୁ ମୁଁ ବହୁତ ଖୁସି।

### ଚିନ୍ତା ବଢ଼ାଉଛି ଔଷଧ ...

ଉକ୍ତ ମେଡିକାଲ କଲେଜରେ ଔଷଧ ପାର୍ଶ୍ୱ ପ୍ରତିକ୍ରିୟା ସମ୍ପର୍କିତ ଠିକ ରିପୋର୍ଟ ମିଳିପାରୁ ନ ଥିବା କୁହାଯାଉଛି। ଏସ୍‌ସିବି ଫାର୍ମାକୋ ଭିଜିଲାନ୍ସ ସଂଯୋଜକ ପ୍ରଫେସର ଡା. ସବିତା ମହାପାତ୍ରଙ୍କ କହିବାନୁଯାୟୀ, ପ୍ରତ୍ୟେକ ଔଷଧରେ ବିଷ ରହିଛି। ତେଣୁ ରୋଗୀ କେଉଁ ଔଷଧ କେତେ ପରିମାଣର ଖାଇବେ ଓ କିଭଳି ଖାଇବେ ତାହା ଗୁରୁତ୍ୱପୂର୍ଣ୍ଣ। ଫାର୍ମାକୋ ଭିଜିଲାନ୍ସ ସମ୍ପର୍କରେ ରୋଗୀ ସଚେତନ ହେବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। ଫାର୍ମାକୋ ଭିଜିଲାନ୍ସ ମନିଟରିଂ କେନ୍ଦ୍ରର ସହାୟକ ସ୍ୱୟଂ ସ୍ୱରୂପ ସାହୁ କୁହନ୍ତି, କୌଣସି ମେଡିସିନକୁ ନେଇ ଯଦି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦିଏ, ତେବେ ଆମେ ତୁରନ୍ତ ରିପୋର୍ଟ କରିଥାଉ। ଆମେ ଦେଇଥିବା ରିପୋର୍ଟ ଭଳି ଯଦି ସମାନ ଧରଣର ରିପୋର୍ଟ ଦେଶର ଅନ୍ୟ ଆଡୁ ଆସେ, ତେବେ ସମ୍ପୃକ୍ତ ଔଷଧକୁ ନିଷିଦ୍ଧ କରାଯାଇଥାଏ। ସୂଚନାଥାଉ କି, ୨୦୦୦ ଜୁନରେ ଏସ୍‌ସିବି ମେଡିକାଲରେ ଅପମିଶ୍ରିତ ସାଲାଇନ ନେବା ଦ୍ୱାରା ୫ଜଣ ରୋଗୀଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବାକୁ ହାଇକୋର୍ଟ ଆଦେଶ ଦେଇଥିଲେ।

### ସରକାରୀ ନିଯୁକ୍ତି ...

ଗ୍ରୁପ୍ ବି ଗେଜେଟେଡ୍ ପଦବୀ ଏବଂ ଗ୍ରୁପ୍ ସି ପଦବୀରେ ନିଯୁକ୍ତି ନିମନ୍ତେ ପ୍ରାର୍ଥୀମାନଙ୍କ ସଂକ୍ଷିପ୍ତ ତାଲିକା ପ୍ରସ୍ତୁତି ଲାଗି ସିଇଟି ପରୀକ୍ଷା କରିବାକୁ କେନ୍ଦ୍ର ସରକାର ଯୋଜନା କରିଛନ୍ତି। ଏକ ସ୍ୱତନ୍ତ୍ର ସଂସ୍ଥା ଏହି ପରୀକ୍ଷା ପରିଚାଳନା କରିବ ବୋଲି କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ପ୍ରସ୍ତାବିତ ପଦକ୍ଷେପ ଦ୍ୱାରା ସବୁ ପ୍ରାର୍ଥୀଙ୍କୁ ସଫଳତା ପାଇଁ ସମାନ ସୁଯୋଗ ମିଳିପାରିବ ଏବଂ ଖର୍ଚ୍ଚ ମଧ୍ୟ କମିଯିବ ବୋଲି କାର୍ମିକ ବିଭାଗ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଛନ୍ତି। ଶାସନକୁ ସହଜ କରିବା ସହ ଜୀବନଧାରଣକୁ ସୁବିଧାଜନକ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଦ୍ଦେଶକ୍ରମେ ନିଆଯାଉଥିବା ଅନେକ ପଦକ୍ଷେପ ମଧ୍ୟରୁ ଏହା ଅନ୍ୟତମ। ଏଥିପାଇଁ ବିଭିନ୍ନ ମନ୍ତ୍ରଣାଳୟ, ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସରକାର ଏବଂ ଭାଗୀଦାରମାନଙ୍କ ମତାମତ ଲୋଡ଼ାଯାଇଛି। ସଦ୍ୟତମ ସରକାରୀ ତଥ୍ୟ ଅନୁଯାୟୀ, ୨୦୧୮ ମାର୍ଚ୍ଚ ୧ ସୁଦ୍ଧା କେନ୍ଦ୍ରୀୟ ସରକାରୀ ବିଭାଗଗୁଡ଼ିକରେ ମୋଟ ୬,୮୩,୮୨୩ ପଦବୀ ଖାଲିପଡିଛି। ସେଥିରୁ ଗ୍ରୁପ୍ ଏ'ରେ ୧୯,୮୯୬ ପଦବୀ, ଗ୍ରୁପ୍ ବି'ରେ ୮୯,୬୩୮ ଏବଂ ଗ୍ରୁପ୍ ସି'ରେ ୫,୭୪,୨୮୯ ପଦବୀ ଅନ୍ତର୍ଭୁକ୍ତ। ସମ୍ପ୍ରତି ସରକାରୀ ନିଯୁକ୍ତି ଚାହୁଁଥିବା ପ୍ରାର୍ଥୀମାନଙ୍କୁ ସମାନ ଯୋଗ୍ୟତା ମାନଦଣ୍ଡ ଥିବା ବିଭିନ୍ନ ପଦବୀ ଲାଗି ଭିନ୍ନ ଭିନ୍ନ ସଂସ୍ଥା ଅଧୀନରେ ଅନେକ ପରୀକ୍ଷା ଦେବାକୁ ପଡୁଛି। ସେଥିରେ ପୁଣି ତିନି ସ୍ତରୀୟ ପରୀକ୍ଷା ସହ ଦକ୍ଷତା ଓ ଅନ୍ୟାନ୍ୟ ପରୀକ୍ଷା କରାଯାଉଛି। ପ୍ରତିବର୍ଷ ହାରାହାରି ୧.୨୫ ଲକ୍ଷ ଖାଲି ପଦବୀ ପାଇଁ ପ୍ରାୟ ୨.୫ କୋଟି ପ୍ରାର୍ଥୀ ଏକାଧିକ ପରୀକ୍ଷା ଦେଉଛନ୍ତି। ଏହିସବୁ ସମସ୍ୟା ଦୂର କରିବା ଲାଗି ଗୋଟିଏ ସାଧାରଣ ଯୋଗ୍ୟତା ପରୀକ୍ଷା କରାଇବାକୁ ସରକାର ପ୍ରସ୍ତାବ ଆଣିଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଚନ୍ଦ୍ର ପ୍ରଭାବରେ ଦିନଟି ଆପଣଙ୍କର ପ୍ରାୟତଃ ଭଲରେ ଯିବ ତଥାପି ତରବରିଆ ନ ହୋଇ ଧୀରସ୍ଥିର ପଦକ୍ଷେପ ନେଲେ ଉପକୃତ ହେବେ। ଦୂରଯାତ୍ରାର ସୁଯୋଗ ପାଇବେ ମାତ୍ର ରାସ୍ତାରେ କୌଣସି ବ୍ୟକ୍ତିଙ୍କ ସହ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ଆଜି ହିଁ ସମ୍ପନ୍ନ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନି।

**ବୃଷ** ରବିଙ୍କ ଦୃଷ୍ଟିରୁ ସ୍ୱାସ୍ଥ୍ୟ କେତେକାଂଶରେ ଭଲ ରହିବ। ପ୍ରତ୍ୟେକ କ୍ଷେତ୍ରରେ ବିନୟପୂର୍ଣ୍ଣ କଥା କହି ପରିସ୍ଥିତିକୁ ହାଲୁକା କରିବେ। ରୋହିଣୀ ନକ୍ଷତ୍ରର ଅର୍ଥ, ଭୋଗ ବିଳାସ ମଧ୍ୟରେ ସମୟଟି ଭଲରେ କଟିବ। ପାରିବାରିକ କ୍ଷେତ୍ରରେ ସୁଯୋଗ ପାଇବା ସଙ୍ଗକୁ ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ।

**ମିଥୁନ** ନବମ ଚନ୍ଦ୍ର ହେତୁ ଚିନ୍ତା ନ କରି ନିର୍ଭୟରେ ଆଗକୁ ମାଡି ଚାଲନ୍ତୁ, ଦେଖିବେ ଚେଷ୍ଟା ନିଶ୍ଚିତ ଫଳବତୀ ହେବ। ସନ୍ଧ୍ୟାରେ ହଠାତ୍ ସାଧାରଣ କଥାକୁ କେନ୍ଦ୍ର କରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ରୁହନ୍ତୁ ଅନ୍ୟଥା ତାହା ହିଁ ସମସ୍ୟାର କେନ୍ଦ୍ରବିନ୍ଦୁ ହୋଇପଡିବ। ଆନୁଷ୍ଠାନିକ କାମ ସକାଶେ ତତ୍ପରତା ବଢିପାରେ।

**କର୍କଟ** ବୁଧ ଦୃଷ୍ଟି ପ୍ରଭାବରେ କର୍ମକ୍ଷେତ୍ରରେ ମଉଜିଆ କଥା କହି ଅନ୍ୟମାନଙ୍କୁ ନିଜର କରିବାରେ ସକ୍ଷମ ହେବେ। ଅତି ନିକଟରେ ରହୁଥିବା ମିତ୍ରମାନେ କିଛି ପାଇବା ଆଶାରେ ପ୍ରଶଂସା ଗାଇ ବୁଲିବେ। କ୍ରୀଡା, କଳା, ସାହିତ୍ୟ,ସାମ୍ବାଦିକତା ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି।

**ସିଂହ** ତୃତୀୟସ୍ଥ ମଙ୍ଗଳ ଭ୍ରାତୃସମ୍ପର୍କ ନଷ୍ଟ କରିବା ସହ ଅତୀତର ଘଟଣାଗୁଡିକର ସମୀକ୍ଷା କରି ମନଟି ଭଲ ଲାଗିବ ନାହିଁ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଋଣ ସୂତ୍ରରେ ଅର୍ଥଲାଭ କରିବେ ଏବଂ ବାଣିଜ୍ୟ,ବ୍ୟବସାୟରେ ଉନ୍ନତି ଘଟିବ। ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା** ରାଶ୍ୟାଧିପତି ଅଷ୍ଟମାଧିପତି ଯୁକ୍ତ କାରଣରୁ ଭାବୁଥିବା କାମଟି ବିଧିବଦ୍ଧ ଭାବରେ କରିପାରିବେ ନାହିଁ ଫଳରେ ସୁଯୋଗ ହାତଛଡା ହୋଇପାରେ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ଉପରିସ୍ଥଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇ ପାରନ୍ତି।

**ତୁଳା** ଷଷ୍ଠସ୍ଥାନ ଦୃଷ୍ଟିଜନିତ ପାପାକ୍ରାନ୍ତ ଯୋଗୁ ସମ୍ପର୍କୀୟ ଲୋକମାନଙ୍କ ଶତ୍ରୁତା ଯୋଗୁ ବିଚଳିତବୋଧ କରିବାକୁ ପଡିବ। ହଠାତ୍ କୌଣସି କ୍ଷେତ୍ରରେ ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ। ପାରିବାରିକ ସଦ୍ଭାବ ଅକ୍ଷୁଣ୍ଣ ରହିବ। ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସିବେ ଏବଂ ଆପଣଙ୍କ କାମରେ ସହଯୋଗ ମଧ୍ୟ କରିବେ।

**ବିଛା** କେନ୍ଦ୍ରସ୍ଥ ଚନ୍ଦ୍ର ଯୋଗୁ ଲୋକସମ୍ପର୍କ ବୃଦ୍ଧି ପାଇବାରେ ନିଜ ଲୋକମାନେ ହିଁ ପ୍ରତିବନ୍ଧକ ସୃଷ୍ଟି କରିବେ। ଅଫିସ୍‌ରେ ଥିବା ସମୟରେ ବନ୍ଧୁମାନଙ୍କ ବିଷୟରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ମାତ୍ର କର୍ମକ୍ଷେତ୍ରରେ ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବେ। ପର କଥାରେ ପଡି ଘର ଲୋକମାନଙ୍କୁ ଭୁଲ୍ ବୁଝିପାରନ୍ତି।

**ଧନୁ** ଦଶମ ସ୍ଥାନ ପାପଦୃଷ୍ଟି ବିବର୍ଜିତ ହେତୁ କର୍ମକ୍ଷେତ୍ରରେ କୌଶଳ ପ୍ରୟୋଗ କରି ନିଜ ପରିସରରେ ପ୍ରତିଷ୍ଠିତ ହେବାର ସମ୍ଭାବନା ରହିଛି। ବନ୍ଧୁମାନଙ୍କ ଆହ୍ୱାନକ୍ରମେ କୌଣସି ଶୁଭକାର୍ଯ୍ୟରେ ଯୋଗଦେଇପାରନ୍ତି। ଆଜିର ଅଧିକାଂଶ ସମୟ ଆଳାପ ଆଲୋଚନାରେ ସମୟ କଟାଇବେ। ପ୍ରକାଶନ, ପ୍ରଶାସନ, ଆନୁଷ୍ଠାନିକ କାର୍ଯ୍ୟ ପାଇଁ ଦିନଟି ବହୁତ ଭଲ।

**ମକର** ମୁହଁରେ ଚନ୍ଦ୍ର ଯୋଗୁ ହସିଲେ କଥା କହିବେ ଏବଂ ପ୍ରତ୍ୟେକ କ୍ଷେତ୍ରରେ ମନର ବଳ ଖୁବ୍ ଟାଣ ରହିବ। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ ଝଗଡା ଲାଗିପାରେ ମାତ୍ର ସଭାସମିତିରେ, ଆଲୋଚନା, ଗଠନମୂଳକ କାମ, ଲେଖାପଢା କ୍ଷେତ୍ରରୁ ଶୁଭଫଳ ପାଇବେ।

**କୁମ୍ଭ** ଏକାଦଶରେ ଏକାଧିକ ଗ୍ରହ ଯୋଗୁଁ ଗତକାଲି ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ଆଜି ସମର୍ଥ ହେବେ। ଭୁଲ୍ ବୁଝାମଣା ଓ ସନ୍ଦେହ ବୃଦ୍ଧି ପାଇବା କାରଣରୁ ପରିବାରରେ ବିଶୃଙ୍ଖଳା ଦେଖା ଦେଇପାରେ। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରୁହନ୍ତୁ, ଅନ୍ୟଥା ଅଦଳ ବଦଳ ହୋଇଯାଇପାରେ।

**ମୀନ** ବଳବାନ ରାହୁ ଓ କର୍ମସ୍ଥ ଗ୍ରହପ୍ରଭାବରେ ପ୍ରତ୍ୟେକ ବିଷମ ପରିସ୍ଥିତିରେ ମଧ୍ୟ ସାହସିକତାର ପରିଚୟ ଦେଇ ପ୍ରଶଂସିତ ହେବେ। ସ୍ୱାର୍ଥ ସାଧନର ମସୁଧା କରି ଭଲ ସମ୍ପର୍କ ଥିବା ବନ୍ଧୁ ଅସୁବିଧାରେ ପକାଇପାରନ୍ତି। କଳା,ସଂଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ।

ଆଜି ମାର୍ଗଶିର ଶୁକ୍ଳ ଅଷ୍ଟମୀ ବୁଧବାର,ଡିସେମ୍ବର ୪ ତାରିଖ, ଭାରତୀୟ ନୌସେନା ଦିବସ, ରାଶି ନକ୍ଷତ୍ର-ଶତଭିଷା/କୁମ୍ଭ, କର୍କଟ ରାଶିର ଘାତବାର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୭।୩୭ମି. ଗତେ ଘ.୮।୨୦ମି. ମଧ୍ୟେ ଅମୃତ ବେଳା। ଦିବା ଘ.୧୦।୧୮ମି. ଗତେ ଘ.୧୧।୩୮ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୧।୩୬ମି. ଗତେ ଘ.୧୨।୫୭ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




### BRIDE WANTED

Wanted fair, beautiful bride for Bania boy, 32+, Software Engineer, Chennai, Caste-no-bar, Contact: 7008017424, 8093742890. D-67731

Eligible Hindu bride required for prospective groom. Caste-no-bar. Mob: 9438649952. D-15552

Deserving Khandayat groom B.Tech+ M.Tech (IIT) working as a Manager, (Caste-No- Bar), Contact: 9861022750. D-68906

Kshtriya boy 1984, 5'9" Serving Manager Nationalised Bank "Sunasansar", 9937512659. D-15503

Son age 29 B.Tech, M.Tech IIT Delhi working in Scientist researcher Hyderabad salary 25 lakhs 7008986005. D-15554

Son age 30 B.Tech NIT Rourkela working in Engineer ONGC 7008986003. D-15555

56 ବର୍ଷରୁ ଉର୍ଦ୍ଧ୍ୱ ପେନ୍‌ସନର୍/ନନ୍-ପେନ୍‌ସନର୍, ବିଧବା/Divorcee ନୀରୋଗ ସୁସ୍ୱାସ୍ଥ୍ୟ ଗୋରା, ପଛେ କେହି ନାହାନ୍ତି, ଅସହାୟ ସ୍ତ୍ରୀଲୋକ ଜଣେ ପେନ୍‌ସନର୍ ପାଇଁ ଜୀବନସାଥୀ ଆବଶ୍ୟକ। 6372228707. D-15549

Bhubaneswar based Khatriya boy 1989, 5'9", M.Tech, serving Branch Manager, Nationalised Bank requires suitable bride (Govt./Bank). Contact: 9437056287. D-15547

**Wanted bride for Karan groom July 83, 5'10" Software Professional in Bangalore, Tula, 14/7 for early marriage. Contact: 9937284888, 9777523051.** D-67514

Wanted brahmin homely bride for 1980 born 5'9'' Diploma Engineer Brahmin boy Contact: 9437633089, 6370737397. D-68520

Dhoba boy 28, B.Tech, software Engineer at Hyderabad Infosys. Ph- 8917341265. D-15475

### GROOM WANTED

34,5.4,M.Sc B.ED, Govt. Teacher. ମାସିକ ଆୟ 38,000/-, ପାଇଁ ବର ଆବଶ୍ୟକ। ଅବିବାହିତ, ଛାଡ଼ପତ୍ର ପ୍ରାପ୍ତ ଗ୍ରହଣୀୟ ହେବେ। 9713925270. D-15516

Suitable match for fair slim Bengali girl Baishya 29 yrs 5 feet B.COM, MFC Teacher in Paradip. Prefer Educated family, well established Bengali groom, 7749033208, 7749869975. D-15515

Divorcee bride Manager 31, Teacher 39, Clerk 42 (caste-no-bar), 7873374269. D-68621

ବ୍ରାହ୍ମଣ, କରଣ, ଖଣ୍ଡାୟତ, ତେଲି ଏବଂ ସବୁ ଜାତିର ବରପାତ୍ର ଆବଶ୍ୟକ। "AkankshyaGroup", 7978736177. D-68219

Girl age 27 B.Tech CET working in Bank of Baroda (Caste-no-bar) 8144589551. D-15553

ଓଡ଼ିଆ ଘରର 48 ବର୍ଷର ବିଧବା ଝିଅ ପାଇଁ ବରପାତ୍ର ଆବଶ୍ୟକ। Central Schoolରେ PGT Teacher ଭାବରେ କାର୍ଯ୍ୟରତ, ଘର ସୁନାବେଡ଼ା। Ph: 8763284487. D-68805




### SALE

Toyota Fortuner, Passat, Verna, Breeza, Mitsubishi Lancer, Hyundai Elantra. 7381091234, 9861194627. D-68439

4.11 years ATUL GEM PASS & 7.8 years Mahindra Alfa passenger auto for sale. Contact Satya- 8327786035, 9861460111. D-68909

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

### HIRE

JCB Machine Excavators 38T, 21T, 10T, 8T, Excavator & Loader- 2DX, 3DX, JCB Compactor, JCB Load all available for hire/sale. Contact immediately: 9556240228, 9937292015. Email- enquiry@kttorissa.com D-15185

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




### SALE

ଭୁବନେଶ୍ୱର ପିତାପଲ୍ଲୀଛକ ନିକଟରେ **NH-16କୁ ଲାଗିକି ପ୍ଲଟ୍ ବିକ୍ରିହେଉଛି।** ପ୍ରଥମେ **Possession** ଦିଆଯାଉଛି, ତା'ପରେ ରେଜିଷ୍ଟ୍ରିହେଉଛି। **Project** ଭିତରେ **30ft road** ଦିଆଯାଇଛି। **8018474890.** D-68431

4300sqft. converted land at Kalinga Nagar near BDA Housing, 10500sqft. near Mancheswar, 6 acres N.H facing land at Bhandari Pokhari, Bhadrak for sale. Contact details: 9337413323, 7008388915. D-67727

**BDA Residential plots at Patia railwaystation just 3.5K.M from Big Bazar, 7008613186.** D-68518

Booking open 3BR Luxurious Apartment SahidNagar, Bhubaneswar, Contact: 9777017120. D-68196

Commercial building for sale near NuaBazar Cuttack main highway. For more details Contact: 7326023269, 9556720780. D-15512

**Bhubaneswar Uttarachhakaରୁ 5K.M sqft.-550/-, କଟକ ତ୍ରିଶୂଳିଆରୁ 4K.M-280/-, କଟଣୀଗେଟ୍‌ଠାରେ 200/, ନଖରା DPS ପାଖରେ 700/-ର ଘରବାରି ପ୍ଲଟ୍ ମିଳୁଅଛି। 9348020724, 7978939440.** D-68433

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-68911

**New Bhubaneswar Railway station ପାଖରେ 30ft ରାସ୍ତାଥାଇ immediate ଘରକଲାଭଳି yellowzone plot sqft.1400/-ରେ ମିଳୁଅଛି। 7978286401, 9861411038.** D-68438

3500sqft. commercial land for near Khandagiri, Bhubaneswar. Price: 1.57 crore. Contact: 9861234908. D-68910

**ନଖରା ତ୍ରିନାଥବଜାରଠାରେ SC Plot 1200sqft. 4,44,000/-, ଘରବାରୀ ପାଚେରୀ ଥାଇ outrightରେ ମିଳୁଅଛି- 9348817649, 6371569855.** D-68443

Bhubaneswarରେ ନଖରା= 750/-, କେସୁରା= 1450/-, ଖଣ୍ଡଗିରି= 2200/- ଗୀତାଗାନ୍ଧୀ ପାଖରେ= 1150/- ଗୁଡିଆ ପୋଖରି= 750/-, ସୁନ୍ଦରପଦା= 850/-, ଆଗ possession ସହ ଜାଗା କିଣନ୍ତୁ 7978641199. D-68717

**Fully developed 30'road, electricity, Gharabari residential corner plot at canalroad, Hanspal@7,80,000/- 9437033320.** D-68444

Sale gharabari plot near ITER College, Jagamara Bhubaneswar, Contact: 7978751719. D-67516

**ଭୁବନେଶ୍ୱର Tamandoରେ yellozone plot 30ft ରାସ୍ତାଥାଇ କିଣନ୍ତୁ, ବାଲିଅନ୍ତାରେ ready to move Duplex, 9348767829.** D-68441

### PURCHASE

Land required on Sharing Basis in Bhubaneswar, Cuttack. Contact: 9124721060. D-67515




3BHK flat Rs. 22000/- with mentanance near Patia main road, 9658197163. D-61068

160000sqft. vacant land with boundary wall and outhouse to-let or lease for commercial purpose at Totapada adjacent to NH-16 near Khorda. Contact: 7854918287. D-60955

**6500 Square feet hall type 3 storied building on 100 feet Bhimtangi Main Road for office and commercial. Contact: 9958003695.** D-15405

2BHK ground floor Rs. 10000/-, near Sailshree Vihar DAV School, 9658197163. D-61069




Shivam logistic packers movers. Household/ car relocation countrywide. 9777044177, 9338461133. D-15348

India's No.1 Packers Leo Packers & Movers Car, Household & Office movement. Countrywide, 9438133699. D-15534

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Rejuvenate and ayurvedic full body massage by smart therapist. 9114402304. D-68904

Sai herbal spa refresh your body with smart, expert therapist. 7608062524. D-68905

"Ayurvedic body massage & steam bath by trained male therapist only. Phone: 9337337007. Bhubaneswar." D-15508

Full body herbal massage with refreshment expert therapist. 7381239385, 06742540855. D-68200

Experience full body massage with us (expert). Call: 7377048581, 06742597822. D-68901

Herbal full body massage by smart / expert therapist. Contact: 8338067247. D-68902

Summer special mesmerizing offer expert therapeutic refreshing massage appointment. 9668374480. D-68903

Newly open full body massage by ladies, gents therapist. 8018656899 D-60855

Ayurvedic full body massage by ladies, gents therapist. 7008773793 D-60856

Refresh your mind and soul with best therapy at Orchid Salon/Spa. 9937287222. D-68716

Ayurvedic full body massage ladies and gents. Contact: 9861064981. D-68715

Ayurvedic full body massage ladies & gents smart therapist, 9668814589. D-68719

### EDUCATION

Medical courses ପାଇଁ Registration କରନ୍ତୁ। BDS, BAMS, BHMS, BUMS, D.Pharma, ANM, GNM (Only for practioners) Whatsapp/ Call- 9893869473 (Agent excuse). D-68912

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୪ ଡିସେମ୍ବର, ୨୦୧୯



ମୟୂରଭଞ୍ଜ ଜିଲା ପୋଲିସର ଅବହେଳା କାରଣରୁ ବଳାତ୍କାର ପୀଡ଼ିତା ଜଣେ ଅଧ୍ୟାପିକା ନ୍ୟାୟ ନ ପାଇ ଜୀବନ ହାରିବା ଘଟଣା ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣାକୁ ଗୁରୁତର ଭାବେ ନେଇ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଡ.ମିନତୀ ବେହେରା ମଙ୍ଗଳବାର ଦିନିକିଆ ମୟୂରଭଞ୍ଜ ଜିଲା ଗସ୍ତରେ ଆସିଥିଲେ। ସେ ବାରିପଦାରେ ପହଞ୍ଚି ପ୍ରଥମେ ଜିଲା ଏସ୍‌ପି ପରମାର ସ୍ମିଥ ପୁରୁଷୋତ୍ତମଦାସଙ୍କ ସହିତ ଆଲୋଚନା କରିବା ସହ ମୃତା ଅଧ୍ୟାପିକାଙ୍କ ପରିବାର ସଦସ୍ୟଙ୍କ ସହ ଆଲୋଚନା କରିଛନ୍ତି।



# ‘ମଧୁ ଆପ୍’ ଲୋକାର୍ପିତ

## ଭିଡିଓ ମାଧ୍ୟମରେ ପାଠପଢ଼ିବେ ଛାତ୍ରୀଛାତ୍ର

**ଭୁବନେଶ୍ୱର, ୩।୧୨(ବ୍ୟୁରୋ)/ ଛତ୍ରପୁର (ଡି.ଏନ.ଏ.)**

ପିଲାମାନଙ୍କୁ ସହଜରେ ପାଠ ବୁଝାଇବା ଏବଂ ବିଭିନ୍ନ ପ୍ରଶ୍ନର ଅଭ୍ୟାସ କରାଇବା ଲକ୍ଷ୍ୟ ନେଇ ଗଞ୍ଜାମ ଜିଲା ପ୍ରଶାସନ ‘ମଧୁ ଆପ୍’ ଆରମ୍ଭ କରିଛି। ଛାତ୍ରୀଛାତ୍ରମାନେ ‘ମଧୁ ଆପ୍’କୁ ମୋବାଇଲ ଫୋନ୍‌ରେ ଡାଉନ୍‌ଲୋଡ୍ କରି ସେଥିରୁ ଭିଡିଓ ମାଧ୍ୟମରେ ଶ୍ରେଣୀରେ ପଢ଼ା ଯାଇଥିବା ପାଠ ବୁଝିପାରିବେ। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ନାମରେ ନାମିତ ଏହି ନୂଆ ‘ମଧୁ ଆପ୍’କୁ ମଙ୍ଗଳବାର ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିଛନ୍ତି।

ଏହି ଅବସରରେ ଆୟୋଜିତ ଭିଡିଓ କନ୍‌ଫରେନ୍‌ସିଂ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାର ୨୨ବ୍ଲକର ଛାତ୍ରୀଛାତ୍ରମାନଙ୍କ ସହ ମୁଖ୍ୟମନ୍ତ୍ରୀ ‘ମଧୁ ଆପ୍’ ସମ୍ପର୍କରେ କଥାବାର୍ତ୍ତା କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ପିଲାମାନଙ୍କ ପାଇଁ ଶିକ୍ଷାର ବିକଳ୍ପ ନାହିଁ। ତେଣୁ ଭଲ ପାଠ ପଢ଼ି ଦେଶର ଗୌରବ ବୃଦ୍ଧି ପାଇଁ କାମ କରିବାକୁ ସେ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଓଡ଼ିଆ ଜାତି ପାଇଁ ଉତ୍କଳ ଗୌରବ ମଧୁସୂଦନଙ୍କ ତ୍ୟାଗ ବିଷୟରେ ଆଲୋଚନା କରି ମଧୁବାବୁ ସମସ୍ତଙ୍କ ପାଇଁ ପ୍ରେରଣା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ଅଧ୍ୟକ୍ଷ ବିଜୟ ସାହୁ, ମୁଖ୍ୟ ଶାସନ ସଚିବ ଅସୀତ ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଆର୍. ବାଲକ୍ରୀଷ୍ଣନ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଚିତ୍ରା ଅରୁମୁଗମ୍, ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଆପ୍ ସମ୍ପର୍କରେ ଗଞ୍ଜାମ ଜିଲାପାଳ କୁଲାଙ୍ଗେ ସ୍କୁଲ ଛାତ୍ରୀଛାତ୍ରମାନଙ୍କ ଶିକ୍ଷାର ବିକାଶରେ ଏହା ସହାୟକ ହେବ ବୋଲି କହିଛନ୍ତି। ଛତ୍ରପୁରସ୍ଥିତ ଅନସ୍ଲୋ ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ଗାୟତ୍ରୀ ଶତପଥୀ ଓ ନବମ ଶ୍ରେଣୀ ଛାତ୍ର ପଦ୍ମନାଭ ନନ୍ଦ ଆଉ ଟ୍ୟୁଶନ ଆବଶ୍ୟକ ପଡ଼ିବନି ବୋଲି ମୁଖ୍ୟମନ୍ତ୍ରୀଙ୍କ ସହ ବାର୍ତ୍ତାଳାପ ବେଳେ କହିଛନ୍ତି। ସୂଚନାଯୋଗ୍ୟ, ଏହି ଆପ୍‌କୁ ଓଡ଼ିଆ ମାଧ୍ୟମ ଛାତ୍ରୀଛାତ୍ରମାନେ ମୋବାଇଲ ଫୋନରେ ଡାଉନଲୋଡ୍ କରି ଗଣିତ, ବିଜ୍ଞାନ ଓ ଅନ୍ୟାନ୍ୟ ବିଷୟ ଉପରେ ଥିବା ନିଜର ଦ୍ୱନ୍ଦ୍ୱ ଦୂର କରିପାରିବେ। ପ୍ରତ୍ୟେକ ପାଠ୍ୟ ବିଷୟକୁ ଜିଲାର ଶିକ୍ଷୟିତ୍ରୀ, ଶିକ୍ଷକ ସରଳ ଭାବେ ବୁଝାଇଥିବା ଭିଡିଓ କରାଯାଇଛି। ଉକ୍ତ ଭିଡିଓ ପ୍ରସ୍ତୁତି ନିମନ୍ତେ ଛତ୍ରପୁରରେ ରେକର୍ଡିଂ ସେଣ୍ଟର ପ୍ରତିଷ୍ଠା ହୋଇଛି।




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ‘ମଧୁ ଆପ୍’ର ଲୋକାର୍ପଣ କରୁଛନ୍ତି।

# ଧାରଣା ସ୍ଥଳରେ ଟଳିପଡ଼ିଲେ ଶିକ୍ଷକ

- ମୟୂରଭଞ୍ଜ ଜିଲା ଗଣଶିକ୍ଷକ ସଂଘ ସଭାପତି ଥିଲେ
- ଅଧୁରା ରହିଗଲା ଦାବି ପୂରଣ



ନିରଞ୍ଜନ ବାରିକଙ୍କ ଫାଇଲ ଫଟୋ।

**ଭୁବନେଶ୍ୱର,୩।୧୨ (ବ୍ୟୁରୋ)/ କୁଆମରା/ ଖୁଣ୍ଟା(ଡି.ଏନ୍.ଏ)**

ଦାବି ପୂରଣ ପାଇଁ ଆସିଥିଲେ ରାଜଧାନୀ। ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିର ଆନ୍ଦୋଳନସ୍ଥଳରେ ଅନ୍ୟ ଶିକ୍ଷକଙ୍କ ସହ ଧାରଣା ଦେଉଥିଲେ। ବିକ୍ଷୋଭ ଓ ପ୍ରତିବାଦ କରୁଥିବା ସମୟରେ ମଙ୍ଗଳବାର ଅପରାହ୍ନରେ ହଠାତ୍ ଟଳିପଡିଥିଲେ ମୟୂରଭଞ୍ଜର ଶିକ୍ଷକ ନିରଞ୍ଜନ ବାରିକ। ସେଠାରେ ଉପସ୍ଥିତ ପୋଲିସ ଓ ଅନ୍ୟ କେତେଜଣ ଶିକ୍ଷକ ତାଙ୍କୁ ତୁରନ୍ତ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଡାକ୍ତର ନିରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ। କ୍ୟାପିଟାଲ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ପରିବାର ଲୋକଙ୍କୁ ଖବର ଦେଇଛି। ବୁଧବାର ବ୍ୟବଚ୍ଛେଦ ପରେ ମୃତଦେହ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀ ସୂଚନା ଦେଇଛନ୍ତି। ମୃତ ଶିକ୍ଷକ ନିରଞ୍ଜନଙ୍କ ଘର ମୟୂରଭଞ୍ଜ ଜିଲା ବଡ଼ଖୁଣ୍ଟା ଗ୍ରାମରେ। ସେ ଗୋପବନ୍ଧୁନଗର ବ୍ଲକ ସାନଖୁଣ୍ଟା ପଞ୍ଚାୟତର ବାଲଡିହା ଆଶ୍ରମ ସ୍କୁଲରେ ଶିକ୍ଷକତା କରୁଥିଲେ। ସେ ୧୯୯୫ରେ ନନ୍‌ଫର୍ମାଲରୁ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ। ୨୦୦୮ରେ ଗଣଶିକ୍ଷକ ଓ ୨୦୧୮ରେ ରେଗୁଲାର ହୋଇଥିଲେ। ନିରଞ୍ଜନ ଗଣଶିକ୍ଷକ ସଂଘର ମୟୂରଭଞ୍ଜ ଜିଲା ସଭାପତି ଅଛନ୍ତି। ଘରେ ତାଙ୍କର ସ୍ତ୍ରୀ ଓ ଦୁଇ ପୁଅ ଥିବା ଜଣାପଡିଛି।

**‘ଦାବି ପୂରଣ ନ ହେଲେ ସମସ୍ତେ ଜୀବନ ହାରିବୁ’**

ଓଟିଇଟି ପରୀକ୍ଷାର ପୁନଃ ମୂଲ୍ୟାୟନ, ବାଦ୍‌ପଡ଼ିଥିବା ଗଣଶିକ୍ଷକଙ୍କୁ ନିୟମିତ କରିବା, ମୃତ ଶିକ୍ଷକଙ୍କ ପରିବାରକୁ ଚାକିରି ସହିତ ମୃତ୍ୟୁକାଳୀନ ସହାୟତା ଆଦି ଦାବିରେ ରାଜ୍ୟ ପ୍ରାଥମିକ ଶିକ୍ଷକ (ଏକ୍ସକ୍ୟାଡର) ମହାସଂଘ ପକ୍ଷରୁ ଲୋୟର ପିଏମ୍‌ଜିରେ ଧାରଣା ଚାଲିଛି। ଶିକ୍ଷକ ନିରଞ୍ଜନଙ୍କ ମୃତ୍ୟୁରେ ଅନ୍ୟମାନେ ଦୁଃଖ ପ୍ରକାଶ କରିଛନ୍ତି। ସେମାନେ କହିଛନ୍ତି ଯେ, ଦାବି ପୂରଣ ନ ହେଲେ ନିରଞ୍ଜନଙ୍କ ଭଳି ଆମେ ସମସ୍ତେ ଜୀବନ ହାରିଦେବୁ। ୨୦୧୪ରୁ ସଂଘ ନିଜର ଦାବି ନେଇ ଆନ୍ଦୋଳନ ଜାରି ରଖିଛି। ସରକାର ଭୁଆଁ ବୁଲାଇ ଚାଲିଛନ୍ତି। ପୂର୍ବରୁ ମଧ ସଂଘ ସଦସ୍ୟ ଥିବା ଜଣେ ଶିକ୍ଷକ ଦାବି ପୂରଣ ନ ହେବାରୁ ଆତ୍ମହତ୍ୟା କରିଛନ୍ତି।




କୁନ୍ଦୁଲି ଗଣବଳାତ୍କାର, ଆତ୍ମହତ୍ୟା ମାମଲା

## ଡାକ୍ତର, ଗ୍ରାମବାସୀଙ୍କୁ ଭେଟିଲା ଏସ୍‌ଆଇଟି

**କୋରାପୁଟ,୩।୧୨(ସ୍ୱ.ପ୍ର):** କୁନ୍ଦୁଲି ଗଣବଳାତ୍କାର ଓ ଆତ୍ମହତ୍ୟା ମାମଲାର ତଦନ୍ତ ଏସ୍‌ଆଇଟି ପକ୍ଷରୁ ଆରମ୍ଭ ହୋଇଛି। ଏହି ଟିମ୍ ମଙ୍ଗଳବାର ପୀଡିତାଙ୍କ ଗ୍ରାମ ମୁଷାପୁଟରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ପୂର୍ବାହ୍ନରେ ଏହି ଟିମ୍‌ର ସଦସ୍ୟ ଦକ୍ଷିଣାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ , କୋରାପୁଟସ୍ଥିତ ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି ସଫିନ ଅହମ୍ମଦ କେ ଏବଂ ଉତ୍ତରାଞ୍ଚଳ ଡିଆଇଜି ହିମାଂଶୁଲାଲ କୁନ୍ଦୁଲି ସ୍ୱାସ୍ଥ୍ୟ କେନ୍ଦ୍ରର ୨ ଏଏନ୍‌ଏମ୍, ପୀଡିତାଙ୍କୁ ଚିକିତ୍ସା କରିଥିବା କୁନ୍ଦୁଲି ସ୍ୱାସ୍ଥ୍ୟକେନ୍ଦ୍ର ଓ କୋରାପୁଟ ମେଡିକାଲ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ଅପରାହ୍ନ ୪ଟାରେ ସେମାନେ କୋରାପୁଟ ଡିଆଇଜି କାର୍ଯ୍ୟାଳୟକୁ ଫେରି ସେଠାରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସଙ୍କ ସମେତ କୋରାପୁଟ ମେଡିକାଲର ଡାକ୍ତର ଏବଂ ପୀଡିତା ଚିକିତ୍ସା ପରେ ରହିଥିବା ଷ୍ଟେ ହୋମର କର୍ମଚାରୀମାନଙ୍କଠାରୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ।

## ପୃଥ୍ୱୀ-୨ର ରାତ୍ରିକାଳୀନ ବ୍ୟବହାରିକ ପରୀକ୍ଷଣ

**ବାଲେଶ୍ୱର ଅଫିସ, ୩।୧୨**



ବାଲେଶ୍ୱର ଚାନ୍ଦିପୁର ସମନ୍ୱିତ ପରୀକ୍ଷଣ କେନ୍ଦ୍ରର ୩ ନମ୍ବର ଲଞ୍ଚପ୍ୟାଡ୍‌ରୁ ଆଣବିକ ଓ ପାରମ୍ପରିକ ଯୁଦ୍ଧାସ୍ତ୍ର ପରିବହନ କ୍ଷମତା ରଖୁଥିବା ପୃଥ୍ୱୀ-୨ କ୍ଷେପଣାସ୍ତ୍ରର ମଙ୍ଗଳବାର ରାତ୍ରୀକାଳିନ ପରୀକ୍ଷଣ କରାଯାଇଥିଲା। ସନ୍ଧ୍ୟା ୭ଟା ୪୮ ମିନିଟ୍ ସମୟରେ କ୍ଷେପଣାସ୍ତ୍ରର ଉତ୍‌କ୍ଷେପଣ ପରେ ଉପକୂଳରେ ଥିବା ଅତ୍ୟାଧୁନିକ ରାଡ଼ାର ସହାୟତାରେ ଏହାର ଗତି ପଥ ନିରୀକ୍ଷଣ କରାଯାଇଥିଲା। ନିର୍ଦ୍ଧାରିତ ସମୟରେ ଏହା ଲକ୍ଷ୍ୟଭେଦ କରିଥିଲା। ପ୍ରତିରକ୍ଷା ବିଭାଗ ସୂତ୍ରରୁ ଜଣାଯାଇଛି ଯେ, ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ କରାଯାଇ ପାରୁଥିବା ପୃଥ୍ୱୀ-୨ କ୍ଷେପଣାସ୍ତ୍ରକୁ ଦ୍ୱିତୀୟ ଥର ସକାଶେ ସନ୍ଧ୍ୟା ସମୟରେ ଏଠାରେ ପରୀକ୍ଷା କରାଯାଇଥିଲା। ଷ୍ଟ୍ରାଟେଜିକ୍ ଫୋର୍ସ କମାଣ୍ଡୋ ଏହି ବ୍ୟବହାରିକ ପରୀକ୍ଷଣ କରିଥିଲେ। ପୃଥ୍ୱୀ-୨ କ୍ଷେପଣାସ୍ତ୍ରର ଲମ୍ବ ୯ ମିଟର। ମୋଟେଇ ୧୧୦ ସେଣ୍ଟିମିଟର। ୫୦୦ରୁ ୧୦୦୦ କିଲୋଗ୍ରାମ ପର୍ଯ୍ୟନ୍ତ ଏହା ଯୁଦ୍ଧାସ୍ତ୍ର ବହନ କରି ୩୫୦ କି.ମି. ଦୂରତା ମଧ୍ୟରେ ଲକ୍ଷ୍ୟଭେଦ କରିବା କ୍ଷମତା ରଖିଛି। ୨୦୦୩ରୁ ଏହି କ୍ଷେପଣାସ୍ତ୍ରକୁ ଭାରତୀୟ ସେନାରେ ନିୟୋଜିତ କରାଯାଇସାରିଛି।

- ସ୍ମିତାରାଣୀ ମୃତ୍ୟୁ ମାମଲା

## ହାଇକୋର୍ଟରେ ରୂପେଶ ଭଦ୍ର

**କଟକ ଅଫିସ, ୩।୧୨**

ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରିଣୀ(ପିଇଓ) ସ୍ମିତାରାଣୀ ବିଶ୍ୱାଳ ମୃତ୍ୟୁ ମାମଲାରେ ଗିରଫ ହୋଇଥିବା ରୂପେଶ ଭଦ୍ର ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ଶୁକ୍ରବାର ଯାଜପୁର ଜିଲା ଓ ଦୌରାଜଜ ରୂପେଶଙ୍କ ଜାମିନ ଆବେଦନ ଖାରଜ ହୋଇଥିଲା। ସୂଚନାଥାଉ କି, ସ୍ମିତାରାଣୀ ହରିଦାସପୁର ପିଇଓ ଭାବେ କାର୍ଯ୍ୟ କରୁଥିଲେ। ଗତ ଅକ୍ଟୋବର ୧୬ରେ ସ୍ମିତାରାଣୀଙ୍କ ମୃତଦେହକୁ ଧର୍ମଶାଳା ଥାନା ଅଧୀନ ବାଲିଘରି ନିକଟରେ ଥିବା ଏକ ଗେଷ୍ଟ ହାଉସରୁ ପୋଲିସ ଜବତ କରିଥିଲା। ଉକ୍ତ ଗେଷ୍ଟ ହାଉସର ମାଲିକ ହେଉଛନ୍ତି ହରିଦାସପୁର ସରପଞ୍ଚଙ୍କ ସ୍ୱାମୀ ତଥା ଉକ୍ତ ମାମଲାର ଅଭିଯୁକ୍ତ ରୂପେଶ ଭଦ୍ର। ସ୍ମିତାରାଣୀଙ୍କୁ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ ପୋଲିସ ରୂପେଶଙ୍କୁ ଅକ୍ଟୋବର ୧୮ ତାରିଖରେ ଗିରଫ କରିଥିଲା।



## ଜିଲା ଚିଠି
### ବାଲେଶ୍ୱର

## ପ୍ରଦୂଷିତ ସହର

**ବା**ଲେଶ୍ୱର ସହର ପ୍ରଦୂଷିତ ବୋଲି ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ରିପୋର୍ଟରେ ଦର୍ଶାଯାଇଛି। ଏହି ସହରର ଜଳବାୟୁ ଜନଜୀବନ ପାଇଁ ଅସ୍ୱାସ୍ଥ୍ୟକର। ପ୍ରତିକାର ନ କଲେ ଆଗାମୀ ଦିନରେ ଏହା ଏକ ମୁଖ୍ୟ ସମସ୍ୟା ହେବ ବୋଲି ରିପୋର୍ଟ କହିଛି। ଜନଜୀବନ ପାଇଁ ପ୍ରଦୂଷଣ ଏବେ ମୁଖ୍ୟ ସମସ୍ୟା ପାଲଟିଛି। ଏଥିପାଇଁ ସଚେତନତା ସୃଷ୍ଟି କରିବା ଲାଗି ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଆଲୋଚନା ଜାରି ରଖି ତା'ର ନିୟମକୁ କଡ଼ାକଡ଼ି କରିଛି। କିନ୍ତୁ ବାଲେଶ୍ୱର ଜିଲାରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ରାଜ୍ୟର ଯେଉଁ ୬ଟି ପ୍ରଦୂଷିତ ସହର ଘୋଷଣା କରାଯାଇଛି ସେଥିରେ ବାଲେଶ୍ୱର ସ୍ଥାନ ପାଇଛି। ବେଆଇନ ଭାବେ ଚାଲିଥିବା ଇଟାଭାଟି, କଳକାରଖାନାର ଧୂଆଁ ଏହାର ମୁଖ୍ୟ କାରଣ ହୋଇଛି। ଏଣେ ଯାନବାହନରୁ ନିର୍ଗତ ହେଉଥିବା ଧୂଆଁ ଏଥିରେ ସହାୟକ ହେଉଛି। ଯେଉଁ ସହରରେ ୫୦ହଜାରରୁ ୧ଲକ୍ଷ ଜନସଂଖ୍ୟା ଥିବ ତା'ର ଜନବସତିଠାରୁ ୨କି.ମି. ଏବଂ ୧ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟା ଥିବା ଅଞ୍ଚଳଠାରୁ ୫କି.ମି. ମଧ୍ୟରେ ଇଟାଭାଟି ନିର୍ମାଣ ପାଇଁ ଅନୁମତି ମିଳିବନି ବୋଲି ଆଇନ ରହିଛି। କିନ୍ତୁ ଏହାକୁ ଅବମାନନା କରି ସହରର ମାତ୍ର ଅଳ୍ପ ଦୂରରେ ଶହ ଶହ ବେଆଇନ ଇଟାଭାଟି ଚାଲିଛି। ନିର୍ଗତ ହେଉଥିବା ଧୂଆଁ ଯୋଗୁ ସହରରେ ପ୍ରଦୂଷଣ ବଢିଚାଲିଛି। ଜିଲାରେ ୭ଶହରୁ ଊର୍ଦ୍ଧ୍ୱ ବେଆଇନ୍ ଇଟାଭାଟି ଚାଲିଥିବାବେଳେ ଏହାଦ୍ୱାରା କେବଳ ବାୟୁମଣ୍ଡଳ ପ୍ରଦୂଷିତ ହେଉନି ବରଂ ହଜାର ହଜାର ଏକର ଚାଷ ଜମି ପଡ଼ିଆ ପଡୁଛି। ସେହିପରି ରେମୁଣା ବ୍ଲକ ଶିଳ୍ପାଞ୍ଚଳରେ ବଡ଼ କାରଖାନା ସମେତ ୩ ଶହରୁ ଊର୍ଦ୍ଧ୍ୱ ଛୋଟବଡ଼ କଳକାରଖାନା ରହିଛି। ପ୍ରାୟ ୯୦ପ୍ରତିଶତ କଳକାରଖାନା ପ୍ରଦୂଷଣ ନିୟମ ଉଲ୍ଲଂଘନ କରୁଛନ୍ତି। ଦିନ ଦି'ପ୍ରହରରେ ମଧ୍ୟ ପ୍ରଦୂଷିତ କଳା ଧୂଆଁ ଆକାଶକୁ ଛାଡୁଛନ୍ତି। କେବଳ ଏତିକି ନୁହେଁ, ଅଧିକାଂଶ କଳକାରଖାନାର ବର୍ଜ୍ୟବସ୍ତୁ ପାଣିକୁ ବିନା ଟ୍ରିଟ୍‌ମେଣ୍ଟରେ ସେମାନେ ସୋନ ଓ ବୁଢ଼ାବଳଙ୍ଗ ନଦୀକୁ ଛାଡୁଛନ୍ତି। ନଦୀ ଜଳ ବି ପ୍ରଦୂଷିତ ହେଉଛି। ବର୍ଜ୍ୟବସ୍ତୁର ସୁପରିଚାଳନା ନ କରିବା ସହର ପରିବେଶ ପ୍ରଦୂଷିତ ହେବାର ଅନ୍ୟ ଏକ କାରଣ। ବର୍ଜ୍ୟବସ୍ତୁକୁ କମ୍ପୋଷ୍ଟ ନ କରି ଖୋଲାରେ ପକାଯାଉଛି। ଅମୃତ ସହର ଯୋଜନାରେ ସହର ଉପକଣ୍ଠରେ ଏକ ବର୍ଜ୍ୟବସ୍ତୁ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ହେବାର ନିଷ୍ପତ୍ତି ଥିବାବେଳେ ବିବାଦ ପାଇଁ ଉକ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନି। ଦ୍ରୁତ ଯାନବାହନ ବୃଦ୍ଧି ସହର ପ୍ରଦୂଷିତ ହେବାର ଅନ୍ୟ ଏକ ପ୍ରମୁଖ କାରଣ ହୋଇଛି। ବିଭିନ୍ନ ଆଳରେ ଗଛ କଟାଯାଉଛି। କିନ୍ତୁ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦିଆଯାଉ ନ ଥିବାରୁ ପ୍ରଦୂଷଣ ମାତ୍ରା ବଢ଼ି ଚାଲିଛି। ଯାହାକୁ ନେଇ ବୁଦ୍ଧିଜୀବୀମାନେ ଚିନ୍ତାବ୍ୟକ୍ତ କରିଛନ୍ତି।

– ମାନସ ବିଶ୍ୱାଳ

# ଭିନ୍ନକ୍ଷମମାନେ ସମାଜର ଗୁରୁତ୍ୱପୂର୍ଣ୍ଣ ଅଂଶ: ମୁଖ୍ୟମନ୍ତ୍ରୀ



**ରାଜ୍ୟସ୍ତରୀୟ ଭିନ୍ନକ୍ଷମ ଦିବସ ଉତ୍ସବ**

- ୮ ପ୍ରତିଭା ପୁରସ୍କୃତ
- ସମ୍ବଲପୁର ଜିଲାକୁ ‘ବେଷ୍ଟ ପର୍‌ଫର୍ମିଂ ଡିଷ୍ଟ୍ରିକ୍ଟ’ ପୁରସ୍କାର

**ଭୁବନେଶ୍ୱର, ୩।୧୨(ବ୍ୟୁରୋ)**

ଭିନ୍ନକ୍ଷମମାନେ ସମାଜର ଗୁରୁତ୍ୱପୂର୍ଣ୍ଣ ଅଂଶ। ସମାଜର ବିକାଶରେ ସେମାନଙ୍କର ମଧ୍ୟ ଅବଦାନ ରହିଛି। ଉପଯୁକ୍ତ ତାଲିମ ଓ ପ୍ରୋତ୍ସାହନ ଦ୍ୱାରା ସେମାନେ ମଧ୍ୟ ଦକ୍ଷତା ଓ ପ୍ରତିଭା ଦେଖାଇ ପାରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ବିଶ୍ୱ ଭିନ୍ନକ୍ଷମ ଦିବସ ଅବସରରେ ମଙ୍ଗଳବାର ଭୁବନେଶ୍ୱରର ଆଦିବାସୀ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ରାଜ୍ୟସ୍ତରୀୟ ଉତ୍ସବରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ଭିନ୍ନକ୍ଷମମାନେ ଯେପରି ସେମାନଙ୍କ ଅଧିକାରରୁ ବଞ୍ଚିତ ନ ହୁଅନ୍ତି, ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଥିବା ୮ଜଣ ପ୍ରତିଭାଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ। ପୁରସ୍କାର ବାବଦରେ ସେମାନଙ୍କୁ ୨୫,୦୦୦ଟଙ୍କା ଓ ସ୍ମାରକ ପ୍ରଦାନ କରାଯାଇଥିଲା। ପୁରସ୍କୃତ ବ୍ୟକ୍ତିମାନେ ହେଲେ ନୂଆପଡ଼ାର ରବି ଶବର, ଭଦ୍ରକର ମଦନ ମୋହନ ଚୌଧୁରୀ, ପୁରୀର ଗଜଲକ୍ଷ୍ମୀ ରାୟ, ଭଦ୍ରକର ରାଖାଲ କୁମାର ସେଠୀ, ରାୟଗଡ଼ାର ଅମରେନ୍ଦ୍ର ନାଥ, ଭୁବନେଶ୍ୱରର ସୁରେଶ ବେହେରା, ଅନୁଷ୍କା ଆଚାର୍ଯ୍ୟ ଓ ଦେବାଶିଷ ସେନାପତି। ମୁଖ୍ୟମନ୍ତ୍ରୀ ଦୁଇଜଣ ହିତାଧିକାରୀଙ୍କୁ ତିନିଚକିଆ ଗାଡ଼ି ଓ ଦୁଇଜଣ ଛାତ୍ରୀଛାତ୍ରଙ୍କୁ ଲାପଟପ୍ ପ୍ରଦାନ କରିଥିଲେ। ସମ୍ବଲପୁର ଜିଲାକୁ ଭିନ୍ନକ୍ଷମ କଲ୍ୟାଣ କ୍ଷେତ୍ରରେ ଉଲ୍ଲେଖନୀୟ କାମ ପାଇଁ ‘ବେଷ୍ଟ ପରଫର୍ମିଂ ଡିଷ୍ଟ୍ରିକ୍ଟ’ ଭାବେ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବାବଦରେ ୫୦,୦୦୦ଟଙ୍କା ଓ ସ୍ମାରକ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଭିନ୍ନକ୍ଷମମାନଙ୍କ ଦ୍ୱାରା ଆୟୋଜିତ ଫଟୋ ପ୍ରଦର୍ଶନୀ ଏବଂ ସେମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀର ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଏଥିସହିତ ବିଭାଗ ପକ୍ଷରୁ ପ୍ରସ୍ତୁତ ଏକ ୱେବ୍‌ପୋର୍ଟାଲ୍ ଓ ମୋବାଇଲ୍ ଆପ୍‌କୁ ଲୋକାର୍ପଣ କରିଥିଲେ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ କହିଲେ ଯେ, ବର୍ତ୍ତମାନ ରାଜ୍ୟରେ ୯ ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର କାର୍ଯ୍ୟ କରୁଛି। ଖୁବ୍‌ଶୀଘ୍ର ଆଉ କେତେକ ଜିଲାରେ ଏହି କେନ୍ଦ୍ର ପ୍ରତିଷ୍ଠା ହେବାକୁ ଯାଉଛି। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଶାସନ ସଚିବ ଭାସ୍କର ଶର୍ମା ଉପସ୍ଥିତ ଥିଲେ।



**କୋଠାବାଡ଼ି ପ୍ଲାନ୍ ଅନୁମୋଦନ ଅନ୍‌ଲାଇନରେ ହେବ**

ରାଜ୍ୟର ଭୁବନେଶ୍ୱର, କଟକ ସମେତ ୮ଟି ଉନ୍ନୟନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଲୋକମାନଙ୍କୁ କୋଠାବାଡି ନିର୍ମାଣ ପାଇଁ ଦିଆଯାଉଥିବା ଲେ-ଆଉଟ ପ୍ଲାନ୍ ଆଉ ମାନୁଆଲ ନୁହେଁ। ଅନ୍‌ଲାଇନ ମାଧ୍ୟମରେ ସମସ୍ତ କାର୍ଯ୍ୟ କରାଯିବ। ଲୋକମାନେ କାର୍ଯ୍ୟାଳୟକୁ ନ ଆସି ନିଜର ପ୍ଲାନ୍ ଅନୁମୋଦନ କରିପାରିବେ। ଏଥିପାଇଁ ଏକ ସଫ୍ଟୱେର ବିକାଶ କରାଯିବ। ଏହା ଦ୍ୱାରା ପ୍ଲାନ୍ ଅନୁମୋଦନ ତ୍ୱରାନ୍ୱିତ ହେବା ସହ ସ୍ୱଚ୍ଛତା ରକ୍ଷା କରାଯାଇ ପାରିବ ବୋଲି ନଗର ଉନ୍ନୟନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

# ଲୋକ ସଭାରେ 'ଫନୀ' ଚର୍ଚ୍ଚା

## ସ୍ୱତନ୍ତ୍ର ଧାନକୈନ୍ଦ୍ରିକ ରାଜ୍ୟ ସହ ଉଠିଲା କୋଇଲା ରୟାଲ୍‌ଟି ସଂଶୋଧନ ପ୍ରସଙ୍ଗ

ଭୁବନେଶ୍ୱର,୩।୧୨(ବ୍ୟୁରୋ)

ସାମୁଦ୍ରିକ ଝଡ 'ଫନୀ' ଦ୍ୱାରା ଉପକୂଳ ଓଡ଼ିଶାର ବହୁତ କ୍ଷତି ହୋଇଛି। ଓଡ଼ିଶାର ଭୌଗୋଳିକ ଅବସ୍ଥିତି ନିୟମିତ ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରୁଛି। 'ଫନୀ' ପୁନରୁଦ୍ଧାର ଏବଂ ଭିତ୍ତିଭୂମି ସଜଡା କାର୍ଯ୍ୟ ଜାରି ରହିଥିବାବେଳେ ନିକଟରେ 'ବୁଲ୍‌ବୁଲ' ମଧ୍ୟ ଉପକୂଳ ଓଡ଼ିଶାକୁ ପ୍ରଭାବିତ କରିଥିଲା। ତେଣୁ ରାଜ୍ୟ କେନ୍ଦ୍ରୀୟ ସହାୟତା ଏବଂ ଅନୁକମ୍ପାର ହକ୍‌ଦାର ବୋଲି ମଙ୍ଗଳବାର ବିଜେଡି ସଂସଦୀୟ ଦଳ ନେତା(ଲୋକ ସଭା) ପିନାକୀ ମିଶ୍ର ପାର୍ଲାମେଣ୍ଟରେ କହିଛନ୍ତି।

ଲୋକ ସଭାର ପ୍ରଶ୍ନକାଳ ଚାଲିଥିବା ସମୟରେ ଅଂଶଗ୍ରହଣ କରି ପିନାକୀ କହିଥିଲେ ଯେ ଫନୀ ଦ୍ୱାରା ପୁରୀ ଜିଲା ବହୁତ କ୍ଷତିଗ୍ରସ୍ତ ହୋଇଛି। ଏମ୍‌ପି ଜୁଏଲ ଓରାମ ପ୍ରଶ୍ନ କରିଥିବାରୁ ଧନ୍ୟବାଦ, ହେଲେ ସେ ଏଥିରେ ରାଜନୀତି ଭର୍ତ୍ତି କରିଦେଇଛନ୍ତି। ବିଶ୍ୱବ୍ୟାଙ୍କ୍, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପୁନରୁଦ୍ଧାର କାର୍ଯ୍ୟ ନେଇ ସମସ୍ତେ ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଚେଷ୍ଟା କାରଣରୁ ଏହି ବିପତ୍ତି ସମୟରେ ପ୍ରାୟ ୧୨ ଲକ୍ଷ ଲୋକଙ୍କୁ ଉଦ୍ଧାର କରାଯାଇଥିଲା। ମାତ୍ର ୭ରୁ ୮ ଲୋକଙ୍କ ମୃତ୍ୟୁ ହୋଇଛି। ୨୫ରୁ ୩୦ ହଜାର କୋଟି ଟଙ୍କାର କ୍ଷତି ହୋଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏଠାରେ ବସିଛନ୍ତି। ସେ ନିଶ୍ଚିତ ଭାବେ ବୁଝି ପାରିଥିବେ, ଫନୀ କେତେ ଭୟାନକ ଥିଲା । ଝଡ଼ ଯେଉଁ ସ୍ଥାନ ଦେଇ ଅତିକ୍ରମ କରିଥିଲା, ସେହି ସମସ୍ତ ସ୍ଥାନରେ ଗଛ, ବିଦ୍ୟୁତ୍ ଖୁଣ୍ଟ ଏବଂ କଚ୍ଚାଘର ଛିଡା ହୋଇ ପାରି ନ ଥିଲା। ପ୍ରତିବର୍ଷ ଓଡ଼ିଶାକୁ ଏପରି ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁଛି, ଅନ୍ୟ କୌଣସି ରାଜ୍ୟକୁ ଏପରି ଦୁର୍ଦ୍ଦଶାର ସାମ୍ନା କରିବାକୁ ପଡୁନାହିଁ। ତେଣୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରକୁ ଦେଇଥିବା ପ୍ରସ୍ତାବ ସ୍ୱତନ୍ତ୍ର ଅନୁଦାନ ଏବଂ ସ୍ୱତନ୍ତ୍ର ଧାନକୈନ୍ଦ୍ରିକ ସହାୟତା ପ୍ରଦାନ କରାଯାଉ ବୋଲି ପିନାକୀ କହିଥିଲେ। ଓଡ଼ିଶା ଯେପରି ନିଜସ୍ୱ ସମ୍ବଳ ବୃଦ୍ଧି କରିପାରିବ, ସେ ଦିଗରେ କେନ୍ଦ୍ର ପଦକ୍ଷେପ ନେଉ। କୋଇଲା, ଲୁହାପଥର ଏବଂ ମାଙ୍ଗାନିଜ ଆଦିର ରୟାଲ୍‌ଟି ସଂଶୋଧନ କରାଯାଉ। ଏହା ଦ୍ୱାରା ଓଡ଼ିଶାକୁ ଆଉ ଭିକ ମାଗିବାକୁ ବାରମ୍ବାର ଦିଲ୍ଲୀ ଆସିବାକୁ ପଡିବ ନାହିଁ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ପିନାକୀ ଅନୁରୋଧ କରିଥିଲେ। ପିନାକୀଙ୍କ ଉପସ୍ଥାପନା ପରେ କେନ୍ଦ୍ର ପକ୍ଷରୁ ଉତ୍ତର ରଖି ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଥିଲେ ଯେ, କେନ୍ଦ୍ର ଦେଇଥିବା ସହାୟତା ଏବଂ ରାଜ୍ୟ ପକ୍ଷରୁ ମଗାଯାଇଥିବା ଅନୁଦାନ ମଧ୍ୟରେ ପ୍ରଭେଦ ରହିଛି। ହେଲେ ଅନୁଦାନ ଦେବା ଏକ ପ୍ରକିୟା, ଓଡ଼ିଶାର ସ୍ଥିତି ନେଇ କ୍ୟାବିନେଟ୍ ସଚିବଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ ସଙ୍କଟ ପ୍ରବର୍ତ୍ତନ ସମିତି ପକ୍ଷରୁ ଫନୀ ପାଇଁ ୧୯ ଏପ୍ରିଲରୁ ୧୦ ମେ ମଧ୍ୟରେ ୧୧ ଥର ବୈଠକ କରିଛି। ଏହାର ରିପୋର୍ଟ ଆଧାରରେ ସହାୟତା ପ୍ରଦାନ କରାଯାଉଥିବା ଉଲ୍ଲେଖ କରିଥିଲେ। ସୁନ୍ଦରଗଡ ଏମ୍‌ପି ଜୁଏଲ୍ ଓରାମ ଫନୀ ସହାୟତା ନେଇ କେନ୍ଦ୍ର କେତେ ଅର୍ଥ ଦେଇଛି, ସେ ସମ୍ପର୍କରେ ପ୍ରଶ୍ନ ପଚାରିଥିଲେ। ଏହାର ଉତ୍ତରରେ ନିତ୍ୟାନନ୍ଦ ରାଏ କହିଥିଲେ ଯେ, ଏନ୍‌ଡିଆରଏଫ୍ ଗାଇଡ୍‌ଲାଇନ ଅନୁଯାୟୀ ଓଡ଼ିଶାକୁ ୩୩୩୮ କୋଟି ଟଙ୍କାର ସହାୟତା ଦିଆଯାଇଥିଲା। ଏହା ବ୍ୟତୀତ ଫନୀ ପରବର୍ତ୍ତୀ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗସ୍ତ କରି ୧୦୦୦ କୋଟି ଏବଂ ପୂର୍ବରୁ ୩୪୦.୮୭୫ କୋଟି ଟଙ୍କାର ସହାୟତା ପ୍ରଦାନ କରିଥିବା ନିତ୍ୟାନନ୍ଦ ଉଲ୍ଲେଖ କରିଥିଲେ। ଏହିପରି ଭାବେ କେନ୍ଦ୍ର ୪୬୭୯.୦୯ କୋଟି ଟଙ୍କା କେବଳ ଫନୀ ବାବଦକୁ ପ୍ରଦାନ କରିଥିବା ଜଣାପଡିଛି।

### ବୁଲ୍‌ବୁଲ୍: ଓଡ଼ିଶାକୁ ମିଳିଛି ୫୫୨ କୋଟି

**ଭୁବନେଶ୍ୱର, ୩।୧୨ (ବ୍ୟୁରୋ):** ବାତ୍ୟା 'ବୁଲ୍‌ବୁଲ' କ୍ଷତି ଭରଣା ପାଇଁ କେନ୍ଦ୍ର ସରକାର ଓଡ଼ିଶାର ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି(ଏସ୍‌ଡିଆରଏଫ୍)କୁ ୫୫୨ କୋଟି ଟଙ୍କା ପ୍ରଦାନ କରିଛନ୍ତି। ମଙ୍ଗଳବାର ଲୋକ ସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଜି. କିଷନ ରେଡ୍ଡୀ। ପଶ୍ଚିମବଙ୍ଗ ସରକାର ଜଣାଇଥିଲେ ଯେ, ବୁଲ୍‌ବୁଲ ଯୋଗୁ ରାଜ୍ୟରେ ୧୧ ଜଣଙ୍କର ଜୀବନହାନି ହୋଇଥିବାବେଳେ ୩୫.୫୭ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ସେହିପରି ଓଡ଼ିଶା ସରକାର ଜଣାଇଥିଲେ ଯେ, ବାତ୍ୟା ଯୋଗୁ ରାଜ୍ୟରେ କୌଣସି ଜୀବନହାନି ହୋଇ ନ ଥିବାବେଳେ ୩୮.୦୮ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। କ୍ଷତିଭରଣା ପାଇଁ ପଶ୍ଚିମବଙ୍ଗକୁ ୪୧୪.୯୦ କୋଟି ଏବଂ ଓଡ଼ିଶାକୁ ୫୫୨ କୋଟି ଟଙ୍କା ପ୍ରଦାନ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ ଯେ ନଭେମ୍ବର ୯ ତାରିଖରେ ବାତ୍ୟା ବୁଲ୍‌ବୁଲ ଓଡ଼ିଶା ଉପକୂଳ ଦେଇ ପଶ୍ଚିମବଙ୍ଗର ସୁନ୍ଦରବନରେ ସ୍ଥଳଭାଗ ଅତିକ୍ରମ କରିଥିଲା।


#MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ରାଜଶ୍ରୀ ପ୍ରଭାତି ମହାନ୍ତି



ସ୍ୱିନୋଜ ପଟ୍ଟନାୟକ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର


# ୫ରୁ ମିଶନ ଶକ୍ତି ମେଳା

ଭୁବନେଶ୍ୱର, ୩।୧୨(ବ୍ୟୁରୋ)

ମିଶନ ଶକ୍ତି ନିର୍ଦ୍ଦେଶାଳୟ, ମହିଳା ଓ ଶିଶୁ ବିକାଶ ଏବଂ ମିଶନ୍ ଶକ୍ତି ବିଭାଗ ପକ୍ଷରୁ ରାଜ୍ୟରେ ପ୍ରଥମ ଥର ପାଇଁ ଆସନ୍ତା ୫ତାରିଖରୁ 'ମିଶନଶକ୍ତିମେଳା' ଆୟୋଜିତ ହେବ। ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ଦ୍ରବ୍ୟର ବିକ୍ରୟ ଲାଗି ବିଭାଗ ପକ୍ଷରୁ ଇଉ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଏହି ମେଳାର ଆୟୋଜନ କରାଯାଉଛି। ମେଳାରେ ୨୦୦ ଷ୍ଟଲ ମାଧ୍ୟମରେ ବିଭିନ୍ନ ପ୍ରକାରର ହସ୍ତତନ୍ତ, ହସ୍ତଶିଳ୍ପ, ଜଙ୍ଗଲଜାତ ଦ୍ରବ୍ୟ, ଖାଦ୍ୟ ଜାତୀୟ ଦ୍ରବ୍ୟ, ମସଲା ଏବଂ ଅଣକୃଷି ଜାତୀୟ ଦ୍ରବ୍ୟ ପ୍ରଦର୍ଶନ ଓ ବିକ୍ରୟ କରାଯିବ। ଭୁବନେଶ୍ୱର ଭଳି ସହରାଞ୍ଚଳର ଲୋକମାନଙ୍କ ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପଦାର୍ଥ ବିଷୟରେ ସୂଚନା ଦେବା ଏବଂ ଏହାକୁ ଉପଲବ୍ଧ କରାଇବା ମେଳାର ଉଦ୍ଦେଶ୍ୟ। ଏହା ଗ୍ରାମାଞ୍ଚଳ ଓ ସହରାଞ୍ଚଳର ମହିଳା ଉତ୍ପାଦକ ଗୋଷ୍ଠୀମାନଙ୍କ ଦ୍ୱାରା ଉତ୍ପାଦିତ ପଦାର୍ଥର ପ୍ରଦର୍ଶନ, ବିକ୍ରୟ ପାଇଁ ବଜାର ବ୍ୟବସ୍ଥା ଓ ଖାଉଟିମାନଙ୍କ ପ୍ରାଥମିକତା ଆଧାରରେ ପଦାର୍ଥଗୁଡ଼ିକର ମାନବୃଦ୍ଧି କରାଇବାରେ ବିଶେଷ ସହାୟକ ହେବ। ମେଳାରେ ବିଭିନ୍ନ ପ୍ରକାରର ଗ୍ରାମୀଣ ଦ୍ରବ୍ୟ ଯଥା ହସ୍ତତନ୍ତ, ହସ୍ତକଳା, ଜଙ୍ଗଲଜାତ ଦ୍ରବ୍ୟ, ବିଭିନ୍ନ ଖାଦ୍ୟ ପଦାର୍ଥ, ମସଲା ଏବଂ ଅଣକୃଷି ଜାତୀୟ ଦ୍ରବ୍ୟ ଆଦି ଉପଲବ୍ଧ ହେବ। ମେଳାକୁ ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁ ଉଦ୍‌ଘାଟନ କରିବେ ବୋଲି ମିଶନ ଶକ୍ତିର କମିଶନର ତଥା ନିର୍ଦ୍ଦେଶକ ସୁଜାତା ଆର୍. କାର୍ତ୍ତିକେୟନ ସୂଚନା ଦେଇଛନ୍ତି। ମଙ୍ଗଳବାର ବିଭାଗ ପକ୍ଷରୁ ମିଶନ ଶକ୍ତି ଭବନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୁଜାତା ଆର୍. କାର୍ତ୍ତିକେୟନ କହିଥିଲେ, ରାଜ୍ୟର ଗ୍ରାମାଞ୍ଚଳ ଓ ସହରାଞ୍ଚଳର ମହିଳା ସଶକ୍ତୀକରଣ ପାଇଁ ୨୦୦୧ରେ ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ମିଶନ ଶକ୍ତି ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିଛି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଉତ୍ପାଦକ ଗୋଷ୍ଠୀଙ୍କୁ ସ୍ଥାୟୀ ରୋଜଗାର ଉତ୍ସ ମାଧ୍ୟମରେ ଦୀର୍ଘ ରୋଜଗାର ଯୋଗାଇଦେବା ଏହାର ପ୍ରମୁଖ ଆଭିମୁଖ୍ୟ। ସ୍ଥାନୀୟ ପ୍ରଦର୍ଶନୀ ପଡ଼ିଆରେ ଆସନ୍ତା ୫ତାରିଖରୁ ଆରମ୍ଭ ହେବାକୁ ଥିବା ଏହି ମେଳା ଡିସେମ୍ବର ୧୬ ପର୍ଯ୍ୟନ୍ତ ପ୍ରତ୍ୟହ ସକାଳ ୧୧ଟାରୁ ରାତି ୯ଟା ପର୍ଯ୍ୟନ୍ତ ଚାଲିବ। ୩୦ ଜିଲାର ୨୫୧ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଉତ୍ପାଦକ ଗୋଷ୍ଠୀରୁ ୫୦୦ରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ ସେମାନଙ୍କ ଦ୍ରବ୍ୟ ସହିତ ଅଂଶଗ୍ରହଣ କରିବେ। ଖବରଦାତା ସମ୍ମିଳନୀରେ ମିଶନ ଶକ୍ତି ଯୁଗ୍ମ ସଚିବ ସୁଧାଂଶୁ ଶେଖର ନାୟକ ଏବଂ ଉପସଚିବ ବିନୋଦ କୁମାର ଜେନା ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ମିଶନ ଶକ୍ତିର କମିଶନର ତଥା ନିର୍ଦ୍ଦେଶକ ସୁଜାତା ଆର୍. କାର୍ତ୍ତିକେୟନ ସୂଚନା ପ୍ରଦାନ କରୁଛନ୍ତି।

- ଯୋଗଦେବେ ୨୫୧ ସ୍ୱୟଂ ସହାୟକ ଗୋଷ୍ଠୀ
- ଗ୍ରାମୀଣ ଦ୍ରବ୍ୟର ହେବ ସମାହାର

# କୃଷି ପରିବେଶକୁ ଧ୍ୱଂସ କରୁଛି କର୍ପୋରେଟ୍ ଶୈଳ୍ପିକ କୃଷି

ଭୁବନେଶ୍ୱର, ୩।୧୨(ବ୍ୟୁରୋ)



ଗ୍ରୀନ୍‌ପିସ୍ ଇଣ୍ଡିଆ ଦ୍ୱାରା ମହିଳା ଶ୍ରମଜୀବୀ ମଞ୍ଚ, ଓଡ଼ିଶା ଏବଂ ଓଡ଼ିଶା ଶ୍ରମଜୀବୀ ମଞ୍ଚ ସହଯୋଗରେ ମାଟି ସ୍ୱାସ୍ଥ୍ୟର ସ୍ଥିତି ଏବଂ ଓଡ଼ିଶାରେ କୃଷିର ନିରନ୍ତରତା ଉପରେ ଏକ ପରାମର୍ଶ ସଭା ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା ଯୋଗଦେଇ କୃଷି ପରିବେଶର ଧ୍ୱଂସ ସାଧନ ପାଇଁ କର୍ପୋରେଟ ନିୟନ୍ତ୍ରିତ ଶୈଳ୍ପିକ କୃଷିକୁ ଦାୟୀ କରିଥିଲେ। ଯଦି ଆମେ କୃଷିର ଅର୍ଥନୈତିକ ଏବଂ ପାରିବେଶିକ ନିରନ୍ତରତାକୁ ରକ୍ଷା କରିବାକୁ ଚାହୁଁ, ତେବେ କର୍ପୋରେଟ କୃଷି ନୁହେଁ, ସମବାୟ କୃଷି ଲୋଡ଼ା ବୋଲି ସାମନ୍ତରା ଗୁରୁତ୍ୱାରୋପ କରିଥିଲେ। ଓୟୁଏଟି ମୃତ୍ତିକା ବିଶେଷଜ୍ଞ ପ୍ରଫେସର ଆର.କେ. ରାଉତ କହିଥିଲେ, ଜମିରେ ଅତ୍ୟଧିକ କୃଷି ରସାୟନ ବ୍ୟବହାର ମାଟିର ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ଏହାଦ୍ୱାରା ଆମର ଜଳଉତ୍ସ, ଜୈବ ସନ୍ତୁଳନ ଏବଂ ବାୟୁମଣ୍ଡଳ ଉପରେ ପ୍ରତିକୂଳ ପ୍ରଭାବ ପଡୁଛି। ମାଟିର ସ୍ୱାସ୍ଥ୍ୟ ଆବଶ୍ୟକତାକୁ ଗୁରୁତ୍ୱପୂର୍ଣ୍ଣ ଦର୍ଶାଇ ଗ୍ରୀନ୍‌ପିସ୍ ଇଣ୍ଡିଆର ବରିଷ୍ଠ ପ୍ରଚାରକ ଇସ୍ତେୟାକ ଅହମଦ କହିଥିଲେ, ଜୀବନ୍ତ ମାଟିର ପାରିବେଶିକ ସ୍ଥିତି ବୃକ୍ଷଲତାଗୁଡ଼ିକୁ ଏକ ସୁସ୍ଥ ମାଧ୍ୟମ ଦେଇ ଲାଳନ ପାଳନ କରେ। ଜୀବିତ ମାଟି ଅଭିଯାନ ମାଧ୍ୟମରେ ଗ୍ରୀନ୍‌ପିସ୍ ଇଣ୍ଡିଆ ମାଟିର ସ୍ୱାସ୍ଥ୍ୟ ପ୍ରସଙ୍ଗ ଉପରେ ଏକ ଜାତୀୟ ବିତର୍କର ସୂତ୍ରପାତ ସହ ଏହାର ନିର୍ଭରଯୋଗ୍ୟ ସମାଧାନ ଚିହ୍ନଟ ତଥା ଗୁରୁତ୍ୱ ପ୍ରଦାନ କରିବାକୁ ପ୍ରୟାସ କରୁଛି। ଏହି ଅବସରରେ ପ୍ରଫେସର ରାଧାମୋହନ ଏବଂ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଉପସ୍ଥିତ ଥିଲେ। ବହୁ ଜୈବିକ ଚାଷୀ ଓ କୃଷି ବିଶେଷଜ୍ଞ ଯଥା- ନଟବର ଷଡ଼ଙ୍ଗୀ, ଦେବଜିତ ମହାନ୍ତି, ଅନାଦି ଯାଦବ, ସୀମାଞ୍ଚଳ ଜୀ ଏବଂ ଅକ୍ଷୟ ବିଶ୍ୱାଳ, ବିଶ୍ୱଜିତ ମହାନ୍ତି, ଗିରି ରାଓ କାର୍ଯ୍ୟକ୍ରମରେ ବକ୍ତବ୍ୟ ପ୍ରଦାନ କରିଥିଲେ। ରାଜ୍ୟରେ ରାସାୟନିକ କୃଷିର ପାରିବେଶିକ, ସାମାଜିକ, ଆର୍ଥନୀତିକ ଏବଂ ସାଂସ୍କୃତିକ ପ୍ରଭାବ ସମ୍ପର୍କରେ ମୌଳିକ ଜ୍ଞାନର ବିକାଶ ଲାଗି ଏହି ସଭାରେ ବିଭିନ୍ନ ଭାଗୀଦାର ଯଥା ଚାଷୀ, କୃଷି ବିଶେଷଜ୍ଞ, ସମ୍ପୃକ୍ତ ସରକାରୀ ଅଧିକାରୀ, ସିଏସ୍‌ଓ ପ୍ରତିନିଧି ଏବଂ ପ୍ରଭାବିତ ଜନସାଧାରଣ ଯୋଗ ଦେଇଥିଲେ।

### ବାଲେଶ୍ୱର-ବାଙ୍ଗିରିପୋଷି ଡିଏମ୍ୟୁରେ ନିଆଁ

**ବାରିପଦା ଅଫିସ,୩।୧୨:** ବାଲେଶ୍ୱର -ବାଙ୍ଗିରିପୋଷି ଡିଏମ୍ୟୁ ଟ୍ରେନ୍‌ର ବ୍ୟାଟେରି ବକ୍ସରେ ମଙ୍ଗଳବାର ଶର୍ଟସର୍କିଟ ଯୋଗୁ ଏହି ନିଆଁ ଲାଗିଯାଇଥିଲା। ଏଥିଯୋଗୁ କୌଣସି ବିଶେଷ କ୍ଷୟକ୍ଷତି ହୋଇ ନାହିଁ। ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳକୁ ଆସି ନିଆଁକୁ ଆୟତ୍ତ କରିଥିଲେ। ସୂଚନା ମୁତାବକ ଏହି ଟ୍ରେନ (ନଂ.୭୮୦୧୫) ମଧ୍ୟାହ୍ନ ୧୨ଟା ୫୦ରେ ବାଙ୍ଗିରିପୋଷି ଷ୍ଟେଶନରୁ ବାଲେଶ୍ୱର ଅଭିମୁଖେ ଛାଡ଼ିଥାଏ। ଏହି ସମୟରେ ଟ୍ରେନର ବ୍ୟାଟେରି ବକ୍ସରୁ ଧୂଆଁ ବାହାରିଥିଲା।


**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**୧ମ ଶୁଦ୍ଧିପତ୍ରର** ସନ୍ଦର୍ଭ

ଟେଣ୍ଡର ବିଜ୍ଞପ୍ତି ନଂ.: ସିଇସି/ବିଏସ୍‌ପି/୧୯-୨୦/୫୫, ତାରିଖ: ୨୧।୧୧।୨୦୧୯

କାର୍ଯ୍ୟ: ''ଛିନ୍ଦୱାଡ଼ା - ନୈନପୁର - ମାଣ୍ଡଲାଫୋର୍ଟ ଗେଜ୍ ପରିବର୍ତ୍ତନ ପ୍ରକଳ୍ପ ସଂକ୍ରାନ୍ତରେ ପଲାରୀରୁ ଛିନ୍ଦୱାଡ଼ା ପର୍ଯ୍ୟନ୍ତ ପି.ୱେ ସାମଗ୍ରୀଗୁଡ଼ିକର ପରିବହନର ବଳକା କାର୍ଯ୍ୟ'': ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିରେ ନିମ୍ନଲିଖିତ ପରିବର୍ତ୍ତନ କରାଯାଇଛି:

| କ୍ର.ସଂ. | ବର୍ଣ୍ଣନା | ମୂଳ ଏନ୍‌ଆଇଟିରେ ଦର୍ଶାଯାଇଥିବା ଅନୁଯାୟୀ | ସଂଶୋଧିତ |
|---|---|---|---|
| ୧. | ଇଏମ୍‌ଡି | ₹୫,୫୭,୪୦୦/- | ₹୬,୦୭,୪୦୦ |

ମୂଳ ଏନ୍‌ଆଇଟିରେ ଦର୍ଶାଯାଇଥିବା ଅନୁଯାୟୀ ଅନ୍ୟ ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ । ଏହାକୁ ଆମ ୱେବ୍‌ସାଇଟ୍: www.ireps.gov.inରେ ଅପ୍‌ଲୋଡ୍ କରାଯାଇଛି ।

CPR/10/345 ଡେପୁଟି ଚିଫ୍ ଇଞ୍ଜିନିୟର/ନିର୍ମାଣ/ବିଳାସପୁରଙ୍କ ପାଇଁ

South East Central Railway @secrail

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ବିବିଧ କାର୍ଯ୍ୟ ପାଇଁ ଇ-ଟେଣ୍ଡର ବିଜ୍ଞପ୍ତି**

ଟେଣ୍ଡର ବିଜ୍ଞପ୍ତି ନଂ.: ସିଇସି/ବିଏସ୍‌ପି/୧୯-୨୦/୫୬, ତାରିଖ: ୨୮।୧୧।୨୦୧୯ (ଖୋଲା ଟେଣ୍ଡର)

କାର୍ଯ୍ୟର ନାମ: ''ଛିନ୍ଦୱାଡ଼ା - ନୈନପୁର - ମାଣ୍ଡଲା ଫୋର୍ଟ ଗେଜ୍ ପରିବର୍ତ୍ତନ ପ୍ରକଳ୍ପ ସଂକ୍ରାନ୍ତରେ ସିଓନି ଓ ନୈନପୁର ସେକ୍ସନ ମଧ୍ୟରେ ଶିଫ୍ଟେଡ୍ ଆଲାଇନ୍‌ମେଣ୍ଟରେ ବ୍ରୋଡ୍ ଗେଜ୍ ପାଇଁ ୧୦ ଗୋଟି ବଡ଼ ସେତୁର ବଳକା କାର୍ଯ୍ୟ, ସେତୁ ଆପ୍ରୋଚ୍‌ରେ ମାଟିକାମ, ସୁରକ୍ଷା କାର୍ଯ୍ୟ, ତତ୍‌ସମ୍ପର୍କିତ ତଥା ବିବିଧ କାର୍ଯ୍ୟ ନିର୍ବାହ''। ଟେଣ୍ଡର ମୂଲ୍ୟ: ₹୯୩୮.୨୪୨ ଲକ୍ଷ । ଇଏମ୍‌ଡି: ₹୬,୧୯,୨୦୦/-। ଟେଣ୍ଡର କାଗଜପତ୍ର ମୂଲ୍ୟ: ₹୧୦,୦୦୦/-। କାର୍ଯ୍ୟର ସମାପ୍ତି ଅବଧି: ୦୫ ମାସ । ଟେଣ୍ଡର ସମାପ୍ତିର ତାରିଖ ଓ ସମୟ: ତା୨୪।୧୨।୨୦୧୯ରିଖ ୧୫.୦୦ ଘଟିକା । ଟେଣ୍ଡର କାଗଜପତ୍ର ସମ୍ପର୍କିତ ଅଧିକ ବିବରଣୀ, ଯୋଗ୍ୟତା ମାନଦଣ୍ଡ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ଚିଫ୍ ଆଡ୍‌ମିନିଷ୍ଟ୍ରେଟିଭ୍ ଅଫିସର/ନିର୍ମାଣ/ଏସ୍.ଇ.ସି.ଆର୍./ବିଳାସପୁର, ପିନ୍-୪୯୫୦୦୪ଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ କିମ୍ବା ଆମ ୱେବ୍‌ସାଇଟ୍ www.ireps.gov.in ଦେଖନ୍ତୁ ।

CPR/10/343 ଡେପୁଟି ଚିଫ୍ ଇଞ୍ଜିନିୟର/ସିଓଏନ୍ ଏସ୍.ଇ.ସି. ରେଳପଥ, ବିଳାସପୁର

South East Central Railway @secrail


■ ଭାପୁର ବ୍ଲକରେ ଦୁର୍ନୀତିର ତଦନ୍ତ, ଏବିଡିଓଙ୍କ ବଦଳି ଦାବି

# ଆମରଣ ଅନଶନରେ ବସିଲେ ଜନପ୍ରତିନିଧି

ନୟାଗଡ଼ ଅଫିସ/ଭାପୁର (ଡି.ଏନ୍.ଏ.),୩।୧୨

ନୟାଗଡ଼ ଜିଲା ଭାପୁର ବ୍ଲକରେ ହୋଇଥିବା ବିଭିନ୍ନ ଦୁର୍ନୀତିର ତଦନ୍ତ ଓ ଏବିଡିଓଙ୍କ ବଦଳି ଦାବିରେ ମଙ୍ଗଳବାର ପଞ୍ଚାୟତ ଜନପ୍ରତିନିଧି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ପୂର୍ବାହ୍ନ ୧୧ଟାରେ ଯୁବନେତା ଜିତେନ୍ଦ୍ର କୁମାର ରଣସିଂଙ୍କ ନେତୃତ୍ୱରେ ଗୋଳାପୋଖରୀ ସମିତିସଭ୍ୟା ସସ୍ମିତା ସାହୁ, ସରପଞ୍ଚ ଲକ୍ଷ୍ମୀଧର ସାମନ୍ତରାୟ, ଚକ୍ରଧର ପ୍ରସାଦ ସମିତିସଭ୍ୟ ପ୍ରଦୀପ ଜେନା, ଭଗବାନପୁର ସମିତିସଭ୍ୟ ବସନ୍ତ କୁମାର ପ୍ରଧାନ, ଭାପୁର ସମିତିସଭ୍ୟା ବିଷ୍ଣୁପ୍ରିୟା ନାୟକଙ୍କ ସମେତ ବିଜେଡିର ୨୧ ଜଣ ସକ୍ରିୟ କର୍ମୀ ବ୍ଲକ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନରେ ବସିଥିଲେ। ଏମାନଙ୍କୁ ସମର୍ଥନ କରି ଶତାଧିକ ବ୍ୟକ୍ତି ଅନଶନରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା।

ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁଯାୟୀ, ଭାପୁର ବ୍ଲକରେ ପ୍ରାୟ ବର୍ଷେ ହେଲା ବିଡିଓ ପଦବୀ ଖାଲି ପଡ଼ିଥିବା ବେଳେ ଏବିଡିଓ ଅନ୍ତର୍ଯ୍ୟାମୀ ଦାସ ଅତିରିକ୍ତ ଦାୟିତ୍ୱରେ ଅଛନ୍ତି। ଦାସଙ୍କ ସମୟରେ ବ୍ଲକରେ ଦୁର୍ନୀତି ସୀମା ଟପିବାରେ ଲାଗିଛି। ବିଭିନ୍ନ ସରକାରୀ ଯୋଜନାରେ ସାମିଲ ହେବା ପାଇଁ ମୋଟା ଆକାରର ଅର୍ଥ ଦାବି କରାଯାଉଛି। ଅର୍ଥ ନ ଦେଲେ ହିତାଧିକାରୀଙ୍କୁ ଯୋଜନାରୁ ବଞ୍ଚିତ କରାଯାଉଛି। ସେହିଭଳି ପିସି ନ ଦେଲେ କୌଣସି ଠିକାଦାରଙ୍କ ବିଲ୍ ହେଉନାହିଁ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏସ୍‌ଇସିସି ତାଲିକାରେ ନାମ ଥିବା ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦିଆଯାଇ ପକ୍କାଘର ଥିବା ବ୍ୟକ୍ତିଙ୍କଠାରୁ ୨୦ରୁ ୩୦ ହଜାର ଟଙ୍କା ଲାଞ୍ଚ ନେଇ କାର୍ଯ୍ୟାଦେଶ ଦିଆଯାଇଛି। ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଆମ ଗାଁ ଆମ ବିକାଶ, ରାଜ୍ୟ ସଭା ହାତପାଣ୍ଠି, ଫନୀ, ଗୋପବନ୍ଧୁ ଗ୍ରାମୀଣ ଯୋଜନା ଓ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟରେ କାମ କରା ନ ଯାଇ ମିଥ୍ୟା ବିଲ୍ ମାଧ୍ୟମରେ କୋଟି କୋଟି ଟଙ୍କା ହଡ଼ପ କରାଯାଇଛି। ୨୨ ପ୍ରତିଶତ ପିସି ନ ଦେଲେ କୌଣସି କାର୍ଯ୍ୟର ବିଲ୍ ପାସ ହେଉ ନ ଥିବା ଜନପ୍ରତିନିଧିମାନେ ଅଭିଯୋଗ କରିଛନ୍ତି। ତେଣୁ ତୁରନ୍ତ ଏବିଡିଓଙ୍କୁ ବଦଳି ସହ ସପ୍ତାହକ ଭିତରେ ବ୍ଲକରେ ହୋଇଥିବା ବିଭିନ୍ନ ଦୁର୍ନୀତିର ତଦନ୍ତ ପାଇଁ ଅନଶନକାରୀ ଦାବି କରିଛନ୍ତି। ଅନ୍ୟପକ୍ଷେ ଆନ୍ଦୋଳନସ୍ଥଳରେ ଏକ ଭିନ୍ନ ଚିତ୍ର ଦେଖିବାକୁ ମିଳିଥିଲା। ବିଜୁ ଜନତା ଦଳର ଗୋଟିଏ ଗୋଷ୍ଠୀ ପ୍ରଶାସନକୁ ବିରୋଧ କରି ଅନଶନରେ ବସିଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ ପ୍ରଶାସନକୁ ସମର୍ଥନ କରିଥିବା ଦେଖାଯାଇଥିଲା। ଅପରାହ୍ନ ୪ଟା ୩୦ରେ ଭାପୁର ତହସିଲଦାର ଡ. ସୁନିତା ଜେନା ଘଟଣାସ୍ଥଳରେ ପହଞ୍ଚି ଅନଶନକାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଏ ନେଇ ଏବିଡିଓ ଦାସଙ୍କୁ ପଚାରିବାରୁ ତାଙ୍କ ନିକଟରେ ଦୁର୍ନୀତି ସମ୍ପର୍କରେ କୌଣସି ଅଭିଯୋଗ ନ କରି ଜନପ୍ରତିନିଧିମାନେ ଅନଶନରେ ବସିଛନ୍ତି ବୋଲି କହିଥିଲେ। ସୂଚନାଯୋଗ୍ୟ ଭାପୁର ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା, ପରିମଳ ଯୋଜନା ଏବଂ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଦି ଯୋଜନାଗୁଡିକରେ ଅନିୟମିତତା ହୋଇଥିବା ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ଅଭିଯୋଗ ଆଣିଛନ୍ତି। ଏପରି କି ଏସବୁ ଅଭିଯୋଗ ନେଇ ଗତ ସପ୍ତାହରେ ଜନପ୍ରତିନିଧିମାନେ ଜିଲାପାଳଙ୍କଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ବିଭିନ୍ନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାର କିଛି ସମାଧାନ ନ ହେବାରୁ ସେମାନେ ଆମରଣ ଅନଶନରେ ବସିଛନ୍ତି।




ଧାରଣାରେ ବସିଥିବା ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି।


**THE ANGUL UNITED CENTRAL CO-OP. BANK, ANGUL**

We Believe in Growth

Regd. No.9D Dt.08.10.1956
Reserve Bank License No.RPCD, Bhubaneswar/14/2011-12 Dt.02.05.2012
At/P.O/Dist. - Angul, In front of Collector's Office, Near NH-55,Telephone No. (06764) 233116, 230350




**OUR OFFICE**

Sri Bhakteswar Malik, Secretary
Sri Akshaya Ku. Mohanty, President

**FACILITIES PROVIDED**

- Provide Higher Rate of Interest in Deposits
- Covered under Deposit Insurance Credit Gurantee Scheme
- Issue of Bank Draft all over India.
- Safe Deposit Locker facilities available.
- Kissan Credit Card Loan @1% interest.
- Financing JLG @1% interest upto Rs.50,000/-
- Advancing Farm Mechanization / Agril. Term Loan.
- Issue of Rupay Kissan Credit Card.
- Fully computerized - Core Banking Solution (CBS)
- Direct RTGS / NEFT / IMPS.
- ATM facilities available.
- PACS as One Stop Shop / Multi Service Center
- Provide input facilities to the farmer members through PACS.
- Micro ATM facilities are available at PACS level for Deposit & Drawal.

**FINANCIAL HIGH LIGHTS**

| PARTICULARS | | 31.03.2019 (Rs. in Crores) |
|---|---|---|
| WORKING CAPITAL | : | 1741.39 |
| DEPOSITS | : | 937.60 |
| LOANS AND ADVANCES | : | 776.91 |
| RESERVES | : | 71.26 |
| INVESTMENTS | : | 847.25 |
| SHARE CAPITAL | : | 78.33 |
| PROFIT | : | 41.10 |
| CRAR | : | 20.81% |
| NO. OF BRANCHES | : | 17 |
| ATM | : | 3 |
| AUDIT CLASSIFICATION | : | A |

**ATTRACTIVE DEPOSITS RATES**

| Period of Deposit | Rate of interest |
|---|---|
| 7 to 14 days | 4.00% |
| 15 days to 29 days | 4.00% |
| 30 days to 45 days | 5.50% |
| 46 days to 90 days | 6.00% |
| 91 days to 180 days | 6.75% |
| 181 days & less than 1 year | 7.00% |
| 1 year & less than 2 years | 7.25% |
| 2 years & less than 3 years | 7.25% |
| 3 years & less than 5 years | 7.00% |
| 5 years to less than 8 years | 7.00% |
| 8 years to 10 years | 7.00% |
| Senior Citizens :- (Additional) | 0.50% |

## ଓଡ଼ିଶାକୁ ମିଳିଲା ଜିଓସ୍ପାସିଆଲ ଉତ୍କର୍ଷ ଆୱାର୍ଡ

**ଭୁବନେଶ୍ୱର,୩।୧୨(ବ୍ୟୁରୋ):** ଓଡ଼ିଶା ଏବଂ ଟାଟା ଟ୍ରଷ୍ଟ ମିଳିତ ଭାବେ ଜିଓସ୍ପାସିଆଲ ଉତ୍କର୍ଷ ଆୱାର୍ଡ ଲାଭ କରିଛନ୍ତି। ସହରାଞ୍ଚଳରେ ଜାଗା ମିଶନ ଯୋଜନା ଲାଗୁ କରାଯାଇ ବହୁ ପରିମାଣରେ ଦାରିଦ୍ର୍ୟ ହ୍ରାସ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ଏ ସମ୍ପର୍କରେ ମଙ୍ଗଳବାର ଟୁଇଟ୍ କରାଯାଇଛି। ମାତ୍ର ୪ ମାସ ସମୟ ମଧ୍ୟରେ ଓଡ଼ିଶା ପ୍ରଶାସନ ୧୦୯ଟି ସହରରେ ଡ୍ରୋନ ଜରିଆରେ ୧୮୮୬ଟି ଛୋଟବଡ଼ ବସ୍ତିଗୁଡିକର ସର୍ବେକ୍ଷଣ କରାଇଥିଲା। ଏହା ପରେ ବସ୍ତି ଏବଂ ବସ୍ତି ବାସିନ୍ଦାଙ୍କ ଉନ୍ନତି ପାଇଁ ସୁଚିନ୍ତିତ ଯୋଜନା ପ୍ରସ୍ତୁତି ସହ ଲାଗୁ କରାଯାଇଥିଲା।



## ସଂକ୍ଷେପରେ

### ଆର୍‌ବିଆଇ ମୁଦ୍ରାନୀତି କମିଟି ବୈଠକ ଆରମ୍ଭ

ମୁମ୍ବାଇ, ୩।୧୨: ରିଜର୍ଭ ବ୍ୟାଙ୍କର ୩ ଦିନିଆ ମୁଦ୍ରାନୀତି କମିଟି (ଏମ୍‌ପିସି) ବୈଠକ ଗଭର୍ନର ଶକ୍ତିକାନ୍ତ ଦାସଙ୍କ ଅଧକ୍ଷତାରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଅର୍ଥ ବ୍ୟବସ୍ଥା ଏବେ ମାନ୍ଦାସ୍ଥିତିରେ ରହିଥିବାବେଳେ କମିଟି ବିଭିନ୍ନ ଦିଗ ଉପରେ ପର୍ଯ୍ୟାଲୋଚନା କରିବ। ଚଳିତ ଥର ମଧ ସୁଧହାର ହ୍ରାସ ହେବା ନେଇ ଆଶା କରାଯାଉଛି। ଯଦି ଚଳିତ ଥର ରିଜର୍ଭ ବ୍ୟାଙ୍କ ଏହାର ରେପୋ ବା ସୁଧହାର ହ୍ରାସ କରେ ଏହା ସ୍ୱଳ୍ପମିଆଦି ଋଣ ହାର କ୍ଷେତ୍ରରେ ୬ଷ୍ଠ ଥରର ହ୍ରାସ ହେବ। ଏମ୍‌ପିସି ବୈଠକ ଚଳିତ ମାସ ୩ରୁ ୫ ତାରିଖ ଯାଏ ଚାଲିବ। ଏହା ପଞ୍ଚମଦ୍ୱିମାସିକ ବୈଠକ ବୋଲି ରିଜର୍ଭ ବ୍ୟାଙ୍କ ପକ୍ଷରୁ କୁହାଯାଇଛି। କମିଟିର ନିଷ୍ପତ୍ତି ଡିସେମ୍ବର ୫ରେ ରିଜର୍ଭ ବ୍ୟାଙ୍କ ୱେବସାଇଟରେ ସ୍ଥାନିତ କରାଯିବ। ବର୍ତ୍ତମାନ ପର୍ଯ୍ୟନ୍ତ ୫ଥରରେ ରିଜର୍ଭ ବ୍ୟାଙ୍କ ଏହାର ରେପୋକୁ ୧୩୫ ବେସିସ ପଏଣ୍ଟ କମାଇଛି।

### ଏନ୍‌ପିଏ ହୋଇଛି ମୁଦ୍ରାର ୩% ଋଣ

ନୂଆଦିଲ୍ଲୀ, ୩।୧୨: ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାରେ ପ୍ରଦାନ କରାଯାଇଥିବା ମୋଟ ୬ ଲକ୍ଷ କୋଟି ଋଣ ମଧ୍ୟରୁ ୩% ଋଣ ଅନାଦାୟ ଋଣ(ଏନ୍‌ପିଏ) ହୋଇଥିବା ସରକାର ପାର୍ଲାମେଣ୍ଟକୁ ସୂଚନା ଦେଇଛନ୍ତି। ଅର୍ଥରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର ଏକ ଲିଖିତ ଉତ୍ତରରେ କହିଛନ୍ତି ଯେ, ମୋଟ ଋଣ ମଧ୍ୟରୁ ଏନ୍‌ପିଏ ହୋଇଥିବା ଋଣ ପରିମାଣ ୧୭,୨୫୧.୫୨ କୋଟି ଟଙ୍କା ରହିଛି। ୨୦୧୪ରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ଶାଖା ସଂଖ୍ୟା ୬୮,୯୩୯ ରହିଥିବା ବେଳେ ଏହା ଚଳିତ ବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ୮୭,୫୮୦କୁ ବୃଦ୍ଧି ଘଟିଥିବା ଜଣାପଡିଛି।

### ରବି ଦାସଙ୍କ ବିୟୋଗରେ କେନ୍ଦ୍ରମନ୍ତ୍ରୀ ଷଡଙ୍ଗୀଙ୍କ ଶୋକ

ଭୁବନେଶ୍ୱର,୩।୧୨(ବ୍ୟୁରୋ): ରାଜ୍ୟ ଯୋଜନା ବୋର୍ଡର ପୂର୍ବତନ ଉପଦେଷ୍ଟା, ଗୁଜରାଟ କ୍ୟାଡରର ବରିଷ୍ଠ ଆଇଏଏସ୍ ରବିନାରାୟଣ ଦାସଙ୍କ ମଙ୍ଗଳବାର ବିୟୋଗ ଘଟିଛି। ତାଙ୍କ ବିୟୋଗରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ତାଙ୍କ ଚାକିରୀ ସମୟରେ କାର୍ଯ୍ୟ କରିବାର ଦକ୍ଷତା ଏବଂ ଅବସରପରେ ସାମାଜିକ କାର୍ଯ୍ୟରେ ଅବଦାନ ଚିରସ୍ମରଣୀୟ ବୋଲି ଷଡଙ୍ଗୀ କହିଛନ୍ତି।

### ୩ ଆଦିବାସୀ ଭାଷାକୁ ସମ୍ବିଧାନର ୮ ଅନୁଚ୍ଛେଦରେ ସ୍ଥାନ ମିଳୁ

■ ପାର୍ଲାମେଣ୍ଟରେ ଦାବି କଲେ ସସ୍ମିତ

ଭୁବନେଶ୍ୱର,୩।୧୨(ବ୍ୟୁରୋ): ଭାରତୀୟ ସମ୍ବିଧାନର ୮ମ ଅନୁଚ୍ଛେଦରେ ଓଡ଼ିଶାରେ ବହୁଳ ଭାବେ କୁହାଯାଉଥିବା ୩ଟି ଆଦିବାସୀ ଭାଷାକୁ ଅନ୍ତର୍ଭୁକ୍ତ କରିବା ପାଇଁ ବିଜେଡି ଏମ୍‌ପି ସସ୍ମିତ ପାତ୍ର ମଙ୍ଗଳବାର କହିଛନ୍ତି। ଏହି ଭାଷାଗୁଡିକ ହେଉଛି-ହୋ, ମୁଣ୍ଡାରୀ ଏବଂ ଭୂମିଜ। ଓଡ଼ିଶାର ମୋଟ ଜନସଂଖ୍ୟାର ପ୍ରାୟ ୨୨.୮୫ ପ୍ରତିଶତ ଆଦିବାସୀ। ରାଜ୍ୟରେ ୬୨ ପ୍ରଜାତିର ଆଦିବାସୀ ବାସ କରନ୍ତି। ତନ୍ମଧ୍ୟରୁ ୧୩ ବିଲୁପ୍ତପ୍ରାୟ ଆଦିମ ଅଧିବାସୀ (ପିଭିଟିଜି) ଗୋଷ୍ଠୀ ରହିଛନ୍ତି। ସସ୍ମିତ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ୩ଟି ଆଦିମ ଭାଷାକୁ ଅନୁଚ୍ଛେଦ ୮ରେ ସାମିଲ କରିବା ପାଇଁ କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗକୁ ଚିଠି ଲେଖିଥିଲେ। ଓଡ଼ିଶା ସମେତ ଝାଡଖଣ୍ଡରେ ପ୍ରାୟ ୧୦ ଲକ୍ଷ ଜନସାଧାରଣ ହୋ ଭାଷା ବ୍ୟବହାର କରନ୍ତି। ସାନ୍ତାଳୀ ଭାଷା ପରେ ହୋ ବହୁଳ ଭାବେ ପ୍ରସାରିତ ଏକ ଆଦିମ ଭାଷା। ସେହିଭଳି ପ୍ରାୟ ୬ ଲକ୍ଷ ଜନସାଧାରଣ ମୁଣ୍ଡାରୀ ଏବଂ ୩ ଲକ୍ଷ ଲୋକ ଭୂମିଜ ଭାଷା ବ୍ୟବହାର କରିଥାଆନ୍ତି। ତେଣୁ ଓଡ଼ିଶା ପକ୍ଷରୁ ହୋଇ ଆସୁଥିବା ଏହି ଦୀର୍ଘଦିନର ଦାବିକୁ କେନ୍ଦ୍ର ସରକାର ବିଚାର କରି ଉଚିତ ପଦକ୍ଷେପ ନିଅନ୍ତୁ ବୋଲି ସସ୍ମିତ କହିଥିଲେ। ସେହିପରି ଦାଦ୍ରା ଓ ନଗରହାବେଲି ଏବଂ ଦାମନ ଓ ଡିଉ(କେନ୍ଦ୍ରଶାସିତ ଅଞ୍ଚଳ ସମ୍ମିଶ୍ରଣ) ବିଧେୟକ-୨୦୧୯କୁ ବିଜେଡି ସମର୍ଥନ ଦେଇଛି। ବିନା କୌଣସି ସଂଶୋଧନରେ ସର୍ବସମ୍ମତ କ୍ରମେ ଏହି ବିଧେୟକ ଗୃହୀତ ହୋଇଥିବା ଜଣାପଡିଛି।

■ ପୁରୀ ଗଣବଳାତ୍କାର ପ୍ରସଙ୍ଗ

# ରାସ୍ତାକୁ ଓହ୍ଲାଇଲେ କଂଗ୍ରେସ, ଭାଜପା

■ ବିଜେଡି କହିଲା ରାଜନୀତୀକରଣ କରା ନ ଯାଉ

ଭୁବନେଶ୍ୱର,୩।୧୨(ବ୍ୟୁରୋ)

ପୁରୀ ଗଣବଳାତ୍କାର ଘଟଣାରେ ଉଭୟ କଂଗ୍ରେସ ଏବଂ ଭାଜପା ରାଜରାସ୍ତାକୁ ଓହ୍ଲାଇଛନ୍ତି। ପୁରୀ ପୀଡିତାଙ୍କୁ ନ୍ୟାୟ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଇସ୍ତଫା ଦାବିରେ ଛାତ୍ର କଂଗ୍ରେସ ପକ୍ଷରୁ ଦଳର ରାଜ୍ୟ କାର୍ଯ୍ୟାଳୟଠାରୁ ଏକ ବାଇକ୍ ରାଲି ବାହାରି ନବୀନ ନିବାସ ଘେରାଉ ଉଦ୍ୟମ କରିଥିଲା। ଶିଶୁଭବନ ଛକଠାରେ ପୋଲିସ ଛାତ୍ର କଂଗ୍ରେସ କର୍ମୀଙ୍କୁ ଅଟକାଇବା ପରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ସମାନଭାବେ ନାରୀ ନିର୍ଯ୍ୟାତନା ପ୍ରସଙ୍ଗରେ ଭାଜପା ଭୁବନେଶ୍ୱର ଜିଲା ମହିଳା ମୋର୍ଚ୍ଚା ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ ଛକଠାରେ ଏକ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରିଛନ୍ତି।



ନବୀନ ନିବାସ ଯିବାବେଳେ ଯୁବ କଂଗ୍ରେସ କର୍ମୀ ଓ ପୋଲିସ ଧସ୍ତାଧସ୍ତି ।

ଅନ୍ୟପକ୍ଷରେ କଂଗ୍ରେସ ବରିଷ୍ଠ ନେତ୍ରୀ ବିଜୟଲକ୍ଷ୍ମୀ ସାହୁ କହିଛନ୍ତି, ଲଗାତର ଭାବେ କେନ୍ଦ୍ରରେ ୬୬ ମାସର ନରେନ୍ଦ୍ର ମୋଦି ଓ ରାଜ୍ୟରେ ୨୩୪ ମାସର ନବୀନ ପଟ୍ଟନାୟକଙ୍କ ସରକାର ମହିଳାମାନଙ୍କୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ପୁରୀ ପୀଡିତାଙ୍କୁ ପୋଲିସ କ୍ୱାର୍ଟର୍ସରେ ବଳାତ୍କାର କରିବା ଘଟଣାରୁ ପ୍ରମାଣିତ ହେଉଛି ରକ୍ଷକ ହିଁ ଭକ୍ଷକ ସାଜିଛି। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେବା ପର୍ଯ୍ୟନ୍ତ ସାରା ରାଜ୍ୟରେ ଆନ୍ଦୋଳନକୁ ତୀବ୍ରତର କରାଯିବ। ଆବଶ୍ୟକ ପଡିଲେ ଓଡ଼ିଶା ବନ୍ଦ ଡାକରା ଦେବା ପାଇଁ କଂଗ୍ରେସ ପଛଘୁଞ୍ଚା ଦେବନାହିଁ। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏକ ୭ ଜଣିଆ ଅନୁଧ୍ୟାନକାରୀ କମିଟି ଗଠନ କରି ଘଟଣାସ୍ଥଳ ଗସ୍ତକରି ରିପୋର୍ଟ ସଂଗ୍ରହ ପାଇଁ ନିର୍ଦ୍ଦେଶ ଦେଇଥିବା ବିଜୟଲକ୍ଷ୍ମୀ କହିଛନ୍ତି। ଭାଜପା ମହିଳା ମୋର୍ଚ୍ଚା ସଭାପତି ପ୍ରଭାତି ପରିଡା କହିଛନ୍ତି, ପୋଲିସ ବିଭାଗର ଯିଏ ମୁଖ୍ୟ ଅର୍ଥାତ୍ ମୁଖ୍ୟମନ୍ତ୍ରୀ ଏହାର ଉତ୍ତର ରଖିବା କଥା। ମୁଖ୍ୟମନ୍ତ୍ରୀ ବଳାତ୍କାର ଘଟଣାରେ ରାଜନୀତି ନ କରିବାକୁ କହିଥିଲେ। ଆମେ ରାଜନୀତି କରିବାକୁ ଚାହୁଁନାହୁଁ। କିନ୍ତୁ ଯଦି ମଦୁଆମାନେ ରାସ୍ତାରୁ ମହିଳାଙ୍କୁ ଉଠାଇ ନେଇ ବଳାତ୍କାର କରିବେ ତେବେ କିଏ ବାହାରିବେ। ଯଦି ଫାଷ୍ଟଟ୍ରାକ କୋର୍ଟରେ ତୁରନ୍ତ ପୀଡିତାଙ୍କୁ ନ୍ୟାୟ ନ ମିଳେ ତେବେ ମହିଳା ମୋର୍ଚ୍ଚା ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଯିବ ବୋଲି ପରିଡା କହିଛନ୍ତି।

କଂଗ୍ରେସ ଏବଂ ଭାଜପା ପ୍ରତିକ୍ରିୟାକୁ ସମାଲୋଚନା କରି ବିଜେଡି କାର୍ଯ୍ୟକାରୀ ସଭାନେତ୍ରୀ ଶ୍ରୀମୟୀ ମିଶ୍ର କହିଛନ୍ତି, ପୁରୀ ବଳାତ୍କାର ପ୍ରସଙ୍ଗ ଏକ ସମ୍ବେଦନଶୀଳ ଘଟଣା। ଏହାକୁ ନେଇ ରାଜନୀତିକରଣ କରା ନ ଯାଉ। ଏହା ଏକ ସାମାଜିକ ବ୍ୟାଧି ଓ ଏହା ବିରୋଧରେ ଲଢ଼େଇ ପାଇଁ ସମସ୍ତେ ଏକଜୁଟ୍ ହେବାର ସମୟ ଆସିଛି। ରାଜନୀତି କରିବା ଦ୍ୱାରା ପୀଡିତା ଓ ତାଙ୍କ ପରିବାରକୁ ଅଧିକ ମାନସିକ ନିର୍ଯ୍ୟାତନା ଦେଇ ଯିବାକୁ ପଡିବ। ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ଘଟଣାରେ ଯେତେ ଆଲୋଚନା ହେବ ପୀଡିତାଙ୍କ ମାନସିକତାକୁ ସେତେ ପ୍ରଭାବିତ କରିବ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୋଳଥ ବୋଟି**
**କାଳୀ ଗୋଡ଼ରେ ହଳଦୀ ବୋଳିଲେ**
**କଉଡ଼ି କ୍ଷତି ।**

ଯେତେ ବାହ୍ୟ ଉପଚାର କଲେ ବି ଦେହର ପ୍ରକୃତ ରଙ୍ଗ କେବେ ବଦଳିପାରି ନ ଥାଏ। ଶ୍ୟାମଳ ଦେହକୁ ଯେତେ ଘଷିମାଜିଲେ କି ହଳଦୀ ମାଖିଲେ ଦେହର ବର୍ଣ୍ଣ ଗୋରା ହୋଇପାରି ନ ଥାଏ। ସେ ନେଇ କରାଯାଉଥିବା ସକଳ ଚେଷ୍ଟା ବୃଥା ପ୍ରମାଣିତ ହୋଇଥାଏ। ହଳଦୀ ରଙ୍ଗରେ ଶ୍ୟାମଳ ବର୍ଣ୍ଣ ଗୋରା ହୁଏନା ବରଂ ଅର୍ଥ ନଷ୍ଟ ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**କଅଁଳ କାକୁଡ଼ି ବହଳ ଚୋପା**
**କାଟିଦେଲି ପରିବାକୁ**
**ଅଳପ ଦିନକୁ ବହୁତ କଥା**
**ଝୁରି ଝୁରି ମରିବାକୁ ।**

ଅଳ୍ପ ସମୟ ଭିତରେ ବ୍ୟକ୍ତି ଏତେ ଭଲ କାମ କରିଥାଏ ଯେ ମୃତ୍ୟୁବରଣ କଲେ ତା'କଥା ସୁମରିବାକୁ ସମସ୍ତେ ବାଧ୍ୟ ହୁଅନ୍ତି। ତାଙ୍କ ଗୁଣଗ୍ରାମ ଏତେ ମୁଗ୍ଧକର ହୋଇଥାଏ ଯେ ସେ ମରିଗଲା ପରେ ବି ପିତାମାତା, ଜ୍ଞାତିକୁଟୁମ୍ବ, ପରିଜନ ଆଖିରୁ ଲୁହ ଗଡ଼ାଇବା ସହ ବାହୁନିଥାନ୍ତି। ସେମାନେ ଅଳ୍ପଦିନ ମଧ୍ୟରେ ବେଶି ଭଲ କାମ କରି ଭଲ ଗୁଣ ଦେଖେଇ ଚାଲିଯାଆନ୍ତି। ପରୋକ୍ଷରେ ଅଳ୍ପଦିନର ଘନିଷ୍ଠତା ମନରେ ବହୁ ସ୍ମୃତି ସାଇତି କରି ରଖିଦିଏ ଯାହାକି ମନକୁ ଏକାନ୍ତରେ ଘାରି ଦେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି:

# ଜିଲାୱାରି ରିଟର୍ନିଂ ଅଫିସରଙ୍କ ନାଁ ଘୋଷଣା କଲା ବିଜେଡି

ଭୁବନେଶ୍ୱର,୩।୧୨(ବ୍ୟୁରୋ)

ବିଜୁ ଜନତା ଦଳ(ବିଜେଡି)ରେ ସଭ୍ୟ ସଂଗ୍ରହ ଅଭିଯାନ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଦଳୀୟ ସମସ୍ତ ଫୋରମ୍ ଏବଂ ସାଂଗଠନିକ ଜିଲାଗୁଡିକରେ ନିର୍ବାଚନ ହେବାକୁ ଯାଉଛି। ଏଥିପାଇଁ ରାଜ୍ୟସ୍ତରରେ ଆଳି ବିଧାୟକ ପ୍ରତାପ କେଶରୀ ଦେବଙ୍କୁ ଦଳୀୟ ରିଟର୍ନିଂ ଅଫିସର ଭାବେ ନିଯୁକ୍ତି କରାଯାଇଛି। ସେହିକ୍ରମରେ ମଙ୍ଗଳବାର ବିଜେଡି ପକ୍ଷରୁ ୩୩ ସାଂଗଠନିକ ଜିଲା ପାଇଁ ରିଟର୍ନିଂ ଅଫିସର ନିଯୁକ୍ତ କରାଯାଇଛି। ଅନୁଗୋଳ ପାଇଁ ବାଉରୀବନ୍ଧୁ ମହାପାତ୍ର, ବାଲେଶ୍ୱର-ପ୍ରଣବ କୁମାର ପଣ୍ଡା, ବରଗଡ-ଅଶୋକ ବାରିକ୍, ଭଦ୍ରକ-ଯତିକାନ୍ତ ନାୟକ, ଭୁବନେଶ୍ୱର-ଶେଖ୍ ନିଜାବୁଦ୍ଦିନ୍ , ବଲାଙ୍ଗୀର-ମୋହନଲାଲ ଜୈନ, ବୌଦ୍ଧ-ତପନ କୁମାର ଦଳେଇ, କଟକ-ମନୋରଞ୍ଜନ ଖଟୁଆ, ଦେଓଗଡ-କାମାକ୍ଷା ପ୍ରସାଦ ଗଙ୍ଗଦେବ, ଢେଙ୍କାନାଳ-ଧର୍ମାନନ୍ଦ ବରାଳ ଏବଂ ଗଜପତି ପାଇଁ ପନ୍ତଲା ପ୍ରସାଦ ରାଓଙ୍କୁ ଜିଲା ରିଟର୍ନିଂ ଅଫିସର ଭାବେ ନିଯୁକ୍ତି ଦିଆଯାଇଛି। ସେହିଭଳି ଗଞ୍ଜାମ ପାଇଁ ପ୍ରମୋଦ କୁମାର ପାତ୍ର, ଜଗତ୍‌ସିଂହପୁର-ଗୋତମ ପାଲିତ୍ ଝାରସୁଗୁଡା-ସାୟଦ୍ ବେଗ୍, ଯାଜପୁର-ବାବାଜୀ ଚରଣ ଦାସ, କଳାହାଣ୍ଡି-ସୁନୀଲ କୁମାର ମୁଣ୍ଡ, କେନ୍ଦ୍ରାପଡା-ଧୀରେନ୍ ସାହୁ, କେନ୍ଦୁଝର-ସଞ୍ଜୟ ମିଶ୍ର, ଖୋର୍ଦ୍ଧା-ରଶ୍ମିରଞ୍ଜନ ବ୍ରହ୍ମ, କନ୍ଧମାଳ-ବିରୂପାକ୍ଷ ପଣ୍ଡା, କୋରାପୁଟ-ନରେନ୍ଦ୍ର କୁମାର ସ୍ୱାଇଁ ଏବଂ ମୟୂରଭଞ୍ଜ ପାଇଁ କୃଷ୍ଣଚନ୍ଦ୍ର ଦାସଙ୍କୁ ରିଟର୍ନିଂ ଅଫିସର ଭାବେ ନିଯୁକ୍ତ କରାଯାଇଛି। ଅନୁରୂପ ଭାବେ ମୟୂରଭଞ୍ଜ(ସଦର) ମଙ୍ଗଳ ସିଂ ମୁଦି, ମାଲକାନଗିରି-ଡମ୍ବରୁ ସିସା, ନବରଙ୍ଗପୁର-ସଚ୍ଚିଦାନନ୍ଦ ସ୍ୱାଇଁ, ନୟାଗଡ-ଗଙ୍ଗାଧର ପଣ୍ଡା, ପୁରୀ-ଶ୍ରୀପ୍ରକାଶ ମିଶ୍ର, ରାଉରକେଲା-ସନ୍ତୋଷ ନାୟକ, ସମ୍ବଲପୁର-ଆର୍ତ୍ତତ୍ରାଣ ମିଶ୍ର, ସୁବର୍ଣ୍ଣପୁର-ଶରତ ଚନ୍ଦ୍ର ଭୋଇ, ସୁନ୍ଦରଗଡ-ପ୍ରଦୀପ ମହାପାତ୍ର, ନୂଆପଡା-ମୂଳଚାନ୍ଦ ଫଣ୍ଡେ ଏବଂ ରାୟଗଡା ପାଇଁ ବ୍ରଜସୁନ୍ଦର ନାୟକଙ୍କୁ ରିଟର୍ନିଂ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି।

**ଦଳୀୟ ସାଂଗଠନିକ ନିର୍ବାଚନ**

ରାଷ୍ଟ୍ରପତି କୋବିନ୍ଦଙ୍କ ଦୁଇଦିନିଆ ଓଡ଼ିଶା ଗସ୍ତ

# ପ୍ରସ୍ତୁତି ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୩।୧୨(ବ୍ୟୁରୋ)

ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ୨ଦିନିଆ ଓଡ଼ିଶା ଗସ୍ତର ପ୍ରସ୍ତୁତି ସମ୍ପର୍କିତ ସମୀକ୍ଷା କରିଛନ୍ତି। ଗୃହ ସଚିବ ସଞ୍ଜୀବ ଚୋପ୍ରା ଏବଂ ଅନ୍ତରୀଣ ପୋଲିସ ମହାନିର୍ଦ୍ଦେଶକ ସତ୍ୟଜିତ ମହାନ୍ତି ପ୍ରସ୍ତୁତି ସମ୍ପର୍କିତ ବୈଠକରେ ଉପସ୍ଥାପନ କରିଥିଲେ। ପ୍ରସ୍ତୁତି କରୁଥିବା ସମସ୍ତ ବିଭାଗ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ସହ ନିର୍ଦ୍ଧାରିତ ସମୟ ପୂର୍ବରୁ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟକ୍ରମ ପ୍ରସ୍ତୁତିର ତଦାରଖ ଦାୟିତ୍ୱ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବୈଠକ ସମ୍ପର୍କରେ ଗୃହ ବିଭାଗ ସ୍ୱତନ୍ତ୍ର ସଚିବ ସନ୍ତୋଷ ବାଲା କହିଛନ୍ତି ଯେ, ରାଷ୍ଟ୍ରପତିଙ୍କ ୨ଟି ସାଧାରଣ ସଭା କାର୍ଯ୍ୟକ୍ରମ ରହିଛି। ଆସନ୍ତା ୭ରେ ରାଷ୍ଟ୍ରପତି ସନ୍ଧ୍ୟା ୭ଟା ୩୦ରେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରେ ପହଞ୍ଚିବେ। ସେଠାରୁ ସେ ସିଧାସଳଖ ରାଜଭବନ ଯାଇ ରାତ୍ରିଯାପନ କରିବେ। ପରଦିନ ଅର୍ଥାତ୍ ୮ ତାରିଖ ପୂର୍ବାହ୍ନ ୯ଟା ୩୦ରେ ଖୋର୍ଦ୍ଧା ଗସ୍ତ କରିବେ। ସେଠାରେ ୧୦ଟା ୩୦ରେ ରାଷ୍ଟ୍ରପତି ପାଇକ ବିଦ୍ରୋହ ସ୍ମାରକୀ ଶିଳାନ୍ୟାସ କରିବେ। ସେଠାରୁ କାର୍ଯ୍ୟକ୍ରମ ସାରି ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି କାର୍ଯ୍ୟକ୍ରମରେ ଦିନ ୧୨ଟା ୪୦ରେ ଯୋଗଦାନ କରିବେ। ଏହି ସମସ୍ତ କାର୍ଯ୍ୟକ୍ରମ ସାରିବା ପରେ ରାଷ୍ଟ୍ରପତି ରାଜଭବନ ଆସି ଅପରାହ୍ନ ୫ଟାରେ ନୂଆଦିଲ୍ଲୀ ଅଭିମୁଖେ ବିମାନଯାତ୍ରା କରିବେ।

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ସବୁ ଯୋଜନା ଅଧୀନରେ ସବୁ ବ୍ୟାଙ୍କରୁ କମ୍ କିମ୍ବା ଖରାପ CIBIL ସ୍କୋର୍‌ଧାରୀଙ୍କୁ ମଧ ଋଣ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ବ୍ୟବସାୟ
ଏଗ୍ରିକଲ୍‌ଚର ଋଣ
ସବୁ ପ୍ରକାର ଋଣ ୨% ସୁଧ - ୪୦% ରିହାତିରେ
୨୪ ଘଣ୍ଟା ମଧ୍ୟରେ ଘରେ ବସି ପାଆନ୍ତୁ
ସତ୍ୟମ୍ ଫାଇନାନ୍ସ
9953125459
9667227985
Sec-102, Sukh Complex, Noida (Delhi)

NATIONAL FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
9473568261

KUBER FINANCE
All Odisha
★ Mudra Loan
★ Cash Credit Loan
★ Vehicle Loan
★ Agriculture Loan
★ Personal Loan
★ Business Loan
★ Mortgage Loan
★ Housing Loan
All types of Loan@ 1% Interest 50% Subsidy Fund Received in 24 Hours
7599779418, 9599068151
B-34/A Block, Vijay Enclave, Burari, New Delhi

MAHESHWARI FINANCE
ବିନା ଗ୍ୟାରେଣ୍ଟିରେ ମହିଳା/ପୁରୁଷ (ଦୋକାନୀ) ୫ ଲକ୍ଷରୁ ୨୫ ଲକ୍ଷ ଲୋନ ୨% ସୁଧ ୫୦% ରିହାତି ମାର୍କଶିଟ୍ ଓ ପ୍ରପର୍ଟି ଲୋନ।
E-mail - maheshwarifinance111@gmail.com
Ph - 9716825082
9716001694

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
8750311430
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail : - namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲି: ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ASTROLOGY ASTROLOGY

BUSINESS BUSINESS

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଳେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ । ସମସ୍ତ ପ୍ରକାର LOAN BARSA FINANCE ଯୋଗାଇ ଦେଉଛି । ସୁଧ=1%
MOB - 9853098838
7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ASTRO / VASTU
ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
କ'ଣ ଆପଣ ଚିନ୍ତିତ କି ?
2 ଘଣ୍ଟାରେ ୧୦୦% ସମାଧାନ । ତନ୍ତ୍ର ମନ୍ତ୍ରର ସମ୍ରାଟ
ଇଚ୍ଛାନୁସାରେ ବଶୀକରଣ, ପ୍ରେମ ବିବାହ ପାଇଁ ଘରଲୋକଙ୍କୁ ମନାଇବା, ପତିପତ୍ନୀ ମନାନ୍ତର, ସନ୍ତାନ ପ୍ରାପ୍ତି, ବେପାର ବୃଦ୍ଧି, ଶତ୍ରୁ ଦମନ, ବାରମ୍ବାର ବିବାହ ପ୍ରସ୍ତାବ ଭାଙ୍ଗୁଥିଲେ, ପୁରୁଣା ରୋଗର ଔଷଧ କାମ ନ କରିବା ଆଦି ସମସ୍ୟାର ତୁରନ୍ତ ସମାଧାନ କରନ୍ତୁ।
ଯଦି କାହାର ପତି ଓ ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ।
9938991467
BHUBANESWAR-09

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲି: REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday

DHARITRI Career appointment Every Wednesday and Saturday

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସୁରକ୍ଷାରେ ତ୍ରୁଟିକୁ ନେଇ ୩ ଜଣ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଛି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସରକାର ନିର୍ଦ୍ଦେଶ ଦେଇଥିବା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ରାଜ୍ୟ ସଭାରେ ସୂଚନା ଦେଇଛନ୍ତି।

# ଭୟ କମାଉଛି ବିଳମ୍ବିତ ନ୍ୟାୟ

ପରିସଂଖ୍ୟାନ କହେ ପ୍ରତି ୧୫ ମିନିଟରେ ଭାରତର କେଉଁଠି ନା କେଉଁଠି ଜଣେ ମହିଳା ବଳାତ୍କାରର ଶିକାର ହେଉଛନ୍ତି। ୨୦୧୭ରେ ରୁଜୁ ହୋଇଥିବା ମୋଟ ୩୨,୫୫୯ ବଳାତ୍କାର ମାମଲା ମଧ୍ୟରୁ ୨୯୮ ଘଟଣା (୦.୯%) ଏପରି ରହିଛି, ଯେଉଁଠି ପୀଡ଼ିତା ଶିଶୁକନ୍ୟାଙ୍କ ବୟସ ୬ ବର୍ଷରୁ କମ୍। ସେହିପରି ୨.୪% ବଳାତ୍କୃତାଙ୍କ ବୟସ ୬ରୁ ୧୨ ବର୍ଷ। ୧୨-୧୬ ବର୍ଷର ଝିଅ ୧୧.୨%, ୧୬-୧୮ ବର୍ଷୀୟା ଯୁବତୀ ୧୫.୯%, ୩୦-୪୫ ବର୍ଷର ମହିଳା ୧୭.୫% ଯୌନ ବିକୃତିକୁ ସାମ୍ନା କରିଛନ୍ତି। ଅନୁରୂପ ଭାବେ ୧.୫% ପୀଡ଼ିତାଙ୍କ ବୟସ ୪୫ରୁ ୫୦ ବର୍ଷ ଭିତରେ ହୋଇଥିବାବେଳେ ୬୦ ବର୍ଷରୁ କମ୍ ବୟସର ୦.୪% ମହିଳା ବଳାତ୍କାରର ଶିକାର ହୋଇଛନ୍ତି। ଅର୍ଦ୍ଧାଧିକ ଅର୍ଥାତ୍ ୫୦.୨% ପୀଡ଼ିତାଙ୍କ ବୟସ ୧୮ରୁ ୩୦ ବର୍ଷ ଭିତରେ ବୋଲି ଏନ୍‌ସିଆର୍‌ବି ରିପୋର୍ଟରେ ଦର୍ଶାଯାଇଛି।



ହାଇଦ୍ରାବାଦ ଗଣବଳାତ୍କାର ଓ ହତ୍ୟାକାଣ୍ଡ ପ୍ରତିବାଦରେ ମୁମ୍ବାଇରେ ଜଣେ ଶିଶୁ ପ୍ଲାକାର୍ଡ ଦେଖାଉଛନ୍ତି।

## ହାଇଦ୍ରାବାଦ ପୀଡ଼ିତାଙ୍କୁ ତ୍ୱରିତ ନ୍ୟାୟ ମିଳିବା ନେଇ ସନ୍ଦେହ

ନୂଆଦିଲ୍ଲୀ,୩।୧୨

କୁହାଯାଏ ବିଳମ୍ବିତ ନ୍ୟାୟ ହେଉଛି ବିଡ଼ମ୍ବିତ ନ୍ୟାୟ। ଅର୍ଥାତ୍ ବିଳମ୍ବରେ ନ୍ୟାୟ ମିଳିଲେ ତାହା ନ୍ୟାୟ ନ ମିଳିବା ସହ ସମାନ। ଅଭିଯୁକ୍ତଙ୍କୁ ଆଇନର କାଠଗଡ଼ାରେ ଛିଡ଼ା କରାଇ ଦୋଷୀ ସାବ୍ୟସ୍ତ କରିଦେଲେ କାମ ସରିଯାଏ ନାହିଁ। ବଳାତ୍କାରୀଙ୍କୁ ଫାଶୀଖୁଣ୍ଟରେ ଝୁଲା ନ ଯିବା ଯାଏ ବର୍ବରତାର ଶିକାର ହୋଇଥିବା ନିରୀହ ପୀଡ଼ିତାଙ୍କ ଆତ୍ମାକୁ ଶାନ୍ତି ମିଳେ ନାହିଁ। ଅନ୍ୟପକ୍ଷେ ଥାନାରୁ ନେଇ ସୁପ୍ରିମକୋର୍ଟ ଯାଏ ପୀଡ଼ିତାଙ୍କ ପରିବାର ଧାଉଁଥିବାବେଳେ ଆଇନକୁ ବେଖାତିର ଯୌନ ବିକୃତ ମଣିଷ ଘଟାଇ ଚାଲିଥାଏ ଗୋଟିଏ ପରେ ଗୋଟିଏ ଜଘନ୍ୟ କାଣ୍ଡ। ୨୦୧୨ ଡିସେମ୍ବର ୧୬ରେ ଦିଲ୍ଲୀରେ ନିର୍ଭୟା କାଣ୍ଡ ଭିଆଇଥିବା ବଳାତ୍କାରୀମାନେ ଏବେ ବି ଜୀବିତ। ତିହାର ଜେଲରେ ଘାତକ ନ ଥିବାରୁ ସେମାନଙ୍କ ଆୟୁଷ ବଢ଼ି ବଢ଼ି ଚାଲିଛି। ସମ୍ଭବତଃ ଏହା ଏକ ଦୃଷ୍ଟାନ୍ତ ଭାବେ ଘୃଣ୍ୟ ମାନସିକତା ସମ୍ପନ୍ନ ପୁରୁଷଙ୍କୁ ପରୋକ୍ଷରେ କୁକାର୍ଯ୍ୟ କରିବା ପାଇଁ ପ୍ରେରିତ କରୁଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ତ୍ୱରିତ ନ୍ୟାୟ ମର୍ଯ୍ୟାଦାର ସହ ଜୀବନ ବିତାଇବା ନିମନ୍ତେ କେବଳ ଏକ ଅଧିକାର ନୁହେଁ, ବରଂ ଏହାସହ ଆଇନର ଅବ୍ୟର୍ଥତା ମଧ୍ୟ। ୨୦୧୨ ନିର୍ଭୟା ଗଣବଳାତ୍କାର ମାମଲାର ରିପୋର୍ଟ ଉପସଂହାରରେ ଜଷ୍ଟିସ୍ ଜେ.ଏସ୍. ବର୍ମା କମିଟି ଏହା ଉଲ୍ଲେଖ କରିଥିଲେ। ଏହି ମାମଲା ଅଦ୍ୟାବଧି ଶେଷ ହୋଇନାହିଁ। ୨୦୧୨ ଦିଲ୍ଲୀ ଗଣବଳାତ୍କାର ପୀଡ଼ିତା ଓ ହାଇଦ୍ରାବାଦ ଗଣବଳାତ୍କାର ପୀଡ଼ିତାଙ୍କ ମଧ୍ୟରେ କେତେକ ସାମଞ୍ଜସ୍ୟ ରହିଛି। ଉଭୟଙ୍କ ପେସା ଥିଲା ଡାକ୍ତରୀ। ନିର୍ଭୟା ପାରାମେଡିକାଲ ଛାତ୍ରୀ ହୋଇଥିବାବେଳେ ହାଇଦ୍ରାବାଦ ପୀଡ଼ିତା ଜଣେ ପ୍ରାଣୀ ଚିକିତ୍ସକ। ଉଭୟେ ଗଣବଳାତ୍କାରର ଶିକାର ହେବା ପରେ ପରିବହନ କ୍ଷେତ୍ରରେ କାର୍ଯ୍ୟରତ କାମାସକ୍ତ ବ୍ୟକ୍ତିଙ୍କ ଦ୍ୱାରା ପୋଡ଼ିହୋଇ ଜୀବନ ହାରିଥିଲେ। ତେଣୁ ଦୁଇଟିଯାକ ମାମଲାର ପରିଣାମ ସମାନ ନ ହୋଇ ହାଇଦ୍ରାବାଦ ପୀଡ଼ିତାଙ୍କ ବଳାତ୍କାରୀଙ୍କୁ ତୁରନ୍ତ ଫାଶୀ ଦିଆଯାଉ ବୋଲି ସାଧାରଣରେ ଆକ୍ରୋଶ ଓ କ୍ଷୋଭ ଦେଖିବାକୁ ମିଳିଛି।

# ନିର୍ଭୟା ବଳାତ୍କାରୀଙ୍କୁ ଖୁବ୍‌ଶୀଘ୍ର ଫାଶୀ

ନୂଆଦିଲ୍ଲୀ,୩।୧୨

ଦିଲ୍ଲୀର ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାରେ ଅପରାଧୀଙ୍କୁ ଖୁବ୍‌ଶୀଘ୍ର ଫାଶୀ ମିଳିବାକୁ ଯାଉଛି। ତେବେ ତିହାର ଜେଲରେ ଘାତକ ନ ଥିବାରୁ ଜେଲ କର୍ତ୍ତୃପକ୍ଷଙ୍କ ଚିନ୍ତା ବଢ଼ିଯାଇଛି। ଦିଲ୍ଲୀ ଉପରାଜ୍ୟପାଳ ଅପରାଧୀ ବିନୟ କୁମାରଙ୍କ କ୍ଷମା ଆବେଦନକୁ ଅଗ୍ରାହ୍ୟ କରିସାରିଛନ୍ତି। ରାଷ୍ଟ୍ରପତି କ୍ଷମା ଆବେଦନ ଅଗ୍ରାହ୍ୟ କଲା ପରେ ଫାଶୀ ଦେବା ପାଇଁ କୋର୍ଟ ବ୍ଲାକ୍ ୱାରେଣ୍ଟ ଜାରି କରିବେ। ତେଣୁ ମାସକ ମଧ୍ୟରେ ଯେକୌଣସି ଦିନ ଅପରାଧୀମାନଙ୍କୁ ଫାଶୀ ମିଳିପାରେ ବୋଲି କୁହାଯାଉଛି।

ପାର୍ଲାମେଣ୍ଟ ଭବନ ଆକ୍ରମଣକାରୀ ଅଫଜଲ ଗୁରୁଙ୍କୁ ଫାଶୀ ଦେବା ପାଇଁ ରାତାରାତ ନିଷ୍ପତ୍ତି ହେବାରୁ ତିହାର ପ୍ରଶାସନ ଅଡୁଆରେ ପଡିଥିଲେ। ସେତେବେଳେ ଜଣେ ଜେଲ ଅଧିକାରୀ ଲିଭର ଟାଣିବା ପାଇଁ ରାଜି ହୋଇଥିଲେ ବୋଲି ଏକ ସୂତ୍ରରୁ ଜଣାପଡିଛି। ଏଥର ସେଭଳି ସ୍ଥିତି ନ ଘଟିବା ପାଇଁ ତିହାର କର୍ତ୍ତୃପକ୍ଷ ଅନ୍ୟ ଜେଲ୍‌ରୁ ଘାତକ ସନ୍ଧାନରେ ଅଛନ୍ତି। ଏହା ପୂର୍ବରୁ ଯେଉଁ ଘାତକ ଫାଶୀ ଦେଉଥିଲେ ତାଙ୍କୁ ପାଇବା ପାଇଁ ଉତ୍ତରପ୍ରଦେଶର କେତେକ ଗାଁରେ ଖୋଜାଖୋଜି କରାଯାଉଛି। ବିରଳରୁ ବିରଳତମ ମାମଲାରେ ଫାଶୀଦଣ୍ଡ ଦିଆଯାଉଥିବାରୁ ଏଥର ମଧ୍ୟ ତିହାର ଜେଲ କର୍ତ୍ତୃପକ୍ଷ ସ୍ଥାୟୀ ଘାତକ ନିଯୁକ୍ତ ନ କରି ଗୋଟିଏ ଥର ପାଇଁ ଠିକାରେ ନିଯୁକ୍ତି ଦେବାକୁ ଚାହୁଁଛନ୍ତି। ସ୍ଥାୟୀ ଘାତକ ମିଳିବା ସମ୍ଭବ ହେଉ ନ ଥିବା ଜଣେ ଜେଲ୍ ଅଧିକାରୀ କହିଛନ୍ତି।

ନିର୍ଭୟା ମାମଲାରେ ୪ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରାଯାଇ ଫାଶୀ ଦଣ୍ଡାଦେଶ ଦିଆଯାଇଥିଲା। ସେମାନଙ୍କ ମଧ୍ୟରୁ କେବଳ ବିନୟ କୁମାର ରାଜକ୍ଷମା ପାଇଁ ଆବେଦନ କରିଥିଲେ। ତିହାର କର୍ତ୍ତୃପକ୍ଷ ଏହାକୁ ଦିଲ୍ଲୀ ସରକାରଙ୍କ ପାଖକୁ ପଠାଇଦେଇଥିଲେ। ଦିଲ୍ଲୀ ସରକାରଙ୍କ ସୁପାରିସ କ୍ରମେ ଉପରାଜ୍ୟପାଳ ଅନିଲ ବୈଜଲ କ୍ଷମା ଆବେଦନକୁ ଖାରଜ କରିଦେଇଛନ୍ତି। ଏହା ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କଲେ ଏ ସମ୍ପର୍କରେ ତିହାର କର୍ତ୍ତୃପକ୍ଷଙ୍କୁ ଜଣାଇଦିଆଯିବ। ଜେଲ୍ କର୍ତ୍ତୃପକ୍ଷ ଏ ସମ୍ପର୍କରେ କୋର୍ଟଙ୍କୁ ଜଣାଇ ବ୍ଲାକ୍ ୱାରେଣ୍ଟ ଜାରି ପାଇଁ ଅନୁରୋଧ କରିବେ। ବ୍ଲାକ୍ ୱାରେଣ୍ଟ ଜାରି ହେବା ପରେ ଅପରାଧୀ ଓ ତାଙ୍କ ପରିବାରଙ୍କୁ ଫାଶୀ ଦିଆଯିବା ସମ୍ପର୍କରେ ଜଣାଇଦିଆଯିବ।

ଅନ୍ୟ ଅପରାଧୀ ମୁକେଶ, ପୱନ ଏବଂ ଅକ୍ଷୟ କ୍ଷମା ଆବେଦନ କରି ନ ଥିଲେ।

୨୦୧୨ ଡିସେମ୍ବର ୧୬ ରାତିରେ ଦକ୍ଷିଣ ଦିଲ୍ଲୀର ବସନ୍ତ ବିହାର ଅଞ୍ଚଳରେ ପାରାମେଡିକ୍ ଛାତ୍ରୀଙ୍କୁ ଚଳନ୍ତା ବସ୍‌ରେ ଗଣବଳାତ୍କାର ପରେ ହତ୍ୟା କରାଯାଇଥିଲା। ଏହି ଘଟଣାରେ ୬ ଅଭିଯୁକ୍ତଙ୍କ ମଧ୍ୟରୁ ରାମ ସିଂ ତିହାର ଜେଲ୍‌ରେ ଆତ୍ମହତ୍ୟା କରିଥିଲେ। ନାବାଳକ ଅପରାଧୀଙ୍କ ବିଚାର ଜୁଭେନାଇଲ ଜଷ୍ଟିସ୍ କୋର୍ଟରେ ହୋଇ ଦଣ୍ଡବିଧାନ କରାଯାଇଥିଲା। ଅନ୍ୟ ୪ ଜଣଙ୍କୁ ତଳକୋର୍ଟ ଦୋଷୀସାବ୍ୟସ୍ତ କରି ମୃତ୍ୟୁ ଦଣ୍ଡାଦେଶ ଦେଇଥିବାବେଳେ ଗତବର୍ଷ ସୁପ୍ରିମକୋର୍ଟ ଏହାକୁ କାଏମ ରଖିଥିଲେ।




## 'ବଳାତ୍କାରୀଙ୍କୁ ୬ ମାସରେ ଫାଶୀ ଲାଗି ଆଇନ ହେଉ'


ସ୍ୱାତି ମାଲୀୱାଲ

**ନୂଆଦିଲ୍ଲୀ,୩।୧୨:** ହାଇଦ୍ରାବାଦରେ ମହିଳା ଡାକ୍ତରଙ୍କୁ ଗଣବଳାତ୍କାର ପରେ ପୋଡ଼ି ମାରିଦେବା ଘଟଣାକୁ ନେଇ ଦେଶବ୍ୟାପୀ ପ୍ରତିବାଦ କରାଯାଉଥିବାବେଳେ ଦିଲ୍ଲୀ ମହିଳା ଆୟୋଗର ଅଧକ୍ଷା ସ୍ୱାତି ମାଲିୱାଲ ୬ ମାସ ମଧ୍ୟରେ ବଳାତ୍କାରୀଙ୍କୁ ଫାଶୀ ଦେବା ଲାଗି ସରକାର ଆଇନ ଆଣିବାକୁ ଦାବି କରିଛନ୍ତି। ସେ ଟୁଇଟ କରି ଏହା କହିବା ପରେ ଆମରଣ ଅନଶନ ଲାଗି ଧମକ ଦେଇଛନ୍ତି। ୪ରୁ ଜନ୍ତରମନ୍ତରଠାରେ ଆମରଣ ଅନଶନ କରାଯିବ ବୋଲି ସେ ଘୋଷଣା କରି ମହିଳାଙ୍କ ସୁରକ୍ଷା ଗ୍ୟାରେଣ୍ଟି ନିହାତି ଆବଶ୍ୟକ ଥିବା ସ୍ୱାତି ପ୍ରକାଶ କରିଛନ୍ତି।

## ନାବାଳିକାଙ୍କୁ ବଳାତ୍କାର, ହତ୍ୟା

**ବେଙ୍ଗାଲୁରୁ, ୩।୧୨**

କର୍ଣ୍ଣାଟକର ଚିଚୋଲି ତାଲୁକ ଅନ୍ତର୍ଗତ ସୁଲେପେଟ୍‌ରେ ଜଣେ ନାବାଳିକା(୯)ଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଛି। ସୋମବାର ସନ୍ଧ୍ୟାରୁ ସେ ନିଖୋଜ ଥିଲେ। ସାଙ୍ଗ ସହ ଖେଳିବାକୁ ଯାଇଥିବା ବେଳେ ଘରକୁ ଫେରି ନ ଥିଲେ। ସୋମବାର ରାତିରେ ତାଙ୍କ ରକ୍ତଭିଜା ଉଲଗ୍ନ ମରଶରୀରକୁ ପୋଲିସ ଗାଁ ପାଖ ଏକ ପୋଖରୀ ନିକଟରୁ ଉଦ୍ଧାର କରିଛି। କେହି ତାଙ୍କୁ ବଳାତ୍କାର କରିବା ପରେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏନେଇ ୟାଲାପ୍ପା ମହାଦେବପ୍ପା ସେଦାମ୍(୩୪) ନାମକ ଜଣେ ଟେଲରଙ୍କୁ ପୋଲସ ଗିରଫ କରିଛି। ନାବାଳିକା ଜଣକୁ ସେ କିଛି ଖାଇବାକୁ ଦେଇ ବିଲ ଭିତରକୁ ନେଇ ଏଭଳି କାଣ୍ଡ ରଚିଥିବା ପୋଲିସ ଅଭିଯୋଗ କରିଛି। ଏହାକୁ ନେଇ ସୁଲେପେଟ୍ ଗ୍ରାମରେ ଉତ୍ତେଜନା ଲାଗିରହିଛି। ବଳାତ୍କାରୀଙ୍କୁ କଠୋର ଦଣ୍ଡ ଦାବିରେ ଶତାଧିକ ଲୋକ ରାସ୍ତା ଅବରୋଧ କରି ବିକ୍ଷୋଭ କରିଛନ୍ତି।

## ଏକୁଟିଆ ଦେଖି ବୃଦ୍ଧାଙ୍କୁ ବଳାତ୍କାର

ସୋନେଭଦ୍ର, ୩।୧୨

ଉତ୍ତରପ୍ରଦେଶର ସୋନେଭଦ୍ର ଜିଲାରେ ଜଣେ ୭୦ ବର୍ଷୀୟା ବୃଦ୍ଧାଙ୍କୁ ଜଣେ ମଦ୍ୟପ ଯୁବକ(୨୭) ଘରେ କେହି ନ ଥିବାର ସୁଯୋଗ ନେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ପୀଡ଼ିତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ଅଭିଯୁକ୍ତ ରାମ କିଷନଙ୍କୁ ପୋଲିସ ଗିରଫ କରିଛି। ରାମ କିଷନ ଜଣେ ରଙ୍ଗମିସ୍ତ୍ରୀ ଓ ସେ ୨ ପିଲାଙ୍କ ବାପା। ସେ ମଦ ନିଶାରେ ବୃଦ୍ଧାଙ୍କୁ ଏକୁଟିଆ ପାଇ ଏଭଳି କାଣ୍ଡ କରିଥିବା ଆନ୍‌ପାର ପୋଲିସ ଷ୍ଟେଶନ ଏସ୍‌ଏଚ୍‌ଓ ଶୈଳେଶ କୁମାର ରାୟ କହିଛନ୍ତି।

[ଇତିହାସର ଆଇନାରେ]

### ଡିସେମ୍ବର ୪ର ପ୍ରମୁଖ ଘଟଣା

୧୯୭୭ ଡିସେମ୍ବର ୪ରେ ମାଲେସିଆର ଏକ ଘରୋଇ ବିମାନକୁ ଅପହରଣ କରାଯାଇ ଧ୍ୱଂସ କରାଯାଇଥିଲା। ଏଥିରେ ଥିବା ଶତାଧିକ ଯାତ୍ରୀ ପ୍ରାଣ ହରାଇଥିଲେ। ବିମାନଟି ପେନାଙ୍ଗ୍‌ରୁ କୁଆଲାଲୁମ୍ପୁର ଯିବାକୁ ଥିବାବେଳେ ସିଙ୍ଗାପୁରକୁ ଅପହରଣ କରାଯାଇ ଧ୍ୱଂସ କରାଯାଇଥିଲା।

୨୦୦୫ ଡିସେମ୍ବର ୪ରେ ହଂକଂରେ ହଜାର ହଜାର ଲୋକ ଗଣତନ୍ତ୍ର ସପକ୍ଷରେ ସରକାରଙ୍କ ବିରୋଧରେ ବିକ୍ଷୋଭକରିବା ସହ ସମାନ ମତାଧିକାର ସାବ୍ୟସ୍ତ ଲାଗି ଦାବିକରିଥିଲେ। ଏହି ବିକ୍ଷୋଭରେ ଅଢ଼େଇ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଭାଗନେଇଥିଲେ।

## ଚାଇନା ଜାହାଜକୁ ତଡ଼ିଲା ନୌସେନା

**ନୂଆଦିଲ୍ଲୀ,୩।୧୨:** ଚାଇନା ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ)ର ଏକ ଜାହାଜ ବିନା ଅନୁମତିରେ ଭାରତୀୟ ଜଳରାଶିରେ ପ୍ରବେଶ କରିଥିଲା। ଭାରତୀୟ ନୌସେନା ଏହାକୁ ତଡ଼ିଥିଲା ବୋଲି ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ଆଡମିରାଲ କରମବୀର ସିଂ ପ୍ରକାଶ କରିଛନ୍ତି। ସେପ୍ଟେମ୍ବରରେ ଆଣ୍ଡାମାନ ସାଗରରେ ଥିବା ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ ମଧ୍ୟକୁ ଚାଇନା ପିଏଲ୍‌ଏର ଏକ ଗବେଷଣା ଜାହାଜ ଶି ୟାନ୍ ୧ ପଶିଆସିଥିଲା। ଏହା ପୋର୍ଟ ବ୍ଲେୟାର ନିକଟରେ ଗବେଷଣା ଚଳାଇଥିଲା। ବିନା ଅନୁମତିରେ ପ୍ରବେଶ କରିଥିବା ଉକ୍ତ ଜାହାଜ ଗୁପ୍ତଚର ବୃତ୍ତିରେ ନିୟୋଜିତ ଥାଇପାରେ ବୋଲି ଆଶଙ୍କା କରାଯାଇଥିଲା। ନୌସେନାର ବିରୋଧ ଯୋଗୁ ଏହା ଫେରିଯିବାକୁ ବାଧ ହୋଇଥିଲା ବୋଲି ଆଡମିରାଲ କରମବୀର କହିଛନ୍ତି।



## ପାକିସ୍ତାନର ସେଲ୍ ମାଡ଼ରେ ୨ ମୃତ

**ଜମ୍ମୁ,୩।୧୨(ପି.ଟି.):** ଜମ୍ମୁ-କଶ୍ମୀରର ପୁଞ୍ଛ ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖା (ଏଲ୍‌ଓସି) ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକ ଉପରେ ମଙ୍ଗଳବାର ପାକିସ୍ତାନୀ ସେନା ସେଲ୍ ମାଡ଼ କରିବାରୁ ୧୬ ବର୍ଷର ବାଳକ ଓ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି ଏବଂ ୯ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ୨ ଜଣ ମହିଳା ଓ ଜଣେ ଶିଶୁ ଅଛନ୍ତି। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ କେତେଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି। ଭାରତୀୟ ସେନା ପକ୍ଷରୁ ପାଲଟା ଜବାବ ଦିଆଯାଇଥିଲେ ହେଁ ପାକିସ୍ତାନୀ ପକ୍ଷର ମୃତାହତଙ୍କ ସମ୍ପର୍କରେ ଜଣାପଡିନାହିଁ।

## ମଧ୍ୟାହ୍ନଭୋଜନରେ ମୂଷା

**ଲକ୍ଷ୍ନୌ, ୩।୧୨:** ଉତ୍ତରପ୍ରଦେଶର ମୁଜାଫରନଗରସ୍ଥିତ ଏକ ସ୍କୁଲର ମଧ୍ୟାହ୍ନ-ଭୋଜନରେ ମଲାମୂଷା ଦେଖିବାକୁ ମିଳିଛି। ମଧ୍ୟାହ୍ନଭୋଜନ ଖାଇଥିବା ଛାତ୍ର ଓ ଶିକ୍ଷକଙ୍କ ମଧ୍ୟରୁ ୯ ଜଣଙ୍କ ବାନ୍ତି ହେବାରୁ ସେମାନଙ୍କୁ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖିବାକୁ ମିଳିଛି। ଖାଦ୍ୟ ଯୋଗାଇଥିବା ଏନ୍‌ଜିଓ ବିରୋଧରେ ଜିଲା ଅଧିକାରୀ ମାମଲା ରୁଜୁ କରିଥିବାବେଳେ ପରଷିବା ପୂର୍ବରୁ ଖାଦ୍ୟକୁ ଯାଞ୍ଚକରା ନ ଯିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜନ କଲ୍ୟାଣ ସଂସ୍ଥା ନାମକ ଏକ ଏନ୍‌ଜିଓ ଏହି ଖାଦ୍ୟ ଯୋଗାଇଥାଏ। ମଙ୍ଗଳବାର ଏହାକୁ ପରଷିବା ପରେ ପ୍ରଥମ ବ୍ୟାଚ୍‌ରେ ମଲାମୂଷା ବାହାରିଥିଲା। ପରେ ଜିଲାପାଳ ସିଲ୍‌ଭା କୁମାରୀ, ଏଡିଏମ୍ ଅମିତ୍ ସିଂ, ମୁଖ୍ୟ ମେଡିକାଲ ଅଫିସର ପ୍ରମୁଖ ସେଠାକୁ ଯାଇ ଅସୁସ୍ଥଙ୍କୁ ଡାକ୍ତରଖାନା ନେଇଥିଲେ। ଗଣଶିକ୍ଷାମନ୍ତ୍ରୀ ଏନେଇ ଏନ୍‌ଜିଓକୁ କଳା ତାଲିକାଭୁକ୍ତ କରିବା ସହ ତଦନ୍ତ ଲାଗି ନିର୍ଦ୍ଦେଶ ଦେଇଛନ୍ତି।


୯ ଛାତ୍ରଙ୍କ ସମେତ ଶିକ୍ଷକ ହସ୍ପିଟାଲରେ

## ଜୁନ୍‌ରୁ 'ଗୋଟିଏ ରାଷ୍ଟ୍ର ଗୋଟିଏ ରାଶନ କାର୍ଡ'


ରାମବିଳାସ ପାଶ୍ୱାନ

**ନୂଆଦିଲ୍ଲୀ,୩।୧୨(ପି.ଟି.):** ଆସନ୍ତା ବର୍ଷ ଜୁନ୍ ୧ରୁ ସାରା ଦେଶରେ 'ୱାନ୍ ନେଶନ ୱାନ୍ ରାଶନ କାର୍ଡ' ନୀତି କାର୍ଯ୍ୟକାରୀ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ରାମବିଳାସ ପାଶ୍ୱାନ ମଙ୍ଗଳବାର କହିଛନ୍ତି। ଏହାଦ୍ୱାରା ଯୋଗ୍ୟ ହିତାଧିକାରୀ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ କଣ୍ଟ୍ରୋଲ ଦୋକାନରୁ ସେମାନଙ୍କ ନ୍ୟାଯ୍ୟ ପ୍ରାପ୍ୟ ପାଇପାରିବେ। ଇଲେକ୍ଟ୍ରୋନିକ୍ ପଏଣ୍ଟ ଅଫ୍ ସେଲ୍ (ଇପିଓଏସ୍)ଗୁଡ଼ିକରେ ବାୟୋମେଟ୍ରିକ ବା ଆଧାର ପ୍ରାମାଣିକତା ଉପକରଣ ସ୍ଥାପନ ହେବା ପରେ ଏହି ପଦକ୍ଷେପ ଗ୍ରହଣ କରାଯିବ ବୋଲି ଲୋକ ସଭାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କହିଛନ୍ତି। ଏହାଦ୍ୱାରା କାମ ପାଇଁ ବିଭିନ୍ନ ସ୍ଥାନକୁ ଯାଉଥିବା ଦାଦନ ଶ୍ରମିକ, ଦିନ ମଜୁରିଆମାନେ ଉପକୃତ ହୋଇପାରିବେ।

## ଅନୁପସ୍ଥିତ ଏମ୍‌ପିଙ୍କୁ ମିଳିବନି ପ୍ରଶ୍ନ ପଚାରିବା ସୁଯୋଗ

ନୂଆଦିଲ୍ଲୀ,୩।୧୨(ପି.ଟି.)

ପ୍ରଶ୍ନୋତ୍ତର କାଳରେ ଯେଉଁ ଏମ୍‌ପିମାନେ ପ୍ରଶ୍ନ ପଚାରିବାକୁ ନାଁ ଦେଉଛନ୍ତି, ସେମାନେ ଅନୁପସ୍ଥିତ ରହିଲେ ଅଧିବେଶନର ଅବଶିଷ୍ଟ ସମୟରେ ପ୍ରଶ୍ନ ପଚାରିବାକୁ ସେମାନଙ୍କୁ ସୁଯୋଗ ମିଳିବ ନାହିଁ ବୋଲି ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ମଙ୍ଗଳବାର ଘୋଷଣା କରିଛନ୍ତି। ଶିବସେନା ଏମ୍‌ପି ପ୍ରତାପରାଓ ଗଣପତରାଓ ଯାଦବ ରସାୟନ ଓ ସାର ମନ୍ତ୍ରଣାଳୟ ସମ୍ପର୍କରେ ପ୍ରଶ୍ନ ପଚାରିବାକୁ ନାଁ ଦେଇ ଅନୁପସ୍ଥିତ ରହିବାରୁ ବାଚସ୍ପତି ଏଭଳି ରୁଲିଂ ଜାରି କରିଥିଲେ। ଭାଜପା ଏମ୍‌ପିମାନେ ଅନୁପସ୍ଥିତ ରହୁଥିବା ପ୍ରସଙ୍ଗ ମଙ୍ଗଳବାର ସଂସଦୀୟ ଦଳ ବୈଠକରେ ଉଠିଥିଲା। ଏନେଇ ପ୍ରଧାନମନ୍ତ୍ରୀଙ୍କ ଅସନ୍ତୋଷ ସମ୍ପର୍କରେ ବରିଷ୍ଠ ନେତା ରାଜନାଥ ସିଂ ଜଣାଇଥିଲେ। ନାଗରିକତା (ସଂଶୋଧନ) ବିଲ୍ ସମେତ କେତେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଗତ ହେବାକୁ ଥିବାରୁ ବହୁସଂଖ୍ୟାରେ ଉପସ୍ଥିତ ରହିବାକୁ ରାଜନାଥ ଦଳୀୟ ସଦସ୍ୟମାନଙ୍କୁ କହିଥିଲେ।

ଗୃହର ପ୍ରୋସିଡିଂ ପ୍ରତି ଧ୍ୟାନ ଦେଇ ନ ଥିବା କେନ୍ଦ୍ରମନ୍ତ୍ରୀ ରାଓସାହେବ ପାଟିଲ୍ ଡାନ୍‌ଭେଙ୍କ ଉପରେ ବାଚସ୍ପତି ବିରକ୍ତି ପ୍ରକାଶ କରିଥିଲେ। ଶିବସେନା ସଦସ୍ୟ ହେମନ୍ତ ତୁକାରାମ ଗଡସେଙ୍କ ପ୍ରଶ୍ନକୁ ଶୁଣି ନ ଥିବା ଖାଉଟି ବ୍ୟାପାର ମନ୍ତ୍ରୀ ଡାନ୍‌ଭେ ତାଙ୍କୁ ପୁଣି ଥରେ ପ୍ରଶ୍ନ ପଚାରିବାକୁ କହିବାରୁ ବାଚସ୍ପତି ଧ୍ୟାନର ସହ ପ୍ରଶ୍ନ ଶୁଣିବାକୁ କହିଥିଲେ। ଗଡସେଙ୍କୁ ଦ୍ୱିତୀୟ ଥର ସମାନ ପ୍ରଶ୍ନ ନ ପଢ଼ିବାକୁ ମଧ୍ୟ ବାଚସ୍ପତି କହିଥିଲେ।


ଓମ୍ ବିର୍ଲା

# ରାଜ୍ୟ ସଭାରେ ଏସ୍‌ପିଜି ବିଲ୍ ଗୃହୀତ



କେବଳ ଗାନ୍ଧୀ ପରିବାର ନୁହେଁ, ସମସ୍ତ ୧୩୦ କୋଟି ଭାରତୀୟଙ୍କ ସୁରକ୍ଷା ପାଇଁ ସରକାର ଚିନ୍ତିତ।
-ଅମିତ୍ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ

ନୂଆଦିଲ୍ଲୀ,୩।୧୨(ପି.ଟି.)

### କଂଗ୍ରେସର କକ୍ଷତ୍ୟାଗ

ଏସ୍‌ପିଜି ସଂଶୋଧନ ବିଲ୍ ମଙ୍ଗଳବାର ରାଜ୍ୟ ସଭାରେ ଗୃହୀତ ହୋଇଯାଇଛି। ଏହା ଏକ ରାଜନୈତିକ ଷଡ଼ଯନ୍ତ୍ର ବୋଲି ବିରୋଧୀ ଦଳଗୁଡିକ କରିଥିବା ଅଭିଯୋଗକୁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ପ୍ରତ୍ୟାଖ୍ୟାନ କରିଥିଲେ। କେବଳ ଗାନ୍ଧୀ ପରିବାର ନୁହେଁ, ସମସ୍ତ ୧୩୦ କୋଟି ଭାରତୀୟଙ୍କ ସୁରକ୍ଷା ପାଇଁ ସରକାର ଚିନ୍ତିତ ବୋଲି ଶାହା କହିଥିଲେ। ସରକାର ଉଦ୍ଦେଶ୍ୟମୂଳକ ଭାବେ କୌଣସି ପଦକ୍ଷେପ ନେଉନାହାନ୍ତି। ଅତୀତରେ କଂଗ୍ରେସ ଏଭଳି କେତେକ ନିଷ୍ପତ୍ତି ନେଇଥିବା ସ୍ୱରାଷ୍ଟ୍ରମନ୍ତ୍ରୀ କହିଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓ, ଆଇ.କେ. ଗୁଜରାଲ, ଚନ୍ଦ୍ରଶେଖର, ଏଚ୍.ଡି. ଦେବେଗୌଡା ଏବଂ ମନମୋହନ ସିଂଙ୍କ ସୁରକ୍ଷାର ସମୀକ୍ଷା ବେଳେ କୌଣସି ଆଲୋଚନା ହୋଇ ନ ଥିଲା। ସୁରକ୍ଷା କାହାର ବ୍ୟକ୍ତିଗତ ପ୍ରତିଷ୍ଠାର ପ୍ରତୀକ ଭାବେ ଦେଖାଯିବା ଉଚିତ ନୁହେଁ ବୋଲି ଶାହା କହିଥିଲେ। ଏସ୍‌ପିଜି ଆଇନରେ ସଂଶୋଧନକୁ ବିରୋଧ କରି କଂଗ୍ରେସ କକ୍ଷତ୍ୟାଗ କରିଥିଲା।

### ବିଧେୟକକୁ ବିଜେଡିର ସମର୍ଥନ

ଏସ୍‌ପିଜି ସଂଶୋଧନ ବିଲ୍‌କୁ ବିଜେଡି ସମର୍ଥନ ଜଣାଇଛି। ଗାନ୍ଧୀ ପରିବାରରୁ ଏସ୍‌ପିଜି ସୁରକ୍ଷା ପ୍ରତ୍ୟାହାର ପାଇଁ ସରକାର ନିଷ୍ପତ୍ତି ନେଇଥିବାବେଳେ ଏହାକୁ ନେଇ କଂଗ୍ରେସ ଜୋରଦାର ବିରୋଧ ପ୍ରଦର୍ଶନ କରୁଛି। ତେବେ ଏହି ପରିବାରକୁ ଏସ୍‌ପିଜି ସୁରକ୍ଷା ମିଳିବାର କୌଣସି ଯଥାର୍ଥତା ସେ ଦେଖୁନାହାନ୍ତି ବୋଲି ରାଜ୍ୟ ସଭାରେ ଏ ସମ୍ପର୍କିତ ଆଲୋଚନାରେ ଭାଗନେଇ ବିଜେଡି ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ। ରାଜ୍ୟ ସଭାରେ ଗୃହୀତ ହୋଇଥିବା ବିଲ୍ ଅନୁଯାୟୀ କେବଳ ପ୍ରଧାନମନ୍ତ୍ରୀ ଓ ତାଙ୍କ ସହ ସରକାରୀ ବାସଭବନରେ ରହୁଥିବା ପରିବାରକୁ ଏସ୍‌ପିଜି ସୁରକ୍ଷା ମିଳିବ। ଏହା ବ୍ୟତୀତ ପୂର୍ବତନ ପ୍ରଧାନମନ୍ତ୍ରୀ ଓ ତାଙ୍କ ସହ ସରକାରୀ ବାସଭବନରେ ରହୁଥିବା ପରିବାର ସଦସ୍ୟଙ୍କୁ କ୍ଷମତାରୁ ଯିବା ପରେ ୫ ବର୍ଷ ପର୍ଯ୍ୟନ୍ତ ଏହି ସୁବିଧା ଯୋଗାଇ ଦିଆଯିବ।

### ଗୃହରେ ପିଆଜ ଝଡ଼

ପିଆଜର ଆକାଶଛୁଆଁ ଦରବୃଦ୍ଧିକୁ ନେଇ ମଙ୍ଗଳବାର ରାଜ୍ୟ ସଭାରେ ତୁମ୍ବିତୋଫାନ ହୋଇଛି। ପିଆଜ ଦର ହୁହୁ ହୋଇ ବଢୁଥିବାବେଳେ ସରକାର ନୀରବଦ୍ରଷ୍ଟା ସାଜିଥିବାରୁ ମହଜୁଦକାରୀ ପରିସ୍ଥିତିର ଫାଇଦା ଉଠାଉଥିବା ସଦସ୍ୟମାନେ ଅଭିଯୋଗ କରିଥିଲେ। ଦେଶର ବିଭିନ୍ନ ସ୍ଥାନରେ ପିଆଜ ଦର ୧୨୦ ଟଙ୍କା ଛୁଇଁଲାଣି ବୋଲି ଶୂନ୍ୟକାଳରେ ସିପିଏମ୍ ସଦସ୍ୟ କେ.କେ. ରାଗେଶ କହିଥିଲେ। ଗୋଦାମରେ ୩୨ ହଜାର ଟନ୍ ପିଆଜ ପଚିଗଲା। ଏହାକୁ ବଜାରକୁ ଛଡ଼ାଯାଇଥିଲେ ଦରକୁ ନିୟନ୍ତ୍ରଣ କରାଯାଇପାରିଥାନ୍ତା ବୋଲି ସେ କହିଥିଲେ। ପ୍ରତିବର୍ଷ ଅକ୍ଟୋବର-ନଭେମ୍ବରରେ ପିଆଜ ଦର ବଢୁଥିବା ଜାଣି ମଧ୍ୟ ସରକାର କୌଣସି ପଦକ୍ଷେପ ନ ନେବା ଦୁର୍ଭାଗ୍ୟଜନକ ବୋଲି ସିପିଏମ୍ ଏମ୍‌ପି କହିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୪ ଡିସେମ୍ବର, ୨୦୧୯



ନୀତିମୟ ଜୀବନ ଯାପନ କଲେ ମଣିଷ ଉଦାର ଓ ନମ୍ର ହୋଇଥାଏ। ଏହାଦ୍ୱାରା ସେ ସୁଗୁଣର ଅଧିକାରୀ ହୁଏ ଓ ସର୍ବଦା ସତ୍‌କର୍ମ କରେ। ଏହି ସତ୍‌କର୍ମ ହିଁ ମଣିଷକୁ ନିର୍ବାଣ ପ୍ରାପ୍ତିରେ ସାହାଯ୍ୟ କରିଥାଏ।

- ବୁଦ୍ଧଦେବ



# ଲୋକ ସଭାରେ ଉଠିଲା ଓଡ଼ିଶା ପିଏମ୍‌ଏୱାଇ ଦୁର୍ନୀତି ପ୍ରସଙ୍ଗ

**ଭୁବନେଶ୍ୱର,୩।୧୨(ବ୍ୟୁରୋ)**

ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ)ରେ ଦୁର୍ନୀତି ହୋଇଥିବା ନେଇ ଲୋକ ସଭାରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ ପ୍ରଶ୍ନ ଉଠାଇଛନ୍ତି। ଅପରାଜିତା ନିଜ ନିର୍ବାଚନମଣ୍ଡଳୀ ମଧ୍ୟରେ ହୋଇଥିବା ଦୁର୍ନୀତିକୁ ନେଇ ଦାୟିତ୍ୱରେ ଥିବା ଅଫିସରଙ୍କ ବିରୋଧରେ ସରକାର କ'ଣ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଅପରାଜିତାଙ୍କ ଏହି ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର କହିଛନ୍ତି, ଓଡ଼ିଶା ସରକାର ଏକ ରିପୋର୍ଟ ଦାଖଲ କରି ସେଥିରେ ଉଲ୍ଲେଖ କରିଛନ୍ତି ଯେ, ୩୨ ହିତାଧିକାରୀଙ୍କୁ ଘର ପ୍ରଦାନରେ ଅନିୟମିତତା ହୋଇଛି। ଏ ନେଇ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। ୪ ଅଯୋଗ୍ୟ ହିତାଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହାସହ ଏହି ଅନିୟମିତତାରେ ସମ୍ପୃକ୍ତ ଥିବା ୩ଜଣଙ୍କ ନାଁରେ ମାମଲା ରୁଜୁ କରାଯାଇଛି। ଏହି ପ୍ରସଙ୍ଗରେ ଅପରାଜିତା କହିଛନ୍ତି, କାର୍ଯ୍ୟାନୁଷ୍ଠାନରେ ଏତେ ଡେରି କାହିଁକି। କାହିଁକି ତାଙ୍କୁ ପାର୍ଲାମେଣ୍ଟରେ କଥା ଉଠାଇବାକୁ ପଡିଲା। ଯେତେବେଳେ ଏଭଳି ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ କଲି ସେତେବେଳୁ କାହିଁକି କାର୍ଯ୍ୟାନୁଷ୍ଠାନ ନ ହେଲା। ପାର୍ଲାମେଣ୍ଟରେ ପ୍ରସଙ୍ଗ ଉଠାଇବାରୁ ରାଜ୍ୟ ସରକାର ତଦନ୍ତ କଲେ। ଯଦି ସୁନ୍ଦରଭାବେ ସରକାର ଚାଲନ୍ତା ତେବେ ଏମିତି ପରିସ୍ଥିତି ସୃଷ୍ଟି ହୁଅନ୍ତା ନାହିଁ ବୋଲି ସେ କହିଛନ୍ତି।

# ରାଜ୍ୟରେ ୬ ବୃହତ୍, ୨୦ ମଧ୍ୟମ ଜଳଭଣ୍ଡାର ନିର୍ମାଣ ହେବ

**ଭୁବନେଶ୍ୱର,୩।୧୨ (ବ୍ୟୁରୋ)**

ରାଜ୍ୟରେ ଜଳସେଚନ ପାଇଁ ଆଉ ୬ଟି ବୃହତ୍ ଜଳଭଣ୍ଡାର ଓ ୨୦ଟି ମଧ୍ୟମ ଜଳଭଣ୍ଡାର ନିର୍ମାଣ ହେବ। ଏ ନେଇ ସର୍ବେକ୍ଷଣ ଓ ଅନୁସନ୍ଧାନ ଚାଲିଛି। ଏହି ସୂଚନା ଦେଇଛନ୍ତି ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ। ମନ୍ତ୍ରୀ କହିଛନ୍ତି ଯେ କୋରାପୁଟ ଜିଲା ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଖତିଗୁଡା ଗ୍ରାମର ମିଡିଲ୍ କୋଲାବ, ନୟାଗଡ ଜିଲାର ଦଶପଲ୍ଲା ବ୍ଲକ ଅନ୍ତର୍ଗତ ମଞ୍ଜାରୀ ଗ୍ରାମ ନିକଟସ୍ଥ ବୃତ୍ତଙ୍ଗ, ମାଲକାନଗିରି ଜିଲାର ମାଥିଲି ବ୍ଲକ ଅନ୍ତର୍ଗତ ଗୋବିନ୍ଦପାଲି ଗ୍ରାମ ନିକଟସ୍ଥ ଗୋବିନ୍ଦପାଲି , ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ଅନ୍ତର୍ଗତ ତେଲିଜୋର, ରାୟଗଡା ଜିଲା ଗୁଡାଣି ବ୍ଲକ ଅନ୍ତର୍ଗତ ଖଇରା ଗ୍ରାମ ନିକଟରେ ଲୋୟର ବଂଶଧାରା, କଳାହାଣ୍ଡି ଜିଲାର ମ. ରାମପୁର ବ୍ଲକର ଝୁରାଖମନ ଗ୍ରାମ ଅନ୍ତର୍ଗତ ଉଡେଇ-ରାଉଳ ଇଣ୍ଟିଗ୍ରେଟେଡ ବୃହତ୍ ଜଳଭଣ୍ଡାର ନିର୍ମାଣ ହେବ। ସେହିପରି ଅନୁଗୋଳ ଜିଲାର କରଡସିଂଘା, ରାୟଗଡା ଜିଲାର ଭେଜା ଓ ତୋଭାପଦର, ଅନୁଗୋଳ ଜିଲାର କର୍ତ୍ତୁଲିଙ୍ଗା ଓ କୋଳିପାଲ, ସମ୍ବଲପୁର ଜିଲାର ପେଣ୍ଟବାହାଲ, ଦେବଗଡ ଜିଲାର କାଉସିପାଲ, କେନ୍ଦୁଝର ଜିଲାର ଏସ.ଏନ.ପୁର ଗଡ଼, ବୌଦ୍ଧ ଜିଲାର କୀର୍ତ୍ତଙ୍ଗପଡା, କନ୍ଧମାଳର ବନ୍ଧଖମନ, ନବରଙ୍ଗପୁର ଜିଲାର କର୍ଲାପୁର, ବରଗଡ ଜିଲାର ସରଣ୍ଡାପାଲି ଓ ଦୁଆନପାଲି, ବଲାଙ୍ଗୀର ଜିଲାର ଟିକିଲି ଓ ବାଞ୍ଛିପାଲି, ସୁନ୍ଦରଗଡ ଜିଲାର ବରଘାଟ, ସମ୍ବଲପୁର ଜିଲାର କାଦୋଗଡ, ସୁନ୍ଦରଗଡ ଜିଲାର ଯାମହିଡୀ, ଡାଲକୁଡାର ଏବଂ ଗାଇଲୋଠାରେ ମଧ୍ୟମ ଜଳଭଣ୍ଡାର ନିର୍ମାଣ ହେବ।

# ଆୟୁଷ୍ମାନ ଭାରତ: ଓଡ଼ିଶା ପାଇଛି ୧୧୩କୋଟି

**ଭୁବନେଶ୍ୱର,୩।୧୨(ବ୍ୟୁରୋ)**

କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନାକୁ ରାଜ୍ୟ ସରକାର ଲାଗୁ କରୁ ନ ଥିବାରୁ ଭାଜପା ଓ ବିଜେଡି ମଧ୍ୟରେ ଆରୋପ ପ୍ରତ୍ୟାରୋପ ଦେଖିବାକୁ ମିଳିଛି। ଏହି ଯୋଜନା ଓଡ଼ିଶାରେ ଲାଗୁ ହେଲେ ପ୍ରଧାନମନ୍ତ୍ରୀ କାଳେ ନାଁ ନେଇଯିବେ ସେଥିଲାଗି ରାଜ୍ୟ ସରକାର ଏହାକୁ ଲାଗୁ କରୁ ନ ଥିବା ଭାଜପା ନେତୃବୃନ୍ଦ ଅଭିଯୋଗ କରୁଛନ୍ତି। ହେଲେ ଏକ ନୂଆ ତଥ୍ୟ ସାମ୍ନାକୁ ଆସିଛି। ପାର୍ଲାମେଣ୍ଟରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ କହିଛନ୍ତି, ଆୟୁଷ୍ମାନ ଭାରତ ଯୋଜନାରେ ଦୁଇଟି ଉପାଦାନ ରହିଛି। ଏଥିରୁ ଗୋଟିଏ ଉପାଦାନରେ ଥିବା ହେଲ୍‌ଥ ଆଣ୍ଡ ୱେଲନେସ ସେଣ୍ଟର ବାବଦକୁ ଓଡ଼ିଶାକୁ ୨୦୧୮-୧୯ରେ ୪୮କୋଟି ୩୪ଲକ୍ଷ ଏବଂ ୨୦୧୯-୨୦ରେ ୬୫କୋଟି ୨୨ଲକ୍ଷ ଟଙ୍କା ଦିଆଯାଇଛି। ରାଜ୍ୟ ସରକାରଙ୍କ ପ୍ରସ୍ତାବ ଅନୁଯାୟୀ ଏହି ଟଙ୍କା କେନ୍ଦ୍ରରୁ ଆସିଥିବା ଜଣାପଡିଛି। ଭାଜପା ଏମ୍‌ପି ବସନ୍ତ ପଣ୍ଡା ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ ଚୌବେ କହିଛନ୍ତି, ଆୟୁଷ୍ମାନ ଭାରତ ଯୋଜନା ଅନ୍ତର୍ଗତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଲାଗି ଓଡ଼ିଶା କେନ୍ଦ୍ର ସହ ଚୁକ୍ତି କରିନାହିଁ। ଅନ୍ୟପଟେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି, ଆସିଥିବା ଟଙ୍କା ଆୟୁଷ୍ମାନ ଯୋଜନାରେ ନୁହେଁ ବରଂ ୬୦:୪୦ ଭାଗରେ କେବଳ ପ୍ରଶିକ୍ଷଣ ଲାଗି ଆସିଛି। କେନ୍ଦ୍ର ଓ ରାଜ୍ୟ ସହଭାଗିତାରେ ବହୁତଗୁଡିଏ ଯୋଜନା କରାଯାଇଥାଏ ବୋଲି ସେ କହିଛନ୍ତି।


## Government of Odisha
## Department of Women and Child Development and Mission Shakti

**NOTICE**

**No. 17758 / WCD, Dated 02.12.19**

**No.g-43:-** In Continuation to this Department website Notice No. 13923/25.09.2019 of M&E Consultant & No. 13349/ 17.09.2019 of DPC, MAMATA, it is to inform that the Computer Proficiency and Viva Voce Test for the recruitment for the post of M&E Consultant and DPC under MAMATA Scheme is scheduled to be held on 11.12.2019 & 12.12.2019 respectively. The details regarding eligible candidates, venue and schedule of test etc. has been uploaded in the Department website. For further information regarding list of eligible candidates of both DPC and M&E Consultant, schedule of computer proficiency and Viva voce test, exam instruction etc. please log in to Department website- **http://wcdodisha.gov.in**.

33001/11/0013/1920 — **Sd./- Joint Secretary to Govt.**

---

**WORKS DEPARTMENT** — No. B-382:-
**OFFICE OF THE EXECUTIVE ENGINEER**
## MAYURBHANJ (R&B) DIVISION, BARIPADA
Email : bpd_eerb@rediffmail.com

**Government of Odisha "e" Procurement Notice**

Bid Identification No.- E.E.-15/2019-20

1. Number of Works : 17 (Seventeen) number of work
2. Period of Completion : 1 (One) Calendar month
3. Date & Time of availability of bid documents in the portal : Dt.12.12.2019 to 23.12.2019
4. Last Date / time of receipt of bid in the portal : Dt.23.12.2019 upto 4.00 PM
5. Date of opening of bid : Dt.24.12.2019 at 11.00 AM
6. Name & address of the Office inviting bid : Executive Engineer, Mayurbhanj (R&B) Division, Baripada

Further details can be seen from the e-Procurement portal http://www.tendersodisha.gov.in

*Sd./- Executive Engineer*
*Mayurbhanj (R&B) Division*

34060/11/0014/1920

---

No. CAD-640:-

**OMECL**
## Odisha Mineral Exploration Corporation Ltd.
**Regd. Office: OMC House, Bhubaneswar- 751001, Odisha, CIN: U13209OR2016SGC025960**

**NOTICE FOR EXPRESSION OF INTEREST (EOI)**

**EOI No. 06/OMECL/2019** — **Date: 03.12.2019**

| Sl. No. | Events / Parameters | Tentative Schedule / Details |
|---|---|---|
| 1 | Name of tender | Empanelment of Agencies for Drilling work for various Minerals in different areas in Odisha and other states of India |
| 2 | Availability of EOI details on www.omecl.in | 03.12.2019 |
| 3 | Meeting with interested agencies | 13.12.2019, Time: 03:00 PM<br>Venue: Boyan Bhawan, Bhubaneswar |
| 4 | EOI due date ( Last Date & Time of EOI responses by interested Agencies) | 26.12.2019<br>Time: 04:00 PM<br>Venue: Boyan Bhawan, Bhubaneswar |
| 5 | Opening of EOI responses | 27.12.2019, Time: 11:00 AM<br>Venue: Boyan Bhawan, Bhubaneswar |
| 6 | Application fee | Amount: NIL |
| 7 | Security Deposit | Amount: INR 1,00,000 (Rupees One Lakh only) Payable in the form of Demand Draft drawn in favour of the "Odisha Mineral Exploration Corporation Limited", payable at Bhubaneswar |

Any change to the above schedule shall be notified on the website of OMECL (www.omecl.in). Interested agencies are advised to regularly check these websites.

OMECL reserves the right to reject this EOI without assigning any reason thereof.

Sd/- GENERAL MANAGER (EXPLORATION)
ODISHA MINERAL EXPLORATION CORPORATION LIMITED

30005/11/0100/1920

---

## GOVERNMENT OF ODISHA
## INFORMATION AND PUBLIC RELATIONS DEPARTMENT

**No. 13839/IPR, Bhubaneswar** — **Dated the 3rd December, 2019**
**(File No. RTI-48/2019)**

**CORRIGENDUM**

**No.Z-14:-** For Selection of Agency for Annual Maintenance Contract, e-reporting tool, Mobile Application Development & Setting up of PMU for State RTI Portal **www.rtiodisha.gov.in**.

**Bid Ref: RFP No.12445/IPR dated 04.11.2019**

This is for information of all the intending Bidders that the detailed corrigendum in respect of the relevant sections of the RFP document is available in the Government of Odisha website **www.inpr.odisha.gov.in**. The bidders are advised to take into account this corrigendum before s ubmission of their bids against this RFP. If any bidder has already submitted his/her bid then he/she should resubmit his/her bids taking into account this corrigendum on or before the last date of submission of bid.

| Sl. No. | RFP Clause Reference | Description |
|---|---|---|
| 1. | Key Events | 1. Last date and time for submission of Bid is extended till 12.12.2019 by 05.00 PM<br>2. Opening of Pre-Qualification, Technical Bid and Technical Presentation is on 13.12.2019 at 11.30 AM<br>3. Opening of Commercial bids is on 20.12.2019 |

**Director,**
**Information & Public Relations Department**

15001/11/0094/1920

---

**GOVERNMENT OF ODISHA** — No. C-364
**OFFICE OF THE EXECUTIVE ENGINEER**
**P.H. DIVISION, BARIPADA**
**Phone No : 06792-252682 E mail Id : eephbaripada2016@gmail.com**
**NATIONAL COMPETITIVE BIDDING THROUGH e-PROCUREMENT**

**Invitation For Bids (IFB) Dtd.02.12.2019**

| SN | Name of Work | Bid Identi-fication No. | Estimated Cost (Rs. in Lakh) | Period of Completion | Availability of Bid Document for Online Bidding From | To |
|---|---|---|---|---|---|---|
| 1. | Supply, Installation & Testing of House Service Connection to the Consumers of Karanjia NAC under P.H. Division, Baripada | EEPHBPD - 18/ 2019-20 | 81.94 | 03 (Three) Months | 11.00 Hrs. of 06.12.2019 | 17.00 Hrs. of 21.12.2019 |
| 2. | Repair and Rehabilitation of 1.00 lakh Gallon capacity RCC ESR at Belgodia and 75000 Gallon capacity RCC ESR at Station Bazar including chemical treatment to damaged concrete structures in Baripada Municipality under State Plan (BASUDHA) | EEPHBPD - 19/ 2019-20 | 28.41 | 04 (Four) Months | 11.00 Hrs. of 06.12.2019 | 17.00 Hrs. of 21.12.2019 |

- Name & Address of Officer Inviting Bid: **Executive Engineer, P.H. Division, Baripada, Phone # 06792-252682, mail:eephbaripada2016@gmail.com**
- Further details can be seen from the e-Procurement portal **"https://www.tendersodisha.gov.in".**
- **All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.**

13016/11/0007/1920 — *Sd/-* **Executive Engineer, P.H. Division, Baripada**

---

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JAGATSINGHPUR** — No. E-545
**DISTRICT PROGRAMME MANAGEMENT UNIT (DPMU)**
**NATIONAL HEALTH MISSION (NHM)**

## Walk-In-Interview

Advt No 3879 — date 03 / 12 /2019

Walk- in- Interview will be conducted as scheduled bellow for fill up the following posts under National Health Mission, of Jagatsinghpur district on contractual basis for a period of 11 months with monthly remuneration as noted against each and subject to renewal as per Society norms basing on the performance and subsistence of the programme.

| Sl No | Name of the Programme/ Activities as per NHM PIP | Name of the post | Vacancy | Monthly Remuneration (In Rupees)+PI | date of Registration / Interview |
|---|---|---|---|---|---|
| 1 | Special Newborn Care Unit (SNCU) | Medical Officer | 3 | Rs. 52,920/- | 11.12.2019 |
| 2 | District Early Intervention Centre (DEIC) | MO MBBS,DEIC | 1 | Rs. 52,920/- | 11.12.2019 |
| | | Paediatrician, DEIC | 1 | Rs. 66,150/- | 11.12.2019 |
| | | Optometrist, DEIC | 1 | Rs. 13,428/- | 11.12.2019 |
| | | Dental Technician, DEIC | 1 | Rs. 11,562/- | 11.12.2019 |
| 3 | District Mental Health Programme (DMHP) | Clinical Psychologist | 1 | Rs. 25,931/- | 11.12.2019 |
| | | Psychiatric Social Worker | 1 | Rs. 25,931/- | 11.12.2019 |

**Venue:-Office of the CDM & PHO-Cum-DMD, Jagatsinghpur**

The above positions are purely temporary and also co-terminus with the scheme. The actual numbers of vacancy may differ (increase or decrease) at the time of engagement. Canvassing in any form will render the candidate disqualified for the position and no undertaking will be entertained. Details of qualification, experience and TOR of each category of post along with application form can be downloaded from the district website: www.jagatsinghpur.nic.in. The interested candidates may attend the walk in interview from 10.30 AM to 12.30 PM on the scheduled date for registration. The candidates are requested to visit the district website on regular interval till completion of recruitment process. The undersigned reserves the right to cancel any or all the application without assigning any reason or communication thereof.

10043/11/0017/1920 — **sd/- CDM & PHO-cum- DMD, Jagatsinghpur**

---

V-84

## ଓଡ଼ିଶା ସରକାର
## କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

**ଘୋଷଣା**

**File No.L.A. Cas No.27/2017 1039** — **Dated: 23.08.2019**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ସରଣିବେଡା, ଥାନା-ପାଟଣା, ତହସିଲ-ସାହାରାପଡା, ଜିଲ୍ଲା-କେନ୍ଦୁଝରରେ ନିମ୍ନସୂଚୀତ "କ" ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ବାମପାର୍ଶ୍ୱ ମୁଖ୍ୟ ଡିଷ୍ଟ୍ରିବ୍ୟୁଟାରୀ ଭଙ୍ଗାବିଲା ମାଇନର ଓ ସରଣିବେଡା ସବ୍ ମାଇନର କେନାଲ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା.୮୯୫ ତା୨୯।୦୬।୨୦୧୮ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା- ସରଣିବେଡା, ଥାନା-ପାଟଣା, ଜିଲ୍ଲା-କେନ୍ଦୁଝରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇ ନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.kendujhar.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ http://revenue.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନଃବସତି ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-"କ"**
**ଜିଲ୍ଲା-କେନ୍ଦୁଝର — (ପ୍ରସ୍ତାବିତ ଭୂମି ଅଧିଗହଣ ଅନୁସୂଚୀ) — ତହସିଲ-ସାହାରପଡା**

| ଗ୍ରାମର ନାମ | ଗ୍ରାମାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ସରଣିବେଡା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର.୩୭.୧୬ | ଏକର ୦୪.୪୮ | ଏଥି ସହିତ ସଂଲଗ୍ନ |

**ତଫସିଲ-"ଖ"**
**ଜିଲ୍ଲା-କେନ୍ଦୁଝର — (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ) — ତହସିଲ-ସାହାରପଡା**

| ଗ୍ରାମର ନାମ | ଗ୍ରାମାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଧାରା ୧୯ର ଉପଧାରା (୭) ଅଧୀନରେ ଜିଲ୍ଲାପାଳ, କେନ୍ଦୁଝରଙ୍କ ଅଧିସୂଚନା ନଂ.୮୯୫ ତା୨୯।୦୬।୨୦୧୮ରିଖ ଅନୁଯାୟୀ ଧାରା ୧୧ (୧)ର ଘୋଷିତ ଅଧିସୂଚନାର ବୈଧ ତାରିଖ ୨୫।୦୮।୨୦୧୮।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଜିଲ୍ଲାପାଳ**

**24045/14/0021/1920**

---

**GOVT. OF ODISHA, DEPARTMENT OF WATER RESOURCES**
**O/O THE CHIEF CONSTRUCTION ENGINEER,**
## RENGALI RIGHT IRRIGATION PROJECT, DHENKANAL
Email ld-ccerrip@gmail.com

**'e' Procurement Notice**

**No. A-439:-** The Chief Construction Engineer, Rengali Right Irrigation Project, Mahisapat, Dhenkanal on behalf of the Governor of Odisha invites online percentage rate bids for construction of the work as detailed below:

1. Name of the work : Three Nos. of works
2. Tender Cost : Rs. 119.63 lakhs to 207.95 lakh
3. Bid Document Cost : Rs. 10,000.00 (on line)
4. Bid Security : Rs. 1.2 lakh to 2.08 lakh (on line)
5. Class of Contractor : "B" &"A" Class
6. Period of Completion : 06 calendar months (182 days)
7. Other details are as follows :

| Procurement Officer | Bid Identification No. | Availability of Tender Online for bidding From | To | Date of Opening of Technical Bid (Cover-I) |
|---|---|---|---|---|
| Chief Construction Engineer, RRIP, Dhenkanal | CCERRIP-06/ 2019-20 | 09.12.2019 10.00 AM | 26.12.2019, 5.30 PM | 27.12.2019 ,11.00 AM |

8. For further details and on line bidding, visit Govt. website www.tendersodisha.gov.in

32351/11/0006/1920 — *Chief Construction Engineer, Rengali Right Irrigation Project, Dhenkanal*

---

e-mail :rwd_malkangiri@yahoo.co.in

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISON-I MALKANGIRI**
**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender 06/MKG/2019-20** — **No.O-579**

1. Name of the work : Building works (Detailed in Annexure)
2. Total Number of Works : 05 (Five) Number
3. Tender Cost : Rs. 14.80 Lakhs to Rs. 15.03 Lakhs
4. Class of Contractor : 'D'& 'C' Class contractors
5. Period of Completion : (As Per Detailed in Annexure)
6. Other Details:-

| Procurement Officer | Bid Identification No. | No of Works | Availability of Tender on-line for bidding From | To | Last Date & Time of seeking tender clarification | Date and time of opening of tender |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-I, Malkangiri | Online Tender /06 / RWD-I, MKG/ 2019-20 | 05(Five) Nos of Building works | 12.12.2019 from 11.00 AM | 27.12.2019 upto 5.00 PM | 26.12.2019 upto 5.00 P.M. | 30.12.2019 at 11.30 AM |

Further details can be seen from the Website www.tenderorissa.gov.in

**25058/11/0008/1920** — Executive Engineer, R.W. Division-I, Malkangiri

---

ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

**ଅଧିସୂଚନା**

No.: RDM-LAC-KNJ-0019-2019/**18356**/R&DM, Dated: 01 July 2019

**No.: V-91:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ବୈତରଣୀ ବାମପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- ପଦ୍ମପୁର (ଅତିରିକ୍ତ), ଥାନା- ଆନନ୍ଦପୁର, ସଂ.୧୦୭, ତହସିଲ- ଆନନ୍ଦପୁର, ଜିଲ୍ଲା: କେନ୍ଦୁଝରରେ ନିମ୍ନ ତଫସିଲମତେ ପ୍ରାୟ ଏ.୧.୨୧ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ:**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ବୈତରଣୀ ବାମପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ନିର୍ବାହୀ ଯନ୍ତ୍ରୀ, ଆନନ୍ଦପୁର କେନାଲ ଡିଭିଜନ, କେନ୍ଦୁଝର।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ସାର୍ବଜନୀନ ଉଦ୍ଦେଶ୍ୟରେ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର କେନାଲ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପଜିଲ୍ଲାପାଳ, ଆନନ୍ଦପୁର।
୬. ଜମିର ବିବରଣୀ -

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| କେନ୍ଦୁଝର | ଆନନ୍ଦପୁର | ପଦ୍ମପୁର (ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୨.୪୬ | ଏ.୧.୨୧ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, ସାଳପଡ଼ା, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- (ବ୍ରହ୍ମାନନ୍ଦ ବେହେରା) ଯୁଗ୍ମ ଶାସନ ସଚିବ

**LAND SCHEDULE**

**Addl. Land Acquisition for Construction of Anandapur Barrage Project (Baitarani Left Bank Canal) of Vill- Padmapur, Tahasil- Anandapur, P.S.- Anandapur No.-107, Dist.- Keonjhar, L.A. Case No. 20/18**

| କ୍ର. ନଂ. | ଖାତା ନଂ. | ଜମି ମାଲିକଙ୍କ ନାମ, ଜାତି, ବାସସ୍ଥାନ | ପ୍ଲଟ୍ ନଂ. | କିସମ | ମୋଟ ରକବା | ଅଧିଗ୍ରହଣ ରକବା |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୮ | ଅଙ୍କୁର ଖଟୁଆ, ପି: ଶଙ୍କର ଖଟୁଆ, ଜା: ତେଲି, ବା: ନିଜଗାଁ | ୫୯୦/୪୩୨୮ | ବାଜେଫସଲ-୧ | ୦.୫୦ | ୦.୦୪ |
| ୨ | ୧୫୮ | ଗୋବର୍ଦ୍ଧନ ସାହୁ, ରଘୁ ସାହୁ, ପି: ଚନ୍ଦ୍ର ସାହୁ, ଜା: ତେଲି, ବା: ନିଜଗାଁ | ୧୩୭୯/୪୪୨୭ | ବାଜେଫସଲ-୧ | ୦.୮୬ | ୦.୦୭ |
| ୩ | ୨୬୫ | ନଟବର ସାହୁ, ଜଟାଧାରୀ ସାହୁ, ନରହରି ସାହୁ, ରାମଚନ୍ଦ୍ର ସାହୁ, ପି: ରଙ୍କ ସାହୁ, ଜା: ତେଲି, ବା: ନିଜଗାଁ | ୧୪୬୧/୪୩୧୩ | ବାଜେଫସଲ-୧ | ୦.୦୯ | ୦.୦୯ |
| ୪ | ୫୪୩ | ସତ୍ୟବାଦୀ ସାହୁ, ପି: ଦର୍ଶନ ସାହୁ, ଜା: ତେଲି, ବା: ନିଜଗାଁ | ୧୩୮୪ | ବାଜେଫସଲ-୧ | ୦.୮୧ | ୦.୮୧ |
| ୫ | ୬୨୧/୬୫୨ | ଧୋବେଇ ସାହୁ, ପି: ନରି ସାହୁ, ଜା: ତେଲି, ବା: ନିଜଗାଁ | ୪୪୪/୫୦୦୪ | ଶାରଦ-୨ | ୦.୧୧ | ୦.୧୧ |
| ୬ | ୬୨୧/୮୫୬ | କୁଶରଞ୍ଜନ ସାହୁ, ପି: ଜଟାଧାରୀ ସାହୁ, ଜା: ତେଲି, ବା: ପଦ୍ମପୁର | ୪୬୧/୫୧୯୧ | ଘରବାରି | ୦.୦୯ | ୦.୦୯ |
| | | | | | ମୋଟ ଅଧିଗ୍ରହଣ ରକବା ଏ. | ୧.୨୧ |

24001/14/0304/1920



“ ନିଜର କାମକୁ ଠିକ୍ ଭାବେ ପରିଚାଳନା କରୁଥିବା ଲୋକ କେବଳ ଧନ ନୁହେଁ, ଯଶ ମଧ ଲାଭ କରେ।
- ଗଙ୍ଗାଧର ମେହେର



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମର ୪୫ତମ ଆଥଲେଟିକ ମିଟ୍‌ର ଉଦ୍‌ଯାପନୀ ଉତ୍ସବ, ସ୍କୁଲ ପରିସର, ସକାଳ ୮ଟା ୧୫।
- ଓଡ଼ିଶା ଟେନିସ ପ୍ରିମିୟର ଲିଗର ଉଦ୍‌ଘାଟନ ସମାରୋହ, କ୍ୟାମ୍ପସ ୮, କିଟ ବିଶ୍ୱବିଦ୍ୟାଳୟ, ସକାଳ ୯ଟା।
- ଏକ୍ସପ୍ରେସନ୍‌ସ ସଙ୍ଗଠନ ପକ୍ଷରୁ ରାଜ୍ୟସ୍ତରୀୟ ଥିଏଟର ଉତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୭ଟା।

**କଟକ**
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍, ବଜ୍ରକବାଟି, ସକାଳ ୯ଟା ୩୦।

**ପୁରୀ**
- ସୁଲେଖା ପକ୍ଷରୁ କବିତା ପାଠ, ପୁସ୍ତକ ମେଳା, ଶରଧାବାଲି, ଅପରାହ୍ନ ୪ଟା।
- ପୁସ୍ତକମେଳା ଉଦ୍‌ଯାପନୀ ଦିବସ, ଶରଧାବାଲି, ସନ୍ଧ୍ୟା ୬ଟା।
- ଶ୍ୟାମସୁନ୍ଦର ସଙ୍ଗୀତ ମହାବିଦ୍ୟାଳୟର ବାର୍ଷିକୋତ୍ସବ, ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା।

**କୋଣାର୍କ**
- କୋଣାର୍କ ଉତ୍ସବ ଅବସରରେ ସାହିତ୍ୟ ଆସର, ମୁକ୍ତାକାଶ ରଙ୍ଗମଞ୍ଚ, ସକାଳ ୯ଟାରୁ ଅପରାହ୍ନ ୪ଟା।

# ଓଡ଼ିଶୀ, ବାଲିନିଜ୍ ନୃତ୍ୟର ସମ୍ମେଳନ

**ଭୁବନେଶ୍ୱର, ୩।୧୨ (ବ୍ୟୁରୋ)**




ଓଡ଼ିଶା ସହ ଇଣ୍ଡୋନେସିଆର ସମ୍ପର୍କ କାହିଁ କେଉଁକାଳରୁ ରହିଆସିଛି। ଇଣ୍ଡୋନେସିଆ ବାଲିର କଳାକାରମାନେ ସାଂସ୍କୃତିକ ସମ୍ପର୍କର ଭିନ୍ନ ଝଲକ ଆଣିଦେଇଛନ୍ତି। ସୋମବାର କୋଣାର୍କ ନୃତ୍ୟୋତ୍ସବରେ ସୀତାହରଣ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିବା ଏହି କଳାକାରମାନେ ମଙ୍ଗଳବାର ସନ୍ଧ୍ୟାରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ବାଲିନିଜ୍ ନୃତ୍ୟ ପରିବେଷଣ କରିଥିଲେ। ଏଥିସହ ମଞ୍ଚରେ ଓଡ଼ିଶୀର ସମ୍ମେଳନ ଦର୍ଶକଙ୍କୁ ନିଆରା ଅନୁଭବ ଦେଇଥିଲା।

ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ଓ ପର୍ଯ୍ୟଟନ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଉତ୍ପଳକୁମାର ପତି ଉଦ୍‌ଘାଟନ କରିଥିଲେ। ଗଣେଶ ବନ୍ଦନାରେ ନୃତ୍ୟଶିଳ୍ପୀ କବିତା ମିଶ୍ରଙ୍କ ଓଡ଼ିଶୀ ନୃତ୍ୟରୁ ଆରମ୍ଭ ହୋଇଥିଲା କାର୍ଯ୍ୟକ୍ରମ। କବିତା ହଂସଧ୍ୱନୀ ପଲ୍ଲବୀରେ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ବେଶ୍ ଆକର୍ଷିତ କରିଥିଲେ। ପରେ ବାଲି କଳାକାରଙ୍କ ନୃତ୍ୟରେ ଝୁମିଉଠିଥିଲା ପୂରା ପରିବେଶ। ସେଲ୍‌ଟ ସାଗରା, ଟୋପେନ୍ ତୁଆ ଓ ପେଲୋଗୋନେଗାନ ମେଷ୍ଟିଆ ନୃତ୍ୟରେ ଦର୍ଶକ ବାନ୍ଧି ହୋଇଯାଇଥିଲେ। ସେଲ୍‌ଟ ସାଗରା ନୃତ୍ୟରେ ପ୍ରଥମେ ଦର୍ଶକଙ୍କୁ ସ୍ୱାଗତ କରିଥିଲେ। ପରେ ଟୋପେନ

- ଟୋପେନ୍ ତୁଆ ନୃତ୍ୟରେ ପ୍ରେମର ବାସ୍ନା ଭରିଲେ
- ଦର୍ଶକଙ୍କୁ ବିଞ୍ଚଣା ବାଣ୍ଟିଲେ ଇଣ୍ଡୋନେସିଆ ବାଲିର କଳାକାର

ନୃତ୍ୟରେ ପ୍ରେମର ବାସ୍ନା ଭରିଦେଇଥିଲେ ବାଲିର କଳାକାର। ମୁହଁରେ ମୁଖା ପିନ୍ଧି ପ୍ରେମର ବସନ୍ତରେ ନିଜେ ଝୁମିବା ସହ ପ୍ରେକ୍ଷାଳୟକୁ ଭିଜାଇଦେଇଥିଲେ। ଠିକ୍ ଏହି ସମୟରେ ନୃତ୍ୟଶିଳ୍ପୀମାନେ ମଞ୍ଚ ତଳକୁ ଆସି ବାଲିର ପ୍ରସିଦ୍ଧ ବିଞ୍ଚଣାକୁ ୧୩ଜଣ ଦର୍ଶକଙ୍କୁ ଉପହାର ସ୍ୱରୂପ ଦେଇଥିଲେ। ଶେଷରେ ଇଣ୍ଡୋନେସିଆର ଶାସ୍ତ୍ରୀୟ ନୃତ୍ୟ ପେଲୋଗୋନେଗାନ ମେଷ୍ଟିଆ ପରିବେଷିତ କରି ଦର୍ଶକଙ୍କ ହୃଦୟ ଜିଣିଥିଲେ। ଶ୍ରୀନିବାସ ଘଟୁଆରୀ ମଞ୍ଚ ପରିଚାଳନା କରିଥିଲେ।

# 'ପାନିପତ୍' ବନାମ୍ 'ପତି, ପତ୍ନୀ ଔର୍ ୱୋ'

**ଭୁବନେଶ୍ୱର, ୩।୧୨ (ବ୍ୟୁରୋ)**

ଫିଲ୍ମ ଫ୍ରାଇଡେ'ରେ ଏଥର ପରଦାକୁ ଆସୁଛି ଦୁଇଟି ଫିଲ୍ମ। ବହୁ ପ୍ରତୀକ୍ଷିତ ହିନ୍ଦୀ ଐତିହାସିକ ଫିଲ୍ମ 'ପାନିପତ୍'କୁ ଟକ୍କର ଦେବ ରୋମାଣ୍ଟିକ୍ କମେଡି ଫିଲ୍ମ 'ପତି, ପତ୍ନୀ ଔର୍ ୱୋ'। ଆଶୁତୋଷ ଗୋୱାରିକରଙ୍କ ନିର୍ଦ୍ଦେଶିତ 'ପାନିପତ୍' ୧୭୬୧ରେ ହୋଇଥିବା ୩ୟ ପାନିପତ୍ ଯୁଦ୍ଧ ଉପରେ ଆଧାରିତ। ସେହିଭଳି ମୁଦାସ୍‌ର ଅଜିଜ୍‌ଙ୍କ ନିର୍ଦ୍ଦେଶିତ 'ପତି, ପତ୍ନୀ ଔର୍ ୱୋ'ରେ ବିବାହ ଓ ପରକୀୟା ପ୍ରୀତିକୁ ନେଇ ଦମ୍‌ଦାର କମେଡି ଦେଖିବାକୁ ମିଳିବ।

'ପାନିପତ୍'ରେ ଅର୍ଜୁନ କପୁର, ସଞ୍ଜୟ ଦତ୍ତ ଏବଂ କ୍ରିତି ସାନନ୍ ମୁଖ୍ୟ ଭୂମିକାରେ ଅଭିନୟ କରଛନ୍ତି। ଆଫଗାନୀ ତଥା ଦୂରାନୀ ଏବଂ ମରାଠା ସାମ୍ରାଜ୍ୟ ମଧ୍ୟରେ ହୋଇଥିବା ଐତିହାସିକ ପାନିପତ୍ ଯୁଦ୍ଧ ଆଜି ବି ଲୋମ ଟାଙ୍କୁରାଇ ଦେଉଥିବାବେଳେ ଫିଲ୍ମ ମାଧ୍ୟମରେ ପୁଣିଥରେ ସେହି ଅଭୁଲା ଇତିହାସକୁ ଉଜ୍ଜୀବିତ କରାଯାଇଛି। ୩ୟ ପାନିପତ୍ ଯୁଦ୍ଧରେ ମରାଠା ସେନାର ମୁଖ୍ୟ ସର୍ଦ୍ଦାର ସେନାପତି ଥିବା ସଦାଶିବ






## ଫିଲ୍ମ ଫ୍ରାଇଡେ'

ରାଓ ଭାଉଙ୍କ ଭୂମିକାରେ ଅର୍ଜୁନ କପୁରଙ୍କୁ ଦେଖିବାକୁ ମିଳିବ। 'ହାଫ୍ ଗର୍ଲଫ୍ରେଣ୍ଡ', 'ଇଶକ୍‌ଜାଦେ' ଓ 'କି ଆଣ୍ଡ୍ କା' ଭଳି ଫିଲ୍ମ କରିଥିବା ଅର୍ଜୁନ ପ୍ରଥମଥର ପାଇଁ ଏଭଳି ଏକ ଗମ୍ଭୀର ଭୂମିକାରେ ନଜରକୁ ଆସିବେ। ସେହିଭଳି 'କଲଙ୍କ'ରେ ଜବରଦସ୍ତ ଅଭିନୟ ପରେ ପୁଣିଥରେ 'ପାନିପତ୍' ମାଧ୍ୟମରେ ଦର୍ଶକଙ୍କ ଭରପୂର ମନୋରଞ୍ଜନ କରିବାକୁ ପରଦାକୁ ଆସିବେ ସଞ୍ଜୟ ଦତ୍ତ। ସେ ଦୂରାନୀ ସାମ୍ରାଜ୍ୟର ପ୍ରତିଷ୍ଠାତା ଅହମ୍ମଦ ଶାହା ଦୂରାନୀଙ୍କ ଚରିତ୍ରରେ ଅଭିନୟ କରିବେ। 'ହାଉସ୍‌ଫୁଲ୍ ୪' ପରେ କ୍ରିତି ସାନନଙ୍କୁ ଏକ ସିରିୟସ୍ ଚରିତ୍ର ମିଳିଥିବାବେଳେ ଫିଲ୍ମରେ ସେ ସଦାଶିବ ରାଓ ଭାଉଙ୍କ ଦ୍ୱିତୀୟ ପତ୍ନୀ ପାର୍ବତୀ ବାଇଙ୍କ ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମର କାହାଣୀ ମୁତାବକ, ଅଷ୍ଟାଦଶ ଶତାବ୍ଦୀରେ ମରାଠା ସାମ୍ରାଜ୍ୟ ଭାରତୀୟ ଭୂଖଣ୍ଡର ସବୁଠାରୁ ଶକ୍ତିଶାଳୀ ସାମ୍ରାଜ୍ୟଭାବେ ପରିଗଣିତ ହେଉଥିବାବେଳେ ସେମାନଙ୍କ ସାମ୍ରାଜ୍ୟ ଉପରେ ଆଫ୍‌ଗାନ ରାଜା ଅହମ୍ମଦ ଶାହା ଦୂରାନୀଙ୍କ ନଜର ପଡ଼ିଥିଲା। ଭାରତକୁ ନିଜ ଅଧୀନକୁ ନେବାକୁ ଦୂରାନୀ ସମସ୍ତ ବଳ ପ୍ରୟୋଗ କରିଦେଇଥିବାବେଳେ ମରାଠା ପେଶୱା ତାଙ୍କୁ ଅଟକାଇବାକୁ ସଦାଶିବ ରାଓ ଭାଉଙ୍କ ନେତୃତ୍ୱରେ ଯୁଦ୍ଧ ପାଇଁ ଡାକରା ଦେଇଥିଲେ, ଯାହାକି ପରବର୍ତ୍ତୀ ସମୟରେ ୩ୟ ପାନିପତ୍ ଯୁଦ୍ଧ ଭାବେ ପରିଚିତ ହୋଇଥିଲା। ଫିଲ୍ମରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଘମାଘୋଟ ଯୁଦ୍ଧର ଚିତ୍ରକୁ ସ୍ଥାନିତ କରାଯାଇଥିବାବେଳେ ଆକ୍ସନ ଫିଲ୍ମକୁ ଭଲପାଉଥିବା ଦର୍ଶକଙ୍କ ପାଇଁ ଏହା ଏକ ଭଲ ଫିଲ୍ମ ବୋଲି କୁହାଯାଉଛି।

ଅନ୍ୟପକ୍ଷରେ, ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତୃତୀୟ ବ୍ୟକ୍ତି ଆସିଲେ ଯେଉଁ ପରିସ୍ଥିତି ସୃଷ୍ଟି ହୁଏ ତା'କୁ ରୋମାଣ୍ଟିକ୍ କମେଡି ଜରିଆରେ ପରଦାରେ ରଖିବେ (ପତି) କାର୍ତ୍ତିକ ଆର୍ଯ୍ୟନ, (ପତ୍ନୀ)ଭୂମି ପାଡନେକର୍ ଏବଂ (ଔର୍ ୱୋ) ଅନନ୍ୟା ପାଣ୍ଡେ। ଫିଲ୍ମରେ ରାଜେଶ ଶର୍ମା ଏବଂ ଅପାରଶକ୍ତି ଖୁରାନା ମଧ ପ୍ରମୁଖ ଭୂମିକାରେ ନଜରକୁ ଆସିବେ। ରେଣୁ ରବି ଚୋପ୍ରାଙ୍କ ପ୍ରଯୋଜିତ ଏହି ଫିଲ୍ମ ୧୯୭୮ର ଫିଲ୍ମ 'ପତି, ପତ୍ନୀ ଔର୍ ୱୋ'ର ରିମେକ୍। ତେବେ ବଲିଉଡ୍ ଫ୍ରାଇଡେ ବକ୍ସରେ ଦେଖିବାକୁ ମିଳିବ 'ପାନିପତ୍' ବନାମ୍ 'ପତି, ପତ୍ନୀ ଔର୍ ୱୋ'।

**ଏ ମୋ ବୃତ୍ତି**

### ରେଭେନ୍‌ଶାରେ ଲୋକପ୍ରିୟ ନାଁ 'ବୋପା'

# ୭୨ ବର୍ଷ ହେବ ବିକୁଛନ୍ତି ପାଉଁରୁଟି

**ଅଶୋକ କୁମାର ବାରିକ**
**କଟକ ଅଫିସ, ୩।୧୨**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ 'ବୋପା' ନାମ ସହ ଅନେକେ ପରିଚିତ। ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ଅଧ୍ୟାପିକାଅଧ୍ୟାପକମାନେ ମଧ ତାଙ୍କୁ ସେହି ନାମରେ ଡାକନ୍ତି। ଏଠାରେ ଶିକ୍ଷାଲାଭ କରି ଏବେ ରାଜ୍ୟ ରାଜନୀତିର ମନ୍ତ୍ରୀ, ବିଧାୟକ ପଦବୀରେ ଥିବା ନେତାଙ୍କ ପାଖରେ ମଧ 'ବୋପା' ନାମ ବେଶ୍ ପରିଚିତ। ଉଦୟନାଥ ସାହୁ ଓରଫ୍ ବୋପା। ବୟସ ୭୨ ବର୍ଷ। ୮ ବର୍ଷ ବୟସରେ ବାପାଙ୍କ ସାଙ୍ଗରେ କଟକ ଚାଲିଆସିଥିବା ଗଞ୍ଜାମ ଜିଲା ସୋରଡା ଅଞ୍ଚଳର ଏହି ଚର୍ଚ୍ଚିତ ବ୍ୟକ୍ତିଙ୍କୁ ନେଇ ଆମର ଏହି ସ୍ୱତନ୍ତ୍ର ଉପସ୍ଥାପନା।

ଉଦୟନାଥ ଦିନେ ବାପାଙ୍କ ସହ ବିସ୍କୁଟ କମ୍ପାନୀ ଦେଖିବାକୁ କଟକ ଆସିଥିଲେ। ସେତେବେଳେ ତାଙ୍କୁ ୮ ବର୍ଷ ବୟସ। ହେଲେ ସେ ଆଉ ଘରକୁ ଫେରି ନ ଥିଲେ। ଦାଦାଙ୍କ ବିସ୍କୁଟ କମ୍ପାନୀରେ ୨ ବର୍ଷ କାମ କରିଥିଲେ। ତାଙ୍କୁ ଯେତେବେଳେ ୧୦ବର୍ଷ ବୟସ ସେତେବେଳେ ସେ ରେଭେନ୍‌ଶା ଭିତରକୁ ବ୍ୟବସାୟ ପାଇଁ ପଶିଥିଲେ। ଗୋଟିଏ ଟିଣବାକ୍ସକୁ ମୁଣ୍ଡରେ ମୁଣ୍ଡାଇ ବିଶ୍ୱବିଦ୍ୟାଳୟ ପରିସର ଏବଂ ହଷ୍ଟେଲ ଇଲାକାରେ ସକାଳୁ ସନ୍ଧ୍ୟା ଉଦୟନାଥ ଘୂରି ବୁଲନ୍ତି। ତାଙ୍କୁ ବୋପା ଡାକିବା ପଛରେ ଛୋଟିଆ କଥାଟିଏ ମଧ ଲୁଚି ରହିଛି। ଉଦୟନାଥ ସମସ୍ତଙ୍କୁ ବିସ୍କୁଟ ଦେଲାବେଳେ ବାପା ଏବଂ ମା' ଭାବେ ସମ୍ବୋଧନ କରିଥାନ୍ତି। କାରଣ କଟକ ଆସିବା ପରେ ଉଦୟନାଥ ଘରକୁ ଯିବାକୁ ଏତେ ସମୟ ପାଇ ନ ଥାନ୍ତି, ଯେଉଁଥିପାଇଁ ବିଶ୍ୱବିଦ୍ୟାଳୟକୁ ହିଁ ସେ ନିଜର ଘର ବୋଲି ଭାବନ୍ତି। ଏଠାକୁ ଅନେକ ବିଦ୍ୟାର୍ଥୀ ଆସି ଯାଇସାରିଲେଣି। ହେଲେ ନାଲିକୋଠା ପରିସରରେ ଏବେ ବି ତାଙ୍କର ପାଉଁରୁଟି, କେକ୍ ଆଦି ଖାଦ୍ୟର ପେଡି ସମସ୍ତଙ୍କ ପାଇଁ ଖୋଲା ରହିଛି। ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଫୋର୍ଥ ପିଲାର ପାଖରେ ବିକ୍ରି ପାଇଁ ବୋପା ବସିଥାଆନ୍ତି। କେତେଜଣ ଛାତ୍ରୀଛାତ୍ରଙ୍କୁ ସେ ନିଜର ପାରିବାରିକ କାହାଣୀ କୁହନ୍ତି। ଛାତ୍ରୀଛାତ୍ରମାନେ ବି ସେମାନଙ୍କ ଅନୁଭୂତି ତାଙ୍କ ସହ ବାଣ୍ଟିଥାନ୍ତି। ସ୍ତ୍ରୀ, ଦୁଇ ପୁଅ ଓ ଗୋଟିଏ ଝିଅକୁ ନେଇ ତାଙ୍କର ସଂସାର। ବେପାରରୁ ଟିକିଏ ସମୟ ବାହାର କରି ନିଜ ପିଲାମାନଙ୍କୁ ଦେଖିବାକୁ ଯାଆନ୍ତି।



ଉଦୟନାଥ ସାହୁ ଓରଫ୍ ବୋପା

> ବିଶ୍ୱବିଦ୍ୟାଳୟକୁ ଆସିବାର ପ୍ରଥମ ଦିନରୁ ବୋପାଙ୍କ ପାଖରୁ ଅନେକ ସ୍ନେହ ଓ ଭଲପାଇବା ପାଇଛି। ଅନେକ ପିଲା ବୋପାଙ୍କ ପାଖରୁ ଖାଦ୍ୟ କିଣିବା ସହ ନିଜର ସୁଖଦୁଃଖ ବାଣ୍ଟିଥାନ୍ତି। ସତ କଥା, ଦିନେ ବୋପାଙ୍କ ସହିତ ଭେଟ ନ ହେଲେ ସେ ଦିନଟା କେମିତି କେମିତି ଲାଗିଥାଏ।
> - ରାମଚନ୍ଦ୍ର ରାଉଳ, ପୂର୍ବତନ ଛାତ୍ର

> କିଛି ନ ଥିଲେ ବୋପା କ୍ୟାଣ୍ଟିନ ଜିନ୍ଦାବାଦ୍। ଅନେକ ସମୟରେ କ୍ୟାଣ୍ଟିନ କିମ୍ବା ହୋଟେଲ୍ ଯିବାକୁ ସମୟ ମିଳି ନ ଥାଏ। ସିଧାସଳଖ ବୋପାକୁ ଖୋଜିଥାଏ। ଜୋରରେ ପଡ଼ିଆ ଭିତରେ ଛିଡା ହୋଇ ବୋପା ବୋଲି ଡାକିଲେ ବୁଢା ସେ ଟିଣବାକ୍ସ ମୁଣ୍ଡାଇ ଅପରପାର୍ଶ୍ୱରୁ ଯାଉଛି ଲୋ କହି ଦୌଡ଼ିଥାନ୍ତି। ପ୍ରକୃତରେ ସେ ଜଣେ ସ୍ନେହୀ ଓ ଭଲ ହୃଦୟର ମଣିଷ।
> - ସତ୍ୟବ୍ରତ ପ୍ରଧାନ, ଛାତ୍ର

## ଜାଲ୍ ଶିକ୍ଷକ ନିଯୁକ୍ତି ମାମଲା କାର୍ଯ୍ୟାନୁଷ୍ଠାନରେ ବିଳମ୍ବକୁ ନେଇ ଅସନ୍ତୋଷ

**କଟକ ଅଫିସ, ୩।୧୨**

ରାଜ୍ୟରେ ଜାଲ୍ ଶିକ୍ଷକ ନିଯୁକ୍ତ ଓ ଭୂତ ସ୍କୁଲ ବାବଦରେ ବାର୍ଷିକ ୨ ହଜାର କୋଟି ଲୁଟ୍ ହେଉଛି। ଏନେଇ ଭୁବନେଶ୍ୱରର ସଞ୍ଜୟ କୁମାର ମହାରଣାଙ୍କ ଇ-ମେଲ ପିଟିଶନ୍‌କୁ ଜନସ୍ୱାର୍ଥ ମାମଲା ଭାବେ ହାଇକୋର୍ଟ ଗ୍ରହଣ କରିଥିଲେ। ମୁଖ୍ୟ ବିଚାରପତି କେ. ଏସ୍. ଝାବେରୀ ଓ ବିଚାରପତି କେ. ଆର. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠରେ ମାମଲାର ଶୁଣାଣି ଚାଲିଛି। ପିଲାଙ୍କ ଭବିଷ୍ୟତ ଜଡ଼ିତ ଥିବାରୁ ଦୃଢ କାର୍ଯ୍ୟାନୁଷ୍ଠାନ ଲାଗି ରାଜ୍ୟ ଭିଜିଲାନ୍ସ ଆଇଜି ଏବଂ ଗଣଶିକ୍ଷା ବିଭାଗକୁ ହାଇକୋର୍ଟ ୨୦୧୮ ଡିସେମ୍ବର ୧୦ରେ ନୋଟିସ କରିଥିଲେ। ଗତ ସୋମବାର ମାମଲାର ଶୁଣାଣି ହୋଇଥିଲା। ଜାଲ୍ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନରେ ବିଳମ୍ବକୁ ନେଇ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୩ ତାରିଖରେ ହେବ।

୧୯୯୪ରେ ରାଜ୍ୟର ୨୯୨୯ ପୂର୍ଣ୍ଣ ଅନୁଦାନପ୍ରାପ୍ତ ହାଇସ୍କୁଲକୁ ସରକାରୀ ଘୋଷଣା କରାଯିବା ପରେ ବହୁସଂଖ୍ୟକ ଜାଲ୍ ଶିକ୍ଷକ ପିଛିଲା ତାରିଖରୁ ବିଭାଗୀୟ ଅନୁମୋଦନ ଲାଭ କରି ଦରମା ପାଇଥିଲେ। ଏଥିସହ ୧୯୯୫-୯୬ରେ ୬୧୦ ହାଇସ୍କୁଲକୁ ପୂର୍ଣ୍ଣ ଅନୁଦାନ ମିଳିଲା ପରେ ସେଥିରୁ ଦୁଇ ତୃତୀୟାଂଶରୁ ଊର୍ଦ୍ଧ୍ୱ ଅଣତାଲିମପ୍ରାପ୍ତ ଶିକ୍ଷକଙ୍କୁ ଅନୁମୋଦନ ମିଳିଥିଲା। ତେବେ ନିଯୁକ୍ତି ସମୟରେ ସୁପ୍ରିମକୋର୍ଟ, ହାଇକୋର୍ଟଙ୍କ ଏକାଧିକ ଆଦେଶନାମାକୁ ଉଲ୍ଲଂଘନ କରାଯାଇଥିଲା। ଏହାଦ୍ୱାରା ଏହି ଜାଲ୍ ଶିକ୍ଷକମାନେ ସରକାରୀ ତହବିଲରୁ ବହୁ କୋଟି ଟଙ୍କା ଲୁଟ୍ କରିବାର ସୁଯୋଗ ପାଇଲେ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ଇତିମଧ୍ୟରେ ଗଞ୍ଜାମ, ମୟୂରଭଞ୍ଜ, କେନ୍ଦୁଝର ଆଦି ଜିଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ଜାଲ୍ ଶିକ୍ଷକଙ୍କୁ ଛଟେଇ ସହ ଥାନାରେ ମାମଲା ରୁଜୁ ହୋଇଛି। ମାତ୍ର କଟକ ଜିଲାରେ ଏହାକୁ କାର୍ଯ୍ୟକାରୀ କରାଯାଇନାହିଁ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ସୁଦୀପ୍ତ



ରାକେଶ



ରାମଚନ୍ଦ୍ର



ରାମେଶ୍ୱରୀ




ସୁଦର୍ଶନ



ଆଶିଷ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ।
www.dharitri.com/category/selfie/

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**Officially Staff**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., Monthly Salary upto Rs.20,000/-.
Contact Immediately
Mob: 9938699963

**TEACHERS REQUIRED**
Teachers Required Male/Female for Odiya/English Medium School
ST. XAVIER HIGH SCHOOL
Plot No.4916, Pandav Nagar, Bhubaneswar.
Contact : 7978084379
8249088768

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary Rs.27,000/-.
Contact: 9938676412

**Urgently Required**
A Sales Manager for SP& CFA of JK-Lakshmi Cement in Puri District. Candidate must be Experienced / Native in Puri District.
Cell : 9040096746 / 9040096740
E-mail - logisticsaikrupa@gmail.com

**Urgent Required**
Experience Lady Candidate for Backend Job. Salary 7K-10K. Work Place Bhubaneswar. The candidate should have well experience in Computer Knowledge.
Contact : 8327770813
7609947073

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., Monthly Salary upto Rs.25,000/-.
Contact Immediately
Mob: 8763257042

**REQUIRED** A reputed business house in Bhubaneswar requires the following experienced and dynamic personnel:
1. SALES EXECUTIVE: Graduation with 3-5 year experience in Lubricants /Automobile / FMCG
2) ACCOUNTS ASSISTANT - Commerce with 2-3 year experience in Tally.
Interested candidate may send recent Photo with resume to
E-mail : hr.rctpl@gmail.com, Mob.: 9437329938

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍‌ଚର କନ୍‌ଷ୍ଟ୍ରକ୍‌ସନ୍, ହେଲପର, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଡିନ୍‌ଡୋଲି, ସୁରତ, ଗୁଜୁରାଟ
9157012447, 9157312448

URGENT REQUIRED
**FLYING JET JEWELLERY**
A leading direct sales company in India.
ISO Certified -9001-2015
Required 100 nos. of male and female for every District in Odisha.
Post ➤ Sales/ Marketing Executive. And Team Leader
Qualifications ➤ 10th pass and above can apply.
Age Limit- 21 to 50
Direct Company recruitment. Interested Franchisers also can contact us.
Address :- John House building, 2nd Floor, Goutam Nagar, Bhubaneswar. Land mark- Mausima temple.
For more details contact to :- 8596095964, 9178719177
E-mail : flyingjetonline@gmail.com

ଭୁବନେଶ୍ୱରରେ ଦରମା ସହିତ ରହିବା, ଖାଇବା ସୁବିଧା ଥାଇ, ଆୟୁର୍ବେଦିକ୍ କ୍ଲିନିକ୍ ପାଇଁ ମହିଳା କର୍ମୀ ଆବଶ୍ୟକ।
ଯୋଗାଯୋଗ
9861193818

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

CLASSIFIED DISPLAY
on Every
Tuesday and Friday

ବ୍ଲକ ଏବଂ ପଞ୍ଚାୟତ ସ୍ତରୀୟ ନିଯୁକ୍ତି ପାଇଁ
ସମସ୍ତ ଜିଲ୍ଲାରୁ ପ୍ରାର୍ଥୀ ଆବଶ୍ୟକ।
ଯୋଗ୍ୟତା - ୧୦ମ ରୁ ଉର୍ଦ୍ଧ
ଦରମା - ୭୫୦୦/- ରୁ ୪୨୫୦୦/-
7894509327

### ଗ୍ୟାସ୍ ଟାଙ୍କି ଫାଟି ଶୌଚାଳୟରେ ଲାଗିଲା ନିଆଁ

ଭୁବନେଶ୍ୱର,୩।୧୨(ବ୍ୟୁରୋ): ଚନ୍ଦ୍ରଶେଖରପୁର ଥାନା କେଳୁଚରଣ ପାର୍କ ନିକଟ ବିଏମ୍‌ସି ଶୌଚାଳୟରେ ମଙ୍ଗଳବାର ଅପରାହ୍ନରେ ନିଆଁ ଲାଗିଯାଇଥିଲା। ଗ୍ୟାସ୍ ଟାଙ୍କି ଫାଟି ଏହି ନିଆଁ ଲାଗିଥିବା ଜଣାପଡିଛି। ଚନ୍ଦ୍ରଶେଖରପୁର ଦମକଳ କେନ୍ଦ୍ରର କର୍ମଚାରୀମାନେ ୨ ଗାଡ଼ି ସହ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସୂଚନା ଅନୁଯାୟୀ, ଉକ୍ତ ଶୌଚାଳୟର ଦାୟିତ୍ୱ ପ୍ରମୋଦ ନାମକ ଜଣେ ଯୁବକଙ୍କୁ ଦିଆଯାଇଥିଲା। ସେ ସେଠାରେ ତାଙ୍କ ପରିବାରକୁ ଆଣି ରଖିଥିଲେ। ୫ ଲିଟର ବିଶିଷ୍ଟ ଗ୍ୟାସ୍ ଟାଙ୍କି ରଖି ରୋଷେଇ କରୁଥିବାବେଳେ କୌଣସି କାରଣରୁ ତାହା ଫାଟିଯାଇଥିଲା।

# କ୍ରୋଧର ନିଆଁରେ ଜଳିଥିଲା ୬ ଜୀବନ

## ସିଡିଏରେ କାଳରାତି: ୪ବର୍ଷ ପୂରିଲା...



ଅଗ୍ନିକାଣ୍ଡ ଘଟିଥିବା ଘର ଆଗରେ ଲୋକଙ୍କ ଭିଡ଼। (ଫାଇଲ ଫଟୋ)

କୁମାରଶ୍ରୀ ସାହୁ
କଟକ ଅଫିସ,୩।୧୨

ମର୍କତନଗର ଥାନା ଅନ୍ତର୍ଗତ ସିଡ଼ିଏ ସେକ୍ଟର-୭ରେ ଆଜିକୁ ଠିକ୍ ୪ବର୍ଷ ତଳେ ଘଟିଥିଲା ଏକ ହୃଦୟ ବିଦାରକ ଘଟଣା। ଥାନା ପଛ ପାଖ ଗଳିରେ ଥିବା ଏକ କୋଠାର ପ୍ରକୋଷ୍ଠରେ ଜଳୁଥିଲା ହୁତୁହୁତୁ ନିଆଁ, ଆଉ ଶୁଭୁଥିଲା କରୁଣ ଚିତ୍କାର। କେହି କିଛି ବୁଝିବା ପୂର୍ବରୁ ଆକୁଳ ଚିତ୍କାର ଭିତରେ ସମଗ୍ର ସିଡିଏ ଯେପରି କ୍ଷଣିକ ଭିତରେ ନିସ୍ତବ୍ଧ ହୋଇଯାଇଥିଲା। ଏହି ଘଟଣାରେ ୬ଜଣଙ୍କ ମୃତ୍ୟୁ ଘଟିଥିଲା। ସେମାନଙ୍କ ମଧ୍ୟରେ ୨ଜଣ ନାବାଳକ ଓ ଜଣେ କୋମଳମତି ଶିଶୁ ଥିଲେ। ୨୦୧୫ ଡିସେମ୍ବର ୩ ତାରିଖ ସନ୍ଧ୍ୟାରେ ଘଟିଥିବା ଉକ୍ତ ଘଟଣା କେବଳ କଟକ ନୁହେଁ ସମଗ୍ର ରାଜ୍ୟବାସୀଙ୍କୁ ଆନ୍ଦୋଳିତ କରି ଦେଇଥିଲା। ଘଟଣା ଘଟିବାର କିଛି ମାସ ପର୍ଯ୍ୟନ୍ତ ଏହି କୋଠା ତ ଦୂରର କଥା ଥାନା ପଛ ଗଳିରେ ପାଦ ପକାଇବାକୁ ଲୋକେ ସାହସ କରୁ ନ ଥିଲେ। ଏବେ ସବୁ ସ୍ୱାଭାବିକ ହୋଇଛି। ହେଲେ ଏହି କୋଠାକୁ କେହି ଭୁଲି ନାହାନ୍ତି। ଭଦ୍ରକର ଏକ ଦମ୍ପତି ଏବେ ଏହି ଘରେ ଭଡ଼ାରେ ରହୁଛନ୍ତି। ଘଟଣା ବିଷୟରେ ସବୁ ଜାଣିଥିଲେ ସୁଦ୍ଧା ଟିକେ ହେଲେ ଡର ମନରେ ନାହିଁ ବୋଲି ଦମ୍ପତି କହିଥିଲେ। ସିଡିଏ ଇତିହାସରେ ୨୦୧୫ ଡିସେମ୍ବର ମାସର ପ୍ରଥମ ଗୁରୁବାରଟି ଏକ କାଳରାତି ଭାବେ ଗଣାଯାଉଛି।

### ଘଟଣାର ପ୍ରଚ୍ଛଦପଟ

୬ଜଣ ମୃତ୍ୟୁ ପଛରେ ଜଣେ ହିଁ ଦାୟୀ ଥିଲେ। ସେ ହେଲେ ଅନାଦି ସାହୁ। ଅନାଦିଙ୍କର ମଧ୍ୟ ଏହି ଘଟଣାରେ ମୃତ୍ୟୁ ଘଟିଥିଲା। ସନ୍ଧ୍ୟାରେ ଘରେ ଟିଭି ଚାଲିଥାଏ। ସେଠାରେ ୩ଜଣ ପିଲା ରୁପା, ସୁନା ଓ ଡୁଡୁଲ ବସି ଟିଭି ଦେଖୁଥାନ୍ତି। ଏହି ୩ଜଣ ପିଲା ହେଲେ ଅନାଦିଙ୍କ ଭାଣିଜୀ କୁନିଙ୍କର ସନ୍ତାନ। ଅନାଦିଙ୍କ ଝିଅ ଅନିତା ମଧ୍ୟ ଏହି ଘରେ ଥିଲେ। ହଠାତ୍ ଅନାଦି ରାଗ ତମତମ ହୋଇ ସମସ୍ତଙ୍କ ଉପରେ ପେଟ୍ରୋଲ ଢାଳିବା ଆରମ୍ଭ କରିଥିଲେ। ଅନାଦିଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ ସୁଦ୍ଧା ସମସ୍ତେ ବିଫଳ ହୋଇଥିଲେ। ପରେ ଅନାଦି ନିଆଁ ଲଗାଇ ଦେବାରୁ କୁନି ଓ ତାଙ୍କ ୩ ସନ୍ତାନ ଘର ଭିତରେ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ପରେ ଅନାଦି ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ। ଅନାଦି ଓ ଅନିତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ଏସ୍‌ସିବି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ଉଭୟଙ୍କର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଖାନ୍‌ନଗର ଶ୍ମଶାନରେ ସମସ୍ତଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

### ବର୍ତ୍ତିଯାଇଥିଲେ ପୁଅ ଅରୁଣ

ସିଡ଼ିଏରେ ଅରୁଣଙ୍କର ଏକ ମେଡ଼ିସିନ ଦୋକାନ ଥିଲା। ସନ୍ଧ୍ୟା ସମୟରେ ଅରୁଣ ଦୋକାନରେ ଥିଲେ। ଅନାଦି ଏଭଳି କାଣ୍ଡ ଘଟାଇଥିବାବେଳେ ଅରୁଣ ଘରେ ନ ଥିବାରୁ ଏଥିରୁ ବର୍ତ୍ତି ଯାଇଥିଲେ। ଏହାଛଡ଼ା ଅରୁଣ ଘରେ ଥିଲେ ହୁଏତ ବାପାଙ୍କୁ ଏଭଳି କରିବାକୁ ଦେଇ ନ ଥାନ୍ତେ ବୋଲି ମଧ୍ୟ କୁହାଯାଏ।

### ଅନିତା ଖୋଲିଥିଲେ ଗୁମର

ଘରେ ନିଆଁ ଓ ଧୂଆଁ ସହ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଅନାଦିଙ୍କ ଘର ଭିତରକୁ ଧସି ପଶିଥିଲେ। ହେଲେ ଏଭଳି ପରିସ୍ଥିତି କେମିତି ହେଲା ତାହା କାହାକୁ ବି ଜଣା ନ ଥିଲା। ଗୁରୁତର ଅବସ୍ଥାରେ ଅନିତା ମେଡ଼ିକାଲରେ ଚିକିତ୍ସିତ ହେଉଥିବାବେଳେ ପୋଲିସ ସମ୍ମୁଖରେ ବାପା ଅନାଦିଙ୍କ କାଣ୍ଡ ସମ୍ପର୍କରେ କହିଥିଲେ।

### ବାଲିଯାତ୍ରା ବୁଲି ଆସିଥିଲେ କୁନି

ଅନାଦିଙ୍କ ଯୋଗୁ କୁନି ଓ ତାଙ୍କର ୩ ସନ୍ତାନ ମୃତ୍ୟୁ ମୁହଁରେ ପଡ଼ିଥିଲେ। ଏମାନେ ବାଲିଯାତ୍ରା ଦେଖିବାକୁ କଟକ ଆସିଥିବା ଜଣାପଡ଼ିଥିଲା। ଅନାଦିଙ୍କ ପାରିବାରିକ କଳହରୁ ଏଭଳି ଘଟଣା ହୋଇଥିବାବେଳେ ତୁଚ୍ଛାଟାରେ କୁନିଙ୍କ ପରିବାର ସର୍ବସ୍ୱ ହରାଇଥିଲା।

### ଦ୍ୱିତୀୟ ବିବାହରୁ ବିବାଦ

ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ପରେ ଅନାଦି ଦ୍ୱିତୀୟ ବିବାହ କରିବାକୁ ଇଚ୍ଛା ରଖିଥିଲେ। ଯାହାକୁ ନେଇ ପରିବାରରେ ଅଶାନ୍ତି ଦେଖା ଦେଇଥିଲା ବୋଲି ପୋଲିସର ତଦନ୍ତରୁ ଜଣାପଡ଼ିଥିଲା। ଅନାଦି ଏଭଳି ବୀଭତ୍ସ କାଣ୍ଡ ଘଟାଇବା ପୂର୍ବରୁ ଲେଖିଥିବା ଏକ ସୁଇସାଇଡ୍ ଚିଠି ମଧ୍ୟ ପୋଲିସର ହସ୍ତଗତ ହୋଇଥିଲା।

### 'ପରିକ୍ରମା' ଉଦ୍‌ଘାଟିତ

## ୪୦ କଳାକୃତି ପ୍ରଦର୍ଶିତ



ଭୁବନେଶ୍ୱର, ୩।୧୨(ବ୍ୟୁରୋ)

ଲଳିତ କଳା ଏକାଡେମୀ ପକ୍ଷରୁ ପ୍ରଦର୍ଶନୀ 'ପରିକ୍ରମା' ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ରିସର୍ଚ୍ଚ ସ୍କଲାରଙ୍କ ଦ୍ୱାରା ପ୍ରସ୍ତୁତ ପେଣ୍ଟିଂ, ଭାସ୍କର କଳା, ଚିନାମାଟି ଶିଳ୍ପ ଆଦି ୪୦ କଳାକୃତି ପ୍ରଦର୍ଶିତ ହେଉଛି। ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବତନ ରାଷ୍ଟ୍ରଦୂତ ଅବସର ବେଉରିଆ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରିସର୍ଚ୍ଚ ସ୍କଲାରମାନଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଲଳିତ କଳା ଏକାଡେମୀର ଇନ୍‌ଚାର୍ଜ ପ୍ରମୋଦ ବୋରୁହା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆସନ୍ତା ୭ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରଦର୍ଶନୀ ପୂର୍ବାହ୍ନ ସାଢ଼େ ୧୧ଟାରୁ ସନ୍ଧ୍ୟା ସାଢ଼େ ୭ଟା ପର୍ଯ୍ୟନ୍ତ ଜନସାଧାରଣଙ୍କ ନିମନ୍ତେ ଖୋଲା ରହିବ। ଏଥିରେ ଓଡ଼ିଶାର ଅର୍ଚ୍ଚନା ଦାସ, ଚିନ୍ମୟୀ ବେହେରା, ସ୍ମୃତି ରଞ୍ଜନ ସୂତାର, ଶିବାନୀ ପଟ୍ଟନାୟକ, ଶୁଦ୍ଧି ରଞ୍ଜନ ମହାରଣା, ବିହାରର ମମତା କେଶରୀ ଓ ସନ୍ତୋଷ କୁମାରଙ୍କ ଦ୍ୱାରା ପ୍ରସ୍ତୁତ କଳାକୃତି ପ୍ରଦର୍ଶିତ ହେଉଛି।

### ସଂକ୍ଷେପରେ

## ଝିଅକୁ ମାରି ପୋଡ଼ି ଦେଇଥିବା ଅଭିଯୋଗ

### ସ୍ୱାମୀ, ଶାଶୁ ଓ ନଣନ୍ଦ ଅଟକ

**ବାରଙ୍ଗ,୩।୧୨(ଡି.ଏନ୍.ଏ):** ଚନ୍ଦକା ଥାନା ଅନ୍ତର୍ଗତ ଦାରୁଠେଙ୍ଗ ଗ୍ରାମ ଗଡ଼ସାହିରେ ଜଣେ ମହିଳାଙ୍କୁ ମାରି ପୋଡ଼ି ଦେଇଥିବା ବାପଘର ପକ୍ଷରୁ ମଙ୍ଗଳବାର ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନଂ.୨୫୦/୧୯ରେ ମାମଲା ରୁଜୁ କରି ସ୍ୱାମୀ, ଶାଶୁ ଓ ନଣନ୍ଦଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଏହାସହ ଶ୍ମଶାନରୁ ହାଡ଼ ଓ ପାଉଁଶକୁ ଜବତ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଗଡ଼ସାହିର ଦୀପକ ଭୋଇ ଦେଢ଼ବର୍ଷ ତଳେ ନିଆଳି ଥାନା ଅନ୍ତର୍ଗତ ତଉବତୀ ଗ୍ରାମର ରୁବି ପରିଡ଼ାଙ୍କୁ ପ୍ରେମ ବିବାହ କରିଥିଲେ। ଏହି ବିବାହକୁ ଉଭୟ ପରିବାର ଗ୍ରହଣ କରି ନ ଥିଲେ। ସୋମବାର କୌଣସି କାରଣକୁ ନେଇ ଝଗଡ଼ା ହେବାରୁ ବିଳମ୍ବିତ ରାତିରେ ଦୀପକର ପରିବାର ଲୋକେ ରୁବିକୁ ଶ୍ୱାସରୁଦ୍ଧ କରି ମାରିଦେଇଥିଲେ। ପରେ ରୁବିଙ୍କ ମୃତଦେହକୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଗାଁ ଶ୍ମଶାନରେ ଶବଦାହ କରିଥିଲେ। ମଙ୍ଗଳବାର ସକାଳେ କୌଣସି ସୂତ୍ରରୁ ରୁବିଙ୍କ ପରିବାର ଲୋକେ ଖବରପାଇ ଗ୍ରାମରେ ପହଞ୍ଚି ଚନ୍ଦକା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକ୍ରମେ ରୁବିଙ୍କ ସ୍ୱାମୀ, ଶାଶୁ ଓ ନଣନ୍ଦଙ୍କୁ ଅଟକ ରଖି ପଚରାଉଚୁରା ପରେ ସେମାନେ ସବୁକଥା ସ୍ୱୀକାର କରିଥିବା ଥାନାଧିକାରୀ ଦେବେନ୍ଦ୍ର କୁମାର ବିଶ୍ୱାଳ କହିଛନ୍ତି। କିନ୍ତୁ ଘଟଣା ପରେ ଶ୍ୱଶୁର ଫେରାର ଅଛନ୍ତି।

## ସ୍ତ୍ରୀଙ୍କୁ ଦେଖା କରିବାକୁ ଆସି ଫସିଲେ ସ୍ୱାମୀ

**ଭୁବନେଶ୍ୱର, ୩।୧୨(ବ୍ୟୁରୋ):** ଗତ କିଛିଦିନ ତଳେ ଜଣେ ବ୍ୟକ୍ତି ନିଜ ସ୍ତ୍ରୀର ଦ୍ୱିତୀୟ ବିବାହ ହେଉଥିବା ଜାଣି ନୟାପଲ୍ଲୀ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସର ହସ୍ତକ୍ଷେପ ପରେ ସ୍ତ୍ରୀଙ୍କର ଅନ୍ୟତ୍ର ବିବାହ ସମ୍ଭବପର ହୋଇପାରି ନ ଥିଲା। ଏହି ଘଟଣା ସେଠାରେ ସମାଧାନ ହୋଇଥିବାରୁ ସ୍ୱାମୀ ଚାଲିଯାଇଥିଲେ। ମଙ୍ଗଳବାର ସ୍ତ୍ରୀ କିପରି ଅଛନ୍ତି ଦେଖିବାକୁ ଏହି ଥାନା ଅଞ୍ଚଳର ଘର ସମ୍ମୁଖକୁ ସ୍ୱାମୀ ରାକେଶ ବାରିକ ଆସିଥିଲେ। ଝିଅର ପରିବାର ଲୋକେ ରାକେଶ ଆକ୍ରମଣ ପାଇଁ ଧମକ ଦେଉଥିବା ନେଇ ଥାନାରେ ଅଭିଯାଗ କରିଥିଲେ। ପୋଲିସ ପହଞ୍ଚି ରାକେଶକୁ ଥାନାକୁ ଧରିଆଣିଥିଲା। ସେଠାରେ ଅଣ୍ଡରଟେକିଂ ଲେଖିବା ପରେ ମୁକୁଳିଥିଲେ। ଏଣିକି ସ୍ତ୍ରୀକୁ ପାଇବା ନେଇ କୋର୍ଟରେ ତାଙ୍କ ସହ ଦେଖା ହେବ ବୋଲି ସ୍ୱାମୀ କହିଥିଲେ। ସୂଚନା ମୁତାବକ, ୨୦୧୩ରେ ସ୍ୱାମୀ ରାକେଶ ବାରିକ ଉକ୍ତ ଯୁବତୀଙ୍କୁ କୋର୍ଟ ବିବାହ କରିଥିଲେ।

## ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ

**ବାଲିଅନ୍ତା, ୩।୧୨(ଡି.ଏନ୍.ଏ):** ବାଲିଅନ୍ତା ବ୍ଲକ ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ମଙ୍ଗଳବାର ଭିଙ୍ଗାରପୁରଠାରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଜୟଦେବ ବିଧାୟକ ଡ.ଅରବିନ୍ଦ ଢାଲି ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସରପଞ୍ଚ ଜୟଶ୍ରୀ ନାୟକ, ବ୍ଲକ ଶିକ୍ଷାଧିକାରୀ ସିପ୍ରା ମିଶ୍ର, ଅତିରିକ୍ତ ଶିକ୍ଷାଧିକାରୀ ସୁରେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ।

### ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ୫ମ ପ୍ରତିଷ୍ଠା ଦିବସ

## ନିଜେ ନିଜର ବାଟ ଖୋଜିବାକୁ ରାଜ୍ୟପାଳଙ୍କ ପରାମର୍ଶ

ଭୁବନେଶ୍ୱର, ୩।୧୨(ବ୍ୟୁରୋ)

ଭାରତୀୟ ସଂସ୍କୃତି ଓ ପରମ୍ପରାରେ ନାରୀମାନଙ୍କୁ ଉଚ୍ଚ ସ୍ଥାନ ଦିଆଯାଇଛି। ଜଗଜ୍ଜନନୀ ଓ ଜନନୀ ପରସ୍ପର ସମ୍ପର୍କିତ ବୋଲି ବିଚାର କରାଯାଇଛି। ବାସ୍ତବରେ ନାରୀମାନଙ୍କୁ ଚେତନାର ପରିପ୍ରକାଶ ପାଇଁ ଈଶ୍ୱର ପୃଥିବୀକୁ ପ୍ରେରଣ କରିଥାନ୍ତି। ଯେଉଁ ସମାଜରେ ନାରୀମାନଙ୍କ ଅନ୍ତର୍ନିହିତ ଶକ୍ତି ଓ ସାମର୍ଥ୍ୟର ପ୍ରକାଶ ଓ ବିକାଶ ନିମନ୍ତେ ଅନୁକୂଳ ପରିବେଶ ଥାଏ, ସେ ସମାଜ ସମୃଦ୍ଧ ବିବେଚିତ ହୁଏ ବୋଲି ରାଜ୍ୟପାଳ ତଥା କୁଳାଧିପତି ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ୫ମ ପ୍ରତିଷ୍ଠା ଦିବସ ସମାରୋହରେ ପ୍ରଫେସର ଲାଲ ଯୋଗଦେଇ କହିଲେ ଯେ, କାହା ଦ୍ୱାରା ପରିଚାଳିତ ନ ହୋଇ ନିଜେ ନିଜର ପଥ ନିର୍ମାଣ କରିବା ଲାଗି ବାଟପାଇବା ହିଁ ପ୍ରକୃତ ଶିକ୍ଷା। ପ୍ରତ୍ୟେକ ବ୍ୟକ୍ତି ଅନନ୍ୟ। ତେଣୁ ନିଜେ ନିଜର ଲକ୍ଷ୍ୟ ସ୍ଥିର କରି ସେ ଲକ୍ଷ୍ୟ ପୂରଣ ପାଇଁ ସାଧନା କରିବାକୁ ରାଜ୍ୟପାଳ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଯୋଗଦେଇ ବିଶ୍ୱବିଦ୍ୟାଳୟ ଗବେଷଣାକୁ ଗୁରୁତ୍ୱ ଦେବାକୁ କହିବା ସହ ରାଜ୍ୟରେ ଉଚ୍ଚଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ନିମନ୍ତେ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ଅନେକ ଅଭିନବ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଉତ୍ସବରେ କୁଳପତି ଡ. ପଦ୍ମଜା ମିଶ୍ର, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ଡ. ସରିତା ସୁପକାର, କୁଳସଚିବ ଇତିଶ୍ରୀ ଦାସ ପ୍ରମୁଖ ବିଶ୍ୱବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ରାଜ୍ୟପାଳ ତଥା କୁଳାଧିପତି ନବନିର୍ମିତ ପ୍ରଶାସନିକ ଭବନକୁ ଉଦ୍‌ଘାଟନ କରିଥିଲେ।




ଛାତ୍ରୀମାନଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପୁରସ୍କୃତ କରୁଛନ୍ତି।

## ୬ରୁ ରାଜ୍ୟ ପୁସ୍ତକ ମହୋତ୍ସବ 'ଅକ୍ଷର'

ଭୁବନେଶ୍ୱର, ୩।୧୨ (ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆସନ୍ତା ୬ରୁ ୧୫ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ 'ଅକ୍ଷର' ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେବ। ଓଡ଼ିଶା ପୁସ୍ତକ ପ୍ରକାଶକ ଓ ବିକ୍ରେତା ସଂଘ ସମେତ ରାଜଧାନୀ ପୁସ୍ତକ ମେଳା, ଏକାମ୍ର ପୁସ୍ତକ ମହୋତ୍ସବ କମିଟି ଓ କଳିଙ୍ଗ ପୁସ୍ତକ ମେଳା କମିଟିର ସହଯୋଗିତାରେ ଆୟୋଜିତ ହେଉଥିବା ଏହି ପୁସ୍ତକ ମେଳାରେ ୫୨୦ ଷ୍ଟଲ୍ ରହିବ। ଓଡ଼ିଶା ତଥା ବାହାରୁ ଶତାଧିକ ପୁସ୍ତକ ପ୍ରକାଶକ, ବିତରକ ଓ ପ୍ରକାଶନୀ ସଂସ୍ଥା ଯୋଗ ଦେବେ। ମଧ୍ୟ ମେଳାରେ ଅଂଶଗ୍ରହଣ କରିବେ। ପ୍ରତିସନ୍ଧ୍ୟାରେ ମେଳା ପରିସରରେ ସାରସ୍ୱତ ସଭା ଆୟୋଜନ କରାଯାଇଛି।

## ଛାତ୍ରୀଛାତ୍ରଙ୍କୁ ବୃତ୍ତି ପ୍ରଦାନ କଲା ଆଲେନ




ଭୁବନେଶ୍ୱର, ୩।୧୨

ଆଲେନ କ୍ୟାରିୟର ଇନଷ୍ଟିଚ୍ୟୁଟ ପକ୍ଷରୁ ସ୍ଥାନୀୟ ରେଳ ଅଡିଟୋରିୟମଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୃତ୍ତି ଏବଂ ଟ୍ରଫି ପ୍ରଦାନ କରାଯାଇଛି। ଗତ ଅକ୍ଟୋବର ୨୦ ଅନୁଷ୍ଠିତ ହୋଇଥିବା ସ୍କଲାରଶିପ ପରିକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଏହି ବୃତି ଦିଆଯାଇଛି। ଏହି ପରିକ୍ଷାରେ ୮,୫୦୦ ପିଲା କୃତୀତ୍ୱ ହାସଲ କରିଥିଲେ। ବୃତ୍ତି ବାବଦକୁ ମୋଟ ୧୨ ଲକ୍ଷ ୫୩ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହି ଅବସରରେ ଅଭିଭାବକଙ୍କ ଲାଗି ଏକ କର୍ମଶାଳା ଆୟୋଜନ କରାଯାଇଥିଲା। ଏଥିରେ ୧,୦୦୦ରୁ ଅଧିକ ଅଭିଭାବକ ଯୋଗ ଦେଇଥିଲେ। ମନସ୍ତତ୍ତ୍ୱବିତ ଡ.ହରିଶ ଅଭିଭାବକଙ୍କୁ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିଥିଲେ। ଆଲେନର ବରିଷ୍ଠ ଉପସଭାପତି ସି.ଆର୍. ଚୌଧୁରୀ ଏବଂ ଭୁବନେଶ୍ୱର ସେଣ୍ଟର ହେଡ ଅନୁରାଗ ମିଶ୍ର ଏଥିରେ ଉପସ୍ଥିତ ଥିଲେ।

### ଅର୍ଥାଭାବରୁ ଏଏସ୍‌ଆଇ ଛଟେଇ କର୍ମଚାରୀଙ୍କ ପିତୃ ବିୟୋଗ

## ମୃତଦେହ ରଖି ମୁଖ୍ୟ ଫାଟକରେ ଧାରଣା

ପୁରୁଣା ଭୁବନେଶ୍ୱର,୩। ୧୨ (ଡି.ଏନ.ଏ.)

ଏଏସ୍‌ଆଇ ପକ୍ଷରୁ ୧୨୦ଜଣ ଛଟେଇ କରାଯାଇଥିବା କର୍ମଚାରୀ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ (ଏଏସ୍‌ଆଇ) ମୁଖ୍ୟ ଫାଟକରେ ଧାରଣା ଦେଇ ଆସୁଥିଲେ ମଧ୍ୟ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉ ନ ଥିଲେ। ମଙ୍ଗଳବାର ଛଟେଇ କର୍ମଚାରୀ ପ୍ରଫୁଲ୍ଲ ହଜାରୀଙ୍କ ବାପା ଗଙ୍ଗାଧରଙ୍କ ଚିକିତ୍ସା ଅଭାବରୁ ବିୟୋଗ ହୋଇଛି। ଫଳରେ ଛଟେଇ କର୍ମଚାରୀ ଓ ସାଧାରଣ ଜନତାଙ୍କ ମଧ୍ୟରେ ରୋଷ ଦେଖା ଦେଇଥିଲା। ଅସୁସ୍ଥତା କାରଣରୁ ଡାକ୍ତରଖାନାରେ ବାପା ଗଙ୍ଗାଧରଙ୍କୁ ପ୍ରଫୁଲ୍ଲ ଭର୍ତ୍ତି କରିଥିଲେ। ହେଲେ ବେକାରି ପୁଅ ପିତାଙ୍କ ଚିକିତ୍ସା କରାଇପାରି ନ ଥିଲେ। ଏହି କାରଣରୁ ଛଟେଇ କର୍ମଚାରୀଙ୍କ ସହ ସ୍ଥାନୀୟ ଲୋକେ ମିଶି ଏଏସ୍‌ଆଇ ମୁଖ୍ୟ ଫାଟକ ଆଗରେ ଦିନ ୩ଟାରେ ମୃତଦେହ ରଖି ଧାରଣା ଦେଇଥିଲେ। ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଏଏସ୍‌ଆଇ ପକ୍ଷରୁ କେହି ଦେଖା କରିବାକୁ ଆସି ନ ଥିଲେ। ସ୍ଥାନୀୟ ସାମାଜିକ କର୍ମୀ ଭୀଷ୍ମନାରାୟଣ ନାୟକ, କର୍ମଚାରୀ ସଂଘ କର୍ମକର୍ତ୍ତା ଶ୍ରୀଲିଙ୍ଗରାଜ ଥାନା ଅଧିକାରୀ ଶରତ ପାତ୍ରଙ୍କ ମିଳିତ ଚେଷ୍ଟାରେ ଏଏସ୍‌ଆଇ କର୍ମଚାରୀ ଆଲୋଚନା କରିଥିଲେ। ପ୍ରତ୍ନତତ୍ତ୍ୱ ଅଧୀକ୍ଷଣ ଅଧିକାରୀ ନ ଥିବାରୁ ଅତିରିକ୍ତ ପ୍ରତ୍ନତତ୍ତ୍ୱ ଅଧୀକ୍ଷଣ ଅଧିକାରୀ ସଂରକ୍ଷଣ ଅଧିକାରୀ ଆଲୋଚନା କରି ଏଏସ୍‌ଆଇ ମହାନିର୍ଦ୍ଦେଶକଙ୍କୁ ଅବଗତ କରାଇ ଛଟେଇ କର୍ମଚାରୀଙ୍କ ସମସ୍ୟା ସାମାଧାନ କରିବାରେ ପ୍ରତିଶ୍ରୁତି ଦେବାରେ ଧାରଣା ହଟିଥିଲା।

## ବିଜୁ ପଟ୍ଟନାୟକ ବିମାନ ବନ୍ଦରର ନୂଆ ନିର୍ଦ୍ଦେଶକଙ୍କ ଦାୟିତ୍ୱ ଗ୍ରହଣ

**ଭୁବନେଶ୍ୱର, ୩।୧୨ (ବ୍ୟୁରୋ):** ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରର ନୂତନ ନିର୍ଦ୍ଦେଶକ ଭାବେ ଭିଭି ରାଓ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଭୁବନେଶ୍ୱର ବିମାନ ବନ୍ଦରରେ ଅନେକ ପରିବର୍ତ୍ତନ ହୋଇଛି। ବାକିଥିବା ବହୁ କାମ ନିର୍ଦ୍ଧାରିତ ସମୟରେ ସାରିବା ମୋର ପ୍ରଥମ ଲକ୍ଷ୍ୟ ରହିବ। ଆଗକୁ ହେବାକୁ ଥିବା ବିମାନ ବନ୍ଦର ରନ୍‌ୱେ ରିକାର୍ପେଟିଂ ଓ ପାରାଲାଲ ଟାକ୍ସି-ୱେ କାମ ରହିଛି। ଏଥିପାଇଁ ଆଲୋଚନା କରି କାର୍ଯ୍ୟ କରିବେ। ସମସ୍ତେ ପ୍ରସ୍ତୁତ ଅଛନ୍ତି। ସହଯୋଗ ରହିଲେ କାମ କରିବା ପାଇଁ କୌଣସି ସମସ୍ୟା ରହିବ ନାହିଁ ଓ ଏହି ବିମାନ ବନ୍ଦରର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇପାରିବ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ନଭେମ୍ବର ୧୫ରେ ସୁରେଶ ଚନ୍ଦ୍ର ହୋତା ବିମାନବନ୍ଦର ନିର୍ଦ୍ଦେଶକ ପଦରୁ ସ୍ୱେଚ୍ଛାକୃତ ଅବସର ନେବାପରେ ରାଓଙ୍କୁ ବିମାନବନ୍ଦର ନୂଆ ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଥିଲା।

### ଭଙ୍ଗାଯାଇଥିବା ୟୁନିଟ-୮ କଲ୍ୟାଣ ମଣ୍ଡପ ସ୍ଥାନରେ ପାର୍କ ଦାବି

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ନୂଆସାହିବାସୀ

ଭୁବନେଶ୍ୱର, ୩।୧୨(ବ୍ୟୁରୋ)



ସର୍ବପୁରାତନ ନୟାପଲ୍ଲୀ ନୂଆସାହିସ୍ଥିତ ୟୁନିଟ୍-୮ କଲ୍ୟାଣମଣ୍ଡପକୁ କିଛିଦିନ ତଳେ ଭାଙ୍ଗି ଦିଆଯାଇଥିଲା। ଉକ୍ତ ସ୍ଥାନରେ ସର୍ବସାଧାରଣଙ୍କ ପାଇଁ ପାର୍କ କରିବାକୁ ନୂଆସାହିବାସୀ ଦାବିକରି ଆସୁଛନ୍ତି। ଏ ପରିପ୍ରେକ୍ଷୀରେ ନୂଆସାହି ଆଞ୍ଚଳିକ ବିକାଶ କେନ୍ଦ୍ର, ଶ୍ରୀ ମହାବୀର ସାମାଜିକ ସଙ୍ଗଠନ, ଶ୍ରୀ ମହାବୀର ପୂଜା କମିଟି, ନୂଆସାହି ବରି ନାଗରିକ କଲ୍ୟାଣ ସଂଘ, ଏଲ୍.ଏନ୍. ଲାଫ୍ଟର୍ କ୍ଲବ୍ ଓ କସ୍ତୁରୀ ମହିଳା ସଙ୍ଗଠନର କର୍ମକର୍ତ୍ତାଙ୍କ ସହ ନୂଆସାହିବାସୀ ମଙ୍ଗଳବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ବରିଷ୍ଠ ନାଗରିକ, ଛୋଟ ପିଲା ଓ ଯୁବବର୍ଗଙ୍କ ଆମୋଦପ୍ରମୋଦ ପାଇଁ ସ୍ଥାନୀୟ ଅଞ୍ଚଳରେ କୌଣସି ପାର୍କ କିମ୍ବା କମ୍ୟୁନିଟି ହଲ୍‌ଟିଏ ନାହିଁ। ଉକ୍ତ ସ୍ଥାନରେ ଗୋଟିଏ ପାର୍କ ନିର୍ମାଣ କରିବାକୁ ସେମାନେ ନିବେଦନ କରିଥିଲେ। ତେବେ ସାମୂହିକ ଆବଶ୍ୟକତାକୁ ଅନୁଭବ କରିବା ପରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ପ୍ରତିଶ୍ରୁତି ଦେଇଥିବା ଶ୍ରୀମହାବୀର ସାମାଜିକ ସଙ୍ଗଠନର ସାଧାରଣ ସମ୍ପାଦକ ମିଲନ କୁମାର ପାଇକରାୟ କହିଛନ୍ତି। ଉକ୍ତ ସ୍ଥାନରେ ନଗର ଉନ୍ନୟନ ବିଭାଗ ବହୁତଳ ସରକାରୀ କ୍ୱାର୍ଟର୍ସ କରିବାକୁ ଯୋଜନା କରୁଛି। କିନ୍ତୁ ଅଞ୍ଚଳବାସୀ ସେଠାରେ ପାର୍କ ଦାବିରେ ବହୁବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କଠାରୁ ମଧ୍ୟ ଲୋକଙ୍କ ଦାବିକୁ ସମର୍ଥନ ଜଣାଇ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ପାଇକରାୟ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାବେଳେ ନୂଆସାହି ବରିଷ୍ଠ ନାଗରିକ କଲ୍ୟାଣ ସଂଘ ସଭାପତି ରାହାସ ବିହାରୀ ପାଣି, ମହାବୀର ସାମାଜିକ ସଙ୍ଗଠନ ସଭାପତି ରାଧାବଲ୍ଲଭ ବରାଳ, କସ୍ତୁରୀ ମହିଳା ସଙ୍ଗଠନ ସଭାପତି କାନନ ବାଳା ମହାପାତ୍ର, ଆଞ୍ଚଳିକ ବିକାଶ କେନ୍ଦ୍ର ସଭାପତି ରମେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### କାଳ ସାଜିଛି ରଙ୍ଗ୍ ସାଇଡ୍ ଡ୍ରାଇଭିଂ

## ଟୁଇନ୍ ସିଟିରେ ୨୦୦ ସ୍ଥାନ ଚିହ୍ନଟ, ୬୦ ଅତି ସମ୍ବେଦନଶୀଳ

ଭୁବନେଶ୍ୱର,୩।୧୨(ବ୍ୟୁରୋ)

- ଯାଞ୍ଚ କଲେ ଟ୍ରାଫିକ ଡିସିପି ସାଗରିକା ନାଥ
- ନିଆରା ଢଙ୍ଗରେ ପୁଅ ଜରିଆରେ ମା'କୁ ବୁଝାଇଲେ

ରଙ୍ଗ୍ ସାଇଡ୍ ଡ୍ରାଇଭିଂ ଯୋଗୁ ଅଧିକାଂଶ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଡିସେମ୍ବର ୧ରୁ ରାଜ୍ୟରେ ନୂଆ ମୋଟର ଯାନ ଆଇନକୁ କଡ଼ାକଡ଼ି କରାଯାଇଥିବାବେଳେ ୧୦ ଟ୍ରାଫିକ ନିୟମ ଉଲ୍ଲଂଘନକାରୀ ଧରପଗଡ଼ ଚାଲିଛି। ତେବେ କଟକ ଓ ଭୁବନେଶ୍ୱର ଟୁଇନ୍‌ସିଟିରେ ହେଲ୍‌ମେଟ, ସିଟ୍‌ବେଲ୍ଟ, ବାଇକରେ ୩ଜଣ ବସିଯିବା ଓ ରଙ୍ଗ୍ ସାଇଡ୍ ଗାଡ଼ି ଚାଳନାକୁ ଗୁରୁତ୍ୱର ସହ ନେଇ ଯାଞ୍ଚ ଚାଲିଛି। ତେବେ କମିଶନରେଟ ପୋଲିସ ପାଇଁ ଏବେ ରଙ୍ଗ୍ ସାଇଡ୍ ଡ୍ରାଇଭିଂ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଟୁଇନ୍ ସିଟିରେ ୨ଶହ ସ୍ଥାନ ଚିହ୍ନଟ କରାଯାଇଥିବାବେଳେ ୬୦ଟି ଅତି ସମ୍ବେଦନଶୀଳ ରହିଛି। ଏସବୁ ରଙ୍ଗସାଇଡ୍ ପଏଣ୍ଟ ଗୁଡିକରେ ଟ୍ରାଫିକ ୱିଙ୍ଗ୍ ପକ୍ଷରୁ କର୍ମଚାରୀ ନିୟୋଜିତ କରାଯିବାକୁ ଯୋଜନା କରାଯାଉଛି ବୋଲି ଟ୍ରାଫିକ ଡିସିପି ସାଗରିକା ନାଥ ସୂଚନା ଦେଇଛନ୍ତି।

ମଙ୍ଗଳବାର ଟ୍ରାଫିକ ଡିସିପି ନାଥ ନିଜେ ବିଭିନ୍ନ ଛକରେ ରହି ରଙ୍ଗ୍ ସାଇଡ୍ ଗାଡ଼ି ଚାଳନା ଯାଞ୍ଚ କରିଥିଲେ। ଭୁବନେଶ୍ୱର ସିଟି ଓମେନ୍ସ କଲେଜ ଛକ ନିକଟରେ ରଙ୍ଗ୍ ସାଇଡ୍‌ରେ ଗାଡ଼ି ନେଇ ଆସୁଥିବା ଲୋକଙ୍କୁ ପାଠପଢ଼ାଇବା ସହ ଜରିମାନା କରିଥିଲେ। ନିଆରା ଢଙ୍ଗରେ ପୁଅ ଜରିଆରେ ଜଣେ ମା'କୁ ବୁଝାଇଲେ। ମା' ଜଣକ ନିଜ ପୁଅକୁ ସ୍କୁଲ୍‌ରୁ ସ୍କୁଟିରେ ବସାଇ ରଙ୍ଗ୍ ସାଇଡ୍‌ରେ ଯାଉଥିବାବେଳେ ଟ୍ରାଫିକ ଡିସିପିଙ୍କ ହାବୁଡ଼ରେ ପଡିଯାଇଥିଲେ। ଡିସିପି ନାଥ ଉକ୍ତ ମା'ଙ୍କ ବଦଳରେ ପ୍ରଥମେ ତାଙ୍କ ୫ବର୍ଷର ପୁଅକୁ ବୁଝାଇଥିଲେ। ତୁମ ପାଇଁ ହେଲମେଟ୍ ଆଣିବା ସହ ରଙ୍ଗ୍ ସାଇଡ୍‌ରେ ଗାଡି ଚାଳନା ନ କରିବା ଲାଗି ମା'ଙ୍କୁ କହିବାକୁ କୁନି ପୁଅକୁ କହିଥିଲେ।

### ୩ ଦିନରେ ଧରାହେଲେଣି ୧୫ଶହ ଉଲ୍ଲଂଘନକାରୀ

୩ ଦିନରେ କଟକ-ଭୁବନଶ୍ୱେରରେ ୧୫ଶହ ନିୟମ ଉଲ୍ଲଂଘନକାରୀ ଗାଡ଼ି ଚାଳକ ଧରାପଡିଛନ୍ତି। କେତେଜଣଙ୍କଠାରୁ ଜରିମାନା ଆଦାୟ କରାଯାଇଥିବାବେଳେ ଯେଉଁମାନେ ଦେଇପାରି ନାହାନ୍ତି ସେମାନଙ୍କ ନିକଟକୁ ଚାଲାଣ ପଠାଯାଇଥିବା ଟ୍ରାଫିକ ଡିସିପି ସାଗରିକା ନାଥ ସୂଚନା ଦେଇଛନ୍ତି। ମଙ୍ଗଳବାର ମଧ୍ୟ ରାଜଧାନୀର ୨୩ ସ୍ଥାନରେ ଯାଞ୍ଚ କରାଯାଇଥିଲା। ଅନ୍ୟପକ୍ଷରେ କଟକରେ ଜଣେ କାର ଚାଳକଙ୍କୁ ହେଲମେଟ୍ ପିନ୍ଧି ନ ଥିବା ଦର୍ଶାଇ ଚାଲାଣ କଟାଯାଇଥିବା ନେଇ ହୋଇଥିବା ଅଭିଯୋଗର ଉତ୍ତର ରଖିଛନ୍ତି ଡିସିପି ନାଥ। ସେ କହିଛନ୍ତି, ଏହାକୁ ପୋଲିସର ଭୁଲ୍ ବୋଲି କୁହାଯାଇପାରିବ ନାହିଁ। କାରଣ ଯେଉଁ ବାଇକ୍ ଚାଳକ ଜଣକ ହେଲ୍‌ମେଟ୍ ପିନ୍ଧି ନ ଥିଲେ, ସେ ତାଙ୍କ ବାଇକ୍‌ରେ କାର୍ ନମ୍ବର ବ୍ୟବହାର କରିଥିବା ଜଣାପଡିଛି। ଉକ୍ତ ନମ୍ବର ଆଧାରରେ ଚାଲାଣ କଟାଯାଇଛି। ଏନେଇ ତଦନ୍ତ ଚାଲିଛି। ରିପୋର୍ଟ ମିଳିବା ପରେ ସବୁକିଛି ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

# ଏ ମାସର କୃଷି ସୂଚନା

## ପ୍ରାଣୀପାଳନ



ଶୀତଦିନରେ ଗାଈଙ୍କଠାରେ ଭୂତାଣୁଜନିତ ଫାଟୁଆ ରୋଗ ଅଧିକ ଦେଖାଯାଇଥାଏ । ତେଣୁ ଏହି ରୋଗର ପ୍ରତିଷେଧକ ବ୍ୟବସ୍ଥା ପାଇଁ ଏହି ମାସରେ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରି ଟିକା ଦିଅନ୍ତୁ ।

–ଗାଈ, ଛେଳି, ମେଣ୍ଢା, କୁକୁଡ଼ା ଥିବା ଘରର ଜାଲି କିମ୍ବା ଝରକାରେ ବସ୍ତା ଝୁଲାଇଲେ ରାତିରେ ସେମାନଙ୍କୁ ଅଧିକ ଶୀତ ହେବନାହିଁ ଓ ସେମାନେ ନିମୋନିଆ ଆଦି ରୋଗରୁ ରକ୍ଷା ପାଇବେ ।

–ଛେଳି ଥିବା ଘରେ ତଳେ ଭାଡ଼ି ବା ବାଉଁଶ ଚାଅଁଡ଼ାର ବନ୍ଦୋବସ୍ତ କଲେ ଛେଳିଙ୍କୁ ଥଣ୍ଡା ଓ ନିମୋନିଆରୁ ରକ୍ଷା ମିଳିପାରିବ ।

–ଜଳସେଚନ ସୁବିଧା ଥିବା ଅଞ୍ଚଳରେ ଓ ଅଧିକ ଥଣ୍ଡା ପଡୁଥିବା ଅଞ୍ଚଳରେ ଏହି ମାସ ବରସିମ୍ ଏବଂ ଓଟ୍ ଘାସ ଚାଷ କରନ୍ତୁ ।

## ପିଆଜ

ପିଆଜ ତଳିଗୁଡ଼ିକ ୧୨–୧୫ ସେ.ମି. ଉଚ୍ଚ ହୋଇଗଲେ ସେଗୁଡ଼ିକ ଉପରବେଳା ଉପାଡ଼ି ଲଗାନ୍ତୁ ।

–ତଳି ରୋଇବାର ଦୁଇଦିନ ଆଗରୁ ହେକ୍ଟର ପ୍ରତି ୬୦ କି.ଗ୍ରା. ଯବକ୍ଷାରଜାନ, ୬୦ କି.ଗ୍ରା. ଫସ୍‌ଫରସ୍ ଓ ୧୦୦ କି.ଗ୍ରା. ପଟାସ୍ ମୂଳସାର ଭାବେ ପ୍ରୟୋଗ କରି ପଟାଳି ପ୍ରସ୍ତୁତ କରନ୍ତୁ ।

–ଉକୁଣି ପୋକ ଲାଗିଲେ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍.ପି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

– ସୂଚନାଯୋଗ୍ୟ ପିଆଜ ତଳି ରୋଇବାର ୩ ଦିନ ପୂର୍ବରୁ ହେକ୍ଟର ପ୍ରତି ୧୦୦୦ ମି.ଲି. ବାସାଲିନ୍‌କୁ ୫୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା ତଳି ରୋଇବାର ୩ ଦିନପରେ ହେକ୍ଟର ପ୍ରତି ୩.୫ ଲିଟର ଷ୍ଟମ୍ପ୍ ବା ୧୫୦୦ ମି.ଲି. ଟ୍ରିବୁଲିନ୍ ୫୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ । ଏହାଦ୍ୱାରା ଅନାବନା ଘାସ ଦାଉରୁ ରକ୍ଷା ମିଳିଥାଏ ।

## ମାଛଚାଷ

ଏକ ହେକ୍ଟର ବିଶିଷ୍ଟ ମାଛ ପୋଖରୀରେ ୧୨୫୦୦ ଯାଆଁଳ ପାଇଁ ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ସହିତ ୩ କି.ଗ୍ରା ୭୫୦ ଗ୍ରାମ୍ ବାଦାମ ପିଡ଼ିଆ ମିଶାଇ ଖାଇବାକୁ ଦିଅନ୍ତୁ । ପୋଖରୀରେ ଜୈବିକ ସାର ପ୍ରୟୋଗର ୭ ଦିନ ପୂର୍ବରୁ ଅମ୍ଳତା ୭.୫ ରୁ କମ୍ ଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୧୦୦ କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ । ପୋଖରୀର ନିମ୍ନ ସ୍ତରରେ ଥିବା ମିରିକାଳି ଓ ବିଲାତି ରୋହି ଉପରସ୍ତରକୁ ଉଠିଲେ, ପୋଖରୀ ତଳମାଟିରୁ ଦୁର୍ଗନ୍ଧ ବାହାରୁଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୫୦ କି.ଗ୍ରା. ଜିଓଲାଇଟ୍ ବ୍ୟବହାର କରନ୍ତୁ ।

## ସୂର୍ଯ୍ୟମୁଖୀ



ସୂର୍ଯ୍ୟମୁଖୀ ଫସଲରେ କର୍ତ୍ତକ କୀଟ, ଶୁଂବାଳୁଆ, ଧଳାମାଛି, ଥ୍ରୀପ୍ସ, ଜଉପୋକ, ସବୁଜ ଘୋଡ଼ାପୋକ, ଧୂଆଁପତ୍ର ଗୋଟିପୋକ, ଫୁଲବିନ୍ଧା ପୋକ, ପତ୍ରଦାଗ ରୋଗ, ମୂଳଶଢ଼ା ରୋଗ, ଝାଉଁଳା ରୋଗ, କଳଙ୍କି ରୋଗ, ନିମ୍ନମୁଖୀ ପତ୍ରପୋଡ଼ା ରୋଗ ଓ ଫୁଲଶଢ଼ା ରୋଗ ଇତ୍ୟାଦି ଦେଖାଯାଏ । ଏହାର ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ । ସୂର୍ଯ୍ୟମୁଖୀ ଫସଲର ଚାରିପାଖରେ ମକା, ଗାଜର, ବାଜରା ଆଦି ଫସଲ ଚାଷ କରି ଥ୍ରୀପ୍ସ ଆକ୍ରମଣ କମାନ୍ତୁ । ସର୍ବଦା ପ୍ରମାଣିତ ବିହନ ବ୍ୟବହାର କରନ୍ତୁ । ଭଲ ଅମଳ ପାଇଁ ଖତ ଓ ମୂଳସାରକୁ ବିହନ ବୁଣିବାର ଏକ ସପ୍ତାହ ପୂର୍ବରୁ ମାଟିରେ ମିଶାନ୍ତୁ । ପ୍ରଥମ ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସ ମୁକ୍ତ ରଖନ୍ତୁ । ସକାଳ ସମୟରେ କୌଣସି କୀଟନାଶକ ବିଷ ପ୍ରୟୋଗ କରନ୍ତୁନାହିଁ । ଏହା ମହୁମାଛି ଲାଗି କ୍ଷତିକାରକ । ତେଣୁ ଅପରାହ୍ନରେ ସିଞ୍ଚନ କରନ୍ତୁ । ଶୋଷକ ପୋକ ଯଥା– ଧଳାମାଛି, ଜଉପୋକ ପାଇଁ ଏକର ପ୍ରତି ଡାଇମିଥୋଏଟ୍ ୪୦୦ ମି.ଲି.କୁ ୨୦୦ ଲିଟର ହିସାବରେ ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସବୁଜ ଘୋଡ଼ାପୋକ ପାଇଁ ଏକର ପ୍ରତି କ୍ଲୋରୋପାଇରିଫସ୍ ବା ପ୍ରୋଫେନୋଫସ୍ ୪୦୦ ମି.ଲି.କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫୁଲ ଫୁଟିବା ସମୟରେ ବିଷାକ୍ତ ଔଷଧ ପ୍ରୟୋଗ କରନ୍ତୁ ନାହିଁ । ନିମ ଜାତୀୟ ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% ୩ ମି.ଲି.କୁ ୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ । ୨୫ ରୁ ୩୦ ଦିନ ହୋଇଥିବା ସୂର୍ଯ୍ୟମୁଖୀରେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ। ଉନ୍ନତ କିସମ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଏବଂ ସଙ୍କର କିସମ ଲାଗି ୨୫ କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ।

## ଧାନ ସମ୍ପର୍କରେ...

ଧାନ କାଟିବାର ଏକ ସପ୍ତାହ ପୂର୍ବରୁ କିଆରିରୁ ଜଳ ନିଷ୍କାସନ କରିଦିଅନ୍ତୁ ।

–ଧାନରେ କେଣ୍ଡାକଟା ପୋକ ଦେଖାଦେଲେ ଅପରାହ୍ନରେ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫% ଏସ୍.ସି. କିମ୍ବା ୧ କି.ଗ୍ରା. କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ଭାଗ ସେଚଗୁଣ୍ଡ ସିଞ୍ଚନ କରନ୍ତୁ ଓ ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡକୁ ସନ୍ଧ୍ୟାରେ ହୁଡ଼ା ଉପରେ ସିଞ୍ଚନ କରନ୍ତୁ ।

**ଡାଲୁଅ ଧାନଚାଷ :** ବିହନକୁ ୨୪ ଘଣ୍ଟା ପାଣିରେ ଭିଜାଇ, ଗଜାକରି ଗାଲି ଫିଟିବା ପରେ କାଦୁଅ ତଳିପଟିରେ ବୁଣନ୍ତୁ । ତଳିପଟିର ଓସାର ୩–୪ ଫୁଟ ରଖନ୍ତୁ। ପ୍ରତି ପଟି ପରେ ୧ ଫୁଟ ନାଳି ରଖନ୍ତୁ। ତଳିଘରା ପାଇଁ ୧୦ ଡେସିମିଲ ତଳିପଟିରେ ୪୦ ଝୁଡ଼ି ଶଢ଼ା ଗୋବର ଖତ, ୧୨ କି.ଗ୍ରା. ସିଙ୍ଗଲ ସୁପରଫସ୍‌ଫେଟ୍ ଓ ୨ କି.ଗ୍ରା. ମ୍ୟୁରେଟ ଅଫ୍ ପଟାସ ସାର ଶେଷଓଡ଼ ଚାଷ ସମୟରେ ମାଟିରେ ମିଶାଇ ଦିଅନ୍ତୁ ।

– ବିହନରୁ କଣା ଓ ଅଗାଡ଼ି ବାହାର କରିବା ପାଇଁ ଲୁଣପାଣି ଉପଚାର କରନ୍ତୁ ।

– ବିହନ କିସମ : *ସହଳ* – ପାରିଜାତ, ଖଣ୍ଡଗିରି, ଯୋଗେଶ, ସିଦ୍ଧାନ୍ତ, ମନ୍ଦାକିନୀ, ପଥରା ।



*ମଧ୍ୟମ* – ଲଲାଟ, ସୁରେନ୍ଦ୍ର, କୋଣାର୍କ, ତପସ୍ୱିନୀ, ଗୀତାଞ୍ଜଳି, ଗଜପତି, ତେଜସ୍ୱିନୀ, ମନସ୍ୱିନୀ, ହିରଣ୍ମୟୀ, ନବୀନ ।

ଏହି ମାସ ଶେଷଶୁଦ୍ଧା ଡାଲୁଅ ଧାନ ପାଇଁ ତଳି ପକାଇବା କାମ ଶେଷ କରନ୍ତୁ । ତଳି ପକାଇବା ଲାଗି ସଅଳ ଓ ମଧ୍ୟମ କିସମ ବିହନ ବ୍ୟବହାର କରନ୍ତୁ । ବିହନ ବିଶୋଧନ ପାଇଁ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ ୧ କି.ଗ୍ରା. ବିହନ ପ୍ରତି ବ୍ୟବହାର କରନ୍ତୁ ।

***–କୃଷି ବୈଷୟିକ ସୂଚନା କେନ୍ଦ୍ର, ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର – ୩***

# କିପରି କରିବେ ମଟର ଚାଷ



ଚୌଧୁରୀ ବିଚିତ୍ରାନନ୍ଦ ପ୍ରହରାଜ

ଉଭୟ ସବୁଜ ଓ ଶୁଖିଲା ପରିବା ହିସାବରେ ବଜାରରେ ମଟରର ଚାହିଦା ଅଧିକ। ପ୍ରଥମେ ପ୍ରଥମେ ବଜାରକୁ ଆସିଲେ ଏକ କିଲୋ ସବୁଜ ମଟରର ଦାମ ପ୍ରାୟ ଶହେ ଟଙ୍କା ରହିଥାଏ। ସବୁଜ ମଟର ତରକାରୀ ହେବା ସଙ୍ଗେ ସଙ୍ଗେ ଶୁଖିଲା ମଟରକୁ ବତୁରାଇ ଘୁଘୁନି କରାଯାଇଥାଏ। କଞ୍ଚାମଟର ବିଭିନ୍ନ ପ୍ରକାର ସୁପ୍‌ରେ ବ୍ୟବହୃତ ହେଉଥିଲା ବେଳେ ଏହାକୁ ସଂରକ୍ଷିତ କରି ବର୍ଷସାରା ମଧ୍ୟ ବ୍ୟବହାର କରାଯାଏ। ମଟରର ଅନେକ ଔଷଧୀୟ ଗୁଣ ମଧ୍ୟ ଅଛି। ଫସଲ ଅମଳ ପରେ ମଟର ଗଛର ବୋଡିକୁ ଗୋଖାଦ୍ୟ ରୂପେ ବ୍ୟବହାର କରାଯାଏ। ଆମ ଦେଶରେ କର୍ଣ୍ଣାଟକ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ବିହାର, ପଞ୍ଜାବ ଆଦି ରାଜ୍ୟରେ ମଟର ଚାଷ ହେଉଥିଲେ ହେଁ ଆମ ରାଜ୍ୟ ଓଡ଼ିଶାରେ ମଧ୍ୟ ମଟର ଚାଷ କରାଯାଇଥାଏ। ଅକ୍ଟୋବର ୧୫ରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ମଟର ଚାଷ ପାଇଁ ଅନୁକୂଳ ସମୟ। ନିଗିଡ଼ା ବାଲିଆ, ଦୋରସା ଓ ମଟାଳମାଟି ମଟର ଚାଷ ପାଇଁ ଉପଯୁକ୍ତ। ଏହି ଚାଷ ଲଗି ଜମିକୁ ୨/୩ ଓଡ଼ ଚାଷକରି ସେଥିରେ ଏକରପିଛା ଆଠରୁ ୧୦ ଗାଡ଼ି ଗୋବର ଖତ ମିଶାନ୍ତୁ। ଆପଣଙ୍କ ଜମିକୁ ଓ ଜଳସେଚନର ଉପଲବ୍ଧତାକୁ ଆଖି ଆଗରେ ରଖି ସଅଳ, ମଧ୍ୟମ ଓ ଡେରିରେ ଅମଳ ହେଉଥିବା ବିହନ ବାଛନ୍ତୁ। ଅଢ଼େଇ ମାସରେ ଅମଳ ହେଉଥିବା ଅଧିକ ଅମଳକ୍ଷମ ମଟର କିସମ– ଇସି ୩୩୮୬୬,୯୫ରୁ ୧୦୦ ଦିନରେ ଅମଳ ହେଉଥିବା ଅଧିକ ଅମଳକ୍ଷମ କିସମ– ଜିସି୬୭, ଅପର୍ଣ୍ଣା, ବିକାଶ ଓ ପୁଷା ପ୍ରଭାତ । ରଚନା, ଆଦର୍ଶ କିସମଗୁଡ଼ିକ ୪ ମାସରେ ଅମଳ ହୋଇଥାଏ। ଏକର ପିଛା ୨୦କିଗ୍ରା ବିହନ ଆବଶ୍ୟକ ହୋଇଥାଏ। ବୁଣିବା ବେଳେ ମାଟିରେ ବତର ରହିଲେ ଭଲ। ବୁଣିବା ପୂର୍ବରୁ ମଞ୍ଜିକୁ ୧୨ଘଣ୍ଟା ପାଣିରେ ବତୁରାଇ ଲଗାନ୍ତୁ। ଏହାଫଳରେ ଭଲ ଗଛ ଉଠେ ଓ ଗଛ ମାଡ଼ଖାଏ ନାହିଁ। ଲଗାଇବା ପୂର୍ବରୁ ବିହନକୁ କିଲୋପ୍ରତି ୩ଗ୍ରାମ୍ କ୍ୟାପଟାନ୍ କିମ୍ବା ଥିରାମ ଗୁଣ୍ଡରେ ମଞ୍ଜି ବିଶୋଧନ କରନ୍ତୁ। ମଟର ଫସଲକୁ ଛଟାବୁଣା କିମ୍ବା ଧାଡ଼ିରେ ଲଗାନ୍ତୁ। ଧାଡ଼ିରେ ଲଗାଯାଇଥିବା ଫସଲରୁ ଅଧିକ ଅମଳ ମିଳିଥାଏ। ଏକରପିଛା ୧୦କିଗ୍ରା ଯବକ୍ଷାରଯାନ, ୨୦କିଗ୍ରା ଫରଫରସ୍ ଏବଂ ୧୦କିଗ୍ରା ଫଟାସ ସାର ପ୍ରୟୋଗ କରନ୍ତୁ। ବୁଣିବା ସମୟରେ ସବୁତକ ଫସଫରସ, ପଟାସ ଓ ଅଧା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ବାକି ଯବକ୍ଷାରଜାନ ସାରକୁ ବୁଣିବାର ଏକମାସ ପରେ ପ୍ରୟୋଗ କରନ୍ତୁ। ମାଟିର ବତର ଦେଖି ଜଳସେଚନ କରନ୍ତୁ। ଗଛରେ କଢ଼ ଧରିବା, ଫୁଲଫୁଟିବା ଓ ଛୁଇଁ ପାକଳ ହେବା ଅବସ୍ଥାରେ ଜଳସେଚନ ନିତାନ୍ତ ଦରକାର।





ମଟର ଫସଲରେ ଜଉପୋକ, ପତ୍ର ସୁଡ଼ଙ୍ଗୀ ଓ ଛୁଇଁଥିବା ପୋକ ବା ଫଳ ବିନ୍ଧା ପୋକ ଦେଖାଯାଇଥାନ୍ତି। ପୋକ ଦମନ ପାଇଁ ଡିମେଟନ୍ ୧ଲିଟର ପାଣିରେ ୨ ମିଲିଲି ଏବଂ କାର୍ବାରିଲ ୫୦ ଏକର ପ୍ରତି ୬୦୦ ଗ୍ରାମ ହିସାବରେ ପ୍ରୟୋଗ କରନ୍ତୁ। ପାଉଁଶିଆ ରୋଗ, କଳଙ୍କି ରୋଗ ଏବଂ ଝାଉଁଳା ରୋଗ ପାଇଁ ମାନକୋଜେବ୍ ୫୦୦ ଗ୍ରାମକୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଛୁଇଁଗୁଡ଼ିକ ବଜାରରେ ବିକ୍ରିହେବା ପାଇଁ ଉପଯୁକ୍ତ ହୋଇଗଲେ ଅମଳ କରନ୍ତୁ। ଶୁଖିଲା ମଟର ପାଇଁ ମଟର ମଞ୍ଜିଗୁଡ଼ିକ ଶୁଖିଗଲେ ଅମଳ କରନ୍ତୁ। ଛୁଇଁ ତୋଳା ହୋଇ ନ ଥିଲେ ଏ୧ଏକର ମଟର ଫସଲରୁ ୮ରୁ ୧୦ କୁଇଣ୍ଟାଲ ପର୍ଯ୍ୟନ୍ତ ଶୁଖିଲା ମଟର ମିଳିଥାଏ। କଞ୍ଚାମଟର ଲାଗି ଏକରପିଛା ୧୨ କୁଇଣ୍ଟାଲ ପର୍ଯ୍ୟନ୍ତ ମଟର ଛୁଇଁ ମିଳିଥାଏ। ମଟର ଫସଲରୁ ୬ରୁ ୧୦ଦିନ ବ୍ୟବଧାନରେ ୪ରୁ ୫ଥର ଛୁଇଁ ତୋଳାଯାଇପାରେ।

*– ମୋ: ୭୮୯୪୩୩୫୩୭୧*




ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଫୋଗଲ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଉଛି ।

**ସ୍ୱର୍ଣ୍ଣଲତା ପୃଷ୍ଟି**
ସରପଞ୍ଚ,
ଫୋଗଲ ଗ୍ରାମପଞ୍ଚାୟତ






ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ କେଣ୍ଟାଳୋ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଉଛି ।

**ଅନ୍ନଦା ପ୍ରସାଦ ନାୟକ**
ସରପଞ୍ଚ,
କେଣ୍ଟାଳୋ ଗ୍ରାମପଞ୍ଚାୟତ



ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଅବସରରେ ଏହାର ଅଗଣିତ ପାଠକ ପାଠିକା ମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।

**ସସ୍ମିତା ଦାସ**
ରାଜ୍ୟ ସଭାପତି, ଅନ୍ତର୍ଜାତୀୟ ମାନବାଧିକାର ସମିତି ଓ ଓଡ଼ିଶା ନାରୀ ସୁରକ୍ଷା ମଞ୍ଚ



ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ ବରାଦ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଉଛି ।

**ନୃସିଂହ ଚରଣ ବିଶ୍ୱାଳ**
ସରପଞ୍ଚ, ବରାଦ ଗ୍ରାମପଞ୍ଚାୟତ



ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ ନିଶ୍ଚିନ୍ତକୋଇଲି ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଉଛି ।

**ରମାକାନ୍ତ ମହାନ୍ତି**
ଅଧ୍ୟକ୍ଷ, ରୋଗୀ କଲ୍ୟାଣ ସମିତି,
ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର



ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ କଟିକଟା ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଉଛି ।

**ମନସ୍ମିତା ପଣ୍ଡା**
ସରପଞ୍ଚ,
କଟିକଟା ଗ୍ରାମପଞ୍ଚାୟତ



ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଜିଗ୍ନିପୁର ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଉଛି ।

**ତିଳୋତ୍ତମା ରାଉତ**
ସରପଞ୍ଚ,
ଜିଗ୍ନିପୁର ଗ୍ରାମପଞ୍ଚାୟତ



ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ ବାଲିଆପଦା ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଉଛି ।

**କୈଳାସ ସାମନ୍ତରାୟ**
ସରପଞ୍ଚ,
ବାଲିଆପଦା ଗ୍ରାମପଞ୍ଚାୟତ



ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସରପଡ଼ା ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଉଛି ।

**ରୁନୁଲତା ମହାନ୍ତି**
ସରପଞ୍ଚ,
ସରପଡ଼ା ଗ୍ରାମପଞ୍ଚାୟତ



ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସୁକରପଡ଼ା ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଉଛି ।

**ବାସନ୍ତୀ ସ୍ୱାଇଁ**
ସରପଞ୍ଚ,
ସୁକରପଡ଼ା ଗ୍ରାମପଞ୍ଚାୟତ



ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଅସୁରେଶ୍ୱର ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଉଛି ।

**ମହେଶ୍ୱର ବାରିକ**
ସରପଞ୍ଚ,
ଅସୁରେଶ୍ୱର ଗ୍ରାମପଞ୍ଚାୟତ

## ସଂକ୍ଷେପରେ

### ପିଆଜ ମହଜୁଦ ସୀମାରେ ପରିବର୍ତ୍ତନ

ମୁମ୍ବାଇ, ୩-୧୨: ପିଆଜ ଦର ଏବେ ଖସୁ ନ ଥିବା ବେଳେ କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏହାର ମହଜୁଦ ସୀମାରେ ପରିବର୍ତ୍ତନ କରାଯାଇଛି। ପିଆଜ ମହଜୁଦ ତଥା ଦରବୃଦ୍ଧି ଉପରେ ରୋକ ଲଗାଇବା ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ସରକାର କହିଛନ୍ତି। ନୂଆ ନିର୍ଦ୍ଦେଶ ମୁତାବକ ପାଇକାରୀ ବ୍ୟବସାୟୀ ମାନେ ୨୫ ମେଟ୍ରିକ ଟନ୍ ପର୍ଯ୍ୟନ୍ତ ପିଆଜ ନିଜ ପାଖରେ ଗଚ୍ଛିତ କରି ରଖିପାରିବେ। ସେହିଭଳି ଖୁଚୁରା ବ୍ୟବସାୟୀମାନେ ୫ ମେଟ୍ରିକ ଟନ୍ ନିଜ ପାଖରେ ରଖିପାରିବେ।

### ଲକ୍ଷେ ଟଙ୍କାର ବ୍ୟାଙ୍କ ଜମା ଉପରେ ଗ୍ୟାରେଣ୍ଟି

ନୂଆଦିଲ୍ଲୀ, ୩-୧୨: ଯଦି କୌଣସି ବ୍ୟାଙ୍କ ଏହାର କାରବାରରେ ବିଫଳତା ଲାଗି ବନ୍ଦ ହୋଇଯାଏ ତେବେ ଗ୍ରାହକଙ୍କ ମୋଟ ଜମାର କେବଳ ଲକ୍ଷେ ଟଙ୍କା ଉପରେ ହିଁ ଗ୍ୟାରେଣ୍ଟି ରହିଛି। ଅର୍ଥାତ ଲୋକମାନେ ଯେତେ ଟଙ୍କା ବ୍ୟାଙ୍କରେ ଜମା କରିଥିଲେ ମଧ୍ୟ ଲକ୍ଷେ ଟଙ୍କା ହିଁ ଫେରିପାଇବେ। ଭାରତୀୟ ରିଜର୍ଭ ବ୍ୟାଙ୍କର ସହାୟକ କମ୍ପାନୀ ଡିପୋଜିଟ ଇନସ୍ୟୁରାନ୍ସ ଆଣ୍ଡ କ୍ରେଡିଟ ଗ୍ୟାରେଣ୍ଟି କର୍ପୋରେଶନ (ଡିଆଇସିଜିସି) ପକ୍ଷରୁ ଏହି ସୂଚନା ଦିଆଯାଇଛି।



> ଭାରତକୁ ନିବେଶର ଏକ ପ୍ରମୁଖ ସ୍ଥାନ ଭାବେ ପରିବର୍ତ୍ତିତ କରିବା ଲାଗି ସରକାର ସମସ୍ତ ଉଦ୍ୟମ ଜାରି ରଖିଛନ୍ତି। ଆଗାମୀ ଦିନରେ ଅଧିକ ସଂସ୍କାର ପ୍ରକ୍ରିୟା ହାତକୁ ନିଆଯିବ।
> – ନିର୍ମଳା ସୀତାରାମନ, ଅର୍ଥମନ୍ତ୍ରୀ



> ୧୦ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମିଶ୍ରଣ ପରେ କାହାର ଚାକିରି ଯାଇନାହିଁ। କର୍ମଚାରୀଙ୍କ ସ୍ୱାର୍ଥରକ୍ଷାକୁ ସରକାର ଧ୍ୟାନରେ ରଖିଛନ୍ତି।
> – ଅନୁରାଗ ଠାକୁର, କେନ୍ଦ୍ର ଅର୍ଥରାଷ୍ଟ୍ର ମନ୍ତ୍ରୀ

# ହିରୋର ନୂଆ ସ୍ପ୍ଲେଣ୍ଡର ଆଇସ୍ମାର୍ଟ

ଭୁବନେଶ୍ୱର, ୩-୧୨



ହିରୋମୋଟୋକର୍ପ ଲିମିଟେଡ ପକ୍ଷରୁ ନୂଆ ବିଏସ୍-୬ ମାନକଯୁକ୍ତ ସ୍ପ୍ଲେଣ୍ଡର ଆଇସ୍ମାର୍ଟ କଟକର ଶନି ମୋଟର୍ସ ଶୋ'ରୁମଠାରେ ବଜାର ପ୍ରବେଶ ହୋଇଛି। ଏହାକୁ ଶୋ'ରୁମର ମ୍ୟାନେଜିଂ ପାର୍ଟନର ଅର୍ଶଦୀପ ସିଂ ଏବଂ ମ୍ୟାନେଜର ଅରବିନ୍ଦ ସିହ୍ନା ଉନ୍ମୋଚନ କରିଥିଲେ। ମଡେଲଟିର ବଜାର ଦର ୬୫,୫୦୦ ଟଙ୍କା ରହିଛି। ଯୁବବର୍ଗଙ୍କ ଆବଶ୍ୟକତାକୁ ଧ୍ୟାନରେ ରଖି ଏଥିରେ ଅତ୍ୟାଧୁନିକ ଟେକ୍ନୋଲୋଜି ସ୍ଥାନିତ କରାଯାଇଛି। ଏଥିରେ ୧୧୦ ସିସି ଏୟାରକୁଲଡ ଇଞ୍ଜିନ, ଡାଇମଣ୍ଡ ଫ୍ରେମ ଏବଂ ଇନ୍ଧନ ଦକ୍ଷତା ଲାଭ କରିପାରିବେ। ଏହା ଟେକ୍ନୋ ବ୍ଲୁ, ବ୍ଲାକ, ସ୍ପୋର୍ଟସ ରେଡ, ବ୍ଲାକ, ଫୋର୍ସ ସିଲଭର ଆଣ୍ଡ ହେଭି ଗ୍ରେ ଭଳି ରଙ୍ଗରେ ଆସୁଛି।

# ପାର୍ବଣରେ ୪.୯ ଲକ୍ଷ କୋଟି ଋଣ ଦେଲେ ବ୍ୟାଙ୍କ

ନୂଆଦିଲ୍ଲୀ, ୩-୧୨

ପାର୍ବଣ ସମୟରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ୪.୯ ଲକ୍ଷ କୋଟି ଟଙ୍କାର ଋଣ ପ୍ରଦାନ କରିଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି। ଅର୍ଥନୀତିରେ ସ୍ଥିତାବସ୍ଥା ଏବଂ ଚାହିଦା ବଢାଇବା ଲାଗି ବ୍ୟାଙ୍କଗୁଡିକ ଏଭଳି ପଦକ୍ଷେପ ନେଇଛନ୍ତି। ଦେଶର ୩୭୪ ଜିଲାରେ ଋଣ ମେଳା ଆୟୋଜନ କରି ଏହି ଋଣ ପ୍ରଦାନ କରାଯାଇଛି। ଏମଏସ୍ଏମ୍ଇ, ଏନ୍‌ବିଏଫ୍ସି, କର୍ପୋରେଟ, ରିଟେଲ ଏବଂ କୃଷି କ୍ଷେତ୍ରକୁ ଏଥିରେ ସାମିଲ କରାଯାଇଛି। ଅକ୍ଟୋବରରେ ୨.୫୨ ଲକ୍ଷ କୋଟି ଏବଂ ନଭେମ୍ବରରେ ୨.୩୯ ଲକ୍ଷ କୋଟି ଟଙ୍କାର ଋଣ ଏହା ମଧ୍ୟରେ ରହିଛି।

**ଏୟାର ଇଣ୍ଡିଆ ବିକ୍ରି**

# ବିଦେଶୀ ନିୟନ୍ତ୍ରଣ ନିୟମ ସଂଶୋଧନ ଉପରେ ବିଚାର

ନୂଆଦିଲ୍ଲୀ, ୩-୧୨

ଏୟାର ଇଣ୍ଡିଆ ବିକ୍ରି ନେଇ ସରକାର ବର୍ତ୍ତମାନ ଯୋଜନା ରଖିଥିବା ବେଳେ ଏକ୍ଷେତ୍ରରେ ବିଦେଶୀ ନିୟନ୍ତ୍ରଣ ନିୟମ ସଂଶୋଧନ କରିବା ଉପରେ ବିଚାର କରାଯାଉଛି। ବର୍ତ୍ତମାନର ନିୟମ ମୁତାବକ ଉକ୍ତ ବିମାନ କମ୍ପାନୀର ପରିଚାଳନା ନିୟନ୍ତ୍ରଣ କେବଳ ଭାରତୀୟଙ୍କ ହାତରେ ରହିବା ନେଇ ବ୍ୟବସ୍ଥା ରହିଛି। ଏଭଳି ବିଭିନ୍ନ ପ୍ରସଙ୍ଗ ଯୋଗୁ ବିଶ୍ୱସ୍ତରୀୟ ଫାର୍ମଗୁଡିକ ଏୟାର ଇଣ୍ଡିଆର ନିଲାମରେ ଭାଗ ନେବାକୁ ଆଗ୍ରହ ଦେଖାଉ ନାହାନ୍ତି। ଏହାକୁ ବିକ୍ରି ଲାଗି ସରକାର ଉଦ୍ୟମ ଜାରି ରଖିଥିଲେ ମଧ୍ୟ ସଫଳ ହେଉନାହାନ୍ତି। ଏହାକୁ ଧ୍ୟାନରେ ରଖି ନିୟମରେ ପରିବର୍ତ୍ତନ ଦ୍ୱାରା ଅଧିକ ବିଶ୍ୱସ୍ତରୀୟ ଫାର୍ମଗୁଡିକୁ ବିଡିଂ ଧାରାରେ ସାମିଲ କରାଇବା ନେଇ ସରକାର ଯୋଜନା ରଖିଛନ୍ତି।

# ରାଜ୍ ଇଲେକ୍‌ଟ୍ରୋନିକ୍ସରେ ମେଗା ଏସି ସେଲ୍

ଭୁବନେଶ୍ୱର, ୩-୧୨




ରାଜ ଇଲେକଟ୍ରୋନିକ୍ସ ପକ୍ଷରୁ ମେଗା ଏୟାରକଣ୍ଡିସନର ସେଲ୍ ସମ୍ପର୍କରେ ଘୋଷଣା କରାଯାଇଛି। ଡିସେମ୍ବର ମାସରେ ଏସି କ୍ରୟ ଉପରେ ଗ୍ରାହକ ମୋଟ୍ ୫୦% ପର୍ଯ୍ୟନ୍ତ ଫାଇଦା ପାଇପାରିବେ। ଏହି ସମୟରେ ବଜାଜ ଫାଇନାନ୍ସ ପକ୍ଷରୁ ୧୨୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାଶବ୍ୟାକ ଅଫର ରହିଛି। ଶୀତ ଋତୁରେ ଏସି ମୂଲ୍ୟ କମ୍ ରହିବା ସହ ଇନଷ୍ଟାଲେସନ ଠିକ୍ ଭାବେ ହୋଇଥାଏ। ଏସି ଲଗାଇବା ଲାଗି ମେକାନିକ ପର୍ଯ୍ୟାପ୍ତ ସମୟ ପାଇପାରିବେ ବୋଲି ରାଜ ଇଲେକଟ୍ରୋନିକ୍ସ ପକ୍ଷରୁ ସୂଚନା ରହିଛି। ବଛାବଛା ଏୟାର କଣ୍ଡିସନର ଉପରେ ୨୫% ପର୍ଯ୍ୟନ୍ତ ଡିସକାଉଣ୍ଟ ଗ୍ରାହକ ପାଇବା ସହ ଜାନୁୟାରୀମାସଠାରୁ ବଢିବାକୁ ଥିବା ୨୫% ମୂଲ୍ୟରୁ ରକ୍ଷାପାଇପାରିବେ। ଜାନୁୟାରୀରେ ନୂଆ ଇଲେକଟ୍ରିକ କଞ୍ଜମ୍ପଶନ ରେଟିଂ ନିୟମ ଲାଗୁ ହେବାକୁ ଥିବା ବେଳେ ଏସି ମୂଲ୍ୟ ପ୍ରାୟ ୨୫% ବଢିବାର ସମ୍ଭାବନା ରହିଛି। ଗ୍ରାହକ ୦% ଫାଇନାନ୍ସରେ ସହଜ ଏବଂ କମ୍ ମୂଲ୍ୟ କିସ୍ତିରେ ଷ୍ଟାର ଏବଂ ଇନଭର୍ଟର ଏସି ନେଇ ପାରିବେ। ଏହି ଅଫର ରାଜ ଇଲେକଟ୍ରୋନିକ୍ସ, ରାଜ ଇଲେକଟ୍ରୋନିକ୍ସ ପ୍ଲାଜା, ବିଶ୍ୱାଳ ସେଲ୍ସର ସମସ୍ତ ଶୋ'ରୁମରେ ଉପଲବ୍ଧ ହେଉଥିବା ରାଜ ଇଲେକଟ୍ରୋନିକ୍ସର ମ୍ୟାନେଜିଂ ପାର୍ଟନର ପ୍ରକାଶ ବିଶ୍ୱାଳ କହିଛନ୍ତି। ଗ୍ରାହକ ସନ୍ତୁଷ୍ଟିକୁ ରାଜ ଇଲେକଟ୍ରୋନିକ୍ସ ସର୍ବଦା ପ୍ରାଥମିକତା ଦେଇ ଆସୁଥିବା ବେଳେ ବିଶ୍ୱସନତା ସହ ଅଗ୍ରସର ହେଉଛି। ଏଥିପାଇଁ ରାଜ୍ କଞ୍ଜ୍ୟୁମର ଡ୍ୟୁରେବୁଲ୍ସ ବିକ୍ରିରେ ପ୍ରମୁଖ ସ୍ଥାନରେ ଥିବା ବିଶ୍ୱାଳ କହିଛନ୍ତି।































# ମେସିଙ୍କୁ ରେକର୍ଡ ୬ଷ୍ଠ ବାଲୋନ ଡି' ଅର



ବାଲୋନ ଡି' ଅର ପୁରସ୍କାର ସହ ଲିଓନେଲ ମେସି ।

ମୁଁ ପ୍ରଥମ ବାଲୋନ ଡି'ଅର ପୁରସ୍କାର ପାଇଥିଲି। ମୋ ସ୍ତ୍ରୀ ଓ ପିଲାଙ୍କ ପାଇଁ ଏବେ କ୍ୟାରିୟରର ୬ଷ୍ଠ ଥର ଏହି ସମ୍ମାନ ହାତେଇଛି ବୋଲି ମେସି କହିଛନ୍ତି। ଅନ୍ୟପକ୍ଷରେ ଆମେରିକାକୁ ୪ର୍ଥ ଫିଫା ମହିଳା ବିଶ୍ୱକପ୍ ଆଣି ଦେଇଥିବା ମେଗାନ ରାପିନୋଙ୍କୁ ଦ୍ୱିତୀୟ ଥର ବାଲୋନ ଡି'ଅର ପୁରସ୍କାର ମିଳିଛି। ଗତବର୍ଷ ସେ ପ୍ରଥମ ମହିଳା ଭାବେ ଏହି ପୁରସ୍କାର ହାସଲ କରିଥିଲେ। କ୍ଲବ ସ୍ତରୀୟ କାର୍ଯ୍ୟସୂଚୀରେ ବ୍ୟସ୍ତତା କାରଣରୁ ସେ ଡୁ ଚାଟଲେଟ ଥିଏଟରରେ ଉପସ୍ଥିତ ନ ଥିଲେ। ଉଲ୍ଲେଖଯୋଗ୍ୟ କି, ରୋନାଲ୍ଡୋ ଓ ମେସି କ୍ରମାଗତ ୧୦ ବାଲୋନ ଡି'ଅର ପୁରସ୍କାର ବାଣ୍ଟି ନେଇଥିଲେ। ୨୦୦୮ରୁ ୨୦୧୭ ପର୍ଯ୍ୟନ୍ତ ଏହି ଦୁଇଙ୍କ ବ୍ୟତୀତ ଅନ୍ୟ କୌଣସି ଖେଳାଳି ଶ୍ରେଷ୍ଠ ଫୁଟବଲର ହେବାର ସୌଭାଗ୍ୟ ପାଇ ନ ଥିଲେ। ୨୦୧୮ରେ ଏହି ପୁରସ୍କାର ରିୟଲ ମାଡ୍ରିଡ ଷ୍ଟାର ଲୁକା ମୋଡ୍ରିକଙ୍କୁ ମିଳିଥିଲା।

**ପ୍ୟାରିସ,୩।୧୨:** ଆର୍ଜେଣ୍ଟିନାର ତାରକା ଫୁଟବଲ ଖେଳାଳି ଲିଓନେଲ ମେସି ରେକର୍ଡ ୬ଷ୍ଠ ଥରପାଇଁ ବାଲୋନ ଡି'ଅର ପୁରସ୍କାର ପାଇଛନ୍ତି। ବାର୍ସିଲୋନାକୁ ଲା ଲିଗା ଚାମ୍ପିୟନ କରାଇବା ପରେ ତାଙ୍କ ନେତୃତ୍ୱରେ ଜାତୀୟ ଦଳ କୋପା ଆମେରିକା ଟୁର୍ନାମେଣ୍ଟର ୩ୟ ସ୍ଥାନ ଅଧିକାର କରିଥିଲା। ସେ ପୂର୍ବରୁ ୨୦୦୯, ୨୦୧୦, ୨୦୧୧, ୨୦୧୨ ଓ ୨୦୧୫ରେ ଏହି ସମ୍ମାନଜନକ ଫୁଟବଲର ଟ୍ରଫି ହାସଲ କରିଥିଲେ। ଚଳିତ ଥର ଲିଭରପୁଲର ୪ ଜଣ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପଛରେ ପକାଇ ମେସି ଏହି ସଫଳତା ପାଇଛନ୍ତି। ତାଙ୍କ ପଛକୁ ଭର୍ଜିଲ ଭାନ ଡିଜକ (ଦ୍ୱିତୀୟ) ଓ ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲ୍ଡୋ (ତୃତୀୟ) ରହିଛନ୍ତି। ସର୍ବାଧିକ ଥର ବାଲୋନ ଡି'ଅର ପୁରସ୍କାର ପାଇବାରେ ମେସିଙ୍କ ପଛକୁ ରୋନାଲ୍ଡୋ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ସେ ୫ ଥର ଏହି ପୁରସ୍କାର ପାଇଛନ୍ତି। ମୋର ୩ ଭାଇଙ୍କ ଯୋଗୁ ୧୦ ବର୍ଷ ତଳେ

# ନ୍ୟୁଜିଲାଣ୍ଡ ଏମ୍‌ସିସି ସ୍ପିରିଟ୍ ଅଫ୍ କ୍ରିକେଟ

**ମେଲବୋର୍ନ, ୩।୧୨:** ନ୍ୟୁଜିଲାଣ୍ଡ କ୍ରିକେଟ ଦଳକୁ ଚଳିତବର୍ଷର ଏମ୍‌ସିସିର କ୍ରିଷ୍ଟଫର ମାର୍ଟିନ ଜେନକିନ୍ସ ସ୍ପିରିଟ ଅଫ୍ କ୍ରିକେଟ ପୁରସ୍କାର ମିଳିଛି। ଗତ ଜୁଲାଇ ୧୪ ତାରିଖରେ ଅନୁଷ୍ଠିତ ବିଶ୍ୱକପ୍ ଫାଇନାଲରେ ନ୍ୟୁଜିଲାଣ୍ଡ ବାଉଣ୍ଡ୍ରି ଗଣନା ପରେ ପରାସ୍ତ ହୋଇଥିଲା। ଫାଇନାଲକୁ ସର୍ବକାଳୀନ ରୋମାଞ୍ଚକ ଦିନିକିଆ ବିବେଚିତ କରାଯାଉଛି। ପରାଜୟ ପରେ କେନ ୱିଲିୟମସନଙ୍କ ନେତୃତ୍ୱାଧୀନ ଦଳ ଅସାଧାରଣ ଖେଳୁଆଡ଼ ମନୋଭାବ, ମାନବିକତା ଓ ନିଃସ୍ୱାର୍ଥ ପରିଚୟ ଦେଇଥିଲେ। ଏମ୍‌ସିସି ସଭାପତି କୁମାର ସଙ୍ଗକାରା କହିଛନ୍ତି, ନ୍ୟୁଜିଲାଣ୍ଡ ଦଳ ଏହି ପୁରସ୍କାର ଜିତିବା ପାଇଁ ହକଦାର। ରୋମାଞ୍ଚ ଭରା ମ୍ୟାଚ୍ ପରେ ସେମାନେ ଯେଉଁଭଳି ବ୍ୟବହାର ଦେଖାଇଥିଲେ ତାହା ଅବିଶ୍ୱସନୀୟ ଓ ସର୍ବଦା ମନେ ରହିବ। ସେଡନ ପାର୍କଠାରେ ଚାଲିଥିବା ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ଟେଷ୍ଟ ଶେଷ ହେବା ପରେ ପୁରସ୍କାର ବିତରଣୀ ଉତ୍ସବ ଆୟୋଜନ ହୋଇଥିଲା। ଏଥିପୂର୍ବରୁ ଏହି ପୁରସ୍କାର ନ୍ୟୁଜିଲାଣ୍ଡର ବ୍ରେଣ୍ଡନ ମ୍ୟାକ୍‌କୁଲମ, ଦର୍ବିଶାୟାର ଦଳର ୱାନେ ମାଡସେନ, ସସେକ୍ସର ଲୁକ ରାଇଟଙ୍କୁ ମିଳିସାରିଛି।



ଢେଙ୍କାନାଳରେ ମଙ୍ଗଳବାର ସାହାଣୀ କପ୍ ଫୁଟ୍‌ବଲର ଉଦ୍‌ଘାଟନୀ ଅବସରରେ ଖେଳାଳି ଓ ଅତିଥିମାନେ।

# ସାହାଣୀ କପ୍ ଫୁଟବଲ ଉଦ୍‌ଘାଟିତ

**କଟକ ଅଫିସ,୩।୧୨:** ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ଆନୁକୂଲ୍ୟରେ ବରଗଡ଼ ଓ ଢେଙ୍କାନାଳରେ ମଙ୍ଗଳବାରଠାରୁ ୬୦ତମ ସିନିୟର ପୁରୁଷ ଆନ୍ତଃ ଜିଲା ଫୁଟବଲ ଚାମ୍ପିୟନଶିପ ସାହାଣୀ କପ୍-୨୦୧୯ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଦିବସରେ ୪ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ପୁରୀ, ଅନୁଗୋଳ, ଦେବଗଡ଼, ବାଲେଶ୍ୱର ବିଜୟୀ ହୋଇଛନ୍ତି।

ବରଗଡ଼ର ସୋହେଲା ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଅନୁଗୋଳ ୨-୦ ଗୋଲରେ ଯାଜପୁରକୁ ପରାସ୍ତ କରିଥିଲା। ଅନୁଗୋଳ ପକ୍ଷରୁ ଅନ୍ତର୍ଯ୍ୟାମୀ ନାୟକ ୭୯ତମ ମିନିଟରେ ଗୋଟିଏ ଗୋଲ ଦେଇଥିବା ବେଳେ ଯାଜପୁରର ରଞ୍ଜନ ଦେହୁରୀ ୮୮ତମ ମିନିଟରେ ଏକ ଆତ୍ମଘାତୀ ଗୋଲ ସ୍କୋର କରିଥିଲେ। ଉକ୍ତ ମ୍ୟାଚରେ ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା ଅତିଥି ଭାବେ ଯୋଗ ଦେଇଥିଲେ। ବରଗଡ଼ର ଭେଡେନ ଗ୍ରାଉଣ୍ଡରେ ଝାରସୁଗୁଡ଼ା-ଦେବଗଡ଼ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ନିର୍ଦ୍ଧାରିତ ସମୟରେ ୧-୧ ଗୋଲରେ ଡ୍ର ରହିଥିଲା। ପରେ ପେନାଲ୍ଟି ସୁଟଆଉଟ ଜରିଆରେ ଦେବଗଡ଼ ୯-୮ ଗୋଲରେ ଜିତିଥିଲା। ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଉକ୍ତ ମ୍ୟାଚ୍‌ରେ ଅତିଥି ଭାବେ ଯୋଗ ଦେଇଥିଲେ। ବରଗଡ଼ର କଦଳିପାଲି ଗ୍ରାଉଣ୍ଡରେ ହେବାକୁ ଥିବା ମ୍ୟାଚରେ ମାଲକାନଗିରି ଅନୁପସ୍ଥିତ ରହିବା ଯୋଗୁ ପୁରୀ ଦଳକୁ ବିଜୟୀ ଘୋଷଣା କରାଯାଇଥିଲା। ଉକ୍ତ ମ୍ୟାଚ୍‌ରେ ବିଧାୟକ ଦେବାଶିଷ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ଢେଙ୍କାନାଳରେ ଅନୁଷ୍ଠିତ ମ୍ୟାଚ୍‌ରେ ବାଲେଶ୍ୱର ପେନାଲ୍ଟି ସୁଟଆଉଟ୍‌ରେ ଭଦ୍ରକକୁ ହରାଇଥିଲା। ନିର୍ଦ୍ଧାରିତ ସମୟରେ ଉଭୟ ଦଳ ଗୋଟିଏ ଲେଖାଏ ଗୋଲ ଦେବା ପରେ ପେନାଲ୍ଟିର ସହାୟତା ନିଆଯାଇଥିଲା। ଏମପି ମହେଶ ସାହୁ ଉକ୍ତ ମ୍ୟାଚ୍‌ରେ ଅତିଥି ଭାବେ ଯୋଗ ଦେଇଥିଲେ।

# ଭାରତୀୟ ପୁରୁଷ ଟିଟି ଦଳକୁ ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ୍

**ନୂଆଦିଲ୍ଲୀ, ୩।୧୨ (ପି.ଟି.):** ସଦ୍ୟ ପ୍ରକାଶିତ ଅନ୍ତର୍ଜାତୀୟ ଟେବୁଲ ଟେନିସ ଫେଡେରେଶନ (ଆଇଟିଟିଏଫ୍) ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ପୁରୁଷ ଦଳ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛି। ଅଷ୍ଟମ ସ୍ଥାନକୁ ଉଠି ଭାରତ ଏହି ସଫଳତା ପାଇଛି। ବିଶ୍ୱର ୩୦ ନମ୍ବର ଖେଳାଳି ଜି. ସାଥିୟାଁ ଓ ୩୬ ନମ୍ବର ଖେଳାଳି ଶରଥ କମଲଙ୍କୁ ନେଇ ଗଠିତ ଭାରତୀୟ ଦଳ ୨୮୦ ପଏଣ୍ଟ ପାଇଛି। ଅଷ୍ଟ୍ରେଲିଆ ମଧ୍ୟ ୨୮୦ ପଏଣ୍ଟ ପାଇଛି। ତେବେ ଭାରତ ଗୋଟିଏ ସ୍ଥାନ ଆଗରେ ରହି ଅଷ୍ଟମ ସ୍ଥାନ ଅଧିକାର କରିଛି। ଗତ ସପ୍ତାହରେ ଅନୁଷ୍ଠିତ ସାଥିୟାଁ ଆଇଟିଟିଏଫ ବିଶ୍ୱକପ୍‌ର ପ୍ରି- କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ।

ଧରିତ୍ରୀର ୪୬ତମ ଜନ୍ମଦିବସ ଅବସରରେ ତିର୍ତ୍ତୋଲ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଶୁଭ କାମନା ଜଣାଇବା ସହ ମା' ଶାରଳାଙ୍କ ନିକଟରେ ସମସ୍ତଙ୍କ ମଙ୍ଗଳ କାମନା କରୁଛି।
ପ୍ରକାଶ ଚନ୍ଦ୍ର ସ୍ୱାଇଁ
ପୂର୍ବତନ ତିର୍ତ୍ତୋଲ ବ୍ଲକ 'ଆମ୍ମା' ଅଧ୍ୟକ୍ଷ
ଗୋପାଳପୁର ପଞ୍ଚାୟତ, ତିର୍ତ୍ତୋଲ, ଜଗତ୍‌ସିଂହପୁର

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଅବସରରେ ଅଗଣିତ ଦର୍ଶକଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।
Estar ଓଡ଼ିଆ Tv
E STAR ଓଡ଼ିଆ TV
FOLLW ON
EstarOdiaTv
ଇଷ୍ଟାର ଓଡ଼ିଆ ଟିଭି
(ସମ୍ପର୍କ ଯୋଡ଼ିବାର ନୂଆ ପ୍ରୟାସ)
ବିକ୍ରମ ମହାପାତ୍ର

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଅବସରରେ ଡାବୁଗାଁ ବିଧାନସଭା ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ।
ମନୋହର ରନ୍ଧାରୀ (ବିଧାୟକ)
ଡାବୁଗାଁ ନିର୍ବାଚନମଣ୍ଡଳୀ

BIDYARTHI SCIENCE COLLEGE
MAA BHANDAR GHARANI
NABARANGPUR
BIDYARTHI
SCIENCE COLLEGE
(+2 SCIENCE DAY CUM RESIDENTIAL COLLEGE)
Recognised by Govt. of Odisha under C.H.S.E.
ASSAM COLONY,
NEAR WOMEN'S COLLEGE
NABARANGPUR (ODISHA)
ADMISSION OPEN FOR
● +2 SCIENCE WITH
● OJEE
● JEE MAIN
● AIPMT
● NDA
Separate Hostel for Boys and Girls
For Details Contact :
06858-222246, 8658643624, 9438230746

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ପାଠକ, ପାଠିକା, ବିତରକ ଓ ଜନସାଧାରଣଙ୍କୁ ଶୁଭେଚ୍ଛା ।
କାହ୍ନୁ ଦାଶ
ଭାଜପା ଯୁବ ମୋର୍ଚ୍ଚା ସମ୍ପାଦକ
ନବରଙ୍ଗପୁର
ଗୌରୀଶଙ୍କର ମାଝୀ
ଭାଜପା ଯୁବ ନେତା, ନବରଙ୍ଗପୁର

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଶୁଭେଚ୍ଛା
ସଦାଶିବ ପ୍ରଧାନୀ
ବିଧାୟକ, ନବରଙ୍ଗପୁର

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ପାଠକ, ପାଠିକା, ଲେଖକ ଓ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ।
ସଦନ ନାୟକ
ପୂର୍ବତନ ବିଧାୟକ

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ...
SANJEEV KUMAR AGRAWAL, MD
SAI KRUPA UDYOG
FLYASH BRICKS
krupa0047@gmail.com
7008012223, 9777459051, 9777459044
PRADHANIGUDA, PAPADAHANDI

EDUCATIONAL WINGS OF
GURUKRUPA EDUCATIONAL & CHARITABLE TRUST
UMERKOTE, DIST.: NABARANGPUR
GURUKRUPA EDUCATIONAL INSTITUTE UMERKOTE
BACHPAN A PLAY SCHOOL
(Play Group to UKG), Near S.S. Govt. High School
Cell:7894781666, UMERKOTRE, NABARANGPUR
G.K. PUBLIC SCHOOL
(Std. - I to Std. - VIII), CBSE, Cell: 7327892777
BEHIND ANDHRA BANK, UMERKOTE, NABARANGPUR
GURUKRUPA HIGHER SECONDARY SCHOOL
Day Cum Residential (+2 Science & Arts), Cell: 9938264646, 8342892333
BEHIND ANDHRA BANK, UMERKOTE, NABARANGPUR
G.K. SCIENCE DEGREE COLLEGE
+3 Science & Arts with Honours, Cell: 9938728882, 8342892333
BEHIND ANDHRA BANK, UMERKOTE, NABARANGPUR
GURUKRUPA TUTORIAL
(Class - VI to X), Near S.S. Govt. High School, Cell: 7894816777
UMERKOTE, NABARANGPUR
For Admission & Details:
NEAR S.S. GOVT. HIGH SCHOOL
UMERKOTE, NABARANGPUR
8342892333, 7064273666
9938728882, 9938264646

# ଅନ୍‌ଲାଇନରେ ୮୧୫୦ ଟିକେଟ



**ବାରବାଟୀ ଦିନିକିଆ ଆଉ ୧୮ ଦିନ**

ବାରବାଟୀ ଷ୍ଟାଡ଼ିୟମ ଗ୍ୟାଲେରିରେ ରଙ୍ଗ ଦିଆଯାଉଛି।

**କଟକ ଅଫିସ,୩।୧୨**

ଭାରତ-ୱେଷ୍ଟଇଣ୍ଡିଜ ଅନ୍ତର୍ଜାତୀୟ ଏକଦିବସୀୟ କ୍ରିକେଟ ମ୍ୟାଚ୍ ପାଇଁ ଆସନ୍ତା ୫ରୁ ୧୫ ତାରିଖ ପର୍ଯ୍ୟନ୍ତ ଅନ୍‌ଲାଇନ୍‌ରେ ଟିକେଟ ବିକ୍ରି ହେବ। ଟିକେଟ www.paytm.com ଏବଂ www.in-sider.inରେ ଉପଲବ୍ଧ ହେବ। ପୂର୍ବରୁ ୯୨୦୦ ଟିକେଟ ଅନଲାଇନରେ ବିକ୍ରି ହେଉଥିବା ବେଳେ ଚଳିତବର୍ଷ ୮୧୫୦ଟି ଟିକେଟ ଅନ୍‌ଲାଇନରେ ବିକ୍ରି କରାଯିବାକୁ ଧାର୍ଯ୍ୟ କରାଯାଇଛି। ତେବେ ଦର୍ଶକମାନଙ୍କୁ ପ୍ରତ୍ୟେକ ଟିକେଟର ମୂଳ ରାଶି ସହ ୧୮ପ୍ରତିଶତ ଜିଏସ୍‌ଟି ଟ୍ୟାକ୍ସ ଦେବାକୁ ପଡ଼ିବ। ଅନ୍‌ଲାଇନ ଜରିଆରେ ଗ୍ୟାଲେରି ନଂ-୨ଓ ୪ରେ ୩୦୦୦ ଲେଖାଏ ଟିକେଟ ଉପଲବ୍ଧ ଅଛି। ଏହି ଟିକେଟର ମୂଲ୍ୟ ୫୦୦ଟଙ୍କା ରହିଛି। ଗ୍ୟାଲେରି ନଂ-୬ର ୧୫୦୦ଟିକେଟ ଅନ୍‌ଲାଇନରେ ବିକ୍ରି ହେବ। ଏହି ଟିକେଟର ମୂଲ୍ୟ ୪୦୦ଟଙ୍କା। ଉକ୍ତ ଟିକେଟ କିଣିବାକୁ ହେଲେ ଜିଏସ୍‌ଟି ଟ୍ୟାକ୍ସ ଦେବାକୁ ପଡ଼ିବ ନାହିଁ। ଅନ୍‌ଲାଇନରେ ନ୍ୟୁ ପ୍ୟାଭିଲିୟନର ୫୦ଟି ଟିକେଟ ବିକ୍ରି ହେବ ଓ ପ୍ରତ୍ୟେକ ଟିକେଟର ମୂଲ୍ୟ ୫ ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି। ସେହିପରି ସ୍ପେଶାଲ ଏନକ୍ଲୋଜର ଟିକେଟର ମୂଲ୍ୟ ୩ ହଜାର ଥିବାବେଳେ ଅନ୍‌ଲାଇନରେ ବିକ୍ରି ହେବ ୫୦୦ଟି ଟିକେଟ ଓ ୫ହଜାର ଦର ବିଶିଷ୍ଟ ଏସି ବକ୍ସ ଗ୍ୟାଲେରୀ ଟିକେଟ ଅନ୍‌ଲାଇନରେ ୧୦୦ଖଣ୍ଡ ଉପଲବ୍ଧ ରହିବ। ଆସନ୍ତା ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ କେମ୍ବ୍ରିଜ ସ୍କୁଲରୁ ଅନ୍‌ଲାଇନ୍ ଟିକେଟ୍ କ୍ରେତାମାନେ ଅରିଜିନାଲ ଟିକେଟ ହାସଲ କରିବେ।

## ବିଜୟ ଲକ୍ଷ୍ୟରେ ଓଡ଼ିଶା ଏଫ୍‌ସି

**ପୁଣେ, ୩।୧୨:** ସ୍ଥାନୀୟ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ବୁଧବାର ଓଡ଼ିଶା ଏଫ୍‌ସି ଏବଂ ଗତଥରର ଚାମ୍ପିୟନ ବେଙ୍ଗାଲୁରୁ ଏଫ୍‌ସି ମଧ୍ୟରେ ଇଣ୍ଡିଆନ ସୁପରଲିଗ୍(ଆଇଏସଏଲ) ମ୍ୟାଚ ହେବ। ଓଡ଼ିଶା ଏଫ୍‌ସି ଗତ ତିନୋଟି ମ୍ୟାଚରେ ପଏଣ୍ଟ ଭାଗକରି ଡ୍ରରେ ହ୍ୟାଟ୍ରିକ କରିଛି। ଜୋସେଫ ଗାମ୍ବାଉଙ୍କ ପ୍ରଶିକ୍ଷଣପ୍ରାପ୍ତ ଦଳ ଏଟିକେ ଏବଂ କେରଳ ବ୍ଲାଷ୍ଟର୍ସ ବିପକ୍ଷରେ ଗୋଲଶୂନ୍ୟ ଏବଂ ଚେନ୍ନାଇନ୍ ଏଫ୍‌ସି ବିପକ୍ଷରେ ୨-୨ରେ ମ୍ୟାଚ ଡ୍ର ରଖିଥିଲା। ତେଣୁ ଆଗାମୀ ମ୍ୟାଚରେ ଶକ୍ତିଶାଳୀ ବେଙ୍ଗାଲୁରୁ ବିପକ୍ଷରେ ଭଲ ଖେଳି ଦଳ ବିଜୟ ପଥକୁ ଫେରିବା ଲକ୍ଷ୍ୟ ରଖିଛି। ଦେଖିବାକୁ ଗଲେ ଓଡ଼ିଶା ଏଫ୍‌ସି ଗତ କେତୋଟି ମ୍ୟାଚରେ ଉନ୍ନତ ପ୍ରଦର୍ଶନ କରି ଆସିଛି। ବଲ୍‌କୁ ଅଧିକ ସମୟରେ ନିଜ ନିୟନ୍ତ୍ରଣରେ ରଖିବା ସହ ପାସିଂରେ ମଧ ପରସ୍ପର ମଧ୍ୟରେ ସମନ୍ୱୟକୁ ଦେଖାଇଛି। ତେବେ ଚାପ ସମୟରେ ଠିକ୍‌ଭାବେ ଫିନିଶିଂ କରିପାରି ନାହିଁ। ଫଳରେ ମ୍ୟାଚ ଫଳାଫଳକୁ ନିଜ ସପକ୍ଷରେ ନେବାରେ ବିଫଳ ହୋଇଛି। ବେଙ୍ଗାଲୁରୁ ଏକ ଶକ୍ତିଶାଳୀ ଦଳ। ଏହାର ରକ୍ଷଣଭାଗ ଅତ୍ୟନ୍ତ ଦୃଢ଼ ଥିବାରୁ ଖେଳିଥିବା ୬ ମ୍ୟାଚରୁ ଏପର୍ଯ୍ୟନ୍ତ ମାତ୍ର ୨ଟି ଗୋଲ ବରଣ କରିଛି ଏବଂ ଅପରାଜୟ ରହିଛି। ''ବେଙ୍ଗାଲୁରୁ ବର୍ତ୍ତମାନର ଚାମ୍ପିୟନ ଏବଂ ଲିଗ୍‌ର ଅନ୍ୟତମ ଶ୍ରେଷ୍ଠ ଦଳ। ତେବେ ଉଭୟ ଦଳ ସମାନ ଷ୍ଟାଇଲରେ ଖେଳୁଥିବାରୁ ଆଗାମୀ ମ୍ୟାଚକୁ ନେଇ ଉତ୍କଣ୍ଠା ରହିଛି। ଆମ ଦଳର ପ୍ରସ୍ତୁତିରେ ମୁଁ ସନ୍ତୁଷ୍ଟ। ବେଙ୍ଗାଲୁରୁକୁ ଆମେ କଡ଼ା ଚ୍ୟାଲେଞ୍ଜ ଦେଇ ପାରିବୁ'' ବୋଲି ଗାମ୍ବାଉ ପ୍ରକାଶ କରିଛନ୍ତି। ଓଡ଼ିଶା ଏଫ୍‌ସି ମୁଖ୍ୟତଃ ଆଡ୍ରିଆନ ସାଣ୍ଟାନାଙ୍କ ଉପରେ ନିର୍ଭର କରିବ। ସେ ୪ଟି ଗୋଲ ସ୍କୋର କରି ସାରିଥିବାରୁ ବେଙ୍ଗାଲୁରୁ ରକ୍ଷଣଭାଗ ଭେଦ କରିବା ଭାର ତାଙ୍କ ଉପରେ ରହିବ। ପ୍ଲେ ମେକର କିସ୍କୋ ହର୍ନାଣ୍ଡେଜଙ୍କ ନିକଟରେ ମଧ ଏହି ଦକ୍ଷତା ଅଛି। ୩ଟି ଗୋଲ ଦେଇ ସାରିଥିବା ଏହି ସ୍ପାନିଶ ଖେଳାଳି ନିଜ ପୂର୍ବତନ ଦଳ ବିପକ୍ଷରେ ଖେଳିବାକୁ ଯାଉଥିବାରୁ ବଡ଼ ଭୂମିକା ତୁଲାଇବା ଆଶା କରାଯାଉଛି। ଓଡ଼ିଶା ଏଫ୍‌ସି ବିପକ୍ଷ ମ୍ୟାଚ ରୋମାଞ୍ଚକ ହେବ ବୋଲି ବେଙ୍ଗାଲୁରୁ ଟିମ୍ କୋଚ୍ କାର୍ଲ୍ସ କ୍ୱାଡର୍ଟ ମଧ ପୂର୍ବାନୁମାନ କରିଛନ୍ତି।

## ୱିଲିୟମସନ, ଟେଲରଙ୍କ ଶତକ
# ଟେଷ୍ଟ ସିରିଜ ଜିତିଲା ନ୍ୟୁଜିଲାଣ୍ଡ



**ହାମିଲଟନ,୩।୧୨(ଏଏଫପି):** ଅଧିନାୟକ କେନ୍ ୱିଲିୟମସନ ଓ ଅଭିଜ୍ଞ ରସ୍ ଟେଲରଙ୍କ ଲଡୁଆ ଶତକ ସହାୟତାରେ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚକୁ ଘରୋଇ ନ୍ୟୁଜିଲାଣ୍ଡ ମଙ୍ଗଳବାର ପଞ୍ଚମ ତଥା ଅନ୍ତିମ ଦିବସରେ ଅମୀମାଂସିତ ରଖିଛି। ଲଞ୍ଚ୍ ପରେ ପ୍ରବଳ ବର୍ଷା ହୋଇଥିଲା ଓ ଆଉ ଖେଳ ସମ୍ଭବ ହୋଇପାରି ନ ଥିଲା ଓ ଇଂଲଣ୍ଡର ଆଶା ମଉଳି ଯାଇଥିଲା। ସେତେବେଳକୁ ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସରେ ୨ ଉଇକେଟ ହରାଇ ୨୪୧ ରନ କରିଥିଲା। ୱିଲିୟମସନ ୧୦୪ (୨୩୪ ବଲ, ୧୧ ଚୌକା) ଓ ଟେଲର ୧୦୫ (୧୮୬ ବଲ, ୧୧ ଚୌକା, ୨ ଛକା) ରନର ଶତକୀୟ ଇନିଂସ ଖେଳି ଅପରାଜିତ ରହିଥିଲେ। ଏଥି ସହିତ ୨ ମ୍ୟାଚ୍ ବିଶିଷ୍ଟ ସିରିଜକୁ ନ୍ୟୁଜିଲାଣ୍ଡ ୧-୦ ବ୍ୟବଧାନରେ ଜିତିଛି। ନ୍ୟୁଜିଲାଣ୍ଡ ପ୍ରଥମ ଟେଷ୍ଟ ମ୍ୟାଚ୍‌କୁ ଏକ ଇନିଂସ ୬୫ ରନରେ ଜିତିଥିଲା। ପରାଜୟ ଏଡାଇବା ପାଇଁ ନ୍ୟୁଜିଲାଣ୍ଡ ଉଚ୍ଚକୋଟୀର ବ୍ୟାଟିଂ ଆବଶ୍ୟକ କରୁଥିଲା। ୱିଲିୟମସନ ଓ ଟେଲର ଇଂଲଣ୍ଡର ଦୁର୍ବଳ ଫିଲ୍ଡିଂର ଫାଇଦା ନେଇ ମ୍ୟାଚ୍ ବଞ୍ଚାଇବାକୁ ସକ୍ଷମ ହୋଇଥିଲେ। ପ୍ରଥମ ଇନିଂସରେ ମୂଲ୍ୟବାନ ୫ ଉଇକେଟ ଅକ୍ତିଆର କରିଥିବା ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର ନିଲ ୱାଗନର ପ୍ଲେୟାର ଅଫ୍ ଦି ସିରିଜ ଏବଂ ୨୨୬ ରନର ଦ୍ୱିଶତକୀୟ ଇନିଂସ ଖେଳିଥିବା ଇଂଲଣ୍ଡ ଅଧିନାୟକ ଜୋ ରୁଟ ପ୍ଲେୟାର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ:୩୭୫। ଇଂଲଣ୍ଡ ପ୍ରଥମ ଇନିଂସ: ୪୭୬ । ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ: ୨୪୧/୨ (ୱିଲିୟମସନ- ୧୦୪*, ଟେଲର- ୧୦୫*, ସାମ୍ କୁରାନ- ୧/୫୬, କ୍ରିସ୍ ୱକ୍ସ- ୧/୧୨)।

## କ୍ୱାର୍ଟରରେ ରାଇଜିଂ ଷ୍ଟାର

**କଟକ ଅଫିସ, ୩।୧୨:** ସ୍ଥାନୀୟ ବୋଷ ଗ୍ରାଉଣ୍ଡରେ ଚାଲିଥିବା ୬ଷ୍ଠ ପିଭିଆର ମୂର୍ତ୍ତି ସ୍ମାରକୀ ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟର ଏକ ରୋମାଞ୍ଚକର ମ୍ୟାଚ୍‌ରେ କଟକର ରାଇଜିଂ ଷ୍ଟାର କ୍ଲବ ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂକୁ ହରାଇଛି। ଖେଳ ଆରମ୍ଭରେ ବିଳମ୍ବ ଯୋଗୁଁ ମ୍ୟାଚ୍ ୧୮ଓଭର ବିଶିଷ୍ଟ କରାଯାଇଥିଲା। ଉଭୟ ଦଳ ନିର୍ଦ୍ଧାରିତ ଓଭରରେ ୧୧୨ରନ ଲେଖାଏ କରିଥିବା ବେଳେ ସୁପରଓଭର ଜରିଆରେ ରାଇଜିଂ ଷ୍ଟାର ବିଜୟୀ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ପ୍ରଗତି ସ୍ପୋର୍ଟିଂ ୯ ଉଇକେଟ ବିନିମୟରେ ୧୧୨ରନ କରିଥିଲା। ଟୁକୁନା ସାହୁ ସର୍ବାଧିକ ୪୨ରନ ସଂଗ୍ରହ କରିଥିଲେ। ରାଇଜିଂ ଷ୍ଟାର ପକ୍ଷରୁ ଚିତ୍ତ ସେନାପତି ଓ ଦେବାଶିଷ ରାଉତଙ୍କୁ ୩ଟି ଲେଖାଏ ଉଇକେଟ ମିଳିଥିଲା। ବିଜୟଲକ୍ଷ୍ୟ ପିଛା କରି ରାଇଜିଂ ଷ୍ଟାର ୭ଉଇକେଟ ହରାଇ ୧୧୨ରନରେ ସୀମିତ ରହିଥିଲା। ଦଳ ପକ୍ଷରୁ କ୍ରୀଷ୍ଣା ଚୌଧୁରୀ ସର୍ବାଧିକ ୩୩ରନ କରିଥିଲେ। ପ୍ରଗତି ସ୍ପୋର୍ଟିଂର ଟୁକୁନା ୩ଟି ଉଇକେଟ ଅକ୍ତିଆର କରିଥିଲେ। ସୁପର ଓଭର ଜରିଆରେ ମ୍ୟାଚ୍‌ର ଫଳାଫଳ ନିର୍ଣ୍ଣୟ କରାଯାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ରାଇଜିଂ ଷ୍ଟାର ୫ଟି ବଲରେ ୨ଟି ଉଇକେଟ ହରାଇ ୯ରନ କରିଥିଲା। ପ୍ରଗତି ସ୍ପୋର୍ଟିଂ ବିନା ଉଇକେଟରେ ମାତ୍ର ୬ରନ କରିବାକୁ ସକ୍ଷମ ହୋଇଥିଲା। ଏହି ମ୍ୟାଚ୍‌ରେ ଦେବାଶିଷ ରାଉତ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପାଇଥିଲେ। ଆୟୋଜକ ୟୁନିୟନ ସ୍ପୋର୍ଟିଂ ଓ ବିଶ୍ୱଭାରତୀ କ୍ଲବ ମଧ୍ୟରେ ମଙ୍ଗଳବାର କ୍ୱାର୍ଟର ମୁକାବିଲା ହୋଇଥିଲା। ଯେଉଁଥିରେ ୟୁନିୟନ ଦଳ ୭ ଉଇକେଟରେ ବିଜୟୀ ସେମି ଫାଇନାଲରେ ପ୍ରବେଶ କରିଛି। ପ୍ରଶାନ୍ତ ସାହୁଙ୍କ ୫୮ରନ ଜରିଆରେ ବିଶ୍ୱଭାରତୀ ୭ଉଇକେଟ ହରାଇ ୧୨୧ରନ କରିଥିଲା। ୟୁନିୟନ ପକ୍ଷରୁ ସର୍ବେଶ୍ୱର ମହାନ୍ତି ଓ ନିଶାନ୍ତ ସାହୁଙ୍କୁ ୨ଟି ଲେଖାଏ ଉଇକେଟ ମିଳିଥିଲା। କାମେଶ୍ୱର ବାରିକଙ୍କ ୬୫ରନ ବଳରେ ୟୁନିୟନ ଦଳ ବିଜୟୀ ହୋଇଛି। କାମେଶ୍ୱର ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

# ମଞ୍ଜୁଳାମଣି ସ୍ମାରକୀ ଓପନ ବ୍ଲିଜ୍ ଚେସ୍

**ଭୁବନେଶ୍ୱର, ୩।୧୨(କ୍ରୀଡ଼ା ପ୍ରତିନିଧି)**

ଏସଆର ଚେସ୍ ସେଣ୍ଟର ଓ ଆମ ପରିବାରର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜାଭିୟର ଛକସ୍ଥିତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରରେ ଆସନ୍ତା ୧୫ରେ ରାଜ୍ୟସ୍ତରୀୟ ମଞ୍ଜୁଳାମଣୀ ମିଶ୍ର ସ୍ମାରକୀ ରାଜ୍ୟ ବ୍ଲିଜ୍ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ଓ ରାଜ୍ୟ ଚେସ୍ ଆସୋସିଏଶନ ସ୍ୱକୃତୀପ୍ରାପ୍ତ ଏହି ପ୍ରତିଯୋଗିତା ୮ ରାଉଣ୍ଡ ବିଶିଷ୍ଟ ହେବ। ଉତ୍ସାହଜନକ ଏହି ପ୍ରତିଯୋଗିତାରେ ପ୍ରତି ରାଉଣ୍ଡ ପାଇଁ ଉଭୟ ଖେଳାଳିଙ୍କୁ ଫିଶେର କ୍ଲକ୍‌ରେ ୩ ମିନିଟ ଓ ୨ ସେକେଣ୍ଡ(ଇନ୍‌କ୍ରିମେଣ୍ଟ) ଲେଖାଏ ସମୟ ପ୍ରଦାନ କରାଯିବ। ଆୟୋଜକଙ୍କ ପକ୍ଷରୁ ଅନ୍ତର୍ଜାତୀୟ ମାନର ଚେସ୍ ବୋର୍ଡ ଓ ଘଣ୍ଟା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଚାମ୍ପିୟନ ପ୍ରତିଯୋଗୀଙ୍କୁ ଟ୍ରଫି, ପଦକ ଓ ମୁକୁଟ ସହ ୫୦୦୦ଟଙ୍କା ପ୍ରଦାନ କରାଯିବ। ରନର୍ସଅପ୍‌ଙ୍କୁ ୩୦୦୦ଟଙ୍କା ପଦକ, ଟ୍ରଫି ଏବଂ ୩ୟ ସ୍ଥାନ ପାଇଁ ୨୦୦୦ଟଙ୍କା, ପଦକ ଓ ଟ୍ରଫି ଏହିପରି ଶ୍ରେଷ୍ଠ ୧୦ ଜଣଙ୍କୁ ୧୫,୦୦୦ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଏହା ବ୍ୟତୀତ ୭, ୮, ୧୧ ଓ ୧୩ ବର୍ଷରୁ କମ୍ ଉଭୟ ବାଳିକା ଓ ବାଳକ ଏବଂ ଶ୍ରେଷ୍ଠ ୩ ଜଣ ମହିଳା, ଭେଟେରାନ(୫୦ ବର୍ଷରୁ ଉର୍ଦ୍ଧ୍ୱ) ଓ ଦିବ୍ୟାଙ୍ଗ ପ୍ରତିଯୋଗୀଙ୍କୁ ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯିବ। ତେବେ ଅଂଶଗ୍ରହଣକାରୀ ସମସ୍ତ ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରୀୟ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ଶୁଭାଶିଷ କହିଛନ୍ତି। ଏହି ଅବସରରେ ରାଜ୍ୟର ଦ୍ୱିତୀୟ ଗ୍ରାଣ୍ଡମାଷ୍ଟର ସ୍ୱୟମ୍ଭ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବ। ପ୍ରତିଯୋଗିତା ପାଇଁ ୩୦୦ ଟଙ୍କାର ଏଣ୍ଟ୍ରି ଫି ୧୨ ତାରିଖ ମଧ୍ୟରେ ପ୍ରଦାନ କରିବାକୁ ଆୟୋଜକଙ୍କ ପକ୍ଷରୁ ପ୍ରକାଶ କରାଯାଇଛି।

# ଜଗା ୟୁନାଇଟେଡ୍ ସେମିରେ

**ଭୁବନେଶ୍ୱର, ୩।୧୨(ସ୍ପୋର୍ଟ୍ସ ବ୍ୟୁରୋ)**

**ଗଣ୍ଡରପୁର କପ୍ ଫୁଟବଲ**

ରାଜ୍ୟସ୍ତରୀୟ ଗଣ୍ଡରପୁର କପ୍ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ୩ୟ ଦିବସରେ ୩ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଗ୍ରାମାଞ୍ଚଳ ବିଭାଗର ପ୍ରଥମ ମ୍ୟାଚରେ କୃଷକବନ୍ଧୁ ତପ୍ତିକଣା ଟାଇବ୍ରେକର ୫-୪ ଗୋଲରେ ବନମହାବୀର କ୍ଲବ ଜୟପୁରକୁ ପରାସ୍ତ କରିଛି। ସେହିପରି ଦ୍ୱିତୀୟ ମ୍ୟାଚରେ ସୁପ୍ରିମ ଫୁଟବଲ କ୍ଲବ ବରାହୀପୁର ୧-୦ ଗୋଲରେ ଗବବସ୍ତକୁ ହରାଇ ଦେଇଛି। ରଣଜିତ ଜେନା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇ ଟ୍ରଫି ସହ ୧୦୦୦ଟଙ୍କା ପୁରସ୍କାର ଆକାରରେ ପାଇଛନ୍ତି। ସହରାଞ୍ଚଳ ମ୍ୟାଚରେ ଭୁବନେଶ୍ୱରର ଜଗା ୟୁନାଇଟେଡ କ୍ଲବ ୧-୦ ଗୋଲରେ କଟକର ମଙ୍ଗଳା କ୍ଲବକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। କାର୍ତ୍ତିକ ଭୋଳ ପ୍ରଭାବୀ ପ୍ରଦର୍ଶନ କରି ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଛନ୍ତି। ତାଙ୍କୁ ୩୦୦୦ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି। ବିଧାୟକ ସୁଶାନ୍ତ ରାଉତ ଅତିଥିଭାବେ ଯୋଗଦେଇ ତୃତୀୟ ଦିବସର ଖେଳ ଆରମ୍ଭ କରିଥିଲେ। ବୁଧବାର ମଧ ଗ୍ରାମାଞ୍ଚଳରେ ୨ଟି ଏବଂ ସହରାଞ୍ଚଳର ଗୋଟିଏ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ ୟୁନାଇଟେଡ ୟୁଥ୍ ସ୍ପୋର୍ଟ୍ସ କ୍ଲବର ସମ୍ପାଦକ ମାନସ ରଞ୍ଜନ ପାଢ଼ୀ ଜଣାଇଛନ୍ତି।



ବିଧାୟକ ସୁଶାନ୍ତ ରାଉତ ବଲ୍‌କୁ କିକ୍ କରି ତୃତୀୟ ଦିବସ ମ୍ୟାଚ୍‌ର ଶୁଭାରମ୍ଭ କରୁଛନ୍ତି।

## ଆର୍ଚରଙ୍କୁ ବର୍ଣ୍ଣବୈଷମ୍ୟ ଅଭିଯୋଗ
# ପୋଲିସକୁ ତଦନ୍ତ ଭାର

**ହାମିଲଟନ, ୩।୧୨ (ଏଏଫ୍‌ପି):** ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ପ୍ରଥମ ଟେଷ୍ଟବେଳେ ଜଣେ ଦର୍ଶକ ଭ୍ରମଣକାରୀ ଦଳର ପେସର ଜୋଫ୍ରା ଆର୍ଚରଙ୍କ ପ୍ରତି ବର୍ଣ୍ଣ ବୈଷମ୍ୟ ଭେଦଭାବ କରିଥିଲେ। ଏ ନେଇ ନ୍ୟୁଜିଲାଣ୍ଡ କ୍ରିକେଟ (ଏନ୍‌ଜେଡସି) ଅଫିସିଆଲ ନ୍ୟୁଜିଲାଣ୍ଡ ପୋଲିସକୁ ତଦନ୍ତ ଭାର ଦେଇଛନ୍ତି। ମାମଲା ରୁଜୁ କରାଯିବା ପରେ ପୋଲିସ ସିସିଟିଭି ଫୁଟେଜ ଓ ଅଡିଓ ଟେପକୁ ଯାଞ୍ଚ କରିବା ସହ ଦର୍ଶକଙ୍କୁ ପଚରାଉଚରା କରାଯାଉଛି ବୋଲି ଏନ୍‌ଜେଡସି କାର୍ଯ୍ୟକାରୀ ମୁଖ୍ୟ ଡେଭିଡ ହ୍ୱାଇଟ୍ କହିଛନ୍ତି। ଗତ ସପ୍ତାହରେ ମାଉଣ୍ଟ ମାଉଙ୍ଗନୁଇଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟବେଳେ ଆର୍ଚର ବର୍ଣ୍ଣ ବୈଷମ୍ୟ ଭେଦଭାବର ସମ୍ମୁଖୀନ ହୋଇଥିବା ଟୁଇଟର ଜରିଆରେ ଅଭିଯୋଗ ଆଣିଥିଲେ। ହ୍ୱାଇଟ ଆହୁରି କହିଛନ୍ତି, ଏନ୍‌ଜେଡ୍‌ସି ବହୁ ତଥ୍ୟ ସଂଗ୍ରହ କରିଥିଲା। ଏଥିରୁ କେଉଁ ଦର୍ଶକ ଏଥିନେଇ ଦାୟୀ ତାଙ୍କୁ ପୋଲିସ ଠାବ କରିବ ବୋଲି ନିଶ୍ଚିତ ଅଛୁ। ଦୋଷୀଙ୍କୁ ଲମ୍ବା ସମୟ ପାଇଁ ଅନ୍ତର୍ଜାତୀୟ ଭେନ୍ୟୁରୁ ବାସନ୍ଦ କରାଯିବ।

**ପଞ୍ଚମ ଜନ୍ମବାର୍ଷିକୀ ଶୁଭେଚ୍ଛା**



Saismita (Mamun)
ଅଠାନ୍ତର
ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମର ଭବିଷ୍ୟତ ଉଜ୍ଜ୍ୱଳମୟ କରିବା ସହ ତୁମକୁ ଦୀର୍ଘାୟୁ କରନ୍ତୁ, ଏତିକି ପ୍ରାର୍ଥନା।
ଶୁଭେଚ୍ଛା ସହ
ବନ୍ଧୁ ଓ ପରିବାରବର୍ଗ ।
ଧ-୧୫୫୪୮

**ପଞ୍ଚମ ଜନ୍ମଦିନ ଶୁଭେଚ୍ଛା**



ସାଗ୍ନିକ୍ ସୌରଭ ମାଇତି
ବାପା: ସୁକୁମାର
ମାଆ:ଚମ୍ପାବତୀ
ସା: କରଂଜମାଳ, ଧାମରା, ଭଦ୍ରକ
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ:
ଜେଜେ, ମା' ଓ ପରିବାରବର୍ଗ ।
ଧ-୧୫୪୦୯

**Birthday Wish**



Krishna Kumari Devi
(KK Mam)
Secretary, VEMS Group
Happy Birthday
To the greatest person with the biggest heart. There is no one like you.
Best Wishes From:
Bandana Das, all teachers & students of Venkateswar School, Shanti Nagar, Jharapada, BBSR.
D-68622

# ଓଡ଼ିଶାର ଶ୍ରୀୟଙ୍କାଙ୍କୁ ରୌପ୍ୟ



**ସାଉଥ୍ ଏସିଆନ୍ ଗେମ୍ସ**
**ଦ୍ୱିତୀୟ ଦିନରେ ୨୭ ପଦକ ଜିତିଲା ଭାରତ**

**କାଠମାଣ୍ଡୁ,୩।୧୨(ପି.ଟି.):** ଚଳିତ ସାଉଥ୍ ଏସିଆନ୍ ଗେମ୍ସର ଦ୍ୱିତୀୟ ଦିନରେ ଓଡ଼ିଆ ଶୁଟର ଶ୍ରୀୟଙ୍କା ଷଡ଼ଙ୍ଗୀ ଦେଶକୁ ଗର୍ବିତ କରିଛନ୍ତି। ସେ ୧୦ ମିଟର ରାଇଫଲ ଇଭେଣ୍ଟରେ ରୌପ୍ୟ ପଦକ ଜିତିଛନ୍ତି। ତାଙ୍କ ପଦକ ସମେତ ଭାରତ ମଙ୍ଗଳବାର ୨୭ ପଦକ ଜିତିଛି। ଆଥ୍ଲେଟିକ୍ସର ପ୍ରଥମ ଦିନ ଭାରତକୁ ୧୦ ପଦକ (୪ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୨ ବ୍ରୋଞ୍ଜ) ଓ ଶୁଟିଂରେ ୯ ପଦକ (୪ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ) ମିଳିଛି। ଉଭୟ ଭଲିବଲ ପୁରୁଷ ଓ ମହିଳା ଦଳଗତ ଇଭେଣ୍ଟରେ ସ୍ୱର୍ଣ୍ଣ ଓ ଟାଏକୋଣ୍ଡୋ ଖେଳାଳିମାନେ ଏକ ସ୍ୱର୍ଣ୍ଣ ସହ ୩ ବ୍ରୋଞ୍ଜ ଆଣି ଦେଇଛନ୍ତି। ପୁରୁଷ ଓ ମହିଳା ଦଳଗତ ଟେବୁଲ ଟେନିସରେ ମଧ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ଭାରତ ଏବେ ମୋଟ ୪୩ ପଦକ (୧୮ ସ୍ୱର୍ଣ୍ଣ, ୧୬ ରୌପ୍ୟ ଓ ୯ ବ୍ରୋଞ୍ଜ) ସହ ଦ୍ୱିତୀୟ ସ୍ଥାନରେ ରହିଛି। ସର୍ବାଧିକ ୨୩ ସ୍ୱର୍ଣ୍ଣ ପଦକ ପାଇଥିବା ଆୟୋଜକ ନେପାଳ ଶୀର୍ଷରେ ରହିଛି। ଭାରତୀୟ ଶୁଟରମାନେ ମହିଳା ୧୦ ମି. ଏୟାର ରାଇଫଲ ଇଭେଣ୍ଟରେ ପଦକ ପୋଛି ନେଇଛନ୍ତି। ମେହୁଲି ଘୋଷ ସ୍ୱର୍ଣ୍ଣ ପଦକ ସହ ବିଶ୍ୱ ରେକର୍ଡଠାରୁ ଭଲ ପ୍ରଦର୍ଶନ କରିଛନ୍ତି। କିନ୍ତୁ ତାଙ୍କ ପ୍ରଦର୍ଶନକୁ ବିଶ୍ୱ ରେକର୍ଡ ବୁକ୍‌କୁ ନିଆଯିବ ନାହିଁ। କାରଣ ଦକ୍ଷିଣ ଏସିଆନ ଗେମ୍ସର ଫଳାଫଳକୁ ଅନ୍ତର୍ଜାତୀୟ ପରିଚାଳନା ସଂସ୍ଥା (ଆଇଏସ୍‌ଏସ୍‌ଏଫ୍) ରେକର୍ଡ ଭାବେ ଗ୍ରହଣ କରେ ନାହିଁ। ୧୯ ବର୍ଷୀୟା ମେହୁଲି ସର୍ବାଧିକ ୨୫୩.୩ ସ୍କୋର ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେ ଏବେକାର ବିଶ୍ୱ ରେକର୍ଡଠାରୁ ୦.୪ ଅଧିକ ସ୍କୋର କରିଛନ୍ତି। ବର୍ତ୍ତମାନ ଅନ୍ୟ ଭାରତୀୟ ଶୁଟର ଅପୂର୍ବୀ ଚନ୍ଦେଲା(୨୫୨.୯)ଙ୍କ ନାମରେ ବିଶ୍ୱ ରେକର୍ଡ ରହିଛି। ଶ୍ରୀୟଙ୍କା ଷଡ଼ଙ୍ଗୀ (୨୫୦.୮) ରୌପ୍ୟ ଓ ଶ୍ରେୟା ଅଗ୍ରୱାଲ (୨୨୭.୨) ବ୍ରୋଞ୍ଜ ପଦକ ଜିତିଛନ୍ତି। ୧୦ ମି. ଏୟାର ରାଇଫଲ ଦଳଗତ ଇଭେଣ୍ଟରେ ମଧ ଭାରତ ଶୀର୍ଷ ସଫଳତା ପାଇଛି। ଆଥ୍ଲେଟିକ୍ସ ପ୍ରଥମ ଦିନ ଅର୍ଚ୍ଚନା ସୁସିନ୍ଦ୍ରାନ (ମହିଳା ୧୦୦ ମି.), ଏମ୍. ଜାଶନା (ମହିଳା ହାଇ ଜମ୍ପ) ସରଭେଶ ଅନିଲ କୁଶାରେ (ପୁରୁଷ ହାଇ ଜମ୍ପ) ଓ ଅଜୟ କୁମାର ସରୋଜ (ପୁରୁଷ ୧୫୦୦ ମି.) ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

## ବୁମ୍‌ରାଙ୍କ ଟ୍ରେନିଂ ଆରମ୍ଭ

**ନୂଆଦିଲ୍ଲୀ, ୩।୧୨:** ପିଠି ଜନିତ ସମସ୍ୟାରୁ ମୁକୁଳିବା ପରେ ଦିନିକିଆ ଫର୍ମାଟର ନମ୍ବର ୱାନ ବୋଲର ଯଶପ୍ରୀତ ବୁମରା ମଙ୍ଗଳବାରଠାରୁ ଟ୍ରେନିଂ ଆରମ୍ଭ କରିଛନ୍ତି। ସେ ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍‌ସିଏ)ଠାରେ ଆଇପିଏଲ ଫ୍ରାଞ୍ଚାଇଜ ଦିଲ୍ଲୀ କ୍ୟାପିଟାଲ୍ସ ଟ୍ରେନର ରଜନିକାନ୍ତ ଶିଭାଗାନାମଙ୍କ ତତ୍ତ୍ୱାବଧାନରେ ଟ୍ରେନିଂ କରୁଛନ୍ତି। ସେ ଗତ ସେପ୍ଟେମ୍ବରରେ ଆହତ ହୋଇଥିଲେ। ଏହି କାରଣରୁ ଦକ୍ଷିଣ ଆଫ୍ରିକା ଓ ବାଂଲାଦେଶ ବିପକ୍ଷ ଘରୋଇ ସିରିଜ୍‌ରେ ଖେଳି ନ ଥିଲେ। ଆଗାମୀ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ୍‌ରେ ମଧ ସେ ଖେଳିପାରିବେ ନାହିଁ।

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ପ୍ରଫୁଲ୍ଲ କୁମାର ଆଚାର୍ଯ୍ୟ
ଭଦ୍ରକ
ଆବିର୍ଭାବ: ୦୪।୦୪।୧୯୫୬
ତିରୋଧାନ: ୨୫।୧୧।୨୦୧୯
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ:
ବନ୍ଧୁ ଓ ପରିବାରବର୍ଗ ।
ଧ-୧୫୫୨୯

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଶ୍ରୀଧର ମହାନ୍ତି
ଖେରସ, କଟକ
ଆବିର୍ଭାବ: ୦୧।୧୦।୧୯୨୯
ତିରୋଧାନ: ୨୪।୧୧।୨୦୧୯
ଆପଣଙ୍କ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ହତଭାଗ୍ୟ- ଅଜୟ ମହାନ୍ତି
ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ
ଧ-୬୮୭୧୮

**ଦ୍ୱାଦଶାହ ଉପଲକ୍ଷେ**



୰ ମିନାକ୍ଷୀ ସାବତ
ହିଲ୍‌ପାଟଣା, ବଡ଼ସାହି, ବ୍ରହ୍ମପୁର
ଆବିର୍ଭାବ : ୧୪.୦୪.୧୯୭୨
ତିରୋଧାନ : ୨୩.୧୧.୨୦୧୯
ଆପଣଙ୍କ ଅକସ୍ମାତ୍ ବିୟୋଗରେ ଆମ୍ଭେ ମର୍ମାହତ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।
ଶୋକ ସନ୍ତପ୍ତ:-
ଦେଢ଼ଶୁର-ଦୁର୍ଗାପ୍ରସାଦ ପଣ୍ଡା, ଜାଆ-ମିନତୀ ପଣ୍ଡା, ସ୍ୱାମୀ-ଶିବପ୍ରସାଦ ପଣ୍ଡା, ପୁତ୍ର-ଶଶାଙ୍କ ସ୍ୱରୂପ ପଣ୍ଡା, ଝିଅ-ଶିବାଂଶୀ ପଣ୍ଡା, ଝିଆରୀ-ପିଙ୍କି, ଲଲି, ପରିବାର ଓ ବନ୍ଧୁବର୍ଗ
ଧ-୬୬୬୨୬

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା କନକଲତା ମହାନ୍ତି
କେରେଣ୍ଡିଆପାଳ, ବାଜପୁର, କାକଟପୁର, ପୁରୀ
ବୋଉ ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମା'ଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଇତି ତୋର:
ଶୋକସନ୍ତପ୍ତ
ବନ୍ଧୁ ଓ ପରିବାରବର୍ଗ ।
ଧ-୧୫୫୫୦

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତା ସରୋଜିନୀ ପ୍ରଧାନ
ତଳଗାଁ, ହରଭଙ୍ଗା, ଜିଲ୍ଲା: ବୌଦ୍ଧ
ଆବିର୍ଭାବ: ୧୫।୦୨।୧୯୩୩
ତିରୋଧାନ: ୨୪।୧୧।୨୦୧୯
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଆମ୍ଭମାନଙ୍କ ପାଇଁ ଚିରସ୍ମରଣୀୟ ହୋଇ ରହିବ। ଆମ୍ଭେମାନେ ଜଣାଉଛୁ ତୁମକୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ରବିନାରାୟଣ ପ୍ରଧାନ ବୌଦ୍ଧ ଜିଲ୍ଲା ବି.ଜେ.ଡ଼ି ଉପସଭାପତି, ବନ୍ଧୁ ଓ ପରିବାରବର୍ଗ ।
ଧ-୧୫୫୫୧

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ବୁଧବାର, ଡିସେମ୍ବର ୪/୨୦୧୯ Bhubaneswar, Wednesday, December 4/2019

## ସଂକ୍ଷେପରେ

### ଲାଞ୍ଚ: କନିଷ୍ଠଯନ୍ତ୍ରୀ, ଲାଇନ୍ ମ୍ୟାନ ଗିରଫ

**କଟକ ଅଫିସ/ସାକ୍ଷୀଗୋପାଳ (ଡି.ଏନ୍.ଏ.), ୩।୧୨:** ଜଣେ ବ୍ୟକ୍ତିଙ୍କ ଘରେ ଏସି ଲଗାଇବା ନିମନ୍ତେ ଆବଶ୍ୟକ ବିଦ୍ୟୁତ୍ ଶକ୍ତି ବଢାଇବା ପାଇଁ ୫ହଜାର ଟଙ୍କା ଲାଞ୍ଚ ଦାବି। ଏହି ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଗିରଫ ହୋଇଛନ୍ତି ପୁରୀ ଜିଲା ସାକ୍ଷୀଗୋପାଳ ସେସୁ ସେକ୍ସନ-୨ର କନିଷ୍ଠଯନ୍ତ୍ରୀ ବିଘ୍ନରାଜ ମହାନ୍ତି ଓ ଲାଇନ୍‌ମ୍ୟାନ ଦେବୀ ପ୍ରସାଦ ନାୟକ। ସତ୍ୟବାଦୀ ଥାନା ଅଧୀନ ଧନକେରା ଗ୍ରାମର ସୁରେଶ ଚନ୍ଦ୍ର ଦାସ ନାମକ ବ୍ୟକ୍ତିଙ୍କଠାରୁ ଏହି ଲାଞ୍ଚ ଗ୍ରହଣ କରୁଥିଲେ। ଭିଜିଲାନ୍ସ ସୂଚନା ଅନୁଯାୟୀ, ସାକ୍ଷୀଗୋପାଳ ସେସୁ ଅଫିସ ଗେଟ୍ ପାଖରେ ଦାସଙ୍କଠାରୁ କନିଷ୍ଠଯନ୍ତ୍ରୀ ମହାନ୍ତି ୫ହଜାର ଟଙ୍କା ଲାଞ୍ଚ ଗ୍ରହଣ କରି ନାୟକଙ୍କ ହାତକୁ ବଢାଇ ଦେଇଥିଲେ। ଏହି ସମୟରେ ସେଠାରେ ପୂର୍ବରୁ ଲୁଚି ରହିଥିବା ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନର ଅଧିକାରୀମାନେ ଉଭୟଙ୍କୁ କାବୁ କରିଥିଲେ। ଏହା ପରେ ଭିଜିଲାନ୍ସ ପକ୍ଷରୁ ମହାନ୍ତିଙ୍କ ନୟାଗଡ଼ ସହରରେ ଥିବା ଘରକୁ ଭିଜିଲାନ୍ସ ଯାଞ୍ଚ କରିଛି। ଏ ସମ୍ପର୍କରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୬୨/୧୯) ରୁଜୁ ହୋଇଛି।

### ସମ୍ବର ଶାବକ ଜନ୍ମ

**ବାରଙ୍ଗ,୩।୧୨(ଡି.ଏନ୍.ଏ):** ପ୍ରାଣୀ ଉଦ୍ୟାନ ନନ୍ଦନକାନନକୁ ମଙ୍ଗଳବାର ଏକ ନୂଆ ଅତିଥି ଆସିଛି। ୩୯ନଂ ଏନକ୍ଲୋଜରରେ ଥିବା ସମ୍ବର ସକାଳୁ ଏକ ଶାବକ ଜନ୍ମ ଦେଇଛି କର୍ମଚାରୀମାନେ ସକାଳେ ଏନକ୍ଲୋଜର ସଫା କରିବାକୁ ଯାଇଥିବାବେଳେ ଶାବକଟି ପଡିଥିବା ଦେଖିବାକୁ ପାଇଥିଲେ। ଏନେଇ ସେମାନେ ନନ୍ଦନକାନନ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ଡାକ୍ତରମାନେ ଆସି ମା ଓ ଛୁଆ ଉଭୟଙ୍କ ସ୍ୱାସ୍ଥ୍ୟ ସୁସ୍ଥଥିବା ଜଣାପଡିଛି। ତେବେ ଜନ୍ମିତ ଶାବକର ଲିଙ୍ଗ ନିରୂପଣ ହୋଇପାରି ନାହିଁ। ଏହି ଶାବକ ଜନ୍ମ ପରେ ସମ୍ବର ସଂଖ୍ୟା ବୃଦ୍ଧି ପାଇ ୧୦ରେ ପହଞ୍ଚିଛି।

### ୬୯ ଲକ୍ଷ ଠକେଇ: ଜଣେ ଗିରଫ

**କଟକ ଅଫିସ, ୩।୧୨:** ଘରୋଇ ମେଡିକାଲ କଲେଜରେ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ନାମ ଲେଖାଇଦେବା ପାଇଁ ୬୯ ଲକ୍ଷ ଟଙ୍କା ଠକେଇ। ଏ ନେଇ ଅଭିଯୋଗ ହେବା ପରେ କ୍ରାଇମବ୍ରାଞ୍ଚ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ପୁରୀ ଜିଲା ନିମାପଡା ଅଞ୍ଚଳର ସୌମ୍ୟକାନ୍ତ ମହାନ୍ତି(୩୪)। ଆସାମ ସିଲ୍‌ଚର ମେଡିକାଲ କଲେଜର ସହଯୋଗୀ ପ୍ରଫେସର ଡ. ସୁଜିତ ନାଥ ଚୌଧୁରୀଙ୍କ ଝିଅର ଏମ୍‌ବିବିଏସ୍‌ରେ ନାଁ ଲେଖାଇ ଦେବାକୁ କହି ସୋମ୍ୟକାନ୍ତ ଓ ତାଙ୍କର ଅନ୍ୟଜଣେ ସହଯୋଗୀ ରଘୁନାଥ ବେହେରା ତାଙ୍କ ନିକଟରୁ ୩ କିସ୍ତିରେ ୬୯ଲକ୍ଷ ଟଙ୍କା ନେଇଥିଲେ। ମାତ୍ର ନାମ ଲେଖାଇବାରେ ଅସମର୍ଥ ହୋଇଥିଲେ। ୨୦୧୫ରେ ଏହି ଘଟଣା ଘଟିଥିଲା। ଠକାମିର ଶିକାର ହେବା ପରେ ସୁଜିତ୍ ଘଟଣା ସମ୍ପର୍କରେ ଗତ ଜୁନ୍ ୨୪ରେ କ୍ରାଇମବ୍ରାଞ୍ଚରେ ଏତଲା ଦାଏର କରିଥିଲେ। ଏହି ଏତଲାକୁ ଆଧାର କରି କ୍ରାଇମବ୍ରାଞ୍ଚ ସୌମ୍ୟକାନ୍ତଙ୍କୁ ଗିରଫ କରିଛି। ସୁଜିତ୍‌ଙ୍କଠାରୁ ଠକେଇ ହୋଇଥିବା ୬୯ ଲକ୍ଷ ଟଙ୍କା ମଧ୍ୟରୁ ସୌମ୍ୟକାନ୍ତ ୫୧ ଲକ୍ଷ ଟଙ୍କା ନେଇଥିବା କ୍ରାଇମବ୍ରାଞ୍ଚ ସୂଚନା ଦେଇଛି। କ୍ରାଇମବ୍ରାଞ୍ଚ ସୌମ୍ୟକାନ୍ତଙ୍କଠାରୁ ୮ ଲକ୍ଷ ଟଙ୍କାର ୪ଟି ଫିକ୍ସଡ୍ ଡିପୋଜିଟ ବଣ୍ଡ, ଗୋଟିଏ ଲାପଟପ୍ ଓ ମୋବାଇଲ ଫୋନ ଜବତ କରିଛି। ଏହାବାଦ ସୌମ୍ୟକାନ୍ତଙ୍କ ସ୍ତ୍ରୀଙ୍କ ନାମରେ ଭୁବନେଶ୍ୱରରେ ଥିବା ଏକ ଫ୍ଲାଟ୍‌କୁ ମଧ କ୍ରାଇମବ୍ରାଞ୍ଚ ନିଜ ଅକ୍ତିଆରକୁ ନେଇଛି। ଏହି ମାମଲାରେ ସୌମ୍ୟକାନ୍ତ ଓ ରଘୁନାଥଙ୍କ ସମେତ ଅନ୍ୟ କେତେଜଣ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା କ୍ରାଇମବ୍ରାଞ୍ଚ ସନ୍ଦେହ କରିଛି।

## ଶ୍ରୀଦେବୀଙ୍କ ପ୍ରଥମ ଆତ୍ମଜୀବନୀ ଲେଖିଲେ ଓଡ଼ିଆ ଯୁବକ

# ଉନ୍ମୋଚନ ବେଳେ କାନ୍ଦି ପକାଇଲେ ବୋନି କପୁର

**ଭୁବନେଶ୍ୱର,୩।୧୨(ବ୍ୟୁରୋ)**

ଚିରସବୁଜ ଅଭିନେତ୍ରୀ ସ୍ୱର୍ଗୀୟା ଶ୍ରୀଦେବୀଙ୍କ ଜୀବନୀ ଉପରେ ପ୍ରଥମ ପୁସ୍ତକ ଲେଖି ଚର୍ଚ୍ଚାକୁ ଆସିଛନ୍ତି ଓଡ଼ିଆ ଲେଖକ ସତ୍ୟାର୍ଥ ନାୟକ। ଦିଲ୍ଲୀରେ ଅନୁଷ୍ଠିତ 'ଟାଇମ୍ସ ଲିଟ୍ ଫେଷ୍ଟ'ରେ ରବିବାର ଅଭିନେତ୍ରୀ ଦୀପିକା ପାଦୁକୋନ୍‌ଙ୍କ ଦ୍ୱାରା ଏହି ପୁସ୍ତକ ଉନ୍ମୋଚିତ ହୋଇଥିବାବେଳେ ଏହାକୁ ନେଇ ବିଭିନ୍ନ ମହଲରେ ସତ୍ୟାର୍ଥଙ୍କୁ ପ୍ରଶଂସା କରାଯାଇଛି। 'ଶ୍ରୀଦେବୀ: ଗର୍ଲ ୱିମ୍ୟାନ୍ ସୁପରଷ୍ଟାର୍' ନାମକ ଏହି ପୁସ୍ତକରେ ଶ୍ରୀଦେବୀଙ୍କ ଜୀବନ କାହାଣୀ ସହ ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ସେ କିଭଳି ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲେ ସେ ସମ୍ପର୍କରେ ଉଲ୍ଲେଖ ରହିଛି। ସେହିଭଳି ଜଣେ ମହିଳା ହୋଇ ମଧ ବଲିଉଡ୍ ଭଳି ପୁରୁଷ ପ୍ରାଧାନ୍ୟ ଇଣ୍ଡଷ୍ଟ୍ରିର ଚିରାଚରିତ ଧାରାକୁ ଭାଙ୍ଗି ଶ୍ରୀଦେବୀ କିଭଳି ଏକ ମାଇଲଖୁଣ୍ଟ ପ୍ରତିଷ୍ଠା କରିପାରିଥିଲେ, ତାହାକୁ ଏଥିରେ ବର୍ଣ୍ଣନା କରାଯାଇଛି। ପୁସ୍ତକ ଉନ୍ମୋଚନ ସମୟରେ ମଞ୍ଚରେ ଶ୍ରୀଦେବୀଙ୍କ ସ୍ୱାମୀ ତଥା ପ୍ରଯୋଜକ ବୋନୀ କପୁର ଉପସ୍ଥିତ ଥିବାବେଳେ ତାଙ୍କୁ ଭାବବିହ୍ୱଳ ଅବସ୍ଥାରେ ଦେଖିବାକୁ ମିଳିଥିଲା। ଏହି ପୁସ୍ତକ ଲେଖିବାକୁ ସତ୍ୟାର୍ଥଙ୍କୁ ଅନୁମତି ଦେଇଥିବା ବୋନି ନିଜ କୋହ ସମ୍ଭାଳି ନ ପାରି ମଞ୍ଚ ଉପରେ କାନ୍ଦି ପକାଇଥିଲେ।



ଦିଲ୍ଲୀଠାରେ 'ଶ୍ରୀଦେବୀ: ଗର୍ଲ ୱିମ୍ୟାନ୍ ସୁପରଷ୍ଟାର୍'କୁ ଉନ୍ମୋଚନ କରାଯାଉଛି।

ଏହି ଆତ୍ମଜୀବନୀ ପୁସ୍ତକ ଶ୍ରୀଦେବୀଙ୍କ ଉପରେ ଲିଖିତ ପ୍ରଥମ ପୁସ୍ତକ ହୋଇଥିବାବେଳେ ଏହାକୁ ଲେଖିବାକୁ ଲେଖକଙ୍କୁ ଦେଢ଼ବର୍ଷରୁ ଊର୍ଦ୍ଧ୍ୱ ସମୟ ଲାଗିଥିଲା। ବୋନି କପୁରଙ୍କ ସହ କପୁର ପରିବାରରୁ ତାଙ୍କୁ ପୂର୍ଣ୍ଣ ସମର୍ଥନ ମିଳିଥିବାବେଳେ ଶ୍ରୀଦେବୀଙ୍କ ସମ୍ପର୍କରେ ଅଧିକ ଜାଣିବାକୁ ସେ ତାଙ୍କ ବନ୍ଧୁ ପରିଜନ ଏବଂ ଫିଲ୍ମ ଇଣ୍ଡଷ୍ଟ୍ରିର ପ୍ରମୁଖ ବ୍ୟକ୍ତିତ୍ୱଙ୍କ ସହ ଆଲୋଚନା କରିଥିଲେ। ଫଳରେ ସେ ଶ୍ରୀଦେବୀଙ୍କ ସମ୍ପର୍କରେ ଅନେକ ଅଜଣା କଥା ଜାଣିବାର ସୁଯୋଗ ପାଇଥିଲେ। ଶ୍ରୀଦେବୀଙ୍କ ସହ କାମ କରିଥିବା ଓ ତାଙ୍କ ନିକଟତର ଥିବା କମଲ ହାସନ, ଚିରଞ୍ଜିବୀ, ରଜନୀକାନ୍ତ, ନାଗାର୍ଜ୍ଜୁନ, ଅନିଲ କପୁର, ଋଷି କପୁର, ସୁବାସ ଘାଇ, ଗୌରୀ ସିନ୍ଦେ, କରନ ଜୋହର, ମନୀଷ ମାଲହୋତ୍ରା, ଲତା ମଙ୍ଗେସ୍‌କର, ୱାହିଦା ରେହମାନ ଓ ଜାଭେଦ ଅଖତରଙ୍କ ଭଳି ବହୁ କଳାକାର, ନିର୍ଦ୍ଦେଶକ, ପ୍ରଯୋଜକ, କଣ୍ଠଶିଳ୍ପୀଙ୍କଠାରୁ ସେ ଶ୍ରୀଦେବୀଙ୍କ ସହ ଜଡ଼ିତ ବହୁ ସ୍ମୃତିକୁ ପୁସ୍ତକରେ ସ୍ଥାନିତ କରିଛନ୍ତି। ଜଣେ ସାମ୍ବାଦିକ ଭାବେ କାର୍ଯ୍ୟରତ ସତ୍ୟାର୍ଥ ନାୟକ ୨୦୧୪ରେ ପ୍ରଥମ ନୋବେଲ 'ଦି ଏମ୍ପୋରର୍ସ ରିଡ୍‌ଲ୍‌ସ' ଲେଖି ଚର୍ଚ୍ଚାକୁ ଆସିଥିଲେ। ଏହାସହ ସୋନୀ ଚ୍ୟାନେଲରେ ପ୍ରସାରିତ ଟିଭି ସିରିଜି 'ପୋରସ୍'ର ସ୍କ୍ରିନ୍-ପ୍ଲେ ଲେଖିଥିବା ସତ୍ୟାର୍ଥଙ୍କ ଏହି ନୂଆ ପୁସ୍ତକ ଉନ୍ମୋଚନ ହେବାର ମାତ୍ର କିଛି ଘଣ୍ଟାରେ ଆମାଜନ୍‌ରେ ବହୁଳ ବିକ୍ରି ହୋଇଥିବା ପୁସ୍ତକ ମଧ୍ୟରେ ସ୍ଥାନ ପାଇଛି।

## ପୋଲିସ କ୍ୱାର୍ଟର୍ସରେ ଗଣବଳାତ୍କାର ଘଟଣା

# ଏନ୍‌ଏଚ୍‌ଆର୍‌ସିରେ ଆଉ ଏକ ଅଭିଯୋଗ

**ଭୁବନେଶ୍ୱର,୩।୧୨(ବ୍ୟୁରୋ)**

ପୁରୀ ରିଜର୍ଭ ପୋଲିସ କ୍ୱାର୍ଟର୍ସରେ ନାବାଳିକା ଗଣବଳାତ୍କାର ଘଟଣାକୁ ନେଇ ଜାତୀୟ ମାନବିକ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ରେ ଆଉ ଏକ ଅଭିଯୋଗ ହୋଇଛି। ସୋମବାର ମାନବାଧିକାର କର୍ମୀ ଜୟନ୍ତ ଦାସ ପିଟିଶନ କରିଥିବାବେଳେ ମଙ୍ଗଳବାର ହିମାଂଶୁ ଶେଖର ନାୟକ ଆଉ ଏକ ଅଭିଯୋଗ କରିଛନ୍ତି। ୩ ସପ୍ତାହ ମଧ୍ୟରେ ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ସହ ୪ ସପ୍ତାହରେ ପୀଡ଼ିତାଙ୍କ ପରିବାର ଲୋକଙ୍କୁ ୧୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେବାକୁ ହିମାଂଶୁ ତାଙ୍କ ପିଟିଶନରେ ନିବେଦନ କରିଛନ୍ତି।

ଅନ୍ୟପକ୍ଷରେ ଏହି ସମ୍ବେଦନଶୀଳ ଘଟଣାକୁ ନେଇ ଅନ୍ତରୀଣ ପୋଲିସ ଡିଜି ସତ୍ୟଜିତ ମହାନ୍ତି କହିଛନ୍ତି, ମାମଲାକୁ ଅତି ଗୁରୁତ୍ୱର ସହ ଗ୍ରହଣ କରାଯାଇଛି।

**ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ: ଡିଜିପି**

୪ଜଣିଆ ଟିମ୍ ଘଟଣାର ତଦନ୍ତ କରୁଛି। ପୀଡିତାଙ୍କୁ ନ୍ୟାୟ ମିଳିବ ବୋଲି ପ୍ରତିଶ୍ରୁତି ଦେଉଛୁ। ବହିଷ୍କୃତ ଜଣେ ପୋଲିସ କନଷ୍ଟେବଲଙ୍କ ସମେତ ୨ଜଣଙ୍କୁ ଗିରଫ କରାଯାଇଛି। ଏଭଳି ଜଘନ୍ୟ କାଣ୍ଡରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ।

ସୂଚନାଯୋଗ୍ୟ, ସୋମବାର ନିମାପଡ଼ା ବସ୍‌ଷ୍ଟାଣ୍ଡରୁ ଜଣେ ନାବାଳିକାଙ୍କୁ ଲିଫ୍ଟ ଦେବା ବାହାନାରେ ଗିରଫ ଅଭିଯୁକ୍ତଙ୍କ ସମେତ ୪ଜଣ ଏକ କାର୍‌ରେ ପୁରୀ ନେଇଯାଇଥିଲେ। କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଝାଡ଼େଶ୍ୱରୀ ଛକସ୍ଥିତ ରିଜର୍ଭ ପୋଲିସ କ୍ୱାର୍ଟର୍ସରେ ବଳାତ୍କାର କରିଥିଲେ।

## ଶ୍ରୀମନ୍ଦିର ଚାରିପଟୁ ଘର ଉଚ୍ଛେଦ ପ୍ରସଙ୍ଗ

# ଅଧିକ ୭ଦିନ ସମୟ ଦେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୩।୧୨(ବ୍ୟୁରୋ)**

ଶ୍ରୀମନ୍ଦିର ଚାରି ପାଖରୁ ୭୫ମିଟର ପରିସୀମା ମଧ୍ୟରେ ଯେତେସବୁ ଘର ଅଛି ତାକୁ ଭାଙ୍ଗିବା ଲାଗି ସରକାର ନିଷ୍ପତ୍ତି ନେଇଥିଲେ। ସେହି ଅନୁଯାୟୀ ଜିଲା ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ୭୫ପ୍ରତିଶତ ବାସିନ୍ଦା ନିଜ ଜମି ସ୍ୱେଚ୍ଛାକୃତ ଭାବେ ଦାନ କରିଛନ୍ତି। ଏଥିଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହାସହ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ସକାଶେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହାର ଦିନକପରେ ଅର୍ଥାତ୍ ମଙ୍ଗଳବାର ରାଜ୍ୟ ସରକାର ଶ୍ରୀମନ୍ଦିର ସୁରକ୍ଷା ପାଇଁ ସ୍ୱେଚ୍ଛାକୃତଭାବେ ଜମି ବିକ୍ରି ଲାଗି ସ୍ଥାନୀୟ ବାସିନ୍ଦାଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ଏହି ସମୟ ସୀମାକୁ ଆସନ୍ତା ୭ଦିନ ବୃଦ୍ଧି କରିଛନ୍ତି। ଡିସେମ୍ବର ୯ ତାରିଖ ପର୍ଯ୍ୟନ୍ତ ଏହି ସମୟ ବୃଦ୍ଧି କରାଯାଇଛି।



ମୁଖ୍ୟମନ୍ତ୍ରୀଙ୍କ ନିବେଦନକ୍ରମେ ଶ୍ରୀମନ୍ଦିର ସନ୍ନିକଟ ଅନେକ ବାସିନ୍ଦା ସରକାରଙ୍କ ପୁନର୍ବାସ ଓ ଥଇଥାନ ନୀତିକୁ ସ୍ୱେଚ୍ଛାକୃତଭାବେ ଗ୍ରହଣ କରିଛନ୍ତି। ନିରାପତ୍ତା ବଳୟ ସକାଶେ ନିଜ ଜମି ମଧ ପ୍ରଦାନ କରିଛନ୍ତି। ମିଳିଥିବା ସୂଚନା ମୁତାବକ ୨୦୧୯ ଡିସେମ୍ବର ୨ ତାରିଖ ପର୍ଯ୍ୟନ୍ତ ସିଧାସଳଖ ବିକ୍ରୟ ଯୋଜନାରେ ୧୦୬ଟି ପ୍ଲଟ ପାଇଁ ୮୦ଟି ବିକ୍ରି କବଲା କରାଯାଇଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ୯ ଏସିପିଙ୍କ ବଦଳି

**ଭୁବନେଶ୍ୱର, ୩।୧୨(ବ୍ୟୁରୋ)**

କମିଶନରେଟ୍ ପୋଲିସ ପକ୍ଷରୁ ୯ଜଣ ଏସିପିଙ୍କ ଅଦଳବଦଳ କରାଯାଇଛି। କଟକ ଜୋନ୍-୧ ଏସିପି ଥିବା ମାନସ ରଞ୍ଜନ ଗଡ଼ନାୟକଙ୍କୁ ଭୁବନେଶ୍ୱର ଜୋନ୍-୧କୁ ବଦଳି କରାଯାଇଛି। ଭୁବନେଶ୍ୱର ଜୋନ୍-୧ ଏସିପି ବିଷ୍ଣୁ ପ୍ରସାଦ ପାତ୍ରଙ୍କୁ ଭୁବନେଶ୍ୱର ଜୋନ୍-୨କୁ ବଦଳି କରାଯାଇଛି। ସେହିଭଳି କମିଶନରେଟ୍ ପୋଲିସ୍ ମୁଖ୍ୟାଳୟରେ ଥିବା ରବୀନ୍ଦ୍ରନାଥ ଶତପଥୀଙ୍କୁ ଭୁବନେଶ୍ୱର ଜୋନ୍-୪କୁ ବଦଳି କରାଯାଇଥିବାବେଳେ ପ୍ରକାଶ ଚନ୍ଦ୍ର ପାଲ୍‌ଙ୍କୁ ଜୋନ୍-୬କୁ ବଦଳି କରାଯାଇଛି। ଭୁବନେଶ୍ୱର ଜୋନ୍-୪ରେ ଥିବା ଅମରେନ୍ଦ୍ର ପଣ୍ଡାଙ୍କୁ କଟକ ଜୋନ୍-୧କୁ ବଦଳି କରାଯାଇଛି। ଭୁବନେଶ୍ୱର ଜୋନ୍-୬ରେ ଥିବା ତରୁଣ କୁମାର ଦାସଙ୍କୁ ସିପି ମୁଖ୍ୟାଳୟକୁ ବଦଳି କରାଯାଇଛି। କମିଶନରେଟ୍ ମୁଖ୍ୟାଳୟ ଏସିପି (କ୍ରାଇମ୍) ପି. ଚନ୍ଦ୍ର ବଡ଼ଜେନାଙ୍କୁ କଟକ ଜୋନ୍-୩କୁ ବଦଳି କରାଯାଇଛି। ପୋଲିସ୍ କମିଶନରେଟ ମୁଖ୍ୟାଳୟରେ ଥିବା ଅନିଲ କୁମାର ବେଉରିଆଙ୍କୁ କଟକ ଡିଆଇବିକୁ ବଦଳି କରାଯାଇଛି। ଭୁବନେଶ୍ୱର ଜୋନ୍-୨ରେ ଥିବା ସୁବାସ ଚନ୍ଦ୍ର ପଣ୍ଡା ସିପି ମୁଖ୍ୟାଳୟକୁ ବଦଳି କରାଯାଇଛି।

## ଗୁମର ଖୋଲିଦେଲା ଆୟକର ବିଭାଗ

# ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ଆଦେଶ

**କଟକ ଅଫିସ, ୩।୧୨**

ପଶ୍ଚିମ ଓଡ଼ିଶାରେ ଆଇନଜୀବୀଙ୍କ ପକ୍ଷରୁ ଚାଲିଥିବା ଆନ୍ଦୋଳନ ପରେ ବି ସେଠାରେ ସବୁ ଠିକ୍‌ଠାକ୍ ଚାଲିଥିବା ରାଜ୍ୟ ସରକାର ହାଇକୋର୍ଟଙ୍କୁ ସତ୍ୟପାଠ ମାଧ୍ୟମରେ ଅବଗତ କରାଇଥିଲେ। ମାତ୍ର ଏହି ଆନ୍ଦୋଳନ ଯୋଗୁ ସରକାରୀ କାର୍ଯ୍ୟାଳୟଗୁଡ଼ିକ କିଭଳି ବାଧାପ୍ରାପ୍ତ ହେଉଛି ତାହାର ଗୁମର ଆୟକର ବିଭାଗ ଖୋଲିଦେଇଛି। ହାଇକୋର୍ଟରେ ରୁଜୁ ହୋଇଥିବା ଉକ୍ତ ମାମଲାରେ ମଙ୍ଗଳବାର ଆୟକର ବିଭାଗ ପକ୍ଷଭୁକ୍ତ ହେବା ସହିତ ସତ୍ୟପାଠ ଦାଖଲ କରିଛି। ଆୟକର ବିଭାଗ ପକ୍ଷରୁ କୁହାଯାଇଛି, ଆନ୍ଦୋଳନ ଯୋଗୁ ସମ୍ବଲପୁରରେ ଥିବା ଆୟକର ଶାଖା କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ଅଚଳ ହୋଇଯାଇଛି। କର୍ମଚାରୀମାନେ କାର୍ଯ୍ୟରେ ଯୋଗ ଦେଇପାରୁନାହାନ୍ତି। ଏଭଳି ପରିସ୍ଥିତି ଯୋଗୁ ଆୟକରଦାତାମାନେ ଆୟକର ଦାଖଲ କରିବାରେ ସମସ୍ୟା ଭୋଗୁଛନ୍ତି। ଆୟକର ବିଭାଗ ସତ୍ୟପାଠରେ ଉପରୋକ୍ତ ସମସ୍ୟା ଉଲ୍ଲେଖ କରିବା ପରେ ହାଇକୋର୍ଟ ଏ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି। ସ୍ଥିତି ସମ୍ପର୍କରେ ଆସନ୍ତା ୧୦ ତାରିଖ ସୁଦ୍ଧା ଜଣାଇବାକୁ କୋର୍ଟ ପକ୍ଷରୁ ସରକାରଙ୍କୁ ଆଦେଶ ଦିଆଯାଇଛି। ସୂଚନାଥାଉ କି, ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିରେ ଆନ୍ଦୋଳନ ଚାଲିଛି। ଏଥିଯୋଗୁ ସେଠାରେ ଅଧିକାଂଶ ସରକାରୀ କାର୍ଯ୍ୟାଳୟ ବନ୍ଦ ରହୁଛି। ଏହାକୁ ନେଇ ଆଡ୍‌ଭୋକେଟ ଶିବଶଙ୍କର ମହାନ୍ତି ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ମାମଲାର ପୂର୍ବ ଶୁଣାଣି ସମୟରେ ହାଇକୋର୍ଟ କହିଥିଲେ, ଆଇନଜୀବୀମାନେ ସେଠାରେ ଆନ୍ଦୋଳନ କରୁଛନ୍ତି। ମାତ୍ର ଯେଉଁ ଆଇନଜୀବୀ କୋର୍ଟକୁ ଯିବାକୁ ଚାହୁଁଛନ୍ତି, ସେମାନଙ୍କୁ ସୁରକ୍ଷା ଯୋଗାଇଦେବା ପାଇଁ ହାଇକୋର୍ଟ ସମ୍ବଲପୁର ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଉକ୍ତ ମାମଲାରେ ରାଜ୍ୟ ସରକାର ସତ୍ୟପାଠ ଦାଖଲ କରି ସେଠାରେ ସବୁ ଠିକ୍‌ଠାକ୍ ଚାଲିଥିବା କହିଥିଲେ।

**ପଶ୍ଚିମ ଓଡ଼ିଶା ବନ୍ଦ ମାମଲା**

## କୋଣାର୍କ ଉତ୍ସବର ତୃତୀୟ ସନ୍ଧ୍ୟା

# ଓଡ଼ିଶୀରେ ତ୍ରିବେଣୀ ସଙ୍ଗମ

**କୋଣାର୍କ,୩।୧୨(ଡି.ଏନ.ଏ.)**

କୋଣାର୍କ ସୂର୍ଯ୍ୟମନ୍ଦିର ପାଦଦେଶରେ ଥିବା ମୁକ୍ତାକାଶ ରଙ୍ଗମଞ୍ଚରେ ଓଡ଼ିଶା ପର୍ଯ୍ୟଟନ ବିଭାଗ ଦ୍ୱାରା ଆୟୋଜିତ କୋଣାର୍କ ଉତ୍ସବର ମଙ୍ଗଳବାର ଥିଲା ତୃତୀୟ ସନ୍ଧ୍ୟା। ଏଥିରେ ପୁରାଣ ପ୍ରସଙ୍ଗ ଓ ଜୀବନ ଦର୍ଶନକୁ ଶାସ୍ତ୍ରୀୟ ନୃତ୍ୟରେ ଅତି ସୁନ୍ଦର ଭାବେ ଉପସ୍ଥାପନ କରିଥିଲେ କଳାକାର। ସୁଦୃଶ୍ୟ ଆଲୋକର ସାଜସଜ୍ଜା ଓ ଭରପୂର ଦର୍ଶକ ଉତ୍ସାହ ଭିତରେ ମୁକ୍ତାକାଶ ରଙ୍ଗମଞ୍ଚରୁ ଓଡ଼ିଶୀ ଏବଂ ମୋହିନୀ ଆଟ୍ଟମ୍‌ର ନୃତ୍ୟାୟିତ ଛନ୍ଦ ସହ ନୂପୁରର ଝଙ୍କାର ଝରି ଆସିଥିଲା। ଗୁରୁ ସ୍ୱପ୍ନାରାଣୀ ସିହ୍ନା ଓ ନୃତ୍ୟ ନିଳୟ ଅନୁଷ୍ଠାନର ଶିଳ୍ପୀଗଣ ପରିବେଷଣ କରିଥିଲେ ବେଦର ଅଗ୍ନିସିକ୍ତ ଆଧାରିତ ଅଗ୍ନିସ୍ତୁତି। ପରେ ନୃତ୍ୟନାଟିକା ତ୍ରିବେଣୀ ସଙ୍ଗମ ପବିତ୍ର ଗଙ୍ଗା, ଯମୁନା, ସରସ୍ୱତୀ ନଦୀର ମହିମା ସହ ଆଧ୍ୟାତ୍ମିକ ପୃଷ୍ଠଭୂମି ସମ୍ବଳିତ ଧର୍ମୀୟ ବିଶ୍ୱାସର ଭାବଧାରାକୁ ନିଖୁଣ ଭାବେ ଶିଳ୍ପୀମାନେ ମଞ୍ଚରେ ପରିବେଷଣ କରିଥିଲେ।

**ନୃତ୍ୟରେ ଦୁଲିକିଲା ମୁକ୍ତାକାଶ**

ଗୁରୁ ରାମହରି ଦାସଙ୍କ ରଚନା ଓ ସଙ୍ଗୀତ ସଂଯୋଜନାକୁ ନେଇ ପ୍ରସ୍ତୁତ ତ୍ରିବେଣୀ ସଙ୍ଗମରେ ଗୀତ, ବାଦ୍ୟ ଓ ନୃତ୍ୟର ସଙ୍ଗମ ପରିଲକ୍ଷିତ ହୋଇଥିଲା। ଦ୍ୱିତୀୟ ଚରଣରେ ମୋହିନୀ ଆଟ୍ଟମ୍‌ର ଗୁରୁ ଜୟପ୍ରଭା ମେନନ୍ ଓ ସାଥୀ ଶିଳ୍ପୀ ଶ୍ରୀଜୟଦେବ କୃତ ଗୀତ ଗୋବିନ୍ଦମର ଚନ୍ଦନ ଚର୍ଚ୍ଚିତ ନୀଳ କଳେବର ଉପସ୍ଥାପନା କରିଥିଲେ। ଗୁରୁ ମେନନ୍‌ଙ୍କ ଦ୍ୱିତୀୟ ଅର୍ଘ୍ୟରେ ଜୀବନର ଉଚ୍ଛ୍ୱାସ ଅତି ନିଖୁଣ ଭାବେ ପରିବେଷିତ ହୋଇଥିଲା। ଯାହା ଶାସ୍ତ୍ରୀୟ ନୃତ୍ୟରେ ପ୍ରତିଫଳିତ ହୋଇଥିଲା। ମୋହିନୀ ଆଟ୍ଟମର ଅନ୍ତିମ ପ୍ରସ୍ତୁତିରେ ଜୀବ, ମୋକ୍ଷ ଓ ଉପସଂହାରର ଆବେଗକୁ ପ୍ରକାଶ କରିଥିଲା। ତୃତୀୟ ସନ୍ଧ୍ୟାର ଅତିଥି ଭାବେ ପ୍ରିନ୍ସିପାଲ ଏ. ଜି. ଯଶୋଧାରା ରାୟ ଚୌଧୁରୀ, ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ୍, ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ବିଜୟ କୁମାର ଜେନା, ଓଡ଼ିଶୀ ଗବେଷଣା କେନ୍ଦ୍ର ମୁଖ୍ୟ ଡ.ସଙ୍ଗୀତା ଗୋସାଇଁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ଓ ଡ. ସାଧନା ଶ୍ରୀବାସ୍ତବ ସଂଯୋଜନା କରିଥିଲେ। ପର୍ଯ୍ୟଟନ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଉତ୍ପଳ କୁମାର ପତି, ବରିଷ୍ଠ ଅଧିକାରୀ ଡ. ରତିକାନ୍ତ ପଟ୍ଟନାୟକ, ସହକାରୀ ନିର୍ଦ୍ଦେଶକ ବିଜୟ କୁମାର ଜେନା, କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜ କାନ୍ତ ପ୍ରଧାନ, ସୁଶାନ୍ତ କୁମାର ପାଣିଗ୍ରାହୀ ଓ ବିଷ୍ଣୁ ପ୍ରସାଦ ସିଂହ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ କରିଥିଲେ। ଏହି ସନ୍ଧ୍ୟାରେ ଉତ୍କଳୀୟ ନୌବାଣିଜ୍ୟ ଉପରେ ଆଧାରିତ ତଥ୍ୟକୁ ନେଇ ବାଲୁକାଶିଳ୍ପୀମାନେ ବାଲିରେ ନିଜ କଳା ନୈପୁଣ୍ୟର ଚମତ୍କାର ପ୍ରଦର୍ଶନ କରିଥିଲେ। ବାଲୁକା କଳା ମହୋତ୍ସବରେ ରାଜ୍ୟ ତଥା ବାହାରୁ ବହୁ ପର୍ଯ୍ୟଟକଙ୍କ ସମାଗମ ହୋଇଥିଲା।


ଚନ୍ଦ୍ରଭାଗାଠାରେ ଚାଲିଥିବା ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବରେ ପ୍ରଦର୍ଶିତ କଳାକୃତି।


କୋଣାର୍କ ମହୋତ୍ସବର ୩ୟ ସନ୍ଧ୍ୟାରେ କଳାକାରମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।






1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ନିନ୍ଦିତ କର୍ମ ଯେ କରନ୍ତି, ଜୀବନ ଥାଇ ସେ ମରନ୍ତି।
-ଜଗନ୍ନାଥ ଦାସ



## ସଂକ୍ଷେପରେ

ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

### ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ

**କଟକ ଅଫିସ, ୩।୧୨:** ମାଲଗୋଦାମ ଥାନା ଅନ୍ତର୍ଗତ ମହ୍ଲାସାହିର ଏକ ଘରୁ ମଙ୍ଗଳବାର ଅପରାହ୍ନରେ ପୋଲିସ ଜଣେ ମହିଳାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଥିଲା। ତାଙ୍କ ନାମ ମିକିନା ବେହେରା(୩୨)। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଛି। ହେଲେ ମିକିନାଙ୍କୁ ସ୍ୱାମୀ ଜିତେନ୍ଦ୍ର ବେହେରା ହତ୍ୟା କରିବା ପରେ ଫ୍ୟାନ୍‌ରେ ଝୁଲାଇ ଦେଇଥିବା ତାଙ୍କ ବାପଘର ଲୋକେ ମାଲଗୋଦାମ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଜିତେନ୍ଦ୍ରଙ୍କ ବିରୋଧରେ ଏକ ମାମଲା(ନଂ.୨୪୫/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ପରେ ଜିତେନ୍ଦ୍ର ଫେରାର ହୋଇଯାଇଥିବା ପୋଲିସ ସୂଚନା ଦେଇଛି। ଅଭିଯୋଗ ଅନୁଯାୟୀ, ୧୨ ବର୍ଷ ତଳେ କଟକ ପାରେଶ୍ୱର ସାହିର ମିକିନା ଓ ଜିତେନ୍ଦ୍ରଙ୍କର ପ୍ରେମ ବିବାହ ହୋଇଥିଲା। ଉଭୟ ନିଜ ୧୧ବର୍ଷର ଝିଅ ସହ ମହ୍ଲାସାହିରେ ଘରଭଡା ନେଇ ରହୁଥିଲେ। ଜିତେନ୍ଦ୍ର ସ୍ଥାନୀୟ ଅଞ୍ଚଳରେ ମାଛ ବ୍ୟବସାୟ କରୁଥିଲେ। ଅନେକ ସମୟରେ ଜିତେନ୍ଦ୍ର ଓ ମିକିନାଙ୍କ ମଧ୍ୟରେ କଳହ ଲାଗୁଥିବା ନେଇ ପଡୋଶୀ କହିଛନ୍ତି। ମଙ୍ଗଳବାର ଉଭୟଙ୍କ ମଧ୍ୟରେ ବହୁତ ଜୋରରେ ଝଗଡା ହୋଇଥିଲା। ଏହା ପରେ ଜିତେନ୍ଦ୍ର ଘରୁ ବାହାରକୁ ଯାଉଥିବା ନେଇ ଘର ମାଲିକ ଦେଖିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଜିତେନ୍ଦ୍ର ଘରକୁ ନ ଫେରିବାରୁ ଘର ମାଲିକଙ୍କ ମନରେ ସନ୍ଦେହ ହୋଇଥିଲା। ସେ ଝରକା ବାଟେ ଦେଖିବାରୁ ମିକିନାଙ୍କ ବେକରେ ଓଢଣୀ ବନ୍ଧା ହୋଇଥିବାବେଳେ ସେ ଫ୍ୟାନ୍‌ରେ ଝୁଲୁଥିଲେ। ଏ ନେଇ ସେ ସାହି ପଡିଶାଙ୍କୁ ଡାକିବା ସହିତ ମାଲଗୋଦାମ ପୋଲିସକୁ ଖବର ଦେଇଥିଲେ।

## ସିଡିଏରେ କାଳରାତି: ୪ବର୍ଷ ପୂରିଲା...

# କ୍ରୋଧର ନିଆଁରେ ଜଳିଥିଲା ୬ ଜୀବନ

**କୁମାରଶ୍ରୀ ସାହୁ**
**କଟକ ଅଫିସ,୩।୧୨**

ମର୍କତନଗର ଥାନା ଅନ୍ତର୍ଗତ ସିଡ଼ିଏ ସେକ୍ଟର-୭ରେ ଆଜିକୁ ଠିକ୍ ୪ବର୍ଷ ତଳେ ଘଟିଥିଲା ଏକ ହୃଦୟ ବିଦାରକ ଘଟଣା। ଥାନା ପଛ ପାଖ ଗଳିରେ ଥିବା ଏକ କୋଠାର ପ୍ରକୋଷ୍ଠରେ ଜଳୁଥିଲା ହୁତୁହୁତୁ ନିଆଁ, ଆଉ ଶୁଭୁଥିଲା କରୁଣ ଚିତ୍କାର। କେହି କିଛି ବୁଝିବା ପୂର୍ବରୁ ଆକୁଳ ଚିତ୍କାର ଭିତରେ ସମଗ୍ର ସିଡିଏ ଯେପରି କ୍ଷଣିକ ଭିତରେ ନିସ୍ତବ୍ଧ ହୋଇଯାଇଥିଲା। ଏହି ଘଟଣାରେ ୬ଜଣଙ୍କ ମୃତ୍ୟୁ ଘଟିଥିଲା। ସେମାନଙ୍କ ମଧ୍ୟରେ ୨ଜଣ ନାବାଳକ ଓ ଜଣେ କୋମଳମତି ଶିଶୁ ଥିଲେ। ୨୦୧୫ ଡିସେମ୍ବର ୩ ତାରିଖ ସନ୍ଧ୍ୟାରେ ଘଟିଥିବା ଉକ୍ତ ଘଟଣା କେବଳ କଟକ ନୁହେଁ ସମଗ୍ର ରାଜ୍ୟବାସୀଙ୍କୁ ଆନ୍ଦୋଳିତ କରି ଦେଇଥିଲା। ଘଟଣା ଘଟିବାର କିଛି ମାସ ପର୍ଯ୍ୟନ୍ତ ଏହି କୋଠା ତ ଦୂରର କଥା ଥାନା ପଛ ଗଳିରେ ପାଦ ପକାଇବାକୁ ଲୋକେ ସାହସ କରୁ ନ ଥିଲେ। ଏବେ ସବୁ ସ୍ୱାଭାବିକ ହୋଇଛି। ହେଲେ ଏହି କୋଠାକୁ କେହି ଭୁଲି ନାହାନ୍ତି। ଭଦ୍ରକର ଏକ ଦମ୍ପତି ଏବେ ଏହି ଘରେ ଭଡ଼ାରେ ରହୁଛନ୍ତି। ଘଟଣା ବିଷୟରେ ସବୁ ଜାଣିଥିଲେ ସୁଦ୍ଧା ଟିକେ ହେଲେ ଡର ମନରେ ନାହିଁ ବୋଲି ଦମ୍ପତି କହିଥିଲେ। ସିଡିଏ ଇତିହାସରେ ୨୦୧୫ ଡିସେମ୍ବର ମାସର ପ୍ରଥମ ଗୁରୁବାରଟି ଏକ କାଳରାତି ଭାବେ ଗଣାଯାଉଛି।



ଅଗ୍ନିକାଣ୍ଡ ଘଟିଥିବା ଘର ଆଗରେ ଲୋକଙ୍କ ଭିଡ଼। (ଫାଇଲ ଫଟୋ)

### ଘଟଣାର ପ୍ରଚ୍ଛଦପଟ

୬ଜଣ ମୃତ୍ୟୁ ପଛରେ ଜଣେ ହିଁ ଦାୟୀ ଥିଲେ। ସେ ହେଲେ ଅନାଦି ସାହୁ। ଅନାଦିଙ୍କର ମଧ୍ୟ ଏହି ଘଟଣାରେ ମୃତ୍ୟୁ ଘଟିଥିଲା। ସନ୍ଧ୍ୟାରେ ଘରେ ଟିଭି ଚାଲିଥାଏ। ସେଠାରେ ୩ଜଣ ପିଲା ରୁପା, ସୁନା ଓ ଡୁଡୁଲ ବସି ଟିଭି ଦେଖୁଥାନ୍ତି। ଏହି ୩ଜଣ ପିଲା ହେଲେ ଅନାଦିଙ୍କ ଭାଣିଜୀ କୁନିଙ୍କର ସନ୍ତାନ। ଅନାଦିଙ୍କ ଝିଅ ଅନିତା ମଧ୍ୟ ଏହି ଘରେ ଥିଲେ। ହଠାତ୍ ଅନାଦି ରାଗ ତମତମ ହୋଇ ସମସ୍ତଙ୍କ ଉପରେ ପେଟ୍ରୋଲ ଢାଳିବା ଆରମ୍ଭ କରିଥିଲେ। ଅନାଦିଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ ସୁଦ୍ଧା ସମସ୍ତେ ବିଫଳ ହୋଇଥିଲେ। ପରେ ଅନାଦି ନିଆଁ ଲଗାଇ ଦେବାରୁ କୁନି ଓ ତାଙ୍କ ୩ ସନ୍ତାନ ଘର ଭିତରେ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ପରେ ଅନାଦି ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ। ଅନାଦି ଓ ଅନିତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ଏସ୍‌ସିବି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ଉଭୟଙ୍କର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଖାନ୍‌ନଗର ଶ୍ମଶାନରେ ସମସ୍ତଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

### ବର୍ତ୍ତି ଯାଇଥିଲେ ପୁଅ ଅରୁଣ

ସିଡ଼ିଏରେ ଅରୁଣଙ୍କର ଏକ ମେଡ଼ିସିନ ଦୋକାନ ଥିଲା। ସନ୍ଧ୍ୟା ସମୟରେ ଅରୁଣ ଦୋକାନରେ ଥିଲେ। ଅନାଦି ଏଭଳି କାଣ୍ଡ ଘଟାଇଥିବାବେଳେ ଅରୁଣ ଘରେ ନ ଥିବାରୁ ଏଥିରୁ ବର୍ତ୍ତି ଯାଇଥିଲେ। ଏହାଛଡ଼ା ଅରୁଣ ଘରେ ଥିଲେ ହୁଏତ ବାପାଙ୍କୁ ଏଭଳି କରିବାକୁ ଦେଇ ନ ଥାନ୍ତେ ବୋଲି ମଧ୍ୟ କୁହାଯାଏ।

### ବାଲିଯାତ୍ରା ବୁଲି ଆସିଥିଲେ କୁନି

ଅନାଦିଙ୍କ ଯୋଗୁ କୁନି ଓ ତାଙ୍କର ୩ ସନ୍ତାନ ମୃତ୍ୟୁ ମୁହଁରେ ପଡ଼ିଥିଲେ। ଏମାନେ ବାଲିଯାତ୍ରା ଦେଖିବାକୁ କଟକ ଆସିଥିବା ଜଣାପଡ଼ିଥିଲା। ଅନାଦିଙ୍କ ପାରିବାରିକ କଳହରୁ ଏଭଳି ଘଟଣା ହୋଇଥିବାବେଳେ ଦୁଃଖରେ କୁନିଙ୍କ ପରିବାର ସର୍ବସ୍ୱ ହରାଇଥିଲା।

### ଅନିତା ଖୋଲିଥିଲେ ଗୁମର

ଘରେ ନିଆଁ ଓ ଧୂଆଁ ସହ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଅନାଦିଙ୍କ ଘର ଭିତରକୁ ଧସି ପଶିଥିଲେ। ହେଲେ ଏଭଳି ପରିସ୍ଥିତି କେମିତି ହେଲା ତାହା କାହାକୁ ବି ଜଣା ନ ଥିଲା। ଗୁରୁତର ଅବସ୍ଥାରେ ଅନିତା ମେଡ଼ିକାଲରେ ଚିକିତ୍ସିତ ହେଉଥିବାବେଳେ ପୋଲିସ ସମ୍ମୁଖରେ ବାପା ଅନାଦିଙ୍କ କାଣ୍ଡ ସମ୍ପର୍କରେ କହିଥିଲେ।

### ଦ୍ୱିତୀୟ ବିବାହରୁ ବିବାଦ

ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ପରେ ଅନାଦି ଦ୍ୱିତୀୟ ବିବାହ କରିବାକୁ ଇଚ୍ଛା ରଖିଥିଲେ। ଯାହାକୁ ନେଇ ପରିବାରରେ ଅଶାନ୍ତି ଦେଖା ଦେଇଥିଲା ବୋଲି ପୋଲିସର ତଦନ୍ତରୁ ଜଣାପଡ଼ିଥିଲା। ଅନାଦି ଏଭଳି ବୀଭତ୍ସ କାଣ୍ଡ ଘଟାଇବା ପୂର୍ବରୁ ଲେଖିଥିବା ଏକ ସୁଇସାଇଡ୍ ଚିଠି ମଧ୍ୟ ପୋଲିସର ହସ୍ତଗତ ହୋଇଥିଲା।

ବିଶ୍ୱ ଭିନ୍ନକ୍ଷମ ଦିବସ

### ଭିନ୍ନକ୍ଷମଙ୍କ ବଞ୍ଚିବାର ଅଧିକାର ରହିଛି

**ଆଠଗଡ/ବଡ଼ମ୍ବା/ବାଙ୍କୀ, ୩।୧୨(ସ୍ୱ.ପ୍ର./ଡି.ଏନ୍.ଏ.)**

ବିଶ୍ୱ ଭିନ୍ନକ୍ଷମ ଦିବସ ଅବସରରେ ଆଠଗଡ ତାଲୁକ ଆଇନସେବା କମିଟି ପକ୍ଷରୁ ସ୍ଥାନୀୟ ପଞ୍ଚାୟତ ସମିତି ବୈଠକ ଗୃହରେ ମଙ୍ଗଳବାର ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ସାଧାରଣ ଲୋକଟିଏ ପରି ଭିନ୍ନକ୍ଷମମାନଙ୍କ ସମାଜରେ ବଞ୍ଚିବାର ଅଧିକାର ରହିଛି ବୋଲି ଏହି ଅବସରରେ ମତପ୍ରକାଶ ପାଇଛି। ତାଲୁକ ଆଇନସେବା କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ୍ ଅରବିନ୍ଦ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଚାରପତି ଶରତ କୁମାର ଜେନା, ଶାଶ୍ୱତୀ ମିଶ୍ର ଓ ଶଶାଙ୍କ ଶେଖର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ବଡମ୍ବା ବ୍ଲକ୍ ଅନ୍ତର୍ଗତ କେଶାବେରେଣୀ ଗ୍ରାମସ୍ଥିତ ମା'ବାଉତୀ ବଧିର ବିଦ୍ୟାଳୟ ପରିସରରେ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ବଡ଼ମ୍ବା ତାଲୁକ ଆଇନସେବା କମିଟି ଅଧ୍ୟକ୍ଷା ରେଖାରାଣୀ ପଣ୍ଡା ଏଥିରେ ପୌରୋହିତ୍ୟ କରିଥିଲେ। ଓକିଲ ସଂଘ ସଦସ୍ୟ ନାରାୟଣ ଦାଶ ଓ ଅମୂଲ୍ୟ କୁମାର ପାଣିଗ୍ରାହୀ ପ୍ରମୁଖ ଏଥିରେ ଯୋଗଦେଇଥିଲେ । ସେହିପରି ଡମପଡ଼ା ବ୍ଲକ ଅନ୍ତର୍ଗତ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟରେ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମଣ୍ଡଳ ସାଧାନ କେନ୍ଦ୍ର ସଂଯୋଜକ ଗଦାଧର ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ସିଆରସିସି ଚର୍ଚ୍ଚିକା କ୍ଲଷ୍ଟର ବଳରାମ ପାଇକରାୟ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଓ ଖମାରଙ୍ଗ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଅଜୟ କୁମାର ଦିକ୍ଷୀତ୍ ଯୋଗଦେଇ ଭିନ୍ନକ୍ଷମଙ୍କୁ ଆତ୍ମନିର୍ଭରଶୀଳ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବାଙ୍କୀ ତାଲୁକ ଆଇନ ସେବା କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ତାଲୁକ୍ ଆଇନ ସେବାକମିଟି ଅଧ୍ୟକ୍ଷ ଦୀପଙ୍କର ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଡ.ମମତା ମହାନ୍ତି ଓ ସମ୍ମାନିତ ଅତିଥିଭାବେ ବରିଷ୍ଠ ଓକିଲ ଜିତେନ୍ କୁମାର ପଣ୍ଡା, ବାଙ୍କୀ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅଜୟ କୁମାର ରାଉତ ଏବଂ ଜ୍ୟୋତିର୍ମୟ ପ୍ରଧାନ ଉପସ୍ଥିତ ଥିଲେ।

### 'ଗ୍ରାମାଞ୍ଚଳରେ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି'

**ନିଶ୍ଚିନ୍ତକୋଇଲି, ୩।୧୨(ସ୍ୱ.ପ୍ର.):** ରାଜ୍ୟ ସରକାର ପ୍ରତି ଗାଁରେ ଗମନା ଗମନ, ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍ ଓ ପାନୀୟଜଳ ପରି ମୌଳିକ ସୁବିଧା ଯୋଗାଇ ଦେବା ପାଇଁ ବଦ୍ଧପରିକର। ଏବେ ସହରାଞ୍ଚଳ ପରି ଗ୍ରାମାଞ୍ଚଳରେ ବିକାଶ ପ୍ରକ୍ରିୟା ତ୍ୱରାନିତ ହୋଇଛି ବୋଲି ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ବାଲିଆପଦା ପଞ୍ଚାୟତ ଗ୍ରସ୍ତରେ ଆସି ଆଇନ, ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ମତବ୍ୟକ୍ତ କରିଛନ୍ତି। ଅପରାହ୍ନରେ ମନ୍ତ୍ରୀ ଜେନା ବଡଥାକନ ଗ୍ରାମରେ ୪ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ନିର୍ମିତ ମା'ବିଂଶଭୂଜା ଗୋଷ୍ଠୀ କେନ୍ଦ୍ରକୁ ଲୋକାର୍ପଣ କରିଥିଲେ। ଏଥିପାଇଁ ପରେ ୨ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ କାର୍ତ୍ତିକେଶ୍ୱର ଗୋଷ୍ଠୀ କେନ୍ଦ୍ରର ଲୋକାର୍ପଣ କରିଥିଲେ। ଏଥିସହ ୯ ନମ୍ବର କେନାଲ ବନ୍ଧର ଉନ୍ନତୀକରଣ ପାଇଁ ଶିଳାନ୍ୟାସ କରିଥିଲେ। ଏଥିଲାଗି ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ଜେନା ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଅଧକ୍ଷା ସବିତା ଓଝା, ଉପାଧକ୍ଷା ସବିତା ମହାନ୍ତି,ସରପଞ୍ଚ କୈଳାସ ସାମନ୍ତରାୟ, ସମିତି ସଭ୍ୟା ସବିତାରାଣୀ ଲେଙ୍କା, ବିଜେଡି ସଭାପତି ରମାକାନ୍ତ ମହାନ୍ତି, ଯୁବନେତା ଅଶୋକ ଓଝା,ଜ୍ୟୋତି ପ୍ରକାଶ ସ୍ୱାଇଁ ଓ ଅରୁଣ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ଲକସ୍ତରୀୟ ନିଯୁକ୍ତି ଶିବିର

**ନରସିଂହପୁର, ୩।୧୨ (ଡି.ଏନ.ଏ.)**

ବେକାରୀ ସମସ୍ୟା ଦୂରୀକରଣ ନିମନ୍ତେ ଓରମାସ ପକ୍ଷରୁ ନରସିଂହପୁର ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ନିଯୁକ୍ତି ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଜୀବିକା ମିଶନ ନରସିଂହପୁର ସହଯୋଗରେ ଆୟୋଜିତ ନିଯୁକ୍ତିମେଳାକୁ ମୁଖ୍ୟଅତିଥି ଭାବେ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, ପାଇକପାଟଣା ସରପଞ୍ଚ ବୀଣାପାଣି ବେହେରା, ଜିଲ୍ଲାପରିଷଦ ସଭ୍ୟ ନିର୍ମଳ କୁମାର ଜେନା ପ୍ରମୁଖ ଯୋଗଦେଇଥିଲେ। ଉତ୍ସବକୁ ବ୍ଲକ ସହକାରୀ ଯନ୍ତ୍ରୀ ଦିଲୀପ କୁମାର ବେହେରା ସଞ୍ଚାଳନ କରିଥିଲେ। ଏହି ନିଯୁକ୍ତ ମେଳାରେ ୧୪ଟି ବିଭାଗର ଅନୁଷ୍ଠାନ ଉପସ୍ଥିତ ଥିଲେ। ଏହି ଅବସରରେ ୧୮ରୁ ୩୫ବର୍ଷ ମଧ୍ୟରେ ଯୁବତୀ ଓ ମହିଳା ଓ ଯୁବକମାନଙ୍କଠାରୁ ନିଯୁକ୍ତ ପାଇଁ ଆବେଦନ ପତ୍ର ଗ୍ରହଣ ଗ୍ରହଣ କରାଯାଇଥିଲା। ଏଥିରେ ମୋଟ ୮୫୪ ଜଣ ଆବେଦନ କରିଥିବାବେଳେ ୫୩୨ ଜଣଙ୍କ ଆବେଦନପତ୍ର ଗ୍ରହଣୀୟ ହୋଇଥିଲା। ଏହି ନିଯୁକ୍ତ ମେଳାକ ପରିଚାଳନାରେ ଓଡ଼ିଶା ଜୀବିକା ମିଶନର ବିଏଲସି ମହେନ୍ଦ୍ର କୁମାର କୁଣ୍ଡୁ, ପଙ୍କଜିନୀ ମହାପାତ୍ର, ଚାମେଲି ସାଠୁଆ ଓ ସୋନାଲି ପଟ୍ଟନାୟକ ପମୁଖ ସହଯୋଗ କରିଥିଲେ।



ନିଯୁକ୍ତି ମେଳାରେ ବିଧାୟକ ଦେବୀ ପ୍ରସାଦ ମିଶ୍ର ଓ ଅନ୍ୟମାନେ।

### ଜିଲାସ୍ତରୀୟ ଯାଞ୍ଚ କମିଟିର ବାଙ୍କୀ ଶିଶୁ ଯତ୍ନକେନ୍ଦ୍ର ପରିଦର୍ଶନ

**ବାଙ୍କୀ,୩।୧୨(ସ୍ୱ.ପ୍ର)**

ଡମପଡ଼ା ବ୍ଲକ ଗୋପାଳପୁର ପଞ୍ଚାୟତର ହରିହର ଭେଟରେ ଥିବା ଶିଶୁ ଯତ୍ନକେନ୍ଦ୍ର କଟକ ଜିଲା ଯାଞ୍ଚ କମିଟିର କର୍ମକର୍ତ୍ତା ପରିଦର୍ଶନରେ ଆସିଥିଲେ। ଅନୁଷ୍ଠାନର ସ୍ଥିତି ସଂପର୍କରେ ଅନୁଧ୍ୟାନ କରି ପିଲାଙ୍କର ଖାଇବା , ରହିବା ଓ ଅନ୍ୟାନ୍ୟ ସୁବିଧା ଅସୁବିଧା ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି କମିଟିରେ ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତୀ ମହାନ୍ତି, ଶିଶୁ ମଙ୍ଗଳ ଅଧିକାରୀ ସଦସ୍ୟ ଚିତ୍ତ ରଞ୍ଜନ ମହାନ୍ତି, ମାନସିକ ବିଶାରଦ ଡ.ସାରଥି ହେମ୍ବ୍ରମ୍ ପ୍ରମୁଖ ଉପସ୍ଥିତ ରହି ପିଲାଙ୍କ ସୁବିଧା ଅସୁବିଧା କଥା ପଚାରି ବୁଝିଥିଲେ। ଏଥିସହ ଶିଶୁ ଯତ୍ନକେନ୍ଦ୍ରର ଭିତ୍ତିଭୂମି, ଆବାସିକ ସାମଗ୍ରୀ, ଯତ୍ନକେନ୍ଦ୍ରର କାଗଜପତ୍ର, ଆର୍ଥିକ କାରବାର ପେପର୍, ଲିଗାଲ୍ ଡକୁମେଣ୍ଟ ଆଦି ଅନୁଧ୍ୟାନ କରିଥିଲେ। ଏହି ତନଖି ପ୍ରକ୍ରିୟାରେ ଜିଲାସ୍ତରୀୟ କମିଟିକୁ ଶିଶୁ ଯତ୍ନକମିଟିର ଅଧ୍ୟକ୍ଷ ଶ୍ରୀରାମ ପ୍ରତୀକ, ପି.ଓ ଗାୟତ୍ରୀ ମହାପାତ୍ର, କାଉନସିଲର ସଞ୍ଜିବ ମହାନ୍ତି, କୋଷାଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

ନିଶ୍ଚିନ୍ତକୋଇଲିରେ ଫନୀ କେଳେଙ୍କାରୀ

### ହିତାଧିକାରୀଙ୍କୁ ମିଳିଛି ୨ ଥର ଲେଖାଏ ସହାୟତା

**ନିଶ୍ଚିନ୍ତକୋଇଲି,୩।୧୨(ସ୍ୱ.ପ୍ର.)**

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଫନୀ ସହାୟତା ପ୍ରଦାନରେ ଅନିୟମିତତା ହୋଇଥିବା ସୂଚନା ମିଳିଛି। ପୂର୍ବରୁ ବ୍ଲକ ଅନ୍ତର୍ଗତ ତିଲକଣା ପଞ୍ଚାୟତରେ ଫନୀ ସହାୟତା ପ୍ରଦାନରେ ଦୁର୍ନୀତି ହୋଇଥିବା ଅଭିଯୋଗ ପରେ ପୁନଃତଦନ୍ତ ହୋଇଥିଲା। ଏବେ ନତକାଇ ପଞ୍ଚାୟତରେ ଫନୀ ସହାୟତା ପ୍ରଦାନରେ କେଳେଙ୍କାରୀ ହୋଇଥିବା ନେଇ ତହସିଲରୁ ମିଳିଥିବା ତଥ୍ୟରୁ ଜଣାପଡ଼ିଛି। ଏହି ତଥ୍ୟ ଅନୁସାରେ ପଞ୍ଚାୟତର କିଛି ହିତାଧିକାରୀଙ୍କୁ ୨ ଥର ଲେଖାଏ ଫନୀ ସହାୟତା ପ୍ରଦାନ କରାଯାଇଛି। ସୂଚନା ଅଧିକାର କର୍ମୀମାନେ ତହସିଲରୁ ତଥ୍ୟ ମଗାଇବା ପରେ ଏହି ଘଟଣା ପଦାକୁ ଆସିଛି। ଏହି ତଥ୍ୟ ଅନୁସାରେ, ନତକାଇ ପଞ୍ଚାୟତର ରଘୁନାଥ ସ୍ୱାଇଁଙ୍କ ପୁଅ କମଳାକାନ୍ତ ସ୍ୱାଇଁଙ୍କ ଫନୀରେ କଚ୍ଚାଘର ଭାଙ୍ଗିଥିବା ହେତୁ ସହାୟତା ବାବଦରେ ୨ ଥର ୩୨୦୦ ଲେଖାଏ ପ୍ରଦାନ କରାଯାଇଛି। ଏନେଇ ଯଥାକ୍ରମେ କ୍ରମିକ ନଂ ୧୬୩ ଓ ନଂ.୧୬୪ରେ ଉଲ୍ଲେଖ କରାଯାଇଛି। ସେହିଭଳି ପଞ୍ଚାୟତ ଅନ୍ତର୍ଗତ ଗିରିଧାରୀ ରାଉତଙ୍କ ପୁଅ ରାମଚନ୍ଦ୍ର ରାଉତଙ୍କୁ ଫନୀରେ ପକ୍କାଘର ଭାଙ୍ଗିଥିବା ଯୋଗୁ କ୍ଷତିପୂରଣ ବାବଦରେ ୫୨୦୦ ଦିଆଯାଇଥିବା ବେଳେ ଗୁହାଳ ପାଇଁ ପୁନର୍ବାର ୨୧୦୦ ଟଙ୍କା ଦିଆଯାଇଛି। ଏନେଇ କ୍ରମିକ ନଂ .୨୮୦ ଏବଂ ନଂ.୨୮୫ରେ ଉଲ୍ଲେଖ ରହିଛି। ଏହି ତଥ୍ୟରୁ ଫନୀରେ ମିଳିଥିବା ସହାୟତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପଞ୍ଚାୟତର ବହୁ ହିତାଧିକାରୀ ଆବେଦନ ସତ୍ତ୍ୱେ ଏହି ସହାୟତା ପାଇବାରୁ ବଞ୍ଚିତ ହୋଇଥିବା ବେଳେ କିଛି ହିତାଧିକାରୀଙ୍କୁ କିପରି ୨ ଥର ଲେଖାଏ କ୍ଷତିପୂରଣ ମିଳିଛି ସେନେଇ ସୂଚନା ଅଧିକାର କର୍ମୀମାନେ ପ୍ରଶ୍ନ ଉଠାଇଛନ୍ତି। ଏସମ୍ପର୍କରେ ତହସିଲଦାର ଜିତେନ୍ଦ୍ର ପାତ୍ର କୁହନ୍ତି, ଭୁଲବଶତଃ ଡାଟା ସେଟିଂ କରିବା ସମୟରେ୨ ଜଣଙ୍କ ନାମ ରହିଥାଇପାରେ। ଏହା ଦୃଷ୍ଟିଗୋଚର ହେଲେ ସମ୍ପୃକ୍ତ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯିବ ନାହିଁ, ଯଦି ପ୍ରଦାନ କରାଯାଇଥାଏ ତାହାକୁ ପୁନର୍ବାର ଆଦାୟ କରାଯିବ।



HOUSE DAMAGE ENUMERATION REPORT OF NISCHINTAKOILI TAHASIL DUE TO CYCLONE FANI

| Sl No | Name of the Village | Name of the beneficiary AND Father/Husb | Fully Damaged Pucca | Fully Damaged Kuchha | Severely Damaged Pucca | Severely Damaged Kuchha | Partly Damaged Pucca | Partly Damaged Kuchha | Cowshed | Hut | Image | Recommended Amount |
|---|---|---|---|---|---|---|---|---|---|---|---|---|
| 163 | Natakai | Kamalakanta Swain S/o- Raghunath Swain | | | | | | Kuchha | | | | 3200 |
| 164 | Natakai | Kamalakanta Swain S/o-Raghunath Swain | | | | | | Kuchha | | | | 3200 |
| 279 | Ekarukhi | Rama Ch Lenka S/o-Satyananda lenka | | | | | | | Cowshed | | | 2100 |
| 280 | Natakai | Rama Ch. Rout S/o- Giridhari Rout | | | | | Pucca | | | | | 5200 |
| 281 | Ekarukhi | Rama Chandra Sahoo S/o-Radhu Sahoo | | | | | Pucca | | | | | 5200 |
| 282 | Ekarukhi | Rama Panda W/o-Krushna Panda | | | | | | Kuchha | | | | 3200 |
| 283 | Natakai | Ramachandra Das, S/o- Hrudananda Das | | | | | Pucca | | | | | 5200 |
| 284 | Natakai | Ramachandra Rout, S/o- Punananda Rout | | | | | | | Cowshed | | | 2100 |
| 285 | Ekarukhi | Ramachandra Rout,S/o- Girirdhari Rout | | | | | | | Cowshed | | | 2100 |
| 286 | Natakai | Ramesh Biswal, S/o- Krushna Biswal | | | | | | | Cowshed | | | 2100 |

କଟିକଟାରେ ବାଲିଯାତ୍ରା ମହୋତ୍ସବ

### ସଂସ୍କୃତି, ପରମ୍ପରାକୁ ନେଇ ଓଡ଼ିଶା ଗର୍ବିତ

**ନିଶ୍ଚିନ୍ତକୋଇଲି,୩।୧୨(ସ୍ୱ.ପ୍ର.)**

ଓଡିଶାର ପରମ୍ପରା ନିଆରା। ଏଠି ବାରମାସରେ ତେର ପରବ। ଗ୍ରାମାଞ୍ଚଳରେ ବିଭିନ୍ନ ପର୍ବ ପର୍ବାଣିରେ ଓଡ଼ିଶାର ସଂସ୍କୃତି ଓ ପରମ୍ପରା ଲୁଚି ରହିଛି। ଏହି ପରମ୍ପରା ମାଧ୍ୟମରେ ଭାଇଚାରା ସୃଷ୍ଟି ହୁଏ ବୋଲି କଟିକଟା ବାଲିଯାତ୍ରା ମହୋତ୍ସବରେ ମଙ୍ଗଳବାର ମୁଖ୍ୟଅତିଥିଭାବେ ଆଇନ ଓ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ଏହି ମହୋତ୍ସବ ଗତ ୧ ତାରିଖରୁ ଆରମ୍ଭ ହୋଇଛି। କଟିକଟା ବଜାର କମିଟି ପକ୍ଷରୁ ଆୟୋଜିତ ଏହି ମହୋତ୍ସବର ୩ୟ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ପ୍ରଦର୍ଶିତ ସଙ୍ଗୀତ ମୂର୍ଚ୍ଛନା ସମଗ୍ର ବାଲିଯାତ୍ରାକୁ ଋଦ୍ଧିମନ୍ତ କରିଥିଲା। ଏହି ଅବସରରେ ପ୍ରତାପ ଶତପଥୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ଜେନା ଯୋଗଦେଇ ୨ ବର୍ଷ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତାଭାବେ ବ୍ଲକ ଅଧକ୍ଷା ସବିତା ଓଝା, ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ବ୍ଲକ ଅଧକ୍ଷ ଗିରିଶ ରଞ୍ଜନ ମହାପାତ୍ର, କଟିକଟା ପଞ୍ଚାୟତ ସରପଞ୍ଚ ମନସ୍ମିତା ପଣ୍ଡା ଓ ସମିତିସଭ୍ୟା ସୁଲୋଚନା ଲେଙ୍କା ପ୍ରମୁଖ ଯୋଗଦେଇ ଥିଲେ। ପ୍ରାରମ୍ଭରେ ବ୍ୟବସାୟୀ ସଂଘର ସମ୍ପାଦକ ରଘୁନାଥ ସିଂ ସ୍ୱାଗତ ଭାଷଣ ଓ ଶେଷରେ କମଳାକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ମହୋତ୍ସବରେ ମନ୍ତ୍ରୀ ପ୍ରତାପ ଜେନା ଓ ମଞ୍ଚାସୀନ ଅତିଥି।

### ବହି ବିକି ଚଳନ୍ତା ପାଠାଗାର ପାଲଟିଛନ୍ତି ନିତିଆ ଭାଇ

**ନରାଜ,୩।୧୨(ଡି.ଏନ୍.ଏ.)**

କଟକ ଜିଲା କଖଡି ଅଞ୍ଚଳର ନୂଆଶାସନରେ ରୁହନ୍ତି ନିତ୍ୟାନନ୍ଦ ସାହୁ ଓରଫ ନିତିଆ ଭାଇ। ବୟସ ଏବେ ୬୨ ଛୁଇଁଲାଣି। ୩୦ ବର୍ଷ ହେବ କଟକ ଜିଲା ଓ ଏହାର ଆଖପାଖ ଅଞ୍ଚଳରେ ସାଇକେଲରେ ବୁଲି ବୁଲି ବହି ବିକ୍ରି କରୁଛନ୍ତି। ଟିଣରେ ପ୍ରସ୍ତୁତ ହୋଇଥିବା ଏକ ଡାକବାଜି କାହାଳି ମାଧ୍ୟମରେ ଗାଁ ଗାଁକୁ ବୁଲି ସେ ବିଭିନ୍ନ ବହି ବିକ୍ରି କରୁଛନ୍ତି। ତାଙ୍କ ପାଖରେ ଗାଁ ଚାଟଶାଳୀର ବହିଠୁ ଆରମ୍ଭ କରି ବିଭିନ୍ନ ପ୍ରକାର ଉପନ୍ୟାସ ପର୍ଯ୍ୟନ୍ତ ସବୁ ମିଳିଥାଏ। ଏହାଛଡା ତାଙ୍କ ପାଖରେ ବିଭିନ୍ନ ପ୍ରକାର ପୂଜା ବହି ମିଳିଥାଏ। ବିଭିନ୍ନ ଓଷା ଓ ବ୍ରତ ସମୟରେ ଏସବୁ ବହିର ଆବଶ୍ୟକ ହୋଇଥାଏ। ତାଙ୍କ ପାଖରେ ବିଭିନ୍ନ ବହିର ସମ୍ଭାର ଥିବାରୁ କେହି କେହି ତାଙ୍କୁ ଚଳନ୍ତା ପାଠାଗାର ବୋଲି କହିଥାନ୍ତି। ସେ ଗାଁରେ ପହଞ୍ଚି ଗଲା ପରେ ପିଲାଙ୍କଠୁ ଆରମ୍ଭ କରି ବୁଢ଼ା ପର୍ଯ୍ୟନ୍ତ ବହି ନେବା ପାଇଁ ଭିଡ ଜମିଥାଏ। ସେ ତାଙ୍କ ସଂଘର୍ଷ ସମ୍ପର୍କରେ କୁହନ୍ତି, ସେ ଘରର ବଡ଼ ପୁଅ ହୋଇଥିବା ବେଳେ ମାତ୍ର ୧୨ ବର୍ଷରେ ବାପାଙ୍କୁ ହରାଇଥିଲେ। ଏହା ପରେ ଷଷ୍ଠ ଶ୍ରେଣୀରୁ ତାଙ୍କ ପାଠ ପଢ଼ାରେ ଡୋରି ବନ୍ଧା ଯାଇଥିଲା। ପରିବାରର ଦାୟିତ୍ୱ ମୁଣ୍ଡ ଉପରେ ପଡ଼ିବାରୁ ଦାଦାଙ୍କ ସହ କଖଡିପଥର ଖଣିକୁ ଯାଇ କାମ କରିବା ଆରମ୍ଭ କଲେ। କିଛି ଦିନ କାମ କରିବାପରେ ଘର ପାଖେ ଗୋଟିଏ ନୂଆ କମ୍ପାନୀରେ ଛୋଟ ଚାକିରି ମିଳିଗଲା। ମାତ୍ର ବହି ପଢ଼ିବାର ସୌକ ମନରୁ ଯାଇ ନ ଥିଲା। ଥରେ ଦଶହରା ସମୟରେ ଘରୁ ୬୦ଟଙ୍କା ଚୋରି କରି ସେ କଟକ ସହର ଚାଲି ଆସିଲେ । କଟକର ଗୋଟିଏ ବହି ଦୋକାନରୁ ସେ ଏହି ଟଙ୍କାରେ ବହି କିଣି ମୁଣ୍ଡରେ ଥୋଇ ଗାଁ ଗାଁ ବୁଲି ବହି ବିକିଲେ। ଏଥିସହ ବିଭିନ୍ନ ଯାତ୍ରାରେ ମଧ୍ୟ ବହି ବିକିଲେ। ଏଭଳି କିଛି ଦିନ ଯିବା ପରେ ହଠାତ୍ ନିଜ ଗାଁ ଲୋକଙ୍କ ସହ ଦେଖାହେଲା। ସେମାନଙ୍କଠାରୁ ପରିବାର ସମ୍ପର୍କରେ ବୁଝି ଘରକୁ ଆସି ମା'ଙ୍କ ହାତରେ ୬୦ ଟଙ୍କା ଦେଇଥିଲେ। ଏହାପରେ ପୁନର୍ବାର ସେ ନିଜ କର୍ମ କ୍ଷେତ୍ରକୁ ଫେରି କଟକ, ପୁରୀ, ଖୋର୍ଦ୍ଧା, ଢେଙ୍କାନାଳ ଓ କେନ୍ଦ୍ରାପଡା ଆଦି ଅଞ୍ଚଳରେ ବୁଲି ବୁଲି ବହି ବିକି ଚାଲିଲେ। କିଛି ଦିନ ପରେ ତାଙ୍କ ବାହାଘର ହୋଇଯାଇଥିଲା। ଏବେ ସ୍ତ୍ରୀ, ୩ ଝିଅ ଓ ଗୋଟିଏ ପୁଅକୁ ନେଇ ତେଲଲୁଣର ସଂସାର ଚାଲିଛି ବୋଲି ନିତିଆ ଭାଇ କୁହନ୍ତି। ୨ ଝିଅ ଓ ଗୋଟିଏ ପୁଅର ବିବାହ ସରିଯାଇଥିବା ବେଳେ ଆଉ ଗୋଟିଏ ଝିଅର ବିବାହ ବାକି ରହିଛି। ଏହା ସରିଗଲେ ତାଙ୍କ ଚିନ୍ତା ଯିବ ବୋଲି ସେ କୁହନ୍ତି। ବୟସ ବଢ଼ିବା ସଙ୍ଗେ ବେପାର ମଧ୍ୟ କମିଛି ବୋଲି ସେ କୁହନ୍ତି। ଆଗଭଳି ଆଉ ବେପାର ହେଉ ନଥିବା ବେଳେ ନିଜର ଜାଗା ଖଣ୍ଡେ ନଥିବାରୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି କୁହନ୍ତି। ସେ ଏକ ସରକାରୀ ସ୍ଥାନରେ ଘର କରି ରହୁଥିବା ବେଳେ କୌଣସି ରେକର୍ଡ ନଥିବାରୁ ଚିନ୍ତାରେ ଦିନ କାଟୁଛନ୍ତି। ସରକାରଙ୍କ ତରଫରୁ କିଛି ଜାଗା ଓ ସହାୟତା ମିଳିଲେ ତାଙ୍କ ଚିନ୍ତା ଦୂର ହେବ ବୋଲି ନିତାଇ ଆଶାବ୍ୟକ୍ତ କରିଛନ୍ତି।



ନିତ୍ୟାନନ୍ଦ ସାହୁ।




"ନିନ୍ଦିତ କର୍ମ ଯେ କରନ୍ତି, ଜୀବନ ଥାଇ ସେ ମରନ୍ତି।
- ଜଗନ୍ନାଥ ଦାସ



## ସଂକ୍ଷେପରେ

### ନାବାଳିକାକୁ ଅସଦାଚରଣ ଅଭିଯୋଗ

**ନିଆଳି,୩।୧୨(ଡି.ଏନ୍.ଏ):** ନିଆଳି ଥାନା ଅଞ୍ଚଳରେ ୮ ବର୍ଷର ନାବାଳିକାକୁ ଅସଦାଚରଣ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା (ନଂ. ୩୦୪/୧୯) ରୁଜୁ କରି ତଦନ୍ତ କରୁଥିବାବେଳେ ଅଭିଯୁକ୍ତ ଫେରାର ଅଛନ୍ତି। ଗତ ୧ ତାରିଖ ପୂର୍ବାହ୍ନ ପ୍ରାୟ ୧୦ଟାରେ ନାବାଳିକା ଜଣକ ପଡିଶା ଘରକୁ ଖେଳିବାକୁ ଯାଇଥିଲା। ଫେରିବାବେଳେ ଝିଅ କାନ୍ଦୁଥିବାର ତାଙ୍କ ମା' ଦେଖିଥିଲେ। ଏ ନେଇ ମା' ପଚାରିବାରୁ ପଡୋଶୀ ଘରର ପିଣ୍ଟୁଆ ଭାଇ ଚକୋଲେଟ ଦେଇ ତାଙ୍କୁ ଅସଦାଚରଣ କରିଥିବା କହିଥିଲେ। ଘଟଣା ବିଷୟରେ ନାବାଳିକାଙ୍କ ମା' ଗ୍ରାମବାସୀଙ୍କୁ ଜଣାଇଥିଲେ। ସନ୍ଧ୍ୟାରେ ଗ୍ରାମବାସୀ ଉକ୍ତ ଯୁବକଙ୍କୁ ଡକାଇଥିଲେ ମଧ ସେ ତାଙ୍କ ସ୍ତ୍ରୀ ସହ ଫେରାର ହୋଇଯାଇଥିଲେ। ମଙ୍ଗଳବାର ଉକ୍ତ ଯୁବକ ଗ୍ରାମକୁ ଫେରି ସମ୍ପୃକ୍ତା ନାବାଳିକାଙ୍କ ମାଆ ଓ ଗ୍ରାମବାସୀଙ୍କୁ ମାଡ ମାରିବ ବୋଲି ଧମକ ଦେଇଥିଲା। ପରେ ନାବାଳିକାଙ୍କ ମା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ଜେଲ ଗଲେ ଶିକାରୀ

**ଖୁଣ୍ଟୁଣୀ,୩।୧୨(ଡି.ଏନ୍.ଏ):** ଖୁଣ୍ଟୁଣୀ ବନାଞ୍ଚଳ ଅନ୍ତର୍ଗତ ସୁନିଆମୁହଁ ସଂରକ୍ଷିତ ଜଙ୍ଗଲ ମଧରେ ବନ୍ଧୁକ ଧରି ସନ୍ଦେହଜନକ ଭାବେ ବୁଲୁଥିବା ଜଣେ ଶିକାରୀଙ୍କୁ ଅଟକ ରଖାଯାଇଥିବାବେଳେ ମଙ୍ଗଳବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି। ସେ ହେଲେ ଓରନ୍ଦା ଗ୍ରାମର କାହ୍ନୁଚରଣ ବେହେରା। ତାଙ୍କଠାରୁ ବନାଞ୍ଚଳ ଅଧିକାରୀ ଏକ ଦେଶୀ ଚୋରା ବନ୍ଧୁକ ଜବତ କରିଛି। ଗତ ୧ତାରିଖରେ କାହ୍ନୁ ଏକାକୀ ସୁନିଆମୁହଁ ସଂରକ୍ଷିତ ଜଙ୍ଗଲ ରାସ୍ତାରେ ଜଙ୍ଗଲ ଜନ୍ତୁ ଶିକାର ଉଦ୍ଦେଶ୍ୟରେ ବୁଲୁଥିବା ବେଳେ ପାଟ୍ରୋଲିଂ କରୁଥିବା ବନାଞ୍ଚଳ ଅଧିକାରୀ ଟିମ ତାଙ୍କୁ ସନ୍ଦେହରେ ଆଣି ପଚରାଉଚୁରା ପରେ ଶିକାର କରିଥିବା କଥା କାହ୍ନୁ ସ୍ୱୀକାର କରିଥିଲେ। ଏ ନେଇ ବନ ବିଭାଗ ପକ୍ଷରୁ ମାମଲା ରୁଜୁ ହୋଇଛି।

### ଦିବ୍ୟାଙ୍ଗଙ୍କ ସେବାରେ ଏସ୍‌ଭି ନିର୍‌ତାର ଉତ୍ସର୍ଗୀକୃତ

**କଣ୍ଟାପଡା,୩।୧୨(ଡି.ଏନ୍.ଏ.):** ଓଲଟପୁରସ୍ଥିତ ଏସ୍‌ଭି ନିର୍‌ତାର ଦିବ୍ୟାଙ୍ଗ ଚିକିତ୍ସା ଓ ଗବେଷଣା ଅନୁଷ୍ଠାନରେ ବିଶ୍ୱ ଦିବ୍ୟାଙ୍ଗ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ନିର୍‌ତାରର ନିର୍ଦ୍ଦେଶକ ଡା. ଶକ୍ତିପ୍ରସାଦ ଦାସ ଅଧକ୍ଷତା କରିଥିଲେ। ଏଥିରେ ଇଣ୍ଡିଆନ ବ୍ୟାଙ୍କ ଭୁବନେଶ୍ୱର ଶାଖାର ସିନିୟର ମ୍ୟାନେଜର ମନୋଜ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥି କୋରାପୁଟ ସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ପ୍ରଦୋଷ କୁମାର ସ୍ୱାଇଁ କହିଥିଲେ, ଏସ୍‌ଭି ନିର୍‌ତାର ଦିବ୍ୟାଙ୍ଗଙ୍କ ସେବାରେ ସବୁବେଳେ ଉତ୍ସର୍ଗୀକୃତ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଉପନିର୍ଦ୍ଦେଶକ ଡା. କିଶୋର ମହାପାତ୍ର ଓ ରଶ୍ମିରଞ୍ଜନ ସେଠୀ ଯୋଗଦେଇଥିଲେ। ଏହି ଅବସରରେ ଗତମାସରେ ବୁସାନ ସାଉଥ କୋରିଆରେ ଅନୁଷ୍ଠିତ ଗ୍ଲୋବାଲ ଆଇଟି ଚାଲେଞ୍ଜରେ ସ୍ୱର୍ଣ୍ଣପଦକ ବିଜେତା ନିରତାରେ ଚିକିତ୍ସାଧୀନ ଦିବ୍ୟାଙ୍ଗ ଅମରେଶ ପ୍ରସାଦ ଗୌଡଙ୍କୁ ସମ୍ବର୍ଦ୍ଧିତ ସହ ଅତିଥିମାନଙ୍କୁ ପୁରସ୍କୃତ କରାଯାଇଥିଲା। ସତ୍ୟଜିତ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ସିଡିଏରେ କାଳରାତି: ୪ବର୍ଷ ପୂରିଲା...

# କ୍ରୋଧର ନିଆଁରେ ଜଳିଥିଲା ୬ ଜୀବନ

**କୁମାରଶ୍ରୀ ସାହୁ**
**କଟକ ଅଫିସ,୩।୧୨**

ମର୍କତନଗର ଥାନା ଅନ୍ତର୍ଗତ ସିଡ଼ିଏ ସେକ୍ଟର-୭ରେ ଆଜିକୁ ଠିକ୍ ୪ବର୍ଷ ତଳେ ଘଟିଥିଲା ଏକ ହୃଦୟ ବିଦାରକ ଘଟଣା। ଥାନା ପଛ ପାଖ ଗଳିରେ ଥିବା ଏକ କୋଠାର ପ୍ରକୋଷ୍ଠରେ ଜଳୁଥିଲା ହୁତୁହୁତୁ ନିଆଁ, ଆଉ ଶୁଭୁଥିଲା କରୁଣ ଚିତ୍କାର। କେହି କିଛି ବୁଝିବା ପୂର୍ବରୁ ଆକୁଳ ଚିତ୍କାର ଭିତରେ ସମଗ୍ର ସିଡିଏ ଯେପରି କ୍ଷଣିକ ଭିତରେ ନିସ୍ତବ୍ଧ ହୋଇଯାଇଥିଲା। ଏହି ଘଟଣାରେ ୬ଜଣଙ୍କ ମୃତ୍ୟୁ ଘଟିଥିଲା। ସେମାନଙ୍କ ମଧ୍ୟରେ ୨ଜଣ ନାବାଳକ ଓ ଜଣେ କୋମଳମତି ଶିଶୁ ଥିଲେ। ୨୦୧୫ ଡିସେମ୍ବର ୩ ତାରିଖ ସନ୍ଧ୍ୟାରେ ଘଟିଥିବା ଉକ୍ତ ଘଟଣା କେବଳ କଟକ ନୁହେଁ ସମଗ୍ର ରାଜ୍ୟବାସୀଙ୍କୁ ଆନ୍ଦୋଳିତ କରି ଦେଇଥିଲା। ଘଟଣା ଘଟିବାର କିଛି ମାସ ପର୍ଯ୍ୟନ୍ତ ଏହି କୋଠା ତ ଦୂରର କଥା ଥାନା ପଛ ଗଳିରେ ପାଦ ପକାଇବାକୁ ଲୋକେ ସାହସ କରୁ ନ ଥିଲେ। ଏବେ ସବୁ ସ୍ୱାଭାବିକ ହୋଇଛି। ହେଲେ ଏହି କୋଠାକୁ କେହି ଭୁଲି ନାହାନ୍ତି। ଭଦ୍ରକର ଏକ ଦମ୍ପତି ଏବେ ଏହି ଘରେ ଭଡ଼ାରେ ରହୁଛନ୍ତି। ଘଟଣା ବିଷୟରେ ସବୁ ଜାଣିଥିଲେ ସୁଦ୍ଧା ଟିକେ ହେଲେ ଡର ମନରେ ନାହିଁ ବୋଲି ଦମ୍ପତି କହିଥିଲେ। ସିଡିଏ ଇତିହାସରେ ୨୦୧୫ ଡିସେମ୍ବର ମାସର ପ୍ରଥମ ଗୁରୁବାରଟି ଏକ କାଳରାତି ଭାବେ ଗଣାଯାଉଛି।


ଅଗ୍ନିକାଣ୍ଡ ଘଟିଥିବା ଘର ଆଗରେ ଲୋକଙ୍କ ଭିଡ଼ (ଫାଇଲ ଫଟୋ)

### ଘଟଣାର ପ୍ରଚ୍ଛଦପଟ

୬ଜଣ ମୃତ୍ୟୁ ପଛରେ ଜଣେ ହିଁ ଦାୟୀ ଥିଲେ। ସେ ହେଲେ ଅନାଦି ସାହୁ। ଅନାଦିଙ୍କର ମଧ ଏହି ଘଟଣାରେ ମୃତ୍ୟୁ ଘଟିଥିଲା। ସନ୍ଧ୍ୟାରେ ଘରେ ଟିଭି ଚାଲିଥାଏ। ସେଠାରେ ୩ଜଣ ପିଲା ରୁପା, ସୁନା ଓ ଡୁଡୁଲ ବସି ଟିଭି ଦେଖୁଥାନ୍ତି। ଏହି ୩ଜଣ ପିଲା ହେଲେ ଅନାଦିଙ୍କ ଭାଣିଜୀ କୁନିଙ୍କର ସନ୍ତାନ। ଅନାଦିଙ୍କ ଝିଅ ଅନିତା ମଧ ଏହି ଘରେ ଥିଲେ। ହଠାତ୍ ଅନାଦି ରାଗ ତମତମ ହୋଇ ସମସ୍ତଙ୍କ ଉପରେ ପେଟ୍ରୋଲ ଢାଳିବା ଆରମ୍ଭ କରିଥିଲେ। ଅନାଦିଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ ସୁଦ୍ଧା ସମସ୍ତେ ବିଫଳ ହୋଇଥିଲେ। ପରେ ଅନାଦି ନିଆଁ ଲଗାଇ ଦେବାରୁ କୁନି ଓ ତାଙ୍କ ୩ ସନ୍ତାନ ଘର ଭିତରେ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ପରେ ଅନାଦି ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ। ଅନାଦି ଓ ଅନିତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ଏସ୍‌ସିବି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ଉଭୟଙ୍କର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଖାନ୍‌ନଗର ଶ୍ମଶାନରେ ସମସ୍ତଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

### ବର୍ତ୍ତି ଯାଇଥିଲେ ପୁଅ ଅରୁଣ

ସିଡ଼ିଏରେ ଅରୁଣଙ୍କର ଏକ ମେଡ଼ିସିନ ଦୋକାନ ଥିଲା। ସନ୍ଧ୍ୟା ସମୟରେ ଅରୁଣ ଦୋକାନରେ ଥିଲେ। ଅନାଦି ଏଭଳି କାଣ୍ଡ ଘଟାଇଥିବାବେଳେ ଅରୁଣ ଘରେ ନ ଥିବାରୁ ଏଥିରୁ ବର୍ତ୍ତି ଯାଇଥିଲେ। ଏହାଛଡ଼ା ଅରୁଣ ଘରେ ଥିଲେ ହୁଏତ ବାପାଙ୍କୁ ଏଭଳି କରିବାକୁ ଦେଇ ନ ଥାନ୍ତେ ବୋଲି ମଧ କୁହାଯାଏ।

### ବାଲିଯାତ୍ରା ବୁଲି ଆସିଥିଲେ କୁନି

ଅନାଦିଙ୍କ ଯୋଗୁ କୁନି ଓ ତାଙ୍କର ୩ ସନ୍ତାନ ମୃତ୍ୟୁ ମୁହଁରେ ପଡ଼ିଥିଲେ। ଏମାନେ ବାଲିଯାତ୍ରା ଦେଖିବାକୁ କଟକ ଆସିଥିବା ଜଣାପଡ଼ିଥିଲା। ଅନାଦିଙ୍କ ପାରିବାରିକ କଳହରୁ ଏଭଳି ଘଟଣା ହୋଇଥିବାବେଳେ ତୁଛାଟାରେ କୁନିଙ୍କ ପରିବାର ସର୍ବସ୍ୱ ହରାଇଥିଲା।

### ଅନିତା ଖୋଲିଥିଲେ ଗୁମର

ଘରେ ନିଆଁ ଓ ଧୁଆଁ ସହ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଅନାଦିଙ୍କ ଘର ଭିତରକୁ ଧସି ପଶିଥିଲେ। ହେଲେ ଏଭଳି ପରିସ୍ଥିତି କେମିତି ହେଲା ତାହା କାହାକୁ ବି ଜଣା ନ ଥିଲା। ଗୁରୁତର ଅବସ୍ଥାରେ ଅନିତା ମେଡ଼ିକାଲରେ ଚିକିତ୍ସିତ ହେଉଥିବାବେଳେ ପୋଲିସ ସମ୍ମୁଖରେ ବାପା ଅନାଦିଙ୍କ କାଣ୍ଡ ସମ୍ପର୍କରେ କହିଥିଲେ।

### ଦ୍ୱିତୀୟ ବିବାହରୁ ବିବାଦ

ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ପରେ ଅନାଦି ଦ୍ୱିତୀୟ ବିବାହ କରିବାକୁ ଇଚ୍ଛା ରଖିଥିଲେ। ଯାହାକୁ ନେଇ ପରିବାରରେ ଅଶାନ୍ତି ଦେଖା ଦେଇଥିଲା ବୋଲି ପୋଲିସର ତଦନ୍ତରୁ ଜଣାପଡ଼ିଥିଲା। ଅନାଦି ଏଭଳି ବୀଭତ୍ସ କାଣ୍ଡ ଘଟାଇବା ପୂର୍ବରୁ ଲେଖିଥିବା ଏକ ସୁଇସାଇଡ୍ ଚିଠି ମଧ ପୋଲିସର ହସ୍ତଗତ ହୋଇଥିଲା।


କଟକ ଚୌଧୁରୀ ବଜାରସ୍ଥିତ ଏକ ଦୋକାନରେ ଗ୍ରାହକ ଗୁଡି କିଣୁଛନ୍ତି।

### କିଶୋରନଗର ମିନିଷ୍ଟାଡିୟମ କାର୍ଯ୍ୟ ଆରମ୍ଭ

**କଟକ ସଦର,୩।୧୨(ଡି.ଏନ୍.ଏ):** କଟକ ସଦର ବ୍ଲକ ଅନ୍ତର୍ଗତ କିଶୋରନଗର ହାଇସ୍କୁଲ ପଡ଼ିଆକୁ ମିନିଷ୍ଟାଡିୟମରେ ପରିଣତ କରିବା ପାଇଁ ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଆବଶ୍ୟକୀୟ ଅର୍ଥ ମଞ୍ଜୁର ପ୍ରଦାନ କରିଛନ୍ତି। ପ୍ରଥମରେ ବିଭାଗ ପକ୍ଷରୁ ୧୦ଲକ୍ଷ ଟଙ୍କା ମଞ୍ଜୁର ହୋଇଛି ବୋଲି ସ୍ଥାନୀୟ ଆଞ୍ଚଳିକ ସ୍ପୋର୍ଟସ ଆଣ୍ଡ ଗେମ ଆସୋସିଏଶନର କର୍ମକର୍ତ୍ତାମାନେ ସୋମବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏହି ପଡ଼ିଆରେ ସ୍ଥାନୀୟ ସ୍କୁଲଗୁଡ଼ିକର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ଜିଲାସ୍ତରୀୟ ଫୁଟବଲ, ଭଲିବଲ, କ୍ରିକେଟ ଟୁର୍ନାମେଣ୍ଟ ଆୟୋଜିତ ହୋଇଆସୁଛି। ତେଣୁ ସ୍ଥାନୀୟ ଲୋକେ ଓ କ୍ରୀଡ଼ା ପ୍ରେମୀଙ୍କର ଦାବିକୁ ଦୃଷ୍ଟିରେ ରଖି କଟକ ସଦର ବିଧାୟକ ତଥା ପୂର୍ବତନ କ୍ରୀଡ଼ା ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଏହାକୁ ମିନି ଷ୍ଟାଡିୟମ ପାଇଁ ୨୦୧୮ରୁ କାର୍ଯ୍ୟ ଆରମ୍ଭ ପାଇଁ ମଞ୍ଜୁର ଦେଇଥିଲେ। ଏଥିପାଇଁ ରାଜସ୍ୱ ବିଭାଗ ୧ ଏକର ୫୦ ଡେସିମିଲ ଜମିର କିସମ ପରିବର୍ତ୍ତନ କରି ଖେଳପଡ଼ିଆରେ ପରିଣତ ପାଇଁ ପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ଆସୋସିଏଶନର ସଭାପତି କାଙ୍ଗାଳିଚରଣ ବେହେରା, ସମ୍ପାଦକ ପ୍ରଶାନ୍ତ କୁମାର ଦାସ ସମ୍ମିଳନୀରେ ସୂଚନା ଦେଇଥିଲେ। ଉପସଭାପତି ମହମ୍ମଦ ଅଫସର, ସେକ ନାସିର ଉଦ୍ଦିନ, ସମିତିସଭ୍ୟା ଇଲାବତୀ ବିଶୋୟୀ, ଦିଲୀପ ମହାନ୍ତି, ଜ୍ଞାନରଞ୍ଜନ ବିଶୋୟୀ ଉପସ୍ଥିତ ଥିଲେ। ଏହି ସ୍ଥାନକୁ ନେଇ କିଶନନଗର ତହସିଲଦାର ସୁଚେତା ମହାପାତ୍ର କୁହନ୍ତି, ଜାଗାର କିସମ ପରିବର୍ତ୍ତନ ପାଇଁ ସୁପାରିସ କରାଯାଇଛି। ଏବେ କେବଳ ଯାହା ଜିଲାପାଳ ନିଷ୍ପତ୍ତି ନେବେ।

## ■ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

# ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ

**କଟକ ଅଫିସ, ୩।୧୨**

ମାଲଗୋଦାମ ଥାନା ଅନ୍ତର୍ଗତ ମହ୍ଲାସାହିର ଏକ ଘରୁ ମଙ୍ଗଳବାର ଅପରାହ୍ଣରେ ପୋଲିସ ଜଣେ ମହିଳାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଥିଲା। ତାଙ୍କ ନାମ ମିକିନା ବେହେରା(୩୨)। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଛି। ହେଲେ ମିକିନାଙ୍କୁ ସ୍ୱାମୀ ଜିତେନ୍ଦ୍ର ବେହେରା ହତ୍ୟା କରିବା ପରେ ଫ୍ୟାନ୍‌ରେ ଝୁଲାଇ ଦେଇଥିବା ତାଙ୍କ ବାପଘର ଲୋକେ ମାଲଗୋଦାମ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଜିତେନ୍ଦ୍ରଙ୍କ ବିରୋଧରେ ଏକ ମାମଲା(ନଂ.୨୪୫/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ପରେ ଜିତେନ୍ଦ୍ର ଫେରାର ହୋଇଯାଇଥିବା ପୋଲିସ ସୂଚନା ଦେଇଛି।

ଅଭିଯୋଗ ଅନୁଯାୟୀ, ୧୨ ବର୍ଷ ତଳେ କଟକ ପାରେଶ୍ୱର ସାହିର ମିକିନା ଓ ଜିତେନ୍ଦ୍ରଙ୍କର ପ୍ରେମ ବିବାହ ହୋଇଥିଲା। ଉଭୟ ନିଜ ୧୧ବର୍ଷର ଝିଅ ସହ ମହ୍ଲାସାହିରେ ଘରଭଡା ନେଇ ରହୁଥିଲେ। ଜିତେନ୍ଦ୍ର ସ୍ଥାନୀୟ ଅଞ୍ଚଳରେ ମାଛ ବ୍ୟବସାୟ କରୁଥିଲେ। ଅନେକ ସମୟରେ ଜିତେନ୍ଦ୍ର ଓ ମିକିନାଙ୍କ ମଧ୍ୟରେ କଳହ ଲାଗୁଥିବା ନେଇ ପଡୋଶୀ କହିଛନ୍ତି। ମଙ୍ଗଳବାର ଉଭୟଙ୍କ ମଧ୍ୟରେ ଭୀଷଣ ଝଗଡା ହୋଇଥିଲା। ଏହା ପରେ ଜିତେନ୍ଦ୍ର ଘରୁ ବାହାରକୁ ଯାଉଥିବା ନେଇ ଘର ମାଲିକ ଦେଖିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଜିତେନ୍ଦ୍ର ଘରକୁ ନ ଫେରିବାରୁ ଘର ମାଲିକଙ୍କ ମନରେ ସନ୍ଦେହ ହୋଇଥିଲା। ସେ ଝରକା ବାଟେ ଦେଖିବାରୁ ମିକିନାଙ୍କ ବେକରେ ଓଢଣି ବନ୍ଧା ହୋଇଥିବାବେଳେ ସେ ଫ୍ୟାନ୍‌ରେ ଝୁଲୁଥିଲେ। ଏ ନେଇ ସେ ସାହି ପଡିଶାଙ୍କୁ ଡାକିବା ସହିତ ମାଲଗୋଦାମ ପୋଲିସକୁ ଖବର ଦେଇଥିଲେ।

## ଦେଶର ଆର୍ଥିକ ବିକାଶରେ ପୋଷ୍ଟାଲର ଭୂମିକା ରହିଛି

**କଟକ ଅଫିସ, ୩।୧୨**

ମହାନଦୀ ବିହାରସ୍ଥିତ ଡାକ ଲେଖା ଭବନଠାରେ ପୋଷ୍ଟାଲ ଅଫିସ୍‌ର ସୁବର୍ଣ୍ଣ ଜୟନ୍ତୀ ପାଳିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଯୋଗଦେଇ କହିଥିଲେ, ଦେଶର ଆର୍ଥିକ ବିକାଶରେ ପୋଷ୍ଟାଲର ଭୂମିକା ରହିଛି। ଦେଶର ଗ୍ରାମରେ ରହୁଥିବା ଲୋକମାନଙ୍କ ବିକାଶରେ ବିଶେଷ ଭାବେ ଏହା ସହାୟକ ହୋଇଥାଏ। ଏଥିରେ ସମ୍ମାନିତ ଅତିଥି ଭାବେ ପୋଷ୍ଟାଲ ସର୍ଭିସ ବୋର୍ଡର ପୂର୍ବତନ ସଦସ୍ୟ ଅଶୋକ କୁମାର ଦାସ, ଅନ୍ୟତମ ଅତିଥି ଭାବେ ଓଡ଼ିଶା ମଣ୍ଡଳର ମୁଖ୍ୟ ପୋଷ୍ଟମାଷ୍ଟର ଜେନେରାଲ ଏସ.କେ. କାମିଲା, ଜି.କେ ପାଢୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସ୍ମରଣିକା 'ସୋଭନିୟର' ଉନ୍ମୋଚିତ ହୋଇଥିଲା। ଏଥିସହ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ ଓ ଅବସରପ୍ରାପ୍ତ ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମେଜର ବି.ପି ଦାସ, ଗଦାଧର ରଥଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଆର.ଏନ. ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ଅଶ୍ଳୀଳ ଭିଡିଓ ଭାଇରାଲ୍: ଯୁବକ ଗିରଫ

**ନିଆଳି,୩।୧୨(ଡି.ଏନ୍.ଏ)**

ଯୁବତୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରିବା ଅଭିଯୋଗରେ ନିଆଳି ପୋଲିସ ଜଣେ ଯୁବକଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ ନିଆଳି ଥାନା ଅନ୍ତର୍ଗତ ଜାହାନପୁର ଗ୍ରାମର ମାନସ ରଞ୍ଜନ ସାହୁ। ଅଭିଯୋଗ ଅନୁଯାୟୀ, ବାଲିପାଟଣା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ମାନସ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଦେଖିବାପରେ ପ୍ରେମ କରିଥିଲେ। ପରେ ବିବାହର ପ୍ରଲୋଭନ ଦେଖାଇ ସେ ତାଙ୍କ ସହ ଅନେକ ସମୟରେ ଶାରୀରିକ ସମ୍ପର୍କ ରଖିଥିଲେ। ଏହି ସମୟର ଦୃଶ୍ୟକୁ ସେ ନିଜ ମୋବାଇଲେ ସୁଟିଂ କରିଥିଲେ। ୧୫ଦିନ ତଳେ ମାନସ ସମ୍ପୃକ୍ତା ଯୁବତୀଙ୍କୁ କୋଣାର୍କ ବୁଲିବାକୁ ଡାକିଥିଲେ। କିନ୍ତୁ ସେ ଯିବାକୁ ମନା କରିଦେବାରୁ ଉକ୍ତ ଭିଡିଓକୁ ଭାଇରାଲ କରିଦେଇଥିଲେ। ଏ ସମ୍ପର୍କରେ ଜାଣିବା ପରେ ଯୁବତୀ ନିଜ ମାବାପା ସହ ମଙ୍ଗଳବାର ମାନସଙ୍କ ଘରକୁ ଆସିଥିଲେ। ମାତ୍ର ମାନସ ଉତ୍ତ୍ୟକ୍ତ ହୋଇ ସେମାନଙ୍କୁ ମାର୍‌ପିଟ୍ କରି ଘରୁ ବାହାର କରି ଦେଇଥିଲେ। ଶେଷରେ ଯୁବତୀ ଜଣକ ମଙ୍ଗଳବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(୩୦୨/୧୯) ରୁଜୁ କରିଥିଲା।

## ସିଏମ୍‌ସି କମିଶନରଙ୍କୁ ଦାବିପତ୍ର

**କଟକ ଅଫିସ, ୩।୧୨**

ବସ୍ତିବାସୀଙ୍କ ବିଭିନ୍ନ ସମସ୍ୟା ନେଇ ବସ୍ତିବାସୀଙ୍କ ଏକତାମଞ୍ଚ ପକ୍ଷରୁ ମଙ୍ଗଳବାର କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ଅନନ୍ୟା ଦାସଙ୍କୁ ଏକ ଦାବି ପ୍ରଦାନ କରାଯାଇଛି। ବିଭିନ୍ନ ଅଞ୍ଚଳର ଦଳିତ, ଆଦିବାସୀ ଓ ସଂଖ୍ୟାଲଘୁ ଗରିବ ତେଲୁଗୁ ବସ୍ତିଗୁଡ଼ିକ ଯାହା ସରକାରୀ ମାନ୍ୟତା ପାଇଛି ତାକୁ ବାଦ୍ ଦେଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ପାଇଁ ହିତାଧିକାରୀ ଚିହ୍ନଟ କରାଯାଉଛି। ଏହା ବସ୍ତି ଆଇନର ବିରୁଦ୍ଧାଚରଣ ବୋଲି ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି। ଏଣୁ ସରକାରୀ ମାନ୍ୟତା ଥିବା ବସ୍ତିବାସିନ୍ଦାଙ୍କୁ ଅଗ୍ରାଧିକାର ଭିତ୍ତିରେ ଚିହ୍ନଟ କରିବା, ଜଗତ୍‌ପୁର ଓ ଗୋପାଳପୁରଠାରୁ କାଜିପାଟଣା ପର୍ଯ୍ୟନ୍ତ ଚିହ୍ନଟ ହିତାଧିକାରୀଙ୍କୁ ପୌର ନିର୍ବାଚନ ପୂର୍ବରୁ ବାସଗୃହ ନିମନ୍ତେ ପ୍ରଶାସନ ପକ୍ଷରୁ ଚିଠି ପ୍ରଦାନ କରାଯାଉ ବୋଲି ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଯଦି ଏହି ଦାବି ପୂରଣ ନ କରାଯାଏ ତେବେ ସିଏମ୍‌ସି କାର୍ଯ୍ୟାଳୟ ଘୋରାଉ କରାଯିବ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି।



ବାଖରାବାଦସ୍ଥିତ ଗାନ୍ଧୀ ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ରମାଦେବୀଙ୍କ ଜୟନ୍ତୀ ପାଳିତ

**କଟକ ଅଫିସ, ୩।୧୨:** କଟକ ସ୍ଥିତ ଗାନ୍ଧୀ ଭବନଠାରେ ସ୍ୱାଧୀନତା ସଂଗ୍ରାମୀ ରମା ଦେବୀଙ୍କ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ସାମାଜିକ କର୍ମୀ ମନୋରମା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାସଭାରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଭାଗବତ ଶୁକ୍ଳା, ମୁଖ୍ୟବକ୍ତା ଭାବେ ଲେଖିକା ମମତା ମହାପାତ୍ର ଯୋଗଦେଇଥିଲେ। ଶିକ୍ଷାବିତ୍ ପାବକ କାନୁନଗୋ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସୀତା ସାହୁ, ଯୋଗମାୟା ପଟ୍ଟନାୟକ, ଡ. ସୌଦାମିନୀ ନାୟକ ଉପସ୍ଥିତ ଥିଲେ। ନମିତା ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଭିନ୍ନକ୍ଷମମାନେ ସ୍ୱତନ୍ତ୍ର କ୍ଷମତାର ଅଧିକାରୀ

**କଟକ ଅଫିସ, ୩।୧୨**

ଭିନ୍ନକ୍ଷମମାନେ ସ୍ୱତନ୍ତ୍ର କ୍ଷମତାର ଅଧିକାରୀ। ସେମାନଙ୍କ ଭିତରେ ଥିବା ଅନ୍ତର୍ନିହିତ ଏହି କ୍ଷମତାର ବିକାଶ ପାଇଁ ସାମୂହିକ ପ୍ରୟାସ ଆବଶ୍ୟକ ବୋଲି ମଙ୍ଗଳବାର ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଯୋଗଦେଇ ଏହା କହିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ସିଡିଏସ୍ଥିତ ଆଶ୍ରୟ ଦି ସେଲ୍ଟର ଅନୁଷ୍ଠାନ ପରିସରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ଏସ୍‌ସିବି ମେଡିକାଲ ମାନସିକ ରୋଗ ବିଭାଗର ନିର୍ଦ୍ଦେଶକ ପ୍ରଫେସର ଡା. ଶାରଦା ପ୍ରସନ୍ନ ସ୍ୱାଇଁ କହିଥିଲେ, ଭିନ୍ନକ୍ଷମମାନଙ୍କୁ ସକ୍ଷମ କରିବା ନିମନ୍ତେ ସାମୁହିକ ପ୍ରଚେଷ୍ଟା ଓ ଉଚ୍ଚ ମାନସିକତାର ଆବଶ୍ୟକତା ରହିଛି। ଏଥିରେ ଅନ୍ୟତମ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା, ଆଶ୍ରୟ ଦି ସେଲ୍ଟରର ଅନ୍ୟତମ ଉପଦେଷ୍ଟା ଡ. ସତ୍ୟ ରାୟ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ ମିଶ୍ର, ରମାଦେବୀ ଶିଶୁ ବିହାର ସମ୍ପାଦିକା କୁମ୍‌କୁମ୍ ବୋଷ, ପୂର୍ବତନ ପ୍ରଶାସନିକ ଅଧିକାରୀ ବଂଶୀଧର ରାଉତ ଯୋଗଦେଇଥିଲେ। ଆଶ୍ରୟ ଦି ସେଲ୍ଟରର ସମ୍ପାଦିକା ସୁଜାତା ପଟ୍ଟନାୟକ ସ୍ୱାଗତ ଭାଷଣ, ସୁଚେତା ଜେନା କାର୍ଯ୍ୟକ୍ରମ ସଂଯୋଜନା ଓ ଅଶ୍ୱିନୀ ହରିଚନ୍ଦନ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



ବିଶ୍ୱ ଭିନ୍ନକ୍ଷମ ଦିବସ ଅବସରରେ ଆଶ୍ରୟ ଦି ସେଲ୍ଟରର ନିକଟରୁ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ନେଇ ବାହାରିଥିବା ଶୋଭାଯାତ୍ରା।

## ■ କାଳ ସାଜିଛି ରଙ୍ଗ୍ ସାଇଡ୍ ଡ୍ରାଇଭିଂ

# ଟୁଇନ୍ ସିଟିରେ ୨୦୦ ସ୍ଥାନ ଚିହ୍ନଟ

**ଭୁବନେଶ୍ୱର,୩।୧୨(ବ୍ୟୁରୋ)**

ରଙ୍ଗ୍ ସାଇଡ୍ ଡ୍ରାଇଭିଂ ଯୋଗୁ ଅଧିକାଂଶ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଡିସେମ୍ବର ୧ରୁ ରାଜ୍ୟରେ ନୂଆ ମୋଟର ଯାନ ଆଇନକୁ କଡ଼ାକଡ଼ି କରାଯାଇଥିବାବେଳେ ୧୦ ଟ୍ରାଫିକ ନିୟମ ଉଲ୍ଲଂଘନକାରୀ ଧରପଗଡ଼ ଚାଲିଛି। ତେବେ କଟକ ଓ ଭୁବନେଶ୍ୱର ଟୁଇନ୍‌ସିଟିରେ ହେଲ୍‌ମେଟ, ସିଟ୍‌ବେଲ୍ଟ, ବାଇକରେ ୩ଜଣ ବସିଯିବା ଓ ରଙ୍ଗ୍ ସାଇଡ୍ ଗାଡ଼ି ଚାଳନାକୁ ଗୁରୁତ୍ୱର ସହ ନେଇ ଯାଞ୍ଚ ଚାଲିଛି। ତେବେ କମିଶନରେଟ ପୋଲିସ ପାଇଁ ଏବେ ରଙ୍ଗ୍ ସାଇଡ୍ ଡ୍ରାଇଭିଂ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଟୁଇନ୍ ସିଟିରେ ୨ଶହ ସ୍ଥାନ ଚିହ୍ନଟ କରାଯାଇଥିବାବେଳେ ୬୦ଟି ଅତି ସମ୍ବେଦନଶୀଳ ରହିଛି। ଏସବୁ ରଙ୍ଗ୍‌ସାଇଡ୍ ପଏଣ୍ଟ ଗୁଡିକରେ ଟ୍ରାଫିକ ୱିଙ୍ଗ୍ ପକ୍ଷରୁ କର୍ମଚାରୀ ନିୟୋଜିତ କରାଯିବାକୁ ଯୋଜନା କରାଯାଉଛି ବୋଲି ଟ୍ରାଫିକ ଡିସିପି ସାଗରିକା ନାଥ ସୂଚନା ଦେଇଛନ୍ତି।

ମଙ୍ଗଳବାର ଟ୍ରାଫିକ ଡିସିପି ନାଥ ନିଜେ ବିଭିନ୍ନ ଛକରେ ରହି ରଙ୍ଗ୍ ସାଇଡ୍ ଗାଡ଼ି ଚାଳନା ଯାଞ୍ଚ କରିଥିଲେ। ଭୁବନେଶ୍ୱର ସିଟି ଓମେନ୍ସ କଲେଜ ଛକ ନିକଟରେ ରଙ୍ଗ୍ ସାଇଡ୍‌ରେ ଗାଡ଼ି ନେଇ ଆସୁଥିବା ଲୋକଙ୍କୁ ପାଠପଢ଼ାଇବା ସହ ଜରିମାନା କରିଥିଲେ। ନିଆରା ଢଙ୍ଗରେ ପୁଅ ଜରିଆରେ ଜଣେ ମା'କୁ ବୁଝାଇଲେ। ମା' ଜଣକ ନିଜ ପୁଅକୁ ସ୍କୁଲ୍‌ରୁ ସ୍କୁଟିରେ ବସାଇ ରଙ୍ଗ୍ ସାଇଡ୍‌ରେ ଯାଉଥିବାବେଳେ ଟ୍ରାଫିକ ଡିସିପିଙ୍କ ହାବୁଡ଼ରେ ପଡିଯାଇଥିଲେ। ଡିସିପି ନାଥ ଉକ୍ତ ମା'ଙ୍କ ବଦଳରେ ପ୍ରଥମେ ତାଙ୍କ ୫ବର୍ଷର ପୁଅକୁ ବୁଝାଇଥିଲେ। ତୁମ ପାଇଁ ହେଲମେଟ୍ ଆଣିବା ସହ ରଙ୍ଗ୍ ସାଇଡ୍‌ରେ ଗାଡି ଚାଳନା ନ କରିବା ଲାଗି ମା'ଙ୍କୁ କହିବାକୁ କୁନି ପୁଅକୁ କହିଥିଲେ।

■ ୬୦ ଅତି ସମ୍ବେଦନଶୀଳ
■ ଯାଞ୍ଚ କଲେ ଟ୍ରାଫିକ ଡିସିପି
■ ନିଆରା ଢଙ୍ଗରେ ପୁଅ ଜରିଆରେ ମା'କୁ ବୁଝାଇଲେ

### ୩ ଦିନରେ ଧରାହେଲେଣି ୧୫ଶହ ଉଲ୍ଲଂଘନକାରୀ

୩ ଦିନରେ କଟକ-ଭୁବନଶ୍ୱେରରେ ୧୫ଶହ ନିୟମ ଉଲ୍ଲଂଘନକାରୀ ଗାଡ଼ି ଚାଳକ ଧରାପଡିଛନ୍ତି। କେତେଜଣଙ୍କଠାରୁ ଜରିମାନା ଆଦାୟ କରାଯାଇଥିବାବେଳେ ଯେଉଁମାନେ ଦେଇପାରି ନାହାନ୍ତି ସେମାନଙ୍କ ନିକଟକୁ ଚାଲାଣ ପଠାଯାଇଥିବା ଟ୍ରାଫିକ ଡିସିପି ସାଗରିକା ନାଥ ସୂଚନା ଦେଇଛନ୍ତି। ମଙ୍ଗଳବାର ମଧ ରାଜଧାନୀର ୨୩ ସ୍ଥାନରେ ଯାଞ୍ଚ କରାଯାଇଥିଲା। ଅନ୍ୟପକ୍ଷରେ କଟକରେ ଜଣେ କାର ଚାଳକଙ୍କୁ ହେଲମେଟ୍ ପିନ୍ଧି ନ ଥିବା ଦର୍ଶାଇ ଚାଲାଣ କଟାଯାଇଥିବା ନେଇ ହୋଇଥିବା ଅଭିଯୋଗର ଉତ୍ତର ରଖିଛନ୍ତି ଡିସିପି ନାଥ। ସେ କହିଛନ୍ତି, ଏହାକୁ ପୋଲିସର ଭୁଲ୍ ବୋଲି କୁହାଯାଇପାରିବ ନାହିଁ। କାରଣ ଯେଉଁ ବାଇକ୍ ଚାଳକ ଜଣକ ହେଲ୍‌ମେଟ୍ ପିନ୍ଧି ନ ଥିଲେ, ସେ ତାଙ୍କ ବାଇକ୍‌ରେ କାର୍ ନମ୍ବର ବ୍ୟବହାର କରିଥିବା ଜଣାପଡିଛି। ଉକ୍ତ ନମ୍ବର ଆଧାରରେ ଚାଲାଣ କଟାଯାଇଛି। ଏନେଇ ତଦନ୍ତ ଚାଲିଛି। ରିପୋର୍ଟ ମିଳିବା ପରେ ସବୁକିଛି ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଟ୍ରେନ୍‌ରେ କଟି ଅଚିହ୍ନା ବୃଦ୍ଧଙ୍କ ମୃତ୍ୟୁ

ନିରାକାରପୁର,୩।୧୨(ଡି.ଏନ.ଏ.)- ଟ୍ରେନରେ କଟି ମଙ୍ଗଳବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ତାଙ୍କର ପରିଚୟ ମିଳି ପାରି ନାହିଁ। ମୃତଦେହକୁ ନିରାକାରପୁର ରେଲବାଇ ଫାଣ୍ଡି ପୋଲିସ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ସରକାରୀ ମେଡିକାଲକୁ ପଠାଇଥିଲା। ଏନେଇ ଫାଣ୍ଡି ପକ୍ଷରୁ ୯୪/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଶବ ବ୍ୟବଚ୍ଛେଦ ପରେ ଚିହ୍ନଟ ହୋଇପାରିନଥିବାରୁ ମୃତକଙ୍କୁ ୭୨ଘଣ୍ଟା ପାଇଁ ଫ୍ରିଜରରେ ରଖା ଯାଇଛି ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ବୃଦ୍ଧ ଜଣକ କୌଣସି ଚଳନ୍ତା ଟ୍ରେନ୍‌ରୁ ଖସି ଯାଇ ମୃତ୍ୟୁ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। ତାଙ୍କର ଆନୁମାନିକ ବୟସ ପ୍ରାୟ ୭୦ହେବ। ସେ ବାଲୁଗାଁ ଷ୍ଟେଶନର କିଛି ଦୂରରେ ଅପ୍ ଲାଇନ୍ ଖମ୍ବ ନଂ-୫୨୫/୧୮-୨୦ପାଖରେ ପଡିଥିଲେ ବୋଲି ପୋଲିସ ସୂଚନା ଦେଇଛି।

### ଡେଙ୍ଗୁରେ ଜଣେ ଆକ୍ରାନ୍ତ

ଖୋର୍ଦ୍ଧା ଅଫିସ/ ବୋଲଗଡ, ୩।୧୨(ଡି.ଏନ୍.ଏ.):ଖୋର୍ଦ୍ଧା ଜିଲା ବୋଲଗଡ ବ୍ଲକ କଡବ ପଞ୍ଚାୟତ ଚଟୁଆ ଗାଁର ଲୋକନାଥ ବାରିକ(୫୯) ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କୁ ଜ୍ୱର ହୋଇଥିଲା। ଜ୍ୱର ଭଲ ନ ହେବାରୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ଜ୍ୱର ଭଲ ନ ହେବାରୁ ଭୁବନେଶ୍ୱର ସ୍ଥାନାନ୍ତର ହୋଇଥିଲେ। ତେବେ ଭୁବନେଶ୍ୱରରେ ପରୀକ୍ଷଣ ପରେ ଡେଙ୍ଗୁ ରୋଗରେ ଆକାନ୍ତ ଥିବାର ଜଣାପଡିଛି। ଏ ନେଇ ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ବଳଭଦ୍ର ବେହେରା କୁହନ୍ତି, ବୁଧବାର ଛଟୁଆ ଗାଁରେ ଡେଙ୍ଗୁ ସଚେତନତା କରାଯିବ। ଡେଙ୍ଗୁ ସମ୍ପର୍କରେ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

### ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ

ବୋଲଗଡ଼,୩।୧୨(ଡି.ଏନ.ଏ.): ବୋଲଗଡ଼ ବ୍ଲକ ସାଗରଗାଁଠାରେ ମଙ୍ଗଳବାର ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଅଲଟ୍ରା ଅନ୍ଧ ମୂକ ବଧିର ଭିନ୍ନକ୍ଷମ ବିଦ୍ୟାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପୋଲିସ କମିଶନର ଅରୂପ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ କୁମାର ପଟ୍ଟନାୟକ, ଶିକ୍ଷାବିତ୍ କୈଳାସ ଚନ୍ଦ୍ର ସାହୁ, ସାମାଜିକ କର୍ମୀ ଶରତ ଜୟସିଂହ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ସମ୍ପାଦକ ବ୍ରହ୍ମଚାରୀ ରାୟ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରେ ଭିନ୍ନକ୍ଷମ ପିଲାମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।
(ଫଟୋ-ଜଣେ ଭିନ୍ନକ୍ଷମ ଶିଶୁଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରୁଛନ୍ତି।

### ପୁରୀ ସାରସ୍ୱତ ସଂଘର ଜଟଣୀ ଶାଖାର ରୌପ୍ୟ ଜୟନ୍ତୀ ଉତ୍ସବ



ଜଟଣୀ,୩।୧୨(ଡି.ଏନ.ଏ.): ଶ୍ରୀଠାକୁର ନିଗମାନନ୍ଦ ସରସ୍ୱତୀ ଦେବଙ୍କ ପ୍ରତିଷ୍ଠିତ ପୁରୀ ସାରସ୍ୱତ ସଂଘ ଅନ୍ତର୍ଗତ ଜଟଣୀ ଶାଖାର ରୌପ୍ୟ ଜୟନ୍ତୀ ଉତ୍ସବ ପାଳିତ ହୋଇଛି। ଏଥିସହ ପିପିଲି-ଖୋର୍ଦ୍ଧା ଆଞ୍ଚଳିକ ସଂଘର ବାର୍ଷିକ ଉତ୍ସବ ଜଟଣୀ ବିଶ୍ୱନାଥ କଲୋନୀସ୍ଥିତ ଆସନ ମନ୍ଦିରରେ ରବିବାର ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଷୋଡ଼ଶ ଉପଚାର, ପ୍ରାର୍ଥନା, ବନ୍ଦନା, ପ୍ରାର୍ଥନା ସଭା ଆଦି ଆୟୋଜିତ ହୋଇଥିଲା। ଅନୁଷ୍ଠିତ ବିଭିନ୍ନ ଅଧିବେଶନରେ ସ୍ୱାମୀ ସତ୍ୟାନନ୍ଦ ଦାସ, ଶିକ୍ଷାବିତ ବୀରେନ୍ଦ୍ର କୁମାର ପଣ୍ଡା, ଡ. ଶାନ୍ତନୁ ରଥ, ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ପ୍ରମୁଖ ଯୋଗଦେଇ ଆଦର୍ଶ ଗୃହସ୍ଥ ଜୀବନ ଓ ସଂଘ ଶକ୍ତିର ପ୍ରତିଷ୍ଠା ଉପରେ ମତ ରଖିଥିଲେ। ଏଥିସହ ଆଧାତ୍ମିକ ଜୀବନ ଗଠନ ନେଇ ଭାବ ବିନିମୟ କରିଥିଲେ। ପୁରୀ ନୀଳାଚଳ ସାରସ୍ୱତ ସଂଘର ସଭାପତି ଗଗନେନ୍ଦ୍ର ମହାପାତ୍ର, ପିପିଲି-ଖୋର୍ଦ୍ଧା ଆଞ୍ଚଳିକ ସଂଘ ସଭାପତି ବାଞ୍ଛାନିଧି ମିଶ୍ର, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବାରିକ, ଜଟଣୀ ଶାଖା ସଭାପତି ଚତୁର୍ଭୁଜ ରାଉଳ, ସମ୍ପାଦକ ଧରଣୀଧର ପତି ଓ ଅନ୍ୟ ସଦସ୍ୟଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

■ଜିଲା କୃଷିନୀତି ନିର୍ଦ୍ଧାରଣ କମିଟି ବୈଠକ

# ୬୩,୨୧୫ ହେକ୍ଟର ଜମିରେ ହେବ ରବି ଫସଲ

**ଖୋର୍ଦ୍ଧା ଅଫିସ,୩।୧୨:**

ଭୁବନେଶ୍ୱର ସର୍କିଟ ହାଉସରେ ମଙ୍ଗଳବାର ସନ୍ଧ୍ୟାରେ ଜିଲା କୃଷି ନୀତି ନିର୍ଦ୍ଧାରଣ କମିଟି ବୈଠକ ଜିଲାପାଳ ସିତାଂଶୁ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରବି ଫସଲ ଖସଡା ପ୍ରସ୍ତୁତି କରାଯାଇ ଅଧିକ ଅମଳକ୍ଷମ ଧାନ ୧୭୦୦ ହେକ୍ଟର, ଶଙ୍କର କିସମ ମକା ୧୫୦ହେକ୍ଟର କରାଯିବାକୁ ଟାର୍ଗେଟ ରହିଛି। ସେହିଭଳି ଡାଲି ଜାତୀୟ ଶଷ୍ୟ ୫୦ ହଜାର ୧୦୦ ହେକ୍ଟର, ତୈଳବୀଜ ୨୨୫୦ ହେକ୍ଟର, ପନିପରିବା ୭୩୪୦ ହେକ୍ଟର, ଆଖୁ ୨୫୦ ହେକ୍ଟର, ମସଲା ଜାତୀୟ ଚାଷ ୧୪୨୫ ହେକ୍ଟର ଏପରି ମୋଟରେ ୬୩,୨୧୫ ହେକ୍ଟର ଜମିରେ ରବି ଫସଲ ହେବ। ରବି ଫସଲ ପାଇଁ ଜଳସେଚନର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ଜିଲାରେ ୨୦,୫୬୫ ହେକ୍ଟର ଜମିରେ ଜଳ ମାଡିବାର ଟାର୍ଗେଟ ରହିଛି। ରବି ଫସଲ ପାଇଁ ୧୦୦ କୁଇଣ୍ଟାଲ ଧାନ, ୪୦୦ କୁଇଣ୍ଟାଲ ମୁଗ, ୩୫୦ କୁଇଣ୍ଟାଲ ବିରି, ୨୦୦ କୁଇଣ୍ଟାଲ ଚିନାବାଦାମ, ୭.୫୦ ହେକ୍ଟର ରାଶି, ୧୧ ହେକ୍ଟର ସୂର୍ଯ୍ୟମୁଖୀ ଫସଲ ପାଇଁ ମୋଟରେ ୧୦୭୦ . ୫ କୁଇଣ୍ଟାଲ ବିହନ ସରକାରଙ୍କଠାରୁ ଅଣାଯିବ।



ଅନୁଷ୍ଠିତ ବୈଠକରେ ପ୍ରଶାସନିକ ଅଧିକାରୀମାନେ।

**୬୬, ୬୦୦ ଚାଷୀଙ୍କୁ ୨୮୫ କୋଟି ଟଙ୍କା ଋଣ**

ଚାଷୀଙ୍କୁ ପ୍ରୋତ୍ସାହନ ପାଇଁ ସମବାୟ ବ୍ୟାଙ୍କ ମାଧ୍ୟମରେ ଖୋର୍ଦ୍ଧା ବ୍ଲକ ପାଇଁ ୨୮ କୋଟି, ବେଗୁନିଆକୁ ୪୩ କୋଟି, ବୋଲଗଡକୁ ୨୬ କୋଟି, ଟାଙ୍ଗୀକୁ ୫୮ କୋଟି, ଚିଲିକାକୁ ୩୦ କୋଟି, ବାଣପୁରକୁ ୩୦ କୋଟି, ଭୁବନେଶ୍ୱର ଓ ଜଟଣୀ ବ୍ଲକ ପାଇଁ ୧୦ କୋଟି ଲେଖାଏ, ବାଲିଅନ୍ତା ପାଇଁ ୨୪ କୋଟି ଓ ବାଲିପାଟଣାକୁ ୨୬ କୋଟି ଟଙ୍କା ଏପରି ୬୬, ୬୦୦ ଚାଷୀଙ୍କୁ ୨୮୫ କୋଟି ଟଙ୍କା ଋଣ ଦେବାର ବ୍ୟବସ୍ଥା ହୋଇଛି। ଚଳିତବର୍ଷ ହେକ୍ଟର ପିଛା ରାସାୟନିକ ସାର ୪୯୨.୭୯ କିଗ୍ରା ବ୍ୟବହାର କରାଯିବାକୁ ଲକ୍ଷ୍ୟ ରହିଛି। ଗତବର୍ଷ ଏହା ୪୨୭.୮୫ କିଗ୍ରା ହେକ୍ଟର ପିଛା ଥିଲା। ଜାତୀୟ ଖାଦ୍ୟ ନିରାପତ୍ତା ମିଶନ(ଡାଲି ଜାତୀୟ)ରେ ୧୧୦୦ ହେକ୍ଟର କ୍ଷେତ୍ର ପ୍ରଦର୍ଶନ ହେବ। ଜାତୀୟ ଖାଦ୍ୟ ନିରାପତ୍ତା ମିଶନ (ତୈଳ ବୀଜ)ରେ ୨୫୦ ହେକ୍ଟର ଚିନାବାଦାମ, ରାଶୀ ଓ ସୂର୍ଯ୍ୟମୁଖୀ ଫସଲ କରାଯିବାକୁ ସ୍ଥିର ହୋଇଛି। ଏତଦ୍‌ବ୍ୟତୀତ ୫୦୦ ଗୋଟି ଚିନାବାଦାମ ମିନିକିଟ୍ ଚାଷ କରିବା ଲାଗି ବିହନ ଯୋଗାଣର ବ୍ୟବସ୍ଥା ଅଛି। ଏଥିରେ ଭୁବନେଶ୍ୱର ଅତିରିକ୍ତ ଜିଲାପାଳ ଅରୁଣ କୁମାର ବେହେରା, ଜିଲା ମୁଖ୍ୟ କୃଷି ଅଧିକାରୀ ଭାସ୍କର ବାରିକ, ସମବାୟ ସମିତିର ଉପନିବନ୍ଧକ ରୋଜାଲିନ ସେନାପତି, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବାସ ମିଶ୍ର, ଖୋର୍ଦ୍ଧା, ଟାଙ୍ଗୀ ଓ ଭୁବନେଶ୍ୱର କୃଷି ଜିଲା ଅଧିକାରୀ, ନାବାର୍ଡ ଡିଜିଏମ୍, ଜଳସେଚନ, ଉଠା ଜଳସେଚନ ଓ ମଧ୍ୟମ ଜଳସେଚନର ନିର୍ବାହୀ ଯନ୍ତ୍ରୀ, ଜଳ ବିଭାଜିକାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରମୁଖ ଯୋଗ ଦେଇଥିଲେ।

■ଗଗନ କାଳିଆ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ

# ରାଇଜିଂ ଷ୍ଟାର, ମଞ୍ଚେଶ୍ୱର କ୍ରିକେଟ କ୍ଲବ ସେମିରେ

**ଖୋର୍ଦ୍ଧା ଅଫିସ,୩।୧୨:**

ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଖେଳପଡିଆରେ ଚାଲିଥିବା ଗଗନ କାଳିଆ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ଦୁଇଟି କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚରେ ବୈଦେଶ୍ୱରର ଦିଶା କ୍ଲବକୁ ୨୪ ରନରେ ହରାଇ ରାଇଜିଂ ଷ୍ଟାର କୁମାରବସ୍ତ ବିଜୟୀ ହୋଇଛି। ୨ୟ ମ୍ୟାଚରେ ଡ୍ରିମବଏ ଭାଲିଆବାଡିକୁ ୭ ଉଇକେଟରେ ହରାଇ ମଞ୍ଚେଶ୍ୱର କ୍ରିକେଟ କ୍ଲବ ଭୁବନେଶ୍ୱର ୪ର୍ଥ ଦଳ ଭାବେ ସେମିରେ ପ୍ରବେଶ କରିଛି। ପ୍ରଥମ ମ୍ୟାଚରେ କୁମାରବସ୍ତ ଦଳ ଟସ୍‌ରେ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୧୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୫୬ରନ କରିଥିଲା। ଜବାବରେ ବୈଦେଶ୍ୱର ଦଳ ୧୯.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୩୨ରନ କରିବାକୁ ସକ୍ଷମ ହୋଇଥିଲେ। ଫଳରେ ବୈଦେଶ୍ୱର ଦଳ ୨୪ ରନରେ ପରାଜିତ ହୋଇଥିଲେ। ଭଲ ଖେଳ ପ୍ରଦର୍ଶନ କରିଥିବା ଅନିଲ ମହାପାତ୍ରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ୨ୟ ମ୍ୟାଚରେ ଡ୍ରିମବଏ ଭାଲିଆବାଡି ଦଳ ଟସ୍‌ରେ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୫୬ରନ କରିଥିଲା। ଜବାବରେ ମଞ୍ଚେଶ୍ୱର ଦଳ ୧୧ ଓଭରରେ ୩ଟି ଉଇକେଟ ହରାଇ ଆବଶ୍ୟକ ୧୫୭ ରନ କରି ମ୍ୟାଚକୁ ୭ ଉଇକେଟରେ ଜିତି ନେଇଥିଲା। ଦଳ ପକ୍ଷରୁ ଦୁଷ୍ମନ୍ତ ସାମନ୍ତରାୟ ଭଲ ଖେଳି ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ। ମ୍ୟାଚକୁ ପ୍ରକାଶ ପଟ୍ଟନାୟକ, ଦୁର୍ଯ୍ୟୋଧନ ପରିଡା ଓ ସରୋଜ ବରାଳ ପରିଚାଳନା କରିଥିବାବେଳେ, ସ୍କୋରରେ ବିଶ୍ୱବିହାରୀ ସ୍ୱାଇଁ ଓ ଅଭିଶେଷ ପାଟଶାଣୀ ସହାୟତା କରିଥିଲେ।

■ଭିନ୍ନକ୍ଷମ ହୋଇ ସକ୍ଷମ

# ହାତ ପାପୁଲି ନ ଥାଇ ସମରକଳାରେ କୃତିତ୍ୱ



ଭିନ୍ନକ୍ଷମ ଜଗନ୍ନାଥଙ୍କ ପାଇକ ଖେଳ।

**ଖୋର୍ଦ୍ଧା ଅଫିସ/ବେଗୁନିଆ, ୩।୧୨(ଡି.ଏନ୍.ଏ.):**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଗଡଗୁଡୁମ୍ ଗାଁର ଜଗନ୍ନାଥ ମହାପାତ୍ର(୧୫)। ଜନ୍ମରୁ ଦୁଇ ହାତର ପାପୁଲି ନାହିଁ। ତେବେ ଏଇଥିପାଇଁ ଜଗନ୍ନାଥଙ୍କ କେବେ ମନଦୁଃଖ ନାହିଁ। ଭିନ୍ନକ୍ଷମ ହୋଇ ବି ସେ ସକ୍ଷମ। ତାଙ୍କ ଆଗରେ ସତେ ଯେପରି ଅକ୍ଷମତା ହାର ମାନିଛି। ହାତ ପାପୁଲି ନ ଥାଇ ନିଜକୁ ଜଣେ ଶ୍ରେଷ୍ଠ ପାଇକ ବୋଲି ପରିଚୟ ଦେଇ ସମରକଳାରେ କୃତିତ୍ୱ ହାସଲ କରିଛନ୍ତି। ସେହିପରି ଭଲ କ୍ରିକେଟ ଖେଳୁଛନ୍ତି। କ୍ରିକେଟ ଖେଳରେ ନିଜ ଓ ଗାଁର ଟେକ କିପରି ରଖି ପାରିବେ ସେନେଇ ଉଦ୍ୟମ ଜାରି ରଖିଛନ୍ତି। ଜଗନ୍ନାଥ ଗାଁର ପତିତପାବନ ଉଚ୍ଚ ବିଦ୍ୟାଳୟରେ ୧୦ମ ଶ୍ରେଣୀରେ ପାଠ ପଢୁଛନ୍ତି। ପ୍ରତିଦିନ ସ୍କୁଲକୁ ସାଇକେଲ ଚଳାଇ ଯାତାୟାତ କରନ୍ତି। ପାଇକ ଖେଳ ପ୍ରତି ଆଗ୍ରହ ପରେ ସେ ପାଇକ ଖେଳ ଶିଖିଥିଲେ। ଖୋର୍ଦ୍ଧା ପାଇକ ମହାସଂଘର ସହସମ୍ପାଦକ ସମୀର ସୁନ୍ଦରାୟ ଜଗନ୍ନାଥଙ୍କ ଆଗ୍ରହ ଦେଖି ଖେଳ ଶିଖାଇଥିଲେ। ଏବେ ଜଗନ୍ନାଥ ଗୁରୁଙ୍କର ଜଣେ ଭଲ ଶିଷ୍ୟ ରୂପେ ପରିଚିତ। ରାଜ୍ୟର ବିଭିନ୍ନ ସ୍ଥାନରେ ହେଉଥିବା ପାଇକ ଆଖଡାରେ ନିଜର କଳା ନୈପୁଣ୍ୟର ପରିଚୟ ଦେଇ ଜଗନ୍ନାଥ ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛନ୍ତି। ଏ ନେଇ ନିରଞ୍ଜନ ମହାପାତ୍ର କୁହନ୍ତି, ଜଗନ୍ନାଥ ମୋର ସାନପୁଅ। ଜନ୍ମ ସମୟରେ ହାତ ପାପୁଲି ନ ଥିବା ଦୁଃଖଦ ପରିସ୍ଥିତି ସୃଷ୍ଟି କରିଥିଲା। ପରେ କିନ୍ତୁ ମୋ ସାନପୁଅ ନ ହେବା କାମ ଦେଖାଇ ଲୋକଙ୍କୁ ଆଶ୍ଚର୍ଯ୍ୟ କରି ଗାଁ ପାଇଁ ଗର୍ବ ଆଣୁଛି।

■ଐତିହ୍ୟ ପ୍ରାଚୀନ ସହର ଜଟଣୀ

# ସୂଚନା ପାଇଁ ନାହିଁ ନାମଫଳକ

**ଜଟଣୀ,୩।୧୨(ଡି.ଏନ.ଏ.):**

ଜଟଣୀରେ କେନ୍ଦ୍ର, ରାଜ୍ୟ ଓ ଘରୋଇ ସଂସ୍ଥାର ରହିଛି ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ। ଫଳରେ ବିଭିନ୍ନ କାର୍ଯ୍ୟ ନେଇ ରାଜ୍ୟ ଓ ଦେଶର ବିଭିନ୍ନ ଅଞ୍ଚଳରୁ ଦୈନିକ ଅନେକ ଲୋକ ସଡ଼କ ଓ ରେଳପଥରେ ଏଠାକୁ ଆସିଥାନ୍ତି। ଜଟଣୀ ସହର ଓ ଆଖପାଖ ଅଞ୍ଚଳରେ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବ୍ୟତୀତ ଆଇଆଇଟି, ନାଇଜର, ଫାଟୁଆ ଗବେଷଣା କେନ୍ଦ୍ର ସମେତ ଅଗ୍ରଣୀ ଶିକ୍ଷାନୁଷ୍ଠାନମାନ ଏଠାରେ ରହିଛି। ହେଲେ ଏହିସବୁ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନକୁ ଯିବାକୁ କୌଣସିଠାରେ ତୀର ଚିହ୍ନଥିବା ନାମଫଳକ ମରାଯାଇନାହିଁ। ଏହାଦ୍ୱାରା ବାହାରୁ ଆସୁଥିବା ଲୋକେ ଦୈନିକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବେଳେ ବେଳେ ଲୋକେ ଅସାମାଜିକ ବ୍ୟକ୍ତିମାନଙ୍କ ହାବୁଡରେ ପଡି ବାଟବଣା ହୋଇ ଲୁଟ୍‌ପାଟର ଶିକାର ହେଉଛନ୍ତି। ୧୬ ନଂ. ଜାତୀୟ ରାଜପଥରୁ ଜଟଣୀ ସହର ମଧ୍ୟକୁ ପ୍ରବେଶ ପାଇଁ ନାମଫଳକ ନ ଥିବାରୁ ପୂର୍ବରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଅନେକ ସମୟରେ ସହରର ଏହି ପ୍ରବେଶପଥ ଅତିକ୍ରମ କରି ଆଗକୁ ବହୁ ପଥ ଚାଲିଯାଉଥିଲେ। ସ୍ୱର୍ଗତ ଶରତ ପାଇକରାୟ ବିଧାୟକ ଥିବା ସମୟରେ ଏହା ଅନୁଭବ କରି ଜାତୀୟ ରାଜପଥର ତଳଖେତା ଛକରେ ଜଟଣୀକୁ ପ୍ରବେଶ ଲେଖାଥିବା ୨୦୦୮ରେ ଜଟଣୀ ଗେଟ୍ ନିର୍ମାଣ କରିଥିଲେ। ଯାହା ବର୍ତ୍ତମାନ ଲୋକଙ୍କୁ ସୁବିଧା ପ୍ରଦାନ କରିଆସୁଛି। ଏଣୁ ଜଟଣୀର ବିଭିନ୍ନ ଅଞ୍ଚଳ ଓ କାର୍ଯ୍ୟାଳୟଗୁଡିକ ନିକଟରେ ସୁବିଧାରେ ପହଞ୍ଚିବାକୁ ନାମଫଳକ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

■ରହିଛି ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ,
■ଶିକ୍ଷାନୁଷ୍ଠାନ, ଗବେଷଣା କେନ୍ଦ୍ର ଲୋକେ ହେଉଛନ୍ତି ବାଟବଣା

**ସେମାନେ ଯାହା କୁହନ୍ତି**

**ଜିଲାପାଳଙ୍କୁ ଅବଗତ କରାଯିବ**
ଜଟଣୀ ଭଳି ଐତିହ୍ୟ ତଥା ପ୍ରାଚୀନ ସହରରେ ସୂଚନା ଫଳକ ବ୍ୟବସ୍ଥା ନ ଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ତାଙ୍କ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କୁ ଅବଗତ କରାଯିବ। ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏପରି ବ୍ୟବସ୍ଥା କରାଯିବା ପାଇଁ ଅନୁରୋଧ କରାଯିବ।
**–ପ୍ରଶାନ୍ତ କୁମାର ପାଇକରାୟ, ସଭାପତି, ଜଟଣୀ ୟୁଥ ଫେଡେରେଶନ**

**ତୀର ଚିହ୍ନ ମାରି ସୂଚିତ କରାଯିବା ଦରକାର**
ସୂଚନା ଫଳକ ବ୍ୟବସ୍ଥା ନିହାତି ଆବଶ୍ୟକ। ତୀର ଚିହ୍ନ ମାରି ସୂଚିତ କରାଗଲେ ବାହାରୁ ଆସିଥିବା ଲୋକେ ଲକ୍ଷ୍ୟସ୍ଥଳରେ ସୁବିଧାରେ ପହଞ୍ଚି ପାରନ୍ତେ। ଏହି ସୁବିଧା ନ ଥିବାରୁ ଅନେକ ସମୟରେ ଲୋକେ ବାଟବଣା ହେଉଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ।
–ଅକ୍ଷୟ ମହାନ୍ତି, ସମ୍ପାଦକ ଜଟଣୀ ପୁସ୍ତକ ମେଳା

**ଆଗନ୍ତୁକ ହେଉଛନ୍ତି ହଇରାଣ**
ଏଠାରେ ଥିବା ଅନୁଷ୍ଠାନଗୁଡିକର ଅବସ୍ଥିତି ସମ୍ପର୍କରେ ମୁଖ୍ୟ ଓ ସଂଯୁକ୍ତ ରାସ୍ତାଗୁଡିକରେ ସୂଚନା ଫଳକ ନ ଥିବା କାରଣରୁ ଆଗନ୍ତୁକମାନେ ଅସୁବିଧାର ସାମ୍ନା କରୁଛନ୍ତି। ପ୍ରଶାସନ ଏ ଦିଗରେ ବିହୀତ ପଦକ୍ଷେପ ଗ୍ରହଣ କରିବା ଦରକାର।
**–ପ୍ରେମାନନ୍ଦ ମହାରଣା, ଅଧ୍ୟାପକ, ଜଟଣୀ**

## ଜଟଣୀ ବରିଷ୍ଠ ନାଗରିକ ମଞ୍ଚର ନୂତନ କର୍ମକର୍ତ୍ତା ଚୟନ

**ଜଟଣୀ,୩।୧୨(ଡି.ଏନ.ଏ.):**

ଜଟଣୀ ବରିଷ୍ଠ ନାଗରିକ ମଞ୍ଚର ନୂତନ କର୍ମକର୍ତ୍ତା ଚୟନ ହୋଇଛି। ଏଥିରେ ସଭାପତି ଭାବେ ଇଂ. ଭକ୍ତବନ୍ଧୁ ଚୌଧୁରୀ, ସାଧାରଣ ସମ୍ପାଦକ ଅରୁଣ କୁମାର ମହାନ୍ତି, ଉପସଭାପତି ସତ୍ୟବାଦୀ ସାହୁ ଓ ବ୍ରଜବନ୍ଧୁ ନାୟକ, କୋଷାଧ୍ୟକ୍ଷ ଜଗଦୀଶ ମହାପାତ୍ର, ସମୀକ୍ଷକ ସୀତାକାନ୍ତ ରାୟ, ଜଟଣୀର ଚାରିଦିଗ ପାଇଁ ଆଞ୍ଚଳିକ ସମ୍ପାଦକ ଭାବେ ପୂର୍ବାଞ୍ଚଳ ପ୍ରଭାସ ଚନ୍ଦ୍ର ମଙ୍ଗରାଜ, ପଶ୍ଚିମାଞ୍ଚଳ ପ୍ରହ୍ଲାଦ ସ୍ୱାଇଁ, ଉତ୍ତରାଞ୍ଚଳ ଏସ୍. ନୌସର ଅଲ୍ଲୀ, ଦକ୍ଷିଣାଞ୍ଚଳ ଡମ୍ବରୁଧର ସାହୁ ମନୋନୀତ ହୋଇଛନ୍ତି। ଉପଦେଷ୍ଟା ମଣ୍ଡଳୀରେ ସୁରେନ୍ଦ୍ର କୁମାର ମିଶ୍ର ଓ ପ୍ରହ୍ଲାଦ ସାହୁ ରହିଥିବା ବେଳେ କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ରବୀନ୍ଦ୍ର ପ୍ରସାଦ ମିଶ୍ର, ଶ୍ୟାମ ସୁନ୍ଦର ତ୍ରିପାଠୀ ପ୍ରମୁଖ ରହିଛନ୍ତି।

## କ୍ୟାଣ୍ଡେଲ ଶୋଭାଯାତ୍ରା

**ଜଟଣୀ,୩।୧୨(ଡି.ଏନ.ଏ.):**

ହାଇଦ୍ରାବାଦରେ ଗଣବଳାତ୍କାର ଓ ହତ୍ୟାର ଶିକାର ହୋଇଥିବା ପ୍ରାଣୀ ଚିକିତ୍ସକ ଡାକ୍ତର ପ୍ରିୟଙ୍କା ରେଡ୍ଡିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଜଟଣୀର ବିଭିନ୍ନ ସଙ୍ଗଠନ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାର କରିଥିଲେ। ଜଟଣୀ ୟୁଥ୍ ଫେଡେରେଶନ, ଛାତ୍ରଶକ୍ତି ଓ ସମ୍ଭାବନା ଅନୁଷ୍ଠାନ ପକ୍ଷରୁ ଏହି ଶୋଭାଯାତ୍ରା ଆୟୋଜନ କରାଯାଇଥିଲା।

■ରଙ୍ଗୋଲି ପ୍ରତିଯୋଗିତା ଆଣିଲା ଭିନ୍ନ ମାହୋଲ

# ରାଜ୍ୟୱାରି ପ୍ରଦର୍ଶନୀରେ ରାଜସ୍ଥାନ ଆଗୁଆ

**ଖୋର୍ଦ୍ଧା ଅଫିସ,୩।୧୨:**

ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଙ୍ଗଠନ ଦ୍ୱାରା ଖୋର୍ଦ୍ଧା ଜିଲା ବରୁଣେଇ ସନ୍ନିକଟ ରାଜ୍ୟ ତାଲିମ କେନ୍ଦ୍ର ପରିସରରେ ଜାତୀୟସ୍ତରୀୟ ରୋଭର ରେଞ୍ଜର ମିନି ଜାମ୍ବୋରୀର ତୃତୀୟ ଦିବସ। ମଙ୍ଗଳବାର ମଧ୍ୟାହ୍ନରେ ଆରମ୍ଭ ହୋଇଥିଲା ରାଜ୍ୟୱାରି ପ୍ରଦର୍ଶନୀ ଏବଂ ରଙ୍ଗୋଲି ପ୍ରତିଯୋଗିତା। ହରିଆଣା, ରାଜସ୍ଥାନ, ଇଷ୍ଟର୍ନ ରେଲୱେ, ବିହାର, ଓଡ଼ିଶା, ପଞ୍ଜାବ, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ ପରି ବିଭିନ୍ନ ରାଜ୍ୟର ରୋଭର ରେଞ୍ଜର ଦେଖାଇବାର ସୁଯୋଗ ପାଇଥିଲେ କଳା, ସଂସ୍କୃତିର ନୈପୁଣ୍ୟ। ସେହିଭଳି ଭିନ୍ନ ଭିନ୍ନ ରଙ୍ଗରେ ରଙ୍ଗାୟିତ କରାଇଥିଲେ ରଙ୍ଗୋଲି। ଯାହା ଅତି ଚିତ୍ତାକର୍ଷକ ଥିଲା। ତେବେ ସବୁ ରାଜ୍ୟ ଅପେକ୍ଷା ରାଜସ୍ଥାନର କଳା, ସଂସ୍କୃତିର ପ୍ରସ୍ତୁତ ଥିଲା ଭିନ୍ନ ଧରଣର। ଏହାର ଆକର୍ଷଣୀୟ ଥିଲା ପୁଅ ଝିଅଙ୍କର ବିବାହ ସମୟର ଦୃଶ୍ୟ। ଏଥିରେ ପୁଅ ଓ ଝିଅ କିପରି ବିବାହ ସମୟ ଅତିବାହିତ କରୁଛନ୍ତି ତାହା ଦେଖିବାକୁ ମିଳିଥିଲା। ସେହିପରି ରାଜସ୍ଥାନ ଗାଁ ଲୋକଙ୍କ ଚାଲି ଚଳଣିର ଦୃଶ୍ୟ ଓ ପାହାଡ ପର୍ବତର ଝଲକ ନିଆରା ଥିଲା। ମରୁଭୂମିରେ ଓଟ ଓ ଲୋକଙ୍କର ଚଳଣି, ଲୋକନୃତ୍ୟର ଝଲକ ମଧ୍ୟ ଥିଲା। ରାଜ୍ୟର ବିଭିନ୍ନ ଘଟଣାର ପେପର କଟିଙ୍ଗ ମଧ୍ୟ ଏଠାରେ ସ୍ଥାନ ପାଇଥିଲା। ଅନ୍ୟପକ୍ଷେ ବିହାର ରାଜ୍ୟ ପକ୍ଷରୁ ମୁଣ୍ଡେଶ୍ୱରୀ ମନ୍ଦିରର ଫଟୋଚିତ୍ର ଦେଖାଇ ତା'ର ବିବରଣୀ ଅନେକଙ୍କୁ ଆକର୍ଷିତ କରିଥିଲା। ଏହି ମନ୍ଦିରକୁ ଯିଏ ଯିବ ସେ ମୂର୍ଚ୍ଛା ହୋଇଯିବ। ପୂଜକ ଆସି ଠାକୁରଙ୍କର ପାଦୁକା ପକାଇବା ପରେ ଚେତା ଫେରେ। ପେଟ୍ରୋଲ ବଞ୍ଚାଇବାର ସଚେତନତା ଥିଲା। ପୁଣି ପ୍ରକୃତିର ସୁରକ୍ଷା ଓ ଶିଶୁ ଶ୍ରମିକ ଥଇଥାନର ବାର୍ତ୍ତା ଅନୁରୂପ ଥିଲା। ଇଷ୍ଟର୍ଣ୍ଣ ରେଲୱେର ପ୍ଲାଷ୍ଟିକ ସଚେତନତାକୁ ସୁନ୍ଦର ଭାବେ ରୋଭର ରେଞ୍ଜର ବୁଝାଇଥିଲେ। ମହାରାଷ୍ଟ୍ରର ପାରମ୍ପରିକ କଣ୍ଢେଇ ଏଥିରେ ଦେଖିବାକୁ ମିଳିଥିଲା। ଓଡ଼ିଶା ପକ୍ଷରୁ ପର୍ଯ୍ୟଟନ କ୍ଷେତ୍ରର ଝଲକ, ବିଭିନ୍ନ ପ୍ରାକୃତିକ ଦୃଶ୍ୟ ମଧ୍ୟ ଏଥିରେ ଦେଖିବାକୁ ମିଳିଥିଲା। ଉତ୍ତରାଖଣ୍ଡର କସ୍ତୁରି ମୃଗର ଫଟୋଚିତ୍ର ଉପଲବ୍ଧ ହୋଇଥିଲା। ଅନ୍ୟପକ୍ଷେ ଦାଦ୍ରା ନଗର ହାବେଲୀର ବାଉଁଶରେ ତିଆରି ଉପକରଣ, ଛତିଶଗଡର ଶାଢି ପ୍ରଦର୍ଶନୀରେ ସ୍ଥାନ ପାଇଥିଲା। ହରିଆନାର ଜୁଏଲାରୀ ଏବଂ



ଜାମ୍ବୋରିରେ ରଙ୍ଗୋଲିର ଝଲକ।

**ମିନି ଜାମ୍ବୋରିର ତୃତୀୟ ଦିବସ**



ମିନି ଜାମ୍ବୋରିରେ ରାଜସ୍ଥାନର ପୁଅଝିଅଙ୍କ ବିବାହ ଦୃଶ୍ୟ।



ପିଲାମାନଙ୍କ ଦ୍ୱାରା ପାଇକ୍ ଖେଳ।

ସନ୍ଧ୍ୟା ଅଧିବେଶନ ସୃଷ୍ଟି କରିଥିଲା ମନୋରମ ପରିବେଶ। ଲୋକନୃତ୍ୟ ଉତ୍ସବ ପ୍ରତିଯୋଗିତାରେ ରୋଭର ରେଞ୍ଜରମାନେ ଯୋଗଦାନ କରି ନିଜ ରାଜ୍ୟର ଉତ୍କୃଷ୍ଟ କଳା ପ୍ରଦର୍ଶନ କରିବା ସହ ନିଜର ପ୍ରତିଭା ପ୍ରଦର୍ଶନ କରିବାକୁ ହାତଛଡା କରି ନ ଥିଲେ। ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତ କାଳୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଆଇଏଫ୍ଏସ୍ ଦେବବ୍ରତ ସ୍ୱାଇଁ ଯୋଗ ଦେଇଥିଲେ। ଜାତୀୟ କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ଅମର ବି. କ୍ଷେତ୍ରୀ ଏବଂ ଉପନିର୍ଦ୍ଦେଶିକା ସୁରେଖା ଶ୍ରୀବାସ୍ତବଙ୍କ ସମେତ ଅନ୍ୟାନ୍ୟ ରାଜ୍ୟର ପଦଧିକାରୀମାନଙ୍କ ସହଯୋଗରେ ରାଜ୍ୟ ଗାଇଡସ କମିଶନର ଅନାମିକା ଦାସ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ନିନ୍ଦିତ କର୍ମ ଯେ କରନ୍ତି,
ଜୀବନ ଥାଇ ସେ ମରନ୍ତି।
-ଜଗନ୍ନାଥ ଦାସ



## ସଂକ୍ଷେପରେ

### ଆଜି ବନକଲାଗି, ୪ ଘଣ୍ଟା ମହାପ୍ରଭୁଙ୍କ ଦର୍ଶନ ବନ୍ଦ

ପୁରୀ ଅଫିସ, ୩।୧୨:ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଅପରାହ୍ନ ପ୍ରାୟ ୪ଟାରୁ ରାତି ୮ଟା ପର୍ଯ୍ୟନ୍ତ ୪ ଘଣ୍ଟା ଶ୍ରଦ୍ଧାଳୁ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ ନାହିଁ ବୋଲି ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି। ତାଙ୍କ ସୂଚନା ମୁତାବକ, ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଶ୍ରୀମନ୍ଦିର ଜୟ ବିଜୟ ଦ୍ୱାର ବନ୍ଦ ରହିବ। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧାନରେ ଶ୍ରୀବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାର କରାଯିବ। ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥାନ୍ତି।

ନାବାଳିକା ଗଣବଳାତ୍କାର ଘଟଣା

### ବିଚାର ବିଭାଗୀୟ ତଦନ୍ତ ଦାବି

ପୁରୀ ଅଫିସ, ୩।୧୨: ନାବାଳିକା ଗଣବଳାତ୍କାର ଘଟଣା ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଉତ୍କଳ ମହିଳା ସମିତିର ରାଜ୍ୟ ସମ୍ମିଳନୀରେ ଯୋଗଦେବା ଅବସରରେ ଜାତୀୟ ମହିଳା ଫେଡେରେଶନର ସର୍ବଭାରତୀୟ ସାଧାରଣ ସମ୍ପାଦିକା କମ୍ରେଡ ଆନି ରାଜା କହିଛନ୍ତି, ଏହା ଏକ ଲଜ୍ଜାଜନକ ଘଟଣା। ଦେଶରେ ନାବାଳିକା, ଯୁବତୀ, ମହିଳା କେହି ବି ସୁରକ୍ଷିତ ନୁହନ୍ତି। ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ସେ ଦାବି କରିଛନ୍ତି। ସେହିପରି ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ କହିଛନ୍ତି, ଏହା ଅତି ଲଜ୍ଜାକର ଘଟଣା। ପୋଲିସ ରକ୍ଷକ ପରିବର୍ତ୍ତେ ଭକ୍ଷକ ସାଜିଛି। ଜିଲାରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଛି। ପୋଲିସ ନିଜ ଆଚରଣ ଓ ବ୍ୟବହାରରେ ପରିବର୍ତ୍ତନ ଆଣୁ। ଏଭଳି ଘଟଣାର ଯେଭଳି ପୁନରାବୃତ୍ତି ନ ଘଟିବ ସେଥିଲାଗି ଏସ୍‌ପି ଏବଂ ଡିଆଇଜିଙ୍କ ସହ ଆଲୋଚନା କରିବି। ବରିଷ୍ଠ ଆଇନଜୀବୀ ଗୋପାଳକୃଷ୍ଣ ପଣ୍ଡା କହିଛନ୍ତି, ଜନତାଙ୍କ ଆସ୍ଥା ହରାଉଛି ପୋଲିସ। ଅଧିକାଂଶ ବଳାତ୍କାର ଘଟଣାରେ ପୀଡ଼ିତାଙ୍କୁ ନ୍ୟାୟ ମିଳିନାହିଁ। ନାବାଳିକାଙ୍କୁ ଗଣବଳାତ୍କାର, ପୁଣି ଏଥିରେ ଜଣେ ବହିଷ୍କୃତ ପୋଲିସ କର୍ମଚାରୀଙ୍କ ସମ୍ପୃକ୍ତି ଏକ ସଙ୍ଗିନ ଅଭିଯୋଗ। ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ। ନଚେତ ପୋଲିସ ଉପରୁ ଲୋକଙ୍କ ଭରସା ତୁଟିଯିବ। ବରିଷ୍ଠ କଂଗ୍ରେସ ନେତ୍ରୀ ବିଦ୍ୟୁଲତା ଆଚାର୍ଯ୍ୟ କହିଛନ୍ତି, ଦେଶରେ ମହିଳା ସୁରକ୍ଷିତ ନୁହନ୍ତି। ବିଭିନ୍ନ କ୍ଷେତ୍ରରେ ମହିଳାଙ୍କ ଉପରେ ନିର୍ଯାତନା ବୃଦ୍ଧି ପାଇବାରେ ଲାଗିଛି। ପୁରୀ ବଳାତ୍କାର ଘଟଣା ନିନ୍ଦନୀୟ। ଦିନକୁ ଦିନ ଏହା ବ୍ୟାଧିରେ ପରିଣତ ହେଲାଣି। ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ମହିଳା କଂଗ୍ରେସ ରାସ୍ତାକୁ ଓହ୍ଲାଇବ। ଏବିଭିପିର ପୁରୀ ନଗର ସମ୍ପାଦକ ତାରା ପ୍ରସାଦ ଦାଶ ଏହି ଘଟଣାକୁ ନିନ୍ଦା କରିବା ସହ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

**ନାବାଳିକା ଗଣବଳାତ୍କାର ଘଟଣା**

# ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

ପୁରୀ ଅଫିସ, ୩।୧୨

ପୁରୀ ପୋଲିସ କ୍ୱାର୍ଟର୍ସରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତଦ୍ୱୟଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ଫେରାର ଥିବା ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ଲାଗି ୪ଟି ଟିମ୍ ଗଠନ ହୋଇଛି। ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ତଦନ୍ତ ବେଳେ ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି। ଏଥିସହ ସେହି କ୍ୱାର୍ଟର୍ସକୁ ସିଲ୍ କରାଯାଇଛି। ଉକ୍ତ କ୍ୱାର୍ଟର୍ସ ମୁଖ୍ୟ ଅଭିଯୁକ୍ତ ଜିତେନ୍ଦ୍ର କୁମାର ସେଠୀଙ୍କ ସ୍ତ୍ରୀଙ୍କ ନାମରେ ରହିଛି। ସେ ଜଣେ କନଷ୍ଟେବଲ ଭାବେ କାର୍ଯ୍ୟରତ ଅଛନ୍ତି। ଜିତେନ୍ଦ୍ରଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ବିଶୃଙ୍ଖଳିତ ଆଚରଣ, ଜନତାଙ୍କୁ ଦୁର୍ବ୍ୟବହାର ଏବଂ ଜଣେ ମହିଳାଙ୍କୁ ପୋଡ଼ି ମାରିବା ଅଭିଯୋଗରେ ତାଙ୍କୁ ଗତ ଫେବୃୟାରୀ ୧୬ତାରିଖରୁ ଚାକିରିରୁ ବହିଷ୍କୃତ କରାଯାଇଛି। ଏଣୁ ପୋଲିସ ପରିଚୟପତ୍ର ବହନ କରିବା ଲାଗି ଆଇନତଃ ତାଙ୍କର କୌଣସି ଅଧିକାର ନାହିଁ। ତେବେ ସେ ପୋଲିସ ପରିଚୟପତ୍ରର ଅପବ୍ୟବହାର କରିଥିବାରୁ ତାଙ୍କ ନାମରେ ଆଉ ଏକ ମାମଲା ରୁଜୁ କରାଯିବ ବୋଲି ମଙ୍ଗଳବାର ଏଠାରେ ଏକ ଖବରଦାତା ସମ୍ମିଳନୀରେ କେନ୍ଦ୍ରାଞ୍ଚଳ ଡିଆଇଜି ଆଶିଷ ସିଂ କହିଛନ୍ତି। ମଙ୍ଗଳବାର ପୀଡ଼ିତାଙ୍କ ପରିବାର ଲୋକେ ଆସି ପହଞ୍ଚିଛନ୍ତି। ସେମାନଙ୍କ ସହ ଆଲୋଚନା କରାଯାଇଛି। ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିଛି। ତାଙ୍କ ମାନସିକ ଅବସ୍ଥା ସ୍ଥିର ରହିଛି। ଜିଲା ପ୍ରଶାସନ ପକ୍ଷରୁ ପୀଡ଼ିତାଙ୍କ ଚିକିତ୍ସା ଓ ଅନ୍ୟାନ୍ୟ ସୁବିଧା କରାଯାଇଛି। ଡିଆଇଜି ସିଂ କହିଛନ୍ତି, ପୀଡ଼ିତାଙ୍କ ଏତଲା ଭିତ୍ତିରେ ପୋଲିସ ଦଫା ୩୬୩, ୩୭୬ (ଡିଏ) ୩୯୪ ଆଇପିସି/୬ ପୋକ୍‌ସୋ ଆକ୍ଟ ଅନୁଯାୟୀ ୩୦୮/୧୯ରେ ଏକ ମାମଲା ରୁଜୁ କରିଛି। ଚାର୍ଜଶିଟ୍ ଦାଖଲ ପରେ ଫାଷ୍ଟଟ୍ରାକ କୋର୍ଟ ମାଧ୍ୟମରେ ଯେପରି ମାମଲାର ତୁରନ୍ତ ଫଇସଲା ହୋଇପାରିବ ସେଥିଲାଗି ଜଣେ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର (ପିପି)ଙ୍କ ସହଯୋଗ ନିଆଯିବ। ଅନ୍ୟପକ୍ଷରେ ପୀଡ଼ିତା ଦେଇଥିବା ବୟାନ ପ୍ରକାରେ ସେ ନିମାପଡ଼ା ବସ୍‌ଷ୍ଟାଣ୍ଡରେ ଠିଆ ହୋଇଥିବାବେଳେ ଏକ କାର୍‌ରେ ଜିତେନ୍ଦ୍ର ଆସିଥିଲେ। ତେବେ ଏହି କାର ସମ୍ପର୍କରେ ଡିଆଇଜି ସିଂଙ୍କୁ ଗଣମାଧ୍ୟମ ପ୍ରତିନିଧିମାନେ ପ୍ରଶ୍ନ କରିଥିଲେ ମଧ୍ୟ କାର୍ ମାଲିକ ଓ ଡ୍ରାଇଭରଙ୍କ ସମ୍ପର୍କରେ ସେ କୌଣସି ସୂଚନା ଦେଇ ନ ଥିଲେ। ଘଟଣାର ତଦନ୍ତରେ ବାଧାସୃଷ୍ଟି ହେବା ଆଶଙ୍କା ରହିଛି କହି ଏହାକୁ ଏଡ଼ାଇ ଯାଇଥିଲେ।





ଖବରଦାତା ସମ୍ମିଳନୀରେ କେନ୍ଦ୍ରାଞ୍ଚଳ ଡିଆଇଜି ଆଶିଷ ସିଂ ସୂଚନା ଦେଉଛନ୍ତି। ୨ ଅଭିଯୁକ୍ତଙ୍କୁ କୋର୍ଟ ନିଆଯାଉଛି। ସିଲ୍ ହୋଇଥିବା ଘର।

## ମଗର, ଶାଙ୍କୁଚଙ୍କ ସଂଖ୍ୟା ହ୍ରାସ ପାଉଛି

**ସୁରକ୍ଷା କରା ନ ଗଲେ ବିଲୁପ୍ତ ହୋଇଯିବେ**

ପୁରୀ ଅଫିସ, ୩।୧୨

ସାମୁଦ୍ରିକ ଜଳଜୀବ ମଗର ଓ ଶାଙ୍କୁଚ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଏମାନଙ୍କ ସୁରକ୍ଷା ଏବେ ଜରୁରୀ ହୋଇପଡ଼ିଛି। ସୁରକ୍ଷା କରା ନ ଗଲେ ଖୁବଶୀଘ୍ର ଏମାନେ ବିଲୁପ୍ତ ହୋଇଯିବେ। ପେଣ୍ଟକଟାସ୍ଥିତ କମ୍ୟୁନିଟି ହଲ୍‌ରେ ସୋମବାର କେନ୍ଦ୍ରୀୟ ସାମୁଦ୍ରିକ ମତ୍ସ୍ୟ ଗବେଷଣା ସଂସ୍ଥା ପୁରୀ କେନ୍ଦ୍ର ପକ୍ଷରୁ ଆୟୋଜିତ ମଗର ମାଛ ସଂରକ୍ଷଣ ସମ୍ପର୍କିତ ସଚେତନତା କର୍ମଶାଳାରେ ମତ୍ସ୍ୟ ବିଜ୍ଞାନୀମାନେ ଏହି ମତ ରଖିଛନ୍ତି। କେନ୍ଦ୍ରର ଭାରପ୍ରାପ୍ତ ବୈଜ୍ଞାନିକ ଡ. ସୁବଳ ରାଉଳ କହିଥିଲେ ଜଳବାୟୁ ପରିବର୍ତ୍ତନ, ସାମୁଦ୍ରିକ ପରିବେଶରେ ଉତ୍ତପ୍ତୀକରଣର ପ୍ରଭାବ ଯୋଗୁ ବୃହତକାୟ ଜଳଜୀବ ବିଲୁପ୍ତ ଆଡକୁ ଅଗ୍ରସର ହେଉଛନ୍ତି। ମଗର, ଶାଙ୍କୁଚ, ଶିଶୁମାର ଆଦି ଜଳଜୀବଙ୍କୁ କୌଣସି ଉପାୟରେ ଧରିଲେ, ବିକ୍ରି କଲେ ଜରିମାନା ସହ ଜେଲ୍‌ଦଣ୍ଡର ବିଧାନ ରହିଛି। ତେଣୁ ମାଛ ଧରୁଥିବା ସମୟରେ ଏମାନେ ଜାଲରେ ପଡ଼ିଲେ ତୁରନ୍ତ ଛାଡିଦେବାକୁ ଡ. ରାଉଳ ମତ୍ସ୍ୟଜୀବୀଙ୍କୁ ପରାମର୍ଶ ଦେଇଛନ୍ତି। ଅନ୍ୟତମ ଅତିଥି ଜିଲା ମତ୍ସ୍ୟ ଅଧିକାରୀ ଦେବେନ୍ଦ୍ର କୁମାର ବେହେରା କହିଥିଲେ, ସାମୁଦ୍ରିକ ସ୍ଥିତିକୁ ସନ୍ତୁଳନ ରଖିବାରେ ଶିକାରୀ ଜଳଜୀବଙ୍କ ଆବଶ୍ୟକତା ରହିଛି। ୫୦୦ରୁ ଅଧିକ ମଗର ପ୍ରଜାତିର ମାଛ ବିଭିନ୍ନ ମହାସାଗରରେ ଥିବାବେଳେ ବର୍ତ୍ତମାନ ଅଧିକାଂଶ ପ୍ରଜାତିର ମାତ୍ର ୧୦ ପ୍ରତିଶତ ହିଁ ଦେଖିବାକୁ ମିଳୁଛି। ସମୁଦ୍ରରେ ମାଛ ଧରୁଥିବା ବେଳେ ଯଦି ଏହି ପ୍ରଜାତିର ମାଛ ପଡ଼େ ତୁରନ୍ତ ଜୀବନ୍ତ ଅବସ୍ଥାରେ ଛାଡିଦେବାକୁ ମତ୍ସ୍ୟ ଅଧିକାରୀ କହିଥିଲେ। ଓଡ଼ିଶା ପାରମ୍ପରିକ ମତ୍ସ୍ୟଜୀବୀ ୟୁନିୟନର ସଭାପତି ପ୍ରସନ୍ନ କୁମାର ବେହେରା କହିଥିଲେ, ମଗର, ଶାଙ୍କୁଚ ଭଳି ବିରଳ ପ୍ରଜାତିର ମାଛଙ୍କ ସୁରକ୍ଷା ପାଇଁ ଏହିଭଳି କର୍ମଶାଳା ଆୟୋଜନ କରାଯିବା ଦରକାର। କର୍ମଶାଳାରେ ସ୍ଥାନୀୟ ମତ୍ସ୍ୟଜୀବୀ ନେତା ପ୍ରସାଦ ରାଓ ବକ୍ତବ୍ୟ ରଖିଥିଲେ। ଏହାକୁ ବୈଜ୍ଞାନିକ ରାଜେଶ ପ୍ରଧାନ ପରିଚାଳନା କରିଥିଲେ। ଜିଲା ମତ୍ସ୍ୟ ବିଭାଗର ଅଧିକାରୀ, ୱାଇଲ୍ଡ ଲାଇଫ୍ ଡିଭିଜନର ମାଇକେଲ ପିଟର ଓ ବିଭିନ୍ନ ମତ୍ସ୍ୟଜୀବୀ ସମବାୟ ସମିତିର କର୍ମକର୍ତ୍ତା ଏଥିରେ ଯୋଗଦେଇ ଉପାଦେୟ ମତ ରଖିଥିଲେ।

■ ଜିଲାସ୍ତରୀୟ ଦିବ୍ୟାଙ୍ଗ ପ୍ରତିଭା ସମ୍ମାନ ଉତ୍ସବ

# ମଞ୍ଚରେ ପ୍ରତିଭା ଦେଖାଇଲେ ଦିବ୍ୟାଙ୍ଗ

ପୁରୀ ଅଫିସ, ୩।୧୨

ଦିବ୍ୟାଙ୍ଗ କାହା ଉପରେ ବୋଝ ନୁହଁନ୍ତି। ସେମାନେ ଅନ୍ୟମାନଙ୍କ ଭଳି ସକ୍ଷମ ତାହା ପ୍ରମାଣିତ କରୁଛନ୍ତି। ନିଜେ ସ୍ୱାବଲମ୍ବୀ ହେବା ସହ ପରିବାର ପ୍ରତିପୋଷଣରେ ବି ସହଭାଗିତା ରଖିପାରୁଛନ୍ତି। ତେଣୁ ଦିବ୍ୟାଙ୍ଗ ଶିଶୁଙ୍କୁ ଭିନ୍ନ ନଜରରେ ଦେଖିବା ଠିକ୍ ନୁହେଁ। ସେମାନଙ୍କର ସମାଜରେ ସ୍ୱତନ୍ତ୍ର ସ୍ଥାନ ରହିଛି। ସେମାନେ ବି ସ୍ନେହ ସହକାରେ ବଢି ଏହି ପ୍ରଗତିଶୀଳ ବିଶ୍ୱର କର୍ଣ୍ଣଧାର ସାଜିବେ ଆଉ ସେବା କରିବେ। ସେଥିପାଇଁ ବିଭିନ୍ନ ଯୋଜନା କରାଯାଇଛି ବୋଲି ଜିଲାସ୍ତରୀୟ ଦିବ୍ୟାଙ୍ଗ ପ୍ରତିଭା ସମ୍ମାନ ଉତ୍ସବରେ ଅତିଥିମାନେ କହିଛନ୍ତି। ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ଅବସରରେ ମଙ୍ଗଳବାର ଟାଉନ ହଲ୍‌ରେ ଏହି ପ୍ରତିଭା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଜିଲା ସମଗ୍ର ଶିକ୍ଷା ଏବଂ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମଗ୍ର ଶିକ୍ଷା ଜିଲା ପ୍ରକଳ୍ପ ସଂଯୋଜିକା ସୌନ୍ଦର୍ଯ୍ୟ ମଞ୍ଜରୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତ୍ରିନାଥ ପାଢୀ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଗିରିଜାଶଙ୍କର ରଥ, ଡିଏସ୍‌ଡବ୍ଲ୍ୟୁଓ ପୁଷ୍ପାଞ୍ଜଳି ମହାପାତ୍ର, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନ, ଜିଲା ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ପ୍ରଶିକ୍ଷିକା ସ୍ନେହଲତା ମହାପାତ୍ର ମଞ୍ଚାସୀନ ଥିଲେ। ମା ପେଟରେ ଭ୍ରୂଣ ହେବା ପରଠାରୁ ପିଲା ୨ ବର୍ଷ ପର୍ଯ୍ୟନ୍ତ ଯଦି ଠିକ୍ ଭାବେ ଯତ୍ନ ନିଆଯାଏ ତେବେ ଦିବ୍ୟାଙ୍ଗ ହେବା ସମ୍ଭାବନାକୁ ୮୦ ପ୍ରତିଶତ ଏଡାଇ ଦେଇହେବ ବୋଲି ଅତିଥି କହିଥିଲେ। କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗ ପିଲାମାନଙ୍କ ନୃତ୍ୟ, ଗୀତ ଆକର୍ଷଣ ପାଲଟିଥିଲା। ମଞ୍ଚ ସଂଯୋଜନା କରିଥିଲେ ମହେନ୍ଦ୍ର କୁମାର ଦାଶ ଓ କଳ୍ପନା ମିଶ୍ର। ୨୫ ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଉପକରଣ ବଣ୍ଟନ କରାଯାଇଥିଲା। ବରିଷ୍ଠ ଏବଂ କନିଷ୍ଠ ବର୍ଗରେ ମୋଟ ୧୧୦ ଜଣ ପିଲାଙ୍କୁ ପୁରସ୍କାର ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଜିଲା ମିଡ଼ିଆ ସଂଯୋଜକ କାର୍ତ୍ତିକେଶ୍ୱର ପ୍ରଧାନ, ବିତ୍ତ ଅଧିକାରୀ ବିଚିତ୍ରାନନ୍ଦ ଜେନା, ନାରାୟଣ ଚନ୍ଦ୍ର ମହାନ୍ତି, ବରଦା ପ୍ରସାଦ ରାଉତ, ରଶ୍ମିରଞ୍ଜନ ନାୟକ ଓ ଇତିଶ୍ରୀ ହୋତା ପରିଚାଳନା କରିଥିଲେ।




ଦିବ୍ୟାଙ୍ଗ ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## 'ଦିବ୍ୟାଙ୍ଗଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କର'



କଣାସ, ୩।୧୨(ଡି.ଏନ.ଏ)

ଦିବ୍ୟାଙ୍ଗମାନଙ୍କୁ ଶ୍ରଦ୍ଧା ଓ ସମ୍ମାନ ଦେଇ ସମାଜର ମୁଖ୍ୟସ୍ରୋତରେ ସାମିଲ କଲେ ସେମାନେ ଆଗକୁ ବଢି ପାରିବେ। ସେମାନଙ୍କ ଭିତରେ ଥିବା ପ୍ରତିଭା ପ୍ରସ୍ଫୁଟିତ ହୋଇପାରିବ। ସେହିପରି ମା'ବାପାଙ୍କ ପାଦରେ ଆମେ ଶରଣ ନେଲେ ସ୍ୱର୍ଗ ଦେଖି ପାରିବା ବୋଲି ନୀଳାଞ୍ଚଳ ସେବା ପ୍ରତିଷ୍ଠାନରେ ମଙ୍ଗଳବାର ଆୟୋଜିତ ଭିନ୍ନକ୍ଷମ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରୀ ଜିଲା ଦୌରା ଜଜ୍ ବିଦ୍ୟୁତ କୁମାର ମିଶ୍ର ଯୋଗଦେଇ ଏହା କହିଛନ୍ତି। ଆଇନସେବା ପ୍ରାଧିକରଣ ସଚିବ ଅମରେଶ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକାରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ ଓ ନୀଳାଚଳ ସେବା ପ୍ରତିଷ୍ଠାନର ପ୍ରତିଷ୍ଠାତା ସୁବାସ ଚନ୍ଦ୍ର ଗଜେନ୍ଦ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ପ୍ରତିଷ୍ଠାନ ପରିସରରୁ ବାହାରି ଜଙ୍କିଆ ବଜାର ଓ ଗଡସାହି ଗ୍ରାମ ପରିକ୍ରମା କରିଥିଲେ । ଜଙ୍କିଆ ବଜାର ସଫେଇ କରିଥିଲେ । ଜଣ ଦିବ୍ୟାଙ୍ଗ ଛାତ୍ରଙ୍କୁ ଉପକରଣ ବଣ୍ଟନ କରାଯିବା ସହିତ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ସୁକାନ୍ତ ଛୋଟରାୟ, ସଂଯୋଜକ ରମେଶ ଚନ୍ଦ୍ର ପରିଡ଼ା ଉପସ୍ଥିତ ଥିଲେ।

## ପିପିଡବ୍ଲ୍ୟୁଓ ପକ୍ଷରୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ



ଶୋଭାଯାତ୍ରାକୁ ଅତିଥି ସବୁଜ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ନିମାପଡ଼ା,୩।୧୨(ଡି.ଏନ.ଏ)

ନିମାପଡ଼ାସ୍ଥିତ ପିଙ୍ଗଳାକ୍ଷୀ ପବ୍ଲିକ ୱେଲଫେୟାର ଅର୍ଗାନାଇଜେଶନ (ପିପିଡବ୍ଲ୍ୟୁଓ) ପକ୍ଷରୁ ମଙ୍ଗଳବାର ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ସ୍ଥାନୀୟ ବଧେଇ ରତ୍ନାକର ଦାଶ ଦୃଷ୍ଟିହୀନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଅତିଥି ଭାବେ ଅବସରପ୍ରାପ୍ତ ଆଇଏଏସ ପ୍ରସନ୍ନ କୁମାର ହୋତା, ଭୁବନେଶ୍ୱର ରୋଟାରୀ କ୍ଲବ କ୍ୟାପିଟାଲ ରୋଟାରିଆନ ନିଖିଳେଶ୍ୱର ସାହୁ, ପୁରୀ ସ୍ୱାଭିମାନ ମଞ୍ଚର ସଭାପତି ରାଧାକାନ୍ତ ଦାଶ, ଶିକ୍ଷାବିତ ଡ.ପ୍ରଭାକର ତ୍ରିପାଠୀ, ସାମାଜିକ କର୍ମୀ ଭଗବାନ ଦାଶ, ଦିବ୍ୟାଙ୍ଗ ସିନେ ତାରକା ଜିତେନ୍ଦ୍ର ବିଶ୍ୱାଳ, ବ୍ରଜକିଶୋର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ସମାରୋହରେ ପିପିଡବ୍ଲ୍ୟୁର ସଭାପତି ରାଜକିଶୋର ସାବୁତ ଅଧ୍ୟକ୍ଷତା କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରି ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଦୁଇଶହରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଓ ସାଧାରଣ ଜନତାଙ୍କର ଏକ ପଦଯାତ୍ରା ନହନ୍ତରା ଛକଠାରୁ ବୁଧେଇ ଛକ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ମନସ୍ୱିନୀ ଖଟୋଇ ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାବେଳେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ଦ୍ୱିତୀୟ ବାର୍ଷିକ ପତ୍ରିକା 'ପ୍ରଜ୍ଞା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପିପିଡବ୍ଲ୍ୟୁର ପ୍ରଶାସନିକ ଅଧିକାରୀ ପଦ୍ମଲୋଚନ ମହାନ୍ତି, ପ୍ରଭାତି ବେହେରା, ଗଜେନ୍ଦ୍ର ପ୍ରଧାନ, ଶ୍ରୀଧର ଦାସ, ଅଧ୍ୟକ୍ଷ ଗଗନ ବିହାରୀ ଦାଶ ଉତ୍ସବର ସଂଯୋଜନା ଓ ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

■ ଅଭିଯୋଗ ଆଣିଲେ ରୋଗୀଙ୍କ ପରିବାର

# ମୃତକଙ୍କୁ ୪୫ ମିନିଟ୍ ଯାଏ ଦିଆଚାଲିଥିଲା ସାଲାଇନ

ପୁରୀ ଅଫିସ, ୩।୧୨

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ମଙ୍ଗଳବାର ଜଣେ ରୋଗୀଙ୍କୁ ମୃତ ଘୋଷଣା କରାଯିବାର ୪୫ ମିନିଟ୍ ପରେ ବି ସାଲାଇନ ଦିଆଚାଲିଥିଲା ବୋଲି ଅଭିଯୋଗ ହୋଇଛି। ଏ ନେଇ ମୃତକଙ୍କ ପରିବାର ଓ ମେଡିକାଲ କର୍ତ୍ତୃପକ୍ଷ ମୁହାଁମୁହିଁ ହୋଇଥିଲେ। ଉତ୍ତେଜନା ପ୍ରକାଶ ପାଇବାରୁ ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ଏ ନେଇ ସିଡିଏମ୍‌ଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି ପରିବାରବର୍ଗ।

ଅଭିଯୋଗରେ ଦର୍ଶାଯାଇଛି, ସତ୍ୟବାଦୀ ଥାନା ଅଧୀନ ବରାଳ ଗ୍ରାମର ମନୋରଞ୍ଜନ ଦୀକ୍ଷିତଙ୍କ ରକ୍ତଚାପ ବୃଦ୍ଧି ହେବାରୁ ପରିବାର ଲୋକେ ତାଙ୍କୁ ସୋମବାର ଭୋର ୪ଟାରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ତାଙ୍କୁ ମେଡିସିନ ୱାର୍ଡରେ ଭର୍ତ୍ତି କରାଯାଇଥିଲା। ସକାଳ ୭ଟାରେ ସେ ରକ୍ତବାନ୍ତି କରିବାରୁ ପରିବାର ଲୋକେ ବ୍ୟତିବ୍ୟସ୍ତ ହୋଇ ଡାକ୍ତରଙ୍କୁ ଜଣାଇଥିଲେ। ଡାକ୍ତର ଦୁଇଟି ଇଞ୍ଜେକଶନ ଦେବା ଲାଗି ଲେଖିଥିଲେ ମଧ୍ୟ ତାହା ମେଡିକାଲରେ ଉପଲବ୍ଧ ନ ଥିଲା। ଏହି ସମୟରେ ଡ୍ୟୁଟିରେ ଥିବା ସମ୍ପୃକ୍ତ ମହିଳା ଡାକ୍ତର ଚାଲି ଯାଇଥିଲେ। ପରେ ମନୋରଞ୍ଜନଙ୍କ ସ୍ୱାସ୍ଥ୍ୟସେବାରେ ଅବନତି ଘଟିଥିଲା। ମାତ୍ର ସେଠାରେ କୌଣସି ଡାକ୍ତର ଉପସ୍ଥିତ ନ ଥିଲେ। ପରିବାର ଲୋକେ ଡାକ୍ତରଙ୍କୁ ଡାକିବା ଲାଗି ଡ୍ୟୁଟିରେ ଥିବା ଷ୍ଟାଫ ନର୍ସଙ୍କୁ ଅନୁରୋଧ କରିଥିଲେ। ମାତ୍ର ଷ୍ଟାଫ୍‌ନର୍ସ ଏକ ସାଲାଇନ ଲଗାଇ ଚୁପ୍ ବସିଥିଲେ। ଏ ନେଇ ଏଡିଏମ୍‌ଓ (ମେଡିକାଲ)ଙ୍କୁ ଜଣାଇବା ସତ୍ତ୍ୱେ ସେ ସହଯୋଗ କରି ନ ଥିଲେ। ଏହାର ୪୫ମିନିଟ୍ ପରେ ଅର୍ଥାତ ୮. ୪୫ରେ ଡାକ୍ତର ଆସିଥିଲେ। ସେ ପ୍ରେସକ୍ରିପଶନ୍ ଫର୍ମ ଦେଖିବା ବେଳେ ମନୋରଞ୍ଜନଙ୍କୁ ୮.୦୫ ମିନିଟ୍‌ରୁ ମୃତ ଘୋଷଣା କରାଯାଇଥିବା ପରିବାର ଲୋକଙ୍କୁ କହିଥିଲେ। ଏ ନେଇ ମୃତକଙ୍କ ପରିବାର ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଯଦି ତାଙ୍କର ମୃତ୍ୟୁ ଘଟିଥିଲା, ତା'ହାଲେ ସାଲାଇନ୍ କିପରି ଲାଗିଥିଲା ବୋଲି ମୃତକଙ୍କ ଭାଇ ନିରଞ୍ଜନ ପ୍ରଶ୍ନ କରିଛନ୍ତି। ପରେ ଡାକ୍ତରଙ୍କ ନିର୍ଦ୍ଦେଶ କ୍ରମେ ଜଣେ ନର୍ସ ତୁରନ୍ତ ସାଲାଇନ ବନ୍ଦ କରିଥିଲେ ବୋଲି ସେ କହିଛନ୍ତି। ସମ୍ପୃକ୍ତ ଡାକ୍ତର ଓ ଷ୍ଟାଫଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି। ଏ ନେଇ ସିଡିଏମ୍‌ଓ ନୀଳକଣ୍ଠ ମିଶ୍ର କହିଛନ୍ତି, ଏହି ଅଭିଯୋଗର ତଦନ୍ତ କରାଯିବ। ଏ ସମ୍ପର୍କରେ ଏଡିଏମ୍‌ଓ (ମେଡିକାଲ)ଙ୍କ ସହ ଆଲୋଚନା କରିଛି।

**ଗଣବଳାତ୍କାରକୁ ତୀବ୍ର ବିରୋଧ**

# ବିକ୍ଷୋଭ, ଶୋଭାଯାତ୍ରାରେ କମ୍ପିଲା ପୁରୀ

ପୁରୀ ଅଫିସ, ୩।୧୨

ପୁରୀରେ ନାବାଳିକା ଗଣବଳାତ୍କାର ଘଟଣା ଏବେ ରାଜ୍ୟବ୍ୟାପୀ ଚହଳ ସୃଷ୍ଟି କରିଛି। ଏ ନେଇ ସବୁଆଡ଼େ ପ୍ରତିବାଦର ସ୍ୱର ତେଜିବାରେ ଲାଗିଛି। ରାଜ୍ୟ ସରକାରଙ୍କୁ ବିରୋଧୀ ଘେରିଥିବାବେଳେ ବିଭିନ୍ନ ସଙ୍ଗଠନ ରାସ୍ତାକୁ ଓହ୍ଲାଇଛନ୍ତି। ଏହି ଘଟଣାକୁ ସବୁସ୍ତରରେ ଦୃଢ଼ ବିରୋଧ କରାଯିବା ସହ ଦୋଷୀଙ୍କୁ କଠୋର ଦଣ୍ଡ ଦେବା ପାଇଁ ଦାବି କରାଯାଉଛି। ବିଭିନ୍ନ ସଙ୍ଗଠନର ଶୋଭାଯାତ୍ରା ଓ ବିକ୍ଷୋଭରେ କମ୍ପୁଛି ପୁରୀ।

### ଡିଆଇଜି, ଏସ୍‌ପିଙ୍କୁ ଭେଟିଲା କଂଗ୍ରେସ

ମଙ୍ଗଳବାର ପୂର୍ବାହ୍ନରେ କଂଗ୍ରେସ ପକ୍ଷରୁ ଜିଲା କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରା ବାହାରି ଏସ୍‌ପିଙ୍କ ଅଫିସ୍ ସମ୍ମୁଖରେ ପହଞ୍ଚିଥିଲା। ବିନାୟକ ଦାସ ମହାପାତ୍ର, ଆଲୋକ ଦାଶ, ବୀରେନ୍ଦ୍ର ଭୂଷଣ ହୋତା, ଛବିନ୍ଦ୍ର ପଢିହାରୀ, ବିଦ୍ୟୁଲତା ଆଚାର୍ଯ୍ୟ, ନିରଞ୍ଜନ ରଥ, ନିରୁପମା ପାତ୍ର, ଦେବାଶିଷ ଦାସମହାପାତ୍ର ପ୍ରମୁଖ ଶୋଭାଯାତ୍ରାରେ ଯାଇ କେନ୍ଦ୍ରାଞ୍ଚଳ ଡିଆଇଜି ଆଶିଷ ସିଂ ଏବଂ ଏସ୍‌ପି ଉମାଶଙ୍କର ଦାଶଙ୍କୁ ଭେଟିଥିଲେ। ପୁରୀ ଭଳି ପବିତ୍ର ସହରରେ ଯେଉଁଭଳି ଭାବେ ଅପରାଧ ବୃଦ୍ଧି ପାଉଛି ଏବଂ ଗଣବଳାତ୍କାର ଘଟଣା ଘଟିଲା ତାହା ଆଇନ ଶୃଙ୍ଖଳା ଉପରେ ପ୍ରଶ୍ନବାଚୀ ଛିଡ଼ା କରିଛି ବୋଲି ସେମାନେ କହିଥିଲେ। ଉକ୍ତ ଘଟଣାର ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଡିଆଇଜି କହିଥିଲେ। ସହରରେ ଅପରାଧିକ କାର୍ଯ୍ୟକଳାପ କରୁଥିବା ଗୋଷ୍ଠୀଙ୍କ ଏକ ତାଲିକା ପ୍ରସ୍ତୁତ କରାଯାଉଛି। ସେମାନଙ୍କ ବିରୋଧରେ ଖୁବଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିଆଇଜି ପ୍ରତିଶ୍ରୁତି ଦେଇଥିଲେ। ଏହା ପୂର୍ବରୁ ପୁରୀ ଜିଲା ମହିଳା କଂଗ୍ରେସର ଏକ ଟିମ୍ କୁମ୍ଭାରପଡ଼ା ଥାନାକୁ ଯାଇ ମାମଲା ସମ୍ପର୍କରେ ପଚାରି ବୁଝିଥିଲେ।

### ବଳାତ୍କାରୀଙ୍କୁ ଫାଶୀ ଦାବି କଲା ଭାଜପା

ଭାଜପା ପକ୍ଷରୁ ମଧ୍ୟ ଗଣବଳାତ୍କାର ଘଟଣାକୁ ତୀବ୍ର ବିରୋଧ କରାଯାଇଛି। ବଳାତ୍କାରୀଙ୍କୁ ଫାଶୀ ଦେବା ପାଇଁ ଦଳ ଦାବି କରିଛି। ଏହି ଘଟଣା ଜଣାପଡ଼ିବା ପରେ ସୋମବାର ରାତିରେ ଭାଜପା କର୍ମୀମାନେ କୁମ୍ଭାରପଡ଼ା ଥାନା ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେହିପରି ମଙ୍ଗଳବାର ପୂର୍ବାହ୍ନରେ ଦଳୀୟ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରା ବାହାରି ଏସ୍‌ପିଙ୍କ ଅଫିସ୍ ନିକଟରେ ପହଞ୍ଚିବା ପରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦଳୀୟ ନେତୃବୃନ୍ଦମାନେ ରାଜ୍ୟ ସରକାରଙ୍କୁ ସମାଲୋଚନା କରି କହିଥିଲେ, ରାଜ୍ୟରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଛି। ପୋଲିସ କ୍ୱାର୍ଟର୍ସରେ ଗଣବଳାତ୍କାର ଘଟଣା ପୁରୀର ଜନସାଧାରଣଙ୍କୁ ଶକ୍ତ ଆଘାତ ଦେଇଛି। ଏହି ଘଟଣାର ଅଭିଯୁକ୍ତଙ୍କୁ ଫାଶୀ ଦେବା ପାଇଁ ସେମାନେ ଦାବି କରିଥିଲେ। ଭାଜପା ମହିଳା ଜିଲା ସଭାପତି ଜ୍ୟୋତି ମହାପାତ୍ର, ସାବିତ୍ରୀ ପୃଷ୍ଟି, ରାଜଶ୍ରୀ ଦୋରା, ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର, ଯୁବ ମୋର୍ଚ୍ଚା ଜିଲା ସଭାପତି ଜୟନ୍ତ କୁମାର ଦାଶ, ରବି ଦାସ ପ୍ରମୁଖ ଆନ୍ଦୋଳନରେ ସାମିଲ ଥିଲେ।

### ନୀରବ ପ୍ରତିବାଦରେ ଦୃଢ଼ ବିରୋଧ

ଝାଡ଼େଶ୍ୱର ଛକ ଟ୍ରାଫିକ ପୋଷ୍ଟ ନିକଟରେ ଅପରାହ୍ନ ସାଢେ ୧ଟାରେ ସଚେତନ ଛାତ୍ର ଯୁବ ମଞ୍ଚ ପକ୍ଷରୁ ନୀରବ ପ୍ରତିବାଦ କରାଯାଇଛି। ସ୍ମୃତିପ୍ରକାଶ ନାୟକ, ରୋଶନ ନାୟକ, ସୁଶାନ୍ତ କୁମାର ମହାପାତ୍ର, ସଂଗ୍ରାମ ଦଳାଇ, ଅଙ୍କିତା ମିଶ୍ର ପ୍ରମୁଖ ହାତରେ ପ୍ଲାକାର୍ଡ ଧରି ପୁରୀ ସମେତ ଦେଶର ବିଭିନ୍ନ ସ୍ଥାନରେ ଘଟୁଥିବା ବଳାତ୍କାର ଓ ହତ୍ୟା ଘଟଣାର ଦୃଢ଼ ବିରୋଧ କରିଥିଲେ। ବଳାତ୍କାର ବନ୍ଦ କରାଯାଉ, ଦୋଷୀଙ୍କୁ ଫାଶୀଦଣ୍ଡ ମିଳୁ, ପ୍ରଥମେ ଝିଅଙ୍କୁ ସୁରକ୍ଷା ଦିଆଯାଉ ଏବଂ ପରେ ବେଟି ବଚାଓ ବେଟି ପଢାଓ ଯୋଜନା କରାଯାଉ ବୋଲି ଲେଖାଥିବା ପ୍ଲାକାର୍ଡମାନ ଧରି ଏହି ଛାତ୍ରୀଛାତ୍ରମାନେ ପ୍ରତିବାଦ କରିଥିଲେ।

### ପୀଡ଼ିତାଙ୍କୁ କ୍ଷତିପୂରଣ ପ୍ରଦାନ ଦାବି

ଗଣବଳାତ୍କାର ଘଟଣାକୁ ନିନ୍ଦା କରି ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ହରିହର ଛକଠାରୁ ଏକ ଶୋଭାଯାତ୍ରା ବାହାରି ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଯାଇଥିଲା। ଏଥିରେ ରାଜ୍ୟ ନେତ୍ରୀ ପୁଷ୍ପା ଦାଶ, ଜିଲା ସଭାନେତ୍ରୀ ହାରାମଣି ମହାପାତ୍ର, ସୁବାସିନୀ ସାହୁ, ମୀନା ପ୍ରଧାନ, ଲକ୍ଷ୍ମୀ ସାହୁ, ସଖୀଲତା ସ୍ୱାଇଁ, ବାସନ୍ତି ପ୍ରଧାନ, ସରସ୍ୱତୀ ଦେବନାଥ, ଭବାନୀ ପ୍ରଧାନ, ବାସନ୍ତୀ ସରକାର, ଗୀତା ହାଲ୍‌ଦାର, ବାସନ୍ତୀ ବେହେରା ପ୍ରମୁଖ ସାମିଲ ଥିଲେ। ସେଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ରାଜ୍ୟ ସରକାରଙ୍କୁ ତୀବ୍ର ଭର୍ତ୍ସନା କରାଯାଇଥିଲା। ଏହି ଘଟଣା ମହିଳା ସୁରକ୍ଷା ନୀତି ଉପରେ ପ୍ରଶ୍ନବାଚୀ ଛିଡ଼ା କରିଛି। ଏଥିସହ ରାଜ୍ୟ ସରକାର ଛତୁ ଫୁଟିବା ଭଳି ମଦ ଦୋକାନ ଖୋଲିବା ନିଷ୍ପତ୍ତି ମହିଳା ବିରୋଧୀ ମାନସିକତାକୁ ସ୍ପଷ୍ଟ କରୁଛି ବୋଲି କହିଥିଲେ। ପୀଡ଼ିତାଙ୍କୁ ପର୍ଯ୍ୟାପ୍ତ କ୍ଷତିପୂରଣ ଓ ସରକାରୀ ନିଯୁକ୍ତି ଦେବା ନିମନ୍ତେ ମଧ୍ୟ ଦାବି କରିଥିଲେ।







ଏସ୍‌ପି ଅଫିସ୍ ସମ୍ମୁଖରେ ଭାଜପା ଏବଂ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।